# ଧରିତ୍ରୀ
DHARITRI

ଢେଙ୍କାନାଳ, ଶନିବାର, ମାର୍ଚ୍ଚ ୧୩/୨୦୨୧ (୧୬ ପୃଷ୍ଠା) Dhenkanal, Saturday, March 13/2021 ★★★★★

୧୭ଶ ଭାଗ ୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





## ଟିକାରେ ଗାଈ ରକ୍ତ, ଘୁଷୁରି ଚର୍ବି ଗୁଜବ

କୋଭିଡ୍ ଟିକାରେ ଗାଈ ରକ୍ତ, ଘୁଷୁରି ଶରୀରର ଅଂଶ ରହିଥିବାର ଗୁଜବ ପ୍ରଚାର ହେବା ଫଳରେ ହରିୟାଣାର ପଲୱାଲ୍ ଓ ନୁହ ଜିଲାରେ ଟିକାଦାନ ବାଧାପ୍ରାପ୍ତ ହୋଇଛି। ପଲୱାଲର ୫୦-୬୦ ବାସିନ୍ଦା ସ୍ଥାନୀୟ ପ୍ରଶାସନ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପତ୍ର ଲେଖି ଟିକା ନେବାକୁ ଚାହାନ୍ତି ନାହିଁ ବୋଲି କହିଛନ୍ତି। ସ୍ୱାସ୍ଥ୍ୟ କର୍ମଚାରୀମାନେ ନୁହ ଜିଲାକୁ ଯାଇଥିବାବେଳେ ସେମାନେ ଟିକାରେ ଘୁଷୁରି ଚର୍ବି ରହିଥିବା ନେଇ ଆଶଙ୍କା ବ୍ୟକ୍ତ କରିଥିଲେ। ୧୨ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଉକ୍ତ ଜିଲାରେ ମାତ୍ର ୪୭୦ ଜଣ କୋଭିଡ୍ ଟିକା ନେଇଛନ୍ତି। ପଲୱାଲ ଜିଲାରେ ୧,୨୫୨ ଜଣ ଟିକା ନେଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଅଷ୍ଟ୍ରାଜେନିକା ଟିକା ବନ୍ଦ ନ କରିବାକୁ ଡବ୍ଲ୍ୟୁଏଚ୍ଓର ପରାମର୍ଶ

**ନୂଆଦିଲ୍ଲୀ,୧୨।୩ :** ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରାଜେନିକା କମ୍ପାନୀ ଦ୍ୱାରା ବିକଶିତ କୋଭିଡ୍ ଟିକା ନେବା ପରେ କେତେଜଣଙ୍କ ଶରୀରରେ ରକ୍ତ ଜମାଟ ବାନ୍ଧିବା ରିପୋର୍ଟ ଆସିବାରୁ ବିଭିନ୍ନ ଦେଶ ଉକ୍ତ ଟିକାଦାନକୁ ବନ୍ଦ କରିଦେଇଛନ୍ତି। ଅଷ୍ଟ୍ରିଆ, ଡେନ୍ମାର୍କ, ନରୱେ, ଆଇସ୍ଲାଣ୍ଡ ପରେ ଥାଇଲାଣ୍ଡ ଏହି ଟିକାକୁ ବନ୍ଦ କରିଛି। ଡେନ୍ମାର୍କରେ ଜଣେ ୬୦ ବର୍ଷୀୟ ମହିଳା ଟିକା ନେବା ପରେ ତାଙ୍କ ରକ୍ତ ଜମାଟ ବାନ୍ଧି ମୃତ୍ୟୁ ଘଟିଥିଲା। ଇସ୍ତୋନିଆ, ଲିଥୁଆନିଆ, ଲକ୍ସମବର୍ଗ ଏବଂ ଲାଟଭିଆ ମଧ ଉକ୍ତ ଟିକାଦାନ ବନ୍ଦ ରଖିଛନ୍ତି। ଅଷ୍ଟ୍ରାଜେନିକା ଟିକା ବନ୍ଦ କରିବାର କୌଣସି କାରଣ ନାହିଁ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) କହିଛି। ଏହାର ଟିକା ଉପଦେଷ୍ଟା କମିଟି ଅଷ୍ଟ୍ରାଜେନିକା ପ୍ରସ୍ତୁତ ଟିକାର ନିରାପଦ ତଥ୍ୟକୁ ଅନୁଧ୍ୟାନ କରିଛନ୍ତି। ଟିକା ସହ ରକ୍ତ ଜମାଟ ବାନ୍ଧିବାର କୌଣସି ସମ୍ପର୍କ ନାହିଁ।

### କୋଲାଥୁରରୁ ନିର୍ବାଚନ ଲଢ଼ିବେ ଷ୍ଟାଲିନ



**ଚେନ୍ନାଇ,୧୨।୩:** ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ଡିଏମ୍କେ ୧୭୩ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ଦଳ ଅଧକ୍ଷ ଏମ୍.କେ. ଷ୍ଟାଲିନ ଉଭୟ ବରିଷ୍ଠ ଏବଂ ଯୁବନେତାମାନଙ୍କୁ ଟିକେଟ ଦେଇଛନ୍ତି। ଷ୍ଟାଲିନ୍ଙ୍କ ପୁଅ ଉଦୟନିଧି ପ୍ରଥମ ଥର ପାଇଁ ନିର୍ବାଚନ ରାଜନୀତିରେ ପ୍ରବେଶ କରିଛନ୍ତି। ସେ ଚେପକ୍-ଟ୍ରିପ୍ଲିକେନ୍ ଆସନରୁ ଲଢ଼ିବେ। ଉକ୍ତ ଆସନରୁ ତାଙ୍କ ଜେଜେ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧି ପ୍ରତିନିଧିତ୍ୱ କରୁଥିଲେ। ଷ୍ଟାଲିନ କୋଲାଥୁର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଟିକେଟ ପାଇଥିବା ବର୍ଷୀୟାନ ନେତାମାନଙ୍କ ମଧ୍ୟରେ ଅଛନ୍ତି ଦଳର ସାଧାରଣ ସମ୍ପାଦକ ଏସ୍. ଦୁରାଇ ମୁରୁଗାନ୍, କେ.ଏନ୍. ନେହେରୁ, ଏମ୍.ଆର୍.କେ. ପନିରସେଲଭାମ, କେ. ପୋନମୁଡି ପ୍ରମୁଖ। ସେହିପରି ଯୁବନେତା ଉଦୟନିଧି, ଅନବିଲ୍ ମହେଶ, ଟି.ଆର୍.ବି. ରାଜା, ପି.ଟି.ଆର୍. ଥିଆଗରାଜନ ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି।

### ନନ୍ଦିଗ୍ରାମରୁ ନାମାଙ୍କନପତ୍ର ଦାଖଲ କଲେ ଶୁଭେନ୍ଦୁ

**କୋଲକାତା,୧୨।୩ :** ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ନନ୍ଦିଗ୍ରାମ ଆସନରୁ ନିର୍ବାଚନ ଲଢ଼ିବା ପାଇଁ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ନିଜକୁ ଭୂମିପୁତ୍ର କହୁଥିବା ଶୁଭେନ୍ଦୁ ଏହି ଆସନରେ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ଅଧକ୍ଷା ମମତା ବାନାର୍ଜୀଙ୍କୁ ଚ୍ୟାଲେଞ୍ଜ କରିବେ। ସେ ନିଶ୍ଚୟ ଜିତିବେ ବୋଲି ନାମାଙ୍କନପତ୍ର ଦାଖଲ ପରେ ଘୋଷଣା କରିଛନ୍ତି। ରାଜ୍ୟର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟରେ ସମାନ ସରକାର ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ଗତ ଡିସେମ୍ବରରେ ଶୁଭେନ୍ଦୁ ଟିଏମ୍ସି ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ୫୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ମମତା ବାନାର୍ଜୀଙ୍କୁ ପରାଜିତ କରି ନପାରିଲେ ରାଜନୀତି ଛାଡ଼ିଦେବେ ବୋଲି ପୂର୍ବରୁ ଶୁଭେନ୍ଦୁ କହିଥିଲେ।

## ଜେସିଣ୍ଡାଙ୍କ ନାମରେ କୀଟ




ୱେଟା ପ୍ରଜାତିର ଏହି ନୂଆ କୀଟର ନାମ ହେଉଛି ହେମିଆଣ୍ଡ୍ରସ୍ ଜେସିଣ୍ଡା। ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡନଙ୍କ ନାମାନୁସାରେ ବିଶାଳ କୀଟର ନାମକରଣ କରାଯାଇଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ଜେସିଣ୍ଡାଙ୍କ ଭଳି ଏହାର ଆକର୍ଷୀୟ ଗୁଣ ଥିବାରୁ ତାଙ୍କ ସମ୍ମାନରେ ଏହାର ନାମକରଣ କରାଯାଇଥିବା ମେସି ୟୁନିଭର୍ସିଟିର ଇଭୋଲ୍ୟୁଶନାରି ଇକୋଲୋଜି ବିଭାଗ ପ୍ରଫେସର ଷ୍ଟିଭେନ୍ ଟ୍ରେୱିକ୍ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ଜେସିଣ୍ଡା ଏହାକୁ ନେଇ ଆନନ୍ଦିତ। ଏପରି ଶତାଧିକ ପ୍ରଜାତିର କୀଟ ଗଛ, ଗୁମ୍ଫା, ବୁଦା ଓ ବଗିଚାରେ ଦେଖିବାକୁ ମିଳନ୍ତି।



## ପ୍ରାର୍ଥୀ ହେଲେ କମଲ ହାସନ

**ଚେନ୍ନାଇ,୧୨।୩ :** ତାମିଲ ଚଳଚ୍ଚିତ୍ରର ବର୍ଷୀୟାନ ଅଭିନେତା ତଥା ମକ୍କଲ ନିଧି ମୟମ (ଏମ୍ଏନ୍ଏମ୍)ର ପ୍ରତିଷ୍ଠାତା କମଲ ହାସନ ତାମିଲନାଡୁ ବିଧାନସଭା ନିର୍ବାଚନ ଲଢ଼ିବା ଲାଗି କୋଏମ୍ବାଟୁର ସାଉଥରୁ ପ୍ରାର୍ଥୀ ହୋଇଛନ୍ତି। ଦଳର ଦ୍ୱିତୀୟ ପ୍ରାର୍ଥୀ ତାଲିକା ଘୋଷଣା କରିବା ଅବସରରେ କମଲ ହାସନ ଏହା କହିଛନ୍ତି। ପୂର୍ବ ଦୁଇଟି ବିଧାନସଭା ନିର୍ବାଚନରେ କୋଏମ୍ବାଟୁର ସାଉଥ୍ ଆସନ ଏଆଇଏଡିଏମ୍କେ ଅଧୀନରେ ଥିଲା। ନୂଆ ଆସନ ବୁଝାମଣା ଅନୁଯାୟୀ ଏଥର ଶାସକ ଦଳ ଉକ୍ତ ଆସନକୁ ଭାଜପାକୁ



ଛାଡ଼ିଛି। ଫଳରେ ସେଠାର ଏଆଇଏଡିଏମ୍କେ କ୍ୟାଡରମାନେ କ୍ଷୁବ୍ଧ ଅଛନ୍ତି।

# ଗଣତାନ୍ତ୍ରିକ ମୂଲ୍ୟବୋଧରୁ ଏକତା

**କୋଲକାତା,୧୨।୩**



ସ୍କଟ୍ ମୋରିସନ୍ | ଜୋ ବାଇଡେନ୍ | ନରେନ୍ଦ୍ର ମୋଦି | ୟୋଶିହିଡେ ସୁଗା

- ପ୍ରଥମ କ୍ୱାଡ୍ ସମିଟ୍ରେ ଚାଇନାକୁ ବାର୍ତ୍ତା
- ମୁକ୍ତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଆହ୍ୱାନ

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଆକ୍ରମଣାତ୍ମକ ଚାଇନାର ପ୍ରଭାବ ବଢ଼ୁଥିବାରୁ ମଏହାର ମୁକାବିଲା ପାଇଁ ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ଏକାଠି ହୋଇଛନ୍ତି। ଏମାନେ ମିଶି ଚତୁଃରାଷ୍ଟ୍ରୀୟ ମେଣ୍ଟ (କ୍ୱାଡ୍) ଗଠନ କରିଛନ୍ତି। କ୍ୱାଡ୍ ନେତାମାନଙ୍କର ପ୍ରଥମ ଭର୍ଚୁଆଲ ସମିଟ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଉପରେ ନେତାମାନେ ଗୁରୁତ୍ୱାରୋପ କରିଥିଲେ, ଯାହା ଚାଇନା ପାଇଁ ଶକ୍ତ ବାର୍ତ୍ତା ହୋଇଛି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ମୁକ୍ତ, ଅବାଧ ଓ ସମ୍ମିଳିତ କରିବା ଲାଗି ଆମର ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ପ୍ରତିଶ୍ରୁତିବଦ୍ଧତା ଦ୍ୱାରା ଆମେ ଏକାଠି ହୋଇଛୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଏହି ଅବସରରେ ସେ ପ୍ରଥମ ଭର୍ଚୁଆଲ ସମିଟ୍ର ଆୟୋଜନ ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କୁ ଧନ୍ୟବାଦ ଜଣାଇଥିଲେ। ବସୁଧୈବ କୁଟୁମ୍ବକମ୍ ବା ସାରା ବିଶ୍ୱ ଏକ ପରିବାର ହେଉଛି ଭାରତର ପୁରାତନ ଦର୍ଶନ। ଧର୍ମନିରପେକ୍ଷ, ସ୍ଥାୟୀ ତଥା ସମୃଦ୍ଧ ଇଣ୍ଡୋ-ପାସିଫିକ୍କୁ ଆଗେଇ ନେବା ଲାଗି ଆମେ ମିଳିତ ଭାବେ ଉଦ୍ୟମ କରିବା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସହଯୋଗ ପାଇଁ କ୍ୱାଡ୍ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହେବାକୁ ଯାଉଛି ଓ ଆଗାମୀ ଦିନରେ ସେ ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ସହ ଘନିଷ୍ଠ ଭାବେ ଏକାଠି କାର୍ଯ୍ୟ କରିବେ ବୋଲି ଆମେରିକା ରାଷ୍ଟ୍ରପତି ବାଇଡେନ୍ କହିଥିଲେ। ସେହିପରି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ଉକ୍ତ ସମିଟ୍କୁ ଇଣ୍ଡୋ-ପାସିଫିକ୍ରେ ନୂତନ ସୂର୍ଯ୍ୟୋଦୟ ବୋଲି ବର୍ଣ୍ଣନା କରିଥିଲେ। ଆମେ ମହାମାରୀ ବିପଦରୁ ମୁକୁଳୁଥିବାବେଳେ ଭିନ୍ନ ଏକ ଭବିଷ୍ୟତ ଗଠନ ଲାଗି ମୋରିସନ୍ ଆହ୍ୱାନ ଦେଇଥିଲେ। ଗତ କିଛି ବର୍ଷ ମଧ୍ୟରେ ଚତୁଃରାଷ୍ଟ୍ରୀୟ ମେଣ୍ଟକୁ ନୂଆ ଶକ୍ତି ମିଳିଛି। ମୁକ୍ତ ଓ ଅବାଧ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଏହା ପ୍ରୟାସ କରିବ ବୋଲି ଜାପାନ ପ୍ରଧାନମନ୍ତ୍ରୀ ୟୋଶିହିଡେ ସୁଗା କହିଥିଲେ।

ଚାଇନା ସହ ଉତ୍ତେଜନା ବଢ଼ୁଥିବାବେଳେ ଚତୁଃରାଷ୍ଟ୍ରୀୟ ସମିଟ୍ର ଆୟୋଜନ କରାଯାଇଛି। ଦେଶଗୁଡ଼ିକ ମଧ୍ୟରେ ସହଯୋଗ କୌଣସି ତୃତୀୟ ପକ୍ଷକୁ ଟାର୍ଗେଟ କରିବାକୁ ନ ହୋଇ ପାରସ୍ପରିକ ବୁଝାମଣା ପ୍ରତି ଅବଦାନ ହେବା ଆବଶ୍ୟକ ବୋଲି ସମିଟ୍ ପୂର୍ବରୁ ଚାଇନା କହିଥିଲା। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶକ୍ତି ବୃଦ୍ଧି କରୁଥିବା ବେଜିଂ ଚତୁଃରାଷ୍ଟ୍ରୀୟ ମେଣ୍ଟକୁ ନେଇ ଚିନ୍ତାରେ ପଡ଼ିଯାଇଛି। ଏସିଆ ମହାଦେଶର ନାଟୋ କୁହାଯାଉଥିବା କ୍ୱାଡ୍ ୨୦୦୭ରେ ଗଠନ ହୋଇଥିଲେ ମଧ୍ୟ ଏହା ଆଗେଇ ପାରି ନ ଥିଲା। ୨୦୧୭ରେ ଏହା ପୁନର୍ଗଠିତ ହେବା ସହ ଭୂରଣନୀତିକ ମେଣ୍ଟକୁ ରୂପ ଦେବା ପାଇଁ ଗତ କିଛିବର୍ଷ ହେବ ନିୟମିତ ଆଲୋଚନା କରିଆସୁଛି। ଗତବର୍ଷ ଭାରତ, ଆମେରିକା, ଜାପାନ ଓ ଅଷ୍ଟ୍ରେଲିଆ ପ୍ରଥମ ଥର ଲାଗି ମାଲାବାର ନୌ-ସମରାଭ୍ୟାସରେ ଏକତ୍ର ହୋଇଥିଲେ।

## ଅକ୍ସଫୋର୍ଡ ଛାତ୍ର ସଂସଦରୁ ରଶ୍ମି ସାମନ୍ତଙ୍କ ଇସ୍ତଫା



**ଲଣ୍ଡନ,୧୨।୩**

କର୍ଣ୍ଣାଟକର ଉଡୁପି ବାସିନ୍ଦା ରଶ୍ମି ସାମନ୍ତ ବ୍ରିଟେନସ୍ଥିତ ଅକ୍ସଫୋର୍ଡ ୟୁନିଭର୍ସିଟି ଛାତ୍ର ସଂସଦର ପ୍ରଥମ ଭାରତୀୟ ମହିଳା ଅଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତେବେ ଏକ ଆପତ୍ତିଜନକ ପୋଷ୍ଟକୁ ନେଇ ସେ ଇସ୍ତଫା ଦେଇଛନ୍ତି। ଏମ୍ଏସ୍ସି ଏନର୍ଜି ସିଷ୍ଟମ୍ ଛାତ୍ରୀ ଅଧକ୍ଷା ନିର୍ବାଚିତ ହେବାର ୫ ଦିନ ମଧ୍ୟରେ ସେ ପଦରୁ ଇସ୍ତଫା ଦେବାକୁ ବାଧ୍ୟ ହୋଇଛନ୍ତି। କାରଣ ସୋସିଆଲ ମିଡିଆରେ ତାଙ୍କର ଅନେକ ପୋଷ୍ଟକୁ ଇହୁଦୀ ବିରୋଧୀ ଓ ଜାତିବାଦୀ ଭାବେ ବିଚାର କରାଯାଉଛି। ତେବେ ରଶ୍ମି ଏହି ଅନିଚ୍ଛାକୃତ ଭୁଲ୍ ପାଇଁ ସାଧାରଣରେ ନିଃସର୍ତ୍ତ କ୍ଷମାମାଗିଥିଲେ। ତାଙ୍କୁ ଜାଣିଶୁଣି ଟାର୍ଗେଟ କରାଯାଉଥିବାରୁ ସେ ଇସ୍ତଫା ଦେଇଥିବା କହିଛନ୍ତି।

## ଭାଜପାରେ ମିଶିବାରୁ କାମ ହରାଇଲେ

**କୋଲକାତା,୧୨।୩**

ବେଙ୍ଗଲୀ ଅଭିନେତା କୌଶିକ୍ କର ଭାଜପାରେ ଯୋଗଦେବାରୁ ପଶ୍ଚିମବଙ୍ଗର ଥିଏଟର ଗ୍ରୁପ୍ ତାଙ୍କୁ ଅଭିନୟରୁ ବାଦ୍ ଦେଇଛି। ସୌରଭ ପଲୋଧି ଏ ସମ୍ପର୍କରେ ତାଙ୍କ ଅଫିସିଆଲ ଫେସ୍ବୁକ୍ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ପଲୋଧିଙ୍କ ଗ୍ରୁପ୍ ଇଛେୟମୋତୋ ୨୦୧୯ରେ ଅଭିନେତା କୌଶିକଙ୍କୁ ଚରିତ୍ର ଭୂମିକାରେ ଅଭିନୟ ପାଇଁ ଆମନ୍ତ୍ରଣ କରିଥିଲେ। ତାଙ୍କୁ 'ଘୁମ୍ ନେଇ'ରେ ଅଭିନୟ କରିବାକୁ ସୁଯୋଗ ଦିଆଯାଇଥିଲା।



ବେଙ୍ଗଲୀ ଅଭିନେତା କୌଶିକ୍ କର

ତେବେ ସେ ଭାଜପାରେ ଯୋଗଦେବାରୁ ତାଙ୍କୁ ତୁରନ୍ତ ଅଭିନୟରୁ ବାଦ୍ ଦିଆଯାଇଛି। ନାଟକରେ ସାମ୍ପ୍ରଦାୟିକ ତତ୍ତ୍ୱର କୌଣସି ସ୍ଥାନ ନାହିଁ ବୋଲି ଥିଏଟର ଗ୍ରୁପ୍ ପକ୍ଷରୁ କୁହାଯାଇଛି।

## ପଶ୍ଚିମବଙ୍ଗ: କଂଗ୍ରେସର ୩୦ ଷ୍ଟାର ପ୍ରଚାରକ

**ନୂଆଦିଲ୍ଲୀ,୧୨।୩**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ୩୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିଛି। ଏଥିରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ଅମରିନ୍ଦର ସିଂ, ଭୂପେଶ ବାଘେଲ୍ ପ୍ରମୁଖ ସ୍ଥାନ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି କମଲ ନାଥ, ସଚିନ ପାଇଲଟ, ନବଜ୍ୟୋତ୍ ସିଂ ସିଦ୍ଧୁ, ଅଧୀର ରଞ୍ଜନ ଚୌଧୁରୀ, ମଲ୍ଲିକାର୍ଜୁନ ଖାର୍ଗେ ପ୍ରମୁଖ। ତେବେ ତାଲିକାରୁ ଅସନ୍ତୁଷ୍ଟ ଜି-୨୩ ନେତାମାନଙ୍କୁ ବାଦ୍ ଦିଆଯାଇଛି। ପଶ୍ଚିମବଙ୍ଗରେ କଂଗ୍ରେସ ବାମଦଳ ସହ ମିଶି ନିର୍ବାଚନ ଲଢ଼ୁଛି।



ବାମ ଗୋଡ଼ରେ ଆଘାତପ୍ରାପ୍ତ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହ୍ୱିଲ୍ ଚେୟାରରେ କୋଲକାତାସ୍ଥିତ ଏସ୍ଏସ୍କେଏମ୍ ହସ୍ପିଟାଲରୁ ବାହାରୁଛନ୍ତି।

## ସ୍ୱାଧୀନତାର ଅମୃତ ମହୋତ୍ସବ ଶୁଭାରମ୍ଭ

**ଅହମଦାବାଦ,୧୨।୩**

ଭାରତ ସ୍ୱାଧୀନତାର ୭୫ତମ ବର୍ଷକୁ ସ୍ମରଣୀୟ କରିବା ଲାଗି 'ଆଜାଦି କା ଅମୃତ ମହୋତ୍ସବ'ର ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ସାବରମତି ଆଶ୍ରମରୁ ପ୍ରତୀକାତ୍ମକ ଦାଣ୍ଡି ଯାତ୍ରାର ଶୁଭାରମ୍ଭ କରିବା ସହ ସ୍ୱାଧୀନତାର ଅମୃତ ମହୋତ୍ସବ ଆରମ୍ଭ କରିଛନ୍ତି। ଏହି ଉତ୍ସବ ୨୦୨୩ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଚାଲିବ। ଦେଶର ନୀରବ ନାୟକମାନଙ୍କ ଇତିହାସର ସଂରକ୍ଷଣ ଲାଗି ଗତ ୬ ବର୍ଷ ହେଲା ସଚେତନ ଉଦ୍ୟମ ଜାରି ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ମହାତ୍ମା ଗାନ୍ଧୀଙ୍କ ଐତିହାସିକ ଦାଣ୍ଡି ଯାତ୍ରାକୁ ସ୍ମରଣୀୟ କରାଇବା ପାଇଁ ଅହମଦାବାଦର ସାବରମତି ଆଶ୍ରମରୁ ନଭସାରିର ଦାଣ୍ଡି ପର୍ଯ୍ୟନ୍ତ ୩୮୬ କିଲୋମିଟର ପଦଯାତ୍ରା ଆରମ୍ଭ ହୋଇଛି। ଏଥିରେ ୮୧ ଜଣ ଭାଗ ନେଇଛନ୍ତି। ୨୫ ଦିନିଆ ଏହି ଯାତ୍ରା ଏପ୍ରିଲ ୫ରେ ଶେଷ ହେବ। ସୂଚନାଯୋଗ୍ୟ ବ୍ରିଟିଶ ସରକାରଙ୍କ ଲୁଣ ଟିକସ ଆଇନ ବିରୋଧରେ ମହାତ୍ମା ଗାନ୍ଧୀ ୧୯୩୦ ମାର୍ଚ୍ଚ ୧୨ରେ ଦାଣ୍ଡି ଯାତ୍ରା ଆରମ୍ଭ କରିଥିଲେ। ଏହା ଲବଣ ସତ୍ୟାଗ୍ରହ ଭାବେ ଜଣାଶୁଣା। ସ୍ୱାଧୀନତା ଆନ୍ଦୋଳନରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।



ଇଣ୍ଡୋନେସିଆର ଉତ୍ତର ସୁମାତ୍ରାସ୍ଥିତ କାରୋରେ ମାଉଣ୍ଟ ସିନାବଙ୍ଗ୍ ଆଗ୍ନେୟଗିରି ଉଦ୍ଗିରଣ ବେଳେ ତମ୍ବୁର ଫାଙ୍କ ଦେଇ ଦୃଶ୍ୟକୁ ଦେଖୁଛନ୍ତି ଦୁଇଜଣ ବ୍ୟକ୍ତି।

## ୮୦ ବର୍ଷୀୟ ଦମ୍ପତିଙ୍କୁ ୧୦ ବର୍ଷ ଜେଲ୍

**ମୁମ୍ବାଇ,୧୨।୩**

୨୦୧୩ର ଏକ ଶିଶୁ ଯୌନ ନିର୍ଯାତନା ମାମଲାରେ ମୁମ୍ବାଇର ଏକ ସ୍ୱତନ୍ତ୍ର ଅଦାଲତ ୮୦ ବର୍ଷୀୟ ଦମ୍ପତିଙ୍କୁ ୧୦ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ସେମାନଙ୍କୁ ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ଆଇନର ଧାରା ୬ ଅନୁଯାୟୀ ଗୁରୁବାର ଦୋଷୀସାବ୍ୟସ୍ତ କରାଯାଇଥିଲା। ବିଚାରପତି ରେଖା ପାନ୍ଧରଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଦମ୍ପତିଙ୍କୁ ଉପରୋକ୍ତ ଦଣ୍ଡାଦେଶ ସହ ୧ ଲକ୍ଷ ଟଙ୍କା ଜରିମାନା ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ମୁମ୍ବାଇର ଗିର୍ଗାଁଓରେ ରହୁଥିବା ଉକ୍ତ ଦମ୍ପତି ପଡିଶା ଘରର ୪ ବର୍ଷର ଶିଶୁକନ୍ୟାକୁ ନିଜ ଘରକୁ ଡାକି ଯୌନ ନିର୍ଯାତନା ଦେଇଥିଲେ।

## ସରକାରୀ ଅଧିକାରୀ ହୋଇପାରିବେନି ଏସ୍ଇସି

**ନୂଆଦିଲ୍ଲୀ,୧୨।୩ (ପି.ଟି.)**

### ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ସରକାରରେ ନିଯୁକ୍ତ କୌଣସି ଅଧିକାରୀ ରାଜ୍ୟ ନିର୍ବାଚନ କମିଶନର (ଏସ୍ଇସି) ଭାବେ କାର୍ଯ୍ୟ କରିପାରିବେ ନାହିଁ। ସୁପ୍ରିମକୋର୍ଟ ଶୁକ୍ରବାର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଗୋଆ ସରକାର ରାଜ୍ୟର ଆଇନ ସଚିବଙ୍କୁ ଏସ୍ଇସି ଭାବେ ଅତିରିକ୍ତ ଦାୟିତ୍ୱ ଦେଇଥିବାରୁ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିଥିଲେ। ନିର୍ବାଚନ କମିଶନ ଜଣେ ନିରପେକ୍ଷ ବ୍ୟକ୍ତିଙ୍କ ନେତୃତ୍ୱରେ କାର୍ଯ୍ୟ କରିବା ଆବଶ୍ୟକ, ଯିଏ ରାଜ୍ୟ ସରକାରଙ୍କ ଅଧୀନରେ କୌଣସି ପଦ ପଦବୀରେ ନ ଥିବେ। ଯଦି ସେମାନେ



ଏଭଳି ପଦବୀରେ ଥାଆନ୍ତି ତେବେ ଏସ୍ଇସି ଭାବେ ଦାୟିତ୍ୱ ନେବା ପୂର୍ବରୁ ଉକ୍ତ ପଦବୀରୁ ଇସ୍ତଫା ଦେବା ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ନିର୍ବାଚନ କମିଶନର ନିରପେକ୍ଷ ବ୍ୟକ୍ତି ହେବା ଆବଶ୍ୟକ। ସରକାରରେ କୌଣସି ପଦବୀରେ ଥିବା ବ୍ୟକ୍ତିଙ୍କୁ ରାଜ୍ୟ ନିର୍ବାଚନ କମିଶନର ନିଯୁକ୍ତ କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ଆର୍.ଏଫ୍. ନରିମାନଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିବା ସହ ଗୋଆର ରାଜ୍ୟ ନିର୍ବାଚନ କମିଶନଙ୍କୁ ୧୦ ଦିନ ମଧ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପ୍ରିଲ ୩୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି। ପଞ୍ଚାୟତ ନିର୍ବାଚନକୁ ନେଇ ହାଇକୋର୍ଟଙ୍କ ରାୟ ବିରୋଧରେ ଗୋଆ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଗୋଆ ନିର୍ବାଚନ କମିଶନ ବିଭିନ୍ନ ୱାର୍ଡ ପାଇଁ ମହିଳା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ କରିଥିବା ସଂରକ୍ଷଣ ରାଜ୍ୟ ଆଇନ ଅନୁଯାୟୀ ହୋଇ ନ ଥିବାରୁ ବମ୍ବେ ହାଇକୋର୍ଟ ଏହାକୁ ରଦ୍ଦ କରିଦେଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ହାଇକୋର୍ଟ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ଗୋଆ ସରକାର ତାଙ୍କ ପିଟିଶନରେ ଦର୍ଶାଇଥିଲେ।

ଧରିତ୍ରୀ
DHARITRI
ଢେଙ୍କାନାଳ, ଶନିବାର, ମାର୍ଚ୍ଚ ୧୩/୨୦୨୧ | Dhenkanal, Saturday, March 13/2021 | ପୃଷ୍ଠା-୧



## ହସ ଫୁଟାଇବାକୁ ପ୍ରିୟଙ୍କାଙ୍କ ଅନୁରୋଧ

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଫିଲ୍ମ 'ବିଙ୍ଗୁ'ର ୨ ଚରିତ୍ର ରାନି ଓ ରେନୁ କୁମାରୀଙ୍କ ଜୀବନରେ ହସ ଫୁଟାଇବାକୁ ଅନୁରୋଧ କରିଛନ୍ତି।

୧୨ ୧୧

## ୧୦,୦୦୦ ରନ ପୂରଣ କଲେ ମିଥାଲି

ମିଥାଲି ରାଜ ପ୍ରଥମ ଭାରତୀୟ ମହିଳା କ୍ରିକେଟର ହିସାବରେ ଅନ୍ତର୍ଜାତୀୟ କ୍ରିକେଟରେ ୧୦,୦୦୦ ରନ ପୂରଣ କରିଛନ୍ତି।





ଦେଶରେ ବଢ଼ିଚାଲିଥିବା ବେକାରି ସମସ୍ୟା ପ୍ରତିବାଦରେ ନୂଆଦିଲ୍ଲୀରେ ବିକ୍ଷୋଭ ବେଳେ କଂଗ୍ରେସର ଛାତ୍ର ଶାଖା ନ୍ୟାଶନାଲ ଷ୍ଟୁଡେଣ୍ଟ ୟୁନିୟନ ଅଫ୍ ଇଣ୍ଡିଆ (ଏନ୍ଏସ୍ୟୁଆଇ) ସଦସ୍ୟଙ୍କୁ ପୋଲିସ ଟେକିନେଉଛି। **(ଫଟୋ-ଚମନ ଗୌତମ)**

# ଧାନ ଝଡ଼ରେ କମ୍ପିଲା ଗୃହ

- ସରକାରଙ୍କୁ ଘେରିଲେ ବିରୋଧୀ
- ସାନିଟାଇଜର ପିଇବାକୁ ଉଦ୍ୟମ କଲେ ଭାଜପା ବିଧାୟକ ସୁବାସ
- ଚାଷୀ ଆତ୍ମହତ୍ୟା କରିବେ, ବିଧାୟକ ମାଡ଼ ଖାଇବେ: କଂଗ୍ରେସ
- ଡରରେ ଶାସକ ଦଳ ବିଧାୟକ ଆମ ମୁହଁରେ କୁହାଉଛନ୍ତି: ଭାଜପା

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ସବୁ ଯୋଗ୍ୟ ଚାଷୀଙ୍କଠାରୁ ଧାନ ଉଠାଇବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ। ଗତ ୧୨ ଦିନ ଭିତରେ ବସ୍ତାଏ ଧାନ ମଣ୍ଡିରୁ ଉଠିଲା ନାହିଁ। ଚାଷୀ ଦିନରାତି ମଣ୍ଡିରେ ଜଗି ରହିଛି। ମଣ୍ଡିରୁ ଗାଈ ଧାନ ଖାଉଛନ୍ତି। ଚାଷୀ ଆତ୍ମହତ୍ୟା କରିବାକୁ ବାହାରିଲେଣି। ବିଧାୟକ ମଧ୍ୟ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଲେଣି। ତଥାପି ସରକାରଙ୍କ ନିଦ ଭାଙ୍ଗୁନି। ଗୃହ, ବିଧାୟକ ଓ ଚାଷୀଙ୍କ ପ୍ରତି ବିଶ୍ୱାସଘାତ କରାଯାଇଛି। କେବଳ ବିରୋଧୀ ନୁହନ୍ତି, ଶାସକ ଦଳର ବିଧାୟକ ଓ ମନ୍ତ୍ରୀମାନେ ମଧ୍ୟ ଧାନର ଅଭାବୀ ବିକ୍ରିକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଡରରେ ସେମାନେ କିଛି କହୁନାହାନ୍ତି। ଆମ ଜରିଆରେ କୁହାଉଛନ୍ତି। ଯଦି ସରକାର ଧାନ ନ କିଣିବେ ତେବେ ଏ ବିଧାନସଭାକୁ ଚଳାଇ ଦେବୁନାହିଁ ବୋଲି ବିରୋଧୀ ଖୋଲାଖୋଲି ଚେତାବନୀ ଦେଇଛନ୍ତି। ବିଧାନସଭା ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି। ବିରୋଧୀ ଭାଜପା ଓ କଂଗ୍ରେସ ରାଜ୍ୟରେ ଧାନ ଓ ମଣ୍ଡି ସମସ୍ୟାକୁ ନେଇ ସରକାରଙ୍କୁ ପ୍ରଚଣ୍ଡ ଆକ୍ରମଣ କରିଛନ୍ତି। ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ଚାଷୀଙ୍କର ସବୁ ଧାନ କିଣନ୍ତୁ ଦାବିରେ ବିରୋଧୀ ଦଳ ସରକାରଙ୍କୁ ହଲାପଟା କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ଗୃହ କାର୍ଯ୍ୟ ବାଏଁ ବାଏଁ ଉଡ଼ିଯାଇଥିଲା। ବାଚସ୍ପତି ବାଧହୋଇ ଗୃହକୁ ଦୁଇଟି ପର୍ଯ୍ୟାୟରେ ଅପରାହ୍ଣ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ଣରେ ମଣ୍ଡିରେ ଧାନ କିଣାକୁ ନେଇ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦେବଗଡ଼ ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ ଧାନ ଓ ମଣ୍ଡି ସମସ୍ୟାକୁ ନେଇ ବିଧାନସଭାରେ ସାନିଟାଇଜର ଧରି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ।



ଦୀର୍ଘ ୧୨ ଦିନ ଅନ୍ତର ପରେ ବିଧାନସଭା ଶୁକ୍ରବାର ଆରମ୍ଭ ହୋଇଥିଲା। ପୂର୍ବାହ୍ଣ ୧୦ଟା ୩୦ ମିନିଟରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହକୁ ପ୍ରବେଶ କଲେ। ସଦସ୍ୟମାନେ ବାଚସ୍ପତିଙ୍କୁ ନମସ୍କାର ଜଣାଇଲେ। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ମାତ୍ରେ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ମାଡ଼ି ଆସି ହଟ୍ଟଗୋଳ ଆରମ୍ଭ କରିଦେଇଥିଲେ। ଭାଜପା ସଦସ୍ୟ ମୋହନ ଚରଣ ମାଝି, ସୁବାସ ପାଣିଗ୍ରାହୀ, ଜୟନାରାୟଣ ମିଶ୍ର, କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି, ମହମ୍ମଦ ମୋକିମ, ଅଧିରାଜ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଜେନା, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ବାଚସ୍ପତି ଅନ୍ୟ ଉପାୟ ନ ପାଇ ଗୃହକୁ ମାତ୍ର ୧ ମିନିଟ ପରେ ୧୦ଟା ୩୧ରୁ ପୂର୍ବାହ୍ଣ ୧୧ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ୧୧ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହେଲା। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ, ବିଧାନସଭା ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଧାନ କିଣାକୁ ନେଇ ଗୃହ ଅଚଳ ହେଲା। ଗୃହକୁ ସ୍ୱାଭାବିକ କରିବାକୁ ସର୍ବଦଳୀୟ ବୈଠକ ଡକାଗଲା। ସମସ୍ତ ଯୋଗ୍ୟ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଗୃହରେ ପ୍ରତିଶ୍ରୁତି ଦେଲେ। ☞ପୃଷ୍ଠା-୬

## ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ହଷ୍ଟେଲ ଫି' ଛାଡ଼

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ରାଜ୍ୟ ସରକାର ଇଞ୍ଜିନିୟରିଂ ଓ ପଲିଟେକ୍ନିକ ଛାତ୍ରୀଛାତ୍ରଙ୍କ ହଷ୍ଟେଲ ଫି' ଛାଡ଼ କରିଛନ୍ତି। କରୋନା ମହାମାରୀ ଯୋଗୁ ଲକ୍ଡାଉନ ସମୟରେ ରାଜ୍ୟର ସମସ୍ତ ସରକାରୀ ବୈଷୟିକ ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ କଲେଜ ଓ ପଲିଟେକ୍ନିକ ୨୦୨୦ ଏପ୍ରିଲରୁ ଡିସେମ୍ବର ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଏହି ସମୟରେ ଛାତ୍ରୀଛାତ୍ରମାନେ ହଷ୍ଟେଲ ସୁବିଧାର ଉପଯୋଗ କରି ନ ଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ଅସୁବିଧାକୁ ସହୃଦୟତାର ସହିତ ବିଚାରକରି ଛାତ୍ରୀଛାତ୍ରଙ୍କ ହଷ୍ଟେଲ ଫି' ଛାଡ଼ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଏସବୁ ଅନୁଷ୍ଠାନଗୁଡ଼ିକରେ ଅଧ୍ୟୟନରତ ୧୭,୦୧୨ ଛାତ୍ରୀଛାତ୍ରଙ୍କ ହଷ୍ଟେଲ ଫି' ଆନୁମାନିକ ୫ କୋଟି ୧୦ ଲକ୍ଷ ଟଙ୍କା ଛାଡ଼ ହେବ। ଏ ନେଇ ଶୁକ୍ରବାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ବିଧାନସଭାରେ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, କରୋନା ମହାମାରୀକୁ ଦୃଷ୍ଟିରେ ରଖି ପୂର୍ବରୁ ମାଟ୍ରିକ ପରୀକ୍ଷା ଫି' ଛାଡ଼ କରାଯାଇଥିଲା। ଏଥିସହିତ ଆଇଟିଆଇ ଛାତ୍ରୀଛାତ୍ରଙ୍କ ହଷ୍ଟେଲ ଫି' ଛାଡ଼ କରାଯାଇଥିଲା।

**ଆଜିର ସମ୍ପାଦକୀୟ**

**ସଂସ୍କାରରେ ଶିଥିଳତା**

**ଆଜିର ମନ୍ତବ୍ୟ**

"ଦେଶରୁ ଦାରିଦ୍ର୍ୟ, ଦୁର୍ନୀତି, ସାମାଜିକ ଦୁର୍ଗତି ଦୂର କରିବା ପାଇଁ ପ୍ରଚେଷ୍ଟା ସ୍ୱାଧୀନତା ସଂଗ୍ରାମୀଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ।

**-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି**

## ରାମଚନ୍ଦ୍ର, ଚନ୍ଦ୍ରଶେଖରଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ



ଡ. ରାମଚନ୍ଦ୍ର ନାୟକ



ଚନ୍ଦ୍ରଶେଖର ହୋତା

**ଭୁବନେଶ୍ୱର, ୧୨।୩ (ବ୍ୟୁରୋ)**

୨୦୨୦ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ 'ସାହିତ୍ୟ ଏକାଡେମୀ ପୁରସ୍କାର', 'ବାଲ୍ ସାହିତ୍ୟ ପୁରସ୍କାର' ଓ 'ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର' ଘୋଷଣା କରାଯାଇଛି। ଓଡ଼ିଶାର ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକ ସମ୍ମାନଜନକ 'ବାଲ୍ ସାହିତ୍ୟ ପୁରସ୍କାର' ପାଇବେ। ସେ ତାଙ୍କ ରଚିତ ଗଳ୍ପ ସଂକଳନ 'ବଣ ଦେଉଳରେ ସୁନା ନେଉଳ' ପାଇଁ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ଘର କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅତାସାହିରେ। ଅଜିତ୍ ବୋରୋ, ପ୍ରଚେତା ଗୁପ୍ତାଙ୍କ ସମେତ ମୋଟ ୨୧ଜଣ ଏହି ପୁରସ୍କାର ପାଇବେ। ☞ପୃଷ୍ଠା-୨

## ଭିମ୍ସାରରେ ପୁଣି ଛାତ୍ରଙ୍କୁ ର୍ୟାଗିଂ

- ଅଭିଯୋଗ ପରେ ତଦନ୍ତ ଆରମ୍ଭ
- ରିପୋର୍ଟ ପରେ ସତ୍ୟାସତ୍ୟ ଜଣାପଡିବ: ଡିନ୍
- ପୂର୍ବରୁ ହୋଇଥିଲା ଏଭଳି ଘଟଣା

**ସମ୍ବଲପୁର,୧୨।୩(ବ୍ୟୁରୋ)**

ସମ୍ବଲପୁରର ବୁର୍ଲାସ୍ଥିତ ଭିମସାରରେ ପୁଣି ର୍ୟାଗିଂ ଓ ମାରପିଟ କରାଯାଇଥିବା ନେଇ କେତେଜଣ ଛାତ୍ର ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଶୁକ୍ରବାର ଆଣ୍ଟି ର୍ୟାଗିଂ କମିଟି ତଦନ୍ତ ଆରମ୍ଭ କରିଛି। ଏ ସମ୍ପର୍କରେ ଡିନ୍ ଡାକ୍ତର ଜୟଶ୍ରୀ ଡୋରା କହିଛନ୍ତି, ର୍ୟାଗିଂ ନା ଦୁଇ ଛାତ୍ରଗୋଷ୍ଠୀ ବିବାଦରୁ ମାରପିଟ ହୋଇଛି ତା'ର ତଦନ୍ତ ଜାରି ରହିଛି। ଏହା ଗୋପନୀୟ। ରିପୋର୍ଟ ଦାଖଲ ପରେ ସତ୍ୟାସତ୍ୟ ଜଣାପଡିବ।

ମିଳିଥିବା ସୂଚନା ଅନୁଯାୟୀ, ଭିମସାରରେ ଦ୍ୱିତୀୟ ☞ପୃଷ୍ଠା-୨

ବିଧାୟକଙ୍କ ସାନିଟାଇଜର ଧରି ଆତ୍ମହତ୍ୟା ଉଦ୍ୟମ।




# ଖାଲରେ କେନ୍ଦ୍ର ପରିବହନ ମନ୍ତ୍ରୀ

**୧୯୮୦ ଦଶକରେ ସ୍ୱିଡେନର ଏକ ରେଡିଓ ପକ୍ଷରୁ ପ୍ରସାରିତ ରିପୋର୍ଟରେ ବୋଫର୍ସ ମାମଲାର ପର୍ଦ୍ଦାଫାଶ ହୋଇଥିଲା। ଭାରତକୁ ବିକ୍ରି କରାଯାଇଥିବା ବୋଫର୍ସ ତୋପରେ ବିପୁଳ ଲାଞ୍ଚ କାରବାର ହୋଇଥିବା ଏଥିରେ ଅଭଯୋଗ ଅଣାଯାଇଥିଲା। ଏହା ଭାରତରେ ରାଜନୈତିକ ଝଡ଼ ସୃଷ୍ଟି କରି ୧୯୮୯ ସାଧାରଣ ନିର୍ବାଚନରେ ରାଜୀବ ଗାନ୍ଧୀ ସରକାରଙ୍କ ପତନର କାରଣ ସାଜିଥିଲା। ସେହିପରି ୨୦୧୩ରେ ଅଗୁସ୍ତା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତିକୁ ପଦାକୁ ଆଣିବାରେ ମଧ୍ୟ ସ୍ୱିଡେନ ଗଣମାଧ୍ୟମର ବଡ଼ ଭୂମିକା ରହିଥିଲା। ଏବେ ସ୍ୱିଡେନର ଆଉ କେତେକ ମିଡିଆ ଭିନ୍ନ ଏକ ଦୁର୍ନୀତିକୁ ଲୋକଲୋଚନକୁ ଆଣି ଭାରତର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଖାଲରେ ପକାଇଦେଇଛନ୍ତି।**

- ଭାରତର ୬ ରାଜ୍ୟକୁ ସିଟି ବସ୍ ଯୋଗାଇବାରେ ହୋଇଥିଲା ବଡ଼ ଦୁର୍ନୀତି
- କଣ୍ଟ୍ରାକ୍ଟ ପାଇବା ପାଇଁ ସ୍କେନିଆ ଦେଇଥିଲା ବିପୁଳ ଲାଞ୍ଚ
- ଗଡ଼କରୀଙ୍କ ଝିଅ ବାହାଘର ପାଇଁ ଉପହାର ଦିଆଯାଇଥିଲା ବିଳାସପୂର୍ଣ୍ଣ ବସ୍
- ଅଭିଯୋଗକୁ 'ଭିତ୍ତିହୀନ' କହି ଖଣ୍ଡନ କଲା ଗଡ଼କରୀଙ୍କ ଅଫିସ
- ପର୍ଦ୍ଦାଫାଶ କରିଥିବା ଏସ୍ଟିଭି, ଜେଡ୍ଡିଏଫ୍‌କୁ ମାନହାନି ମାମଲା ନୋଟିସ ପଠାଇଲେ କେନ୍ଦ୍ରମନ୍ତ୍ରୀ




ନୀତିନ ଗଡ଼କରୀ

**ନୂଆଦିଲ୍ଲୀ,୧୨।୩**

ସ୍ୱିଡେନ ଗଣମାଧ୍ୟମରେ ପ୍ରକାଶିତ ଏକ ଅନୁସନ୍ଧାନମୂଳକ ରିପୋର୍ଟ ଭାରତର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ କାଠଗଡ଼ାରେ ଛିଡ଼ା କରାଇଛି। ଅଟୋ ମେକର୍ ସ୍କେନିଆ ଭାରତର କେତେକ ରାଜ୍ୟକୁ ସିଟି ବସ୍ ଦେବା କଣ୍ଟ୍ରାକ୍ଟ ପାଇବା ଲାଗି ଗଡ଼କରୀଙ୍କୁ ଫାଇଦା ଦେଇଥିବା ଏଥିରେ କୁହାଯାଇଛି। ମିଡିଆ ରିପୋର୍ଟରେ ଦାବି କରାଯାଇଛି ଯେ ବସ୍ ଓ ଟ୍ରକ୍ ନିର୍ମାଣକାରୀ ଉକ୍ତ କମ୍ପାନୀର ଆଭ୍ୟନ୍ତରୀଣ ତଦନ୍ତ ଅନୁସାରେ ଗଡ଼କରୀଙ୍କ ପୁଅମାନଙ୍କ ସହ ସମ୍ପର୍କ ଥିବା ଜଣେ ବ୍ୟକ୍ତିଙ୍କୁ ଏକ ବିଳାସପୂର୍ଣ୍ଣ 'ମେଟ୍ରୋଲିଙ୍କ୍ ଏଚ୍ଡି' ବସ୍ ଦିଆଯାଇଥିଲା। ସେହି ବସ୍ ୨୦୧୬ରେ ଗଡ଼କରୀଙ୍କ ଝିଅ ବାହାଘର ବେଳେ କାମରେ ଲଗାଯାଇଥିଲା। ତେବେ ଏହି ଅଭିଯୋଗକୁ ଗଡ଼କରୀ ଗୁରୁବାର ଖଣ୍ଡନ କରିଛନ୍ତି। ଏହାସହ ଏ ସମ୍ପର୍କିତ ରିପୋର୍ଟ ପ୍ରକାଶ କରିଥିବା ସ୍ୱିଡେନ୍‌ର ☞ପୃଷ୍ଠା-୨

## ବ୍ୟବସାୟୀଙ୍କୁ ଗୁଳିମାଡ଼

ନବରଙ୍ଗପୁର/ଉମରକୋଟ,୧୨।୩(ବି.ପ୍ର./ସ୍ୱ.ପ୍ର.): ନବରଙ୍ଗପୁର ଜିଲା ଉମରକୋଟ ସଦର-ଝରିଗାଁ ରାସ୍ତାର ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନିକଟରେ ଶୁକ୍ରବାର ରାତିରେ ଗୁଳିକାଣ୍ଡ ଘଟିଛି। ଏଥିରେ ବ୍ୟବସାୟୀ ସଞ୍ଜୀବ ସୁବୁଦ୍ଧି ଗୁରୁତର ହୋଇଛନ୍ତି। ରାତି ପ୍ରାୟ୧୦ଟା ବେଳକୁ ଏକ ବାଇକ୍‌ରେ ୩ ଜଣ ଯୁବକ ଆସି ସଞ୍ଜୀବଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ଉକ୍ତ ଗୁଳିଟି ତାଙ୍କ ମେରୁଦଣ୍ଡ ନିକଟରେ ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ତାଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ପଠାଯାଇଥିଲା। ଉମରକୋଟ ପୋଲିସ ତନାଘନା ଆରମ୍ଭ କରିଛି। ଏନେଇ ବିଭିନ୍ନ ଥାନାକୁ ଖବର ମଧ ଦିଆଯାଇଛି। ଗୁଳିମାଡ଼ କରିଥିବା ଦୁର୍ବୃତ୍ତମାନେ ଫେରାର ଅଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଇଟାରେ ଛେଚି ମା'ଙ୍କୁ ହତ୍ୟା

ବଡ଼ବିଲ,୧୨।୩ (ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଧୀନ ଗାଡ଼ା ହଟିଂରେ ଇଟାରେ ଛେଚି ମା'ଙ୍କୁ ହତ୍ୟା ଅଭିଯୋଗରେ କିଶୋର ମୁଣ୍ଡା(ଡୁଟୁ) ନାମକ ଜଣେ ଯୁବକଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ମୃତା ମହିଳା ହେଲେ ସୋମବାରୀ ମୁଣ୍ଡା(୬୦)। ସୂଚନା ଅନୁଯାୟୀ, ଗାଡ଼ା ହଟିଂରେ ସୋମବାରୀ ଓ ପୁଅ ଡୁଟୁ ଏକାଠି ରହୁଥିଲେ। ଗୁରୁବାର ରାତିରେ କୌଣସି କାରଣରୁ ଡୁଟୁ ଇଟାରେ ଛେଚି ସୋମବାରୀଙ୍କୁ ହତ୍ୟା କରି ଫେରାର ହୋଇଯାଉଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଡୁଟୁଙ୍କୁ ଥାନାକୁ ନେଇ ଅଟକ ରଖି ଘଟଣାର ତଦନ୍ତ କରିଥିଲା। ଏ ନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୪୦/୨୧) ରୁଜୁ କରାଯାଇଛି। ଶୁକ୍ରବାର ଅପରାହ୍ନରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ହତ୍ୟାକାଣ୍ଡରେ ବ୍ୟବହୃତ ଇଟା, ରକ୍ତ ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ ଜାରି ରଖିଛି। ହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିଲେ ହେଁ ହତ୍ୟା କରିଥିବା ନେଇ ଅଭିଯୁକ୍ତ ଡୁଟୁ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ୮ ବର୍ଷ ତଳେ ବାପା ଦୁମି ମୁଣ୍ଡାଙ୍କୁ ଡୁଟୁ ପଥରରେ ଛେଚି ହତ୍ୟା କରି ଜେଲ ଯାଇଥିଲେ। ଅନୁରୂପ ଭାବେ ଏବେ ମା'ଙ୍କୁ ମଧ ହତ୍ୟା କରିଥିବା ନିକଟରେ ରହୁଥିବା ଅଭିଯୁକ୍ତଙ୍କ ବଡ଼ଭାଇ ଚାଲୁ ବବଙ୍ଗା କହିଛନ୍ତି। ୨୦୧୨ରେ ବାପାଙ୍କୁ ହତ୍ୟା ଅଭିଯୋଗରେ ଡୁଟୁ ଗିରଫ ହୋଇଥିଲେ। ସାକ୍ଷ୍ୟ ପ୍ରମାଣ ଅଭାବ ଯୋଗୁ ସେ ମାତ୍ର ୩ ବର୍ଷ ଜେଲ ଦଣ୍ଡ ଭୋଗିଥିବା ପୋଲିସ କହିଛି।

## ପ୍ରଥମ ପୃଷ୍ଠାରୁ...

### ଖାଲରେ କେନ୍ଦ୍ର ...

ଏସ୍‌ଟିଭି ଏବଂ ଜର୍ମାନୀ ବ୍ରଡ୍‌କାଷ୍ଟର ଜେଡ୍‌ଡିଏଫ୍‌କୁ ଆଇନଗତ ମାନହାନି ମାମଲା ପାଇଁ ନୋଟିସ ପଠାଇଛନ୍ତି।

ନିକଟରେ ଏସ୍‌ଟିଭି ନ୍ୟୁଜ୍ ଚ୍ୟାନେଲ ଦାବି କରିଥିଲା ଯେ ୨୦୧୭ ଶେଷରେ ସ୍କେନିଆର ଅଡିଟରମାନେ ଏହି ଦୁର୍ନୀତି ସମ୍ପର୍କରେ ଜାଣିବାକୁ ପାଇଥିଲେ। ସ୍କେନିଆ ପକ୍ଷରୁ ଭାରତର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ଏକ ବିଳାସପୂର୍ଣ୍ଣ ବସ୍ ଉପହାର ରୂପେ ଦିଆଯାଇଥିଲା। ଭାରତରେ କାମ ପାଇବା ପାଇଁ ବସ୍ ନିର୍ମାଣକାରୀ କମ୍ପାନୀ ଏହି ଉପହାର ଦେଇଛି ବୋଲି ସ୍କେନିଆର ମାଲିକାନା ସ୍ୱତ୍ୱାଧିକାରୀ ଜର୍ମାନୀର ଭୋକ୍ସୱାଗେନ୍‌କୁ ମଧ ତଥ୍ୟ ପ୍ରଦାନ କରାଯାଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଥିଲା।

ଏସ୍‌ଟିଭି ରିପୋର୍ଟ ଅନୁସାରେ ଅଟୋ ମେକର୍ ସ୍କେନିଆ ପକ୍ଷରୁ ତାମିଲନାଡୁ, କର୍ନାଟକ, କେରଳ, ଗୋଆ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ଗୁଜରାଟ ଓ ରାଜସ୍ଥାନ ଭଳି ୧୨ ରାଜ୍ୟକୁ ବସ୍ ଦେବା ପାଇଁ ଉଦ୍ୟମ କରିଥିଲା। ସେଥିରୁ ୭ ରାଜ୍ୟରେ କଣ୍ଟ୍ରାକ୍ଟ ପାଇବା ଲାଗି ଭାରତୀୟ ଅଧିକାରୀମାନଙ୍କୁ ବିପୁଳ ଅର୍ଥ ଲାଞ୍ଚ ଦିଆଯାଇଥିଲା। ଉକ୍ତ ବସ୍‌ଗୁଡ଼ିକୁ ସମ୍ପୃକ୍ତ ରାଜ୍ୟର ପୌରପାଳିକା ଓ ମହାନଗର ନିଗମଗୁଡ଼ିକରେ ସାଧାରଣ ପରିବହନ ପାଇଁ ବ୍ୟବହାର କରାଯାଇଥିଲା। ଗଡ଼କରୀ ପ୍ରକରଣ ୨୦୧୬ ଶେଷ ଆଡ଼କୁ ଘଟିଥିଲା, ଯେତେବେଳେ ଏକ ଲକ୍‌ଜ୍ୟୁରି ବସ୍ ଜଣେ ପ୍ରାଇଭେଟ୍ ସ୍କେନିଆ ରିସେଲର ବା ଡିଲରଙ୍କ ଜରିଆରେ ବିକ୍ରି କରାଯାଇଥିଲା। ସମ୍ପୃକ୍ତ ଡିଲର ତାକୁ ଏକ କମ୍ପାନୀକୁ ବିକ୍ରି କରିଥିଲେ କିମ୍ବା ଲିଜ୍‌ରେ ଦେଇଥିଲେ, ଯାହାର ସମ୍ପର୍କ ଗଡ଼କରୀଙ୍କ ପୁଅମାନଙ୍କ ସହିତ ରହିଛି। ତେବେ ସେତେବେଳେ ସେହି ବସ୍ କିଣାର ଟଙ୍କା ପଇଠ କରାଯାଇ ନ ଥିଲା। ଗଡ଼କରୀଙ୍କ ଝିଅ ବାହାଘରରେ ବ୍ୟବହାର ପାଇଁ ଏପରି କରାଯାଇଥିବା ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷେ ଗଡ଼କରୀଙ୍କ ଅଫିସ୍ ଏଭଳି ଅଭିଯୋଗକୁ ଭିତ୍ତିହୀନ ଓ ଗଣମାଧ୍ୟମର ମନଗଢ଼ା କଥା ବୋଲି କହିଛି। ୨୦୧୬ର ମିଡିଆ ରିପୋର୍ଟ ଅନୁସାରେ ଗଡ଼କରୀଙ୍କ ଝିଅ ବାହାଘର ବେଳେ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଥିଲା। ଅତିଥିମାନଙ୍କ ଉଡ଼ାଣ ସୁବିଧା ପାଇଁ ୫୦ଟି ଚାର୍ଟାର୍ଡ ଫ୍ଲାଇଟ୍ ଭଡ଼ା କରାଯାଇଥିଲା, ଯାହାକୁ ସଡ଼କ ପରିବହନ ମନ୍ତ୍ରୀଙ୍କ ଅଫିସ ଭିତ୍ତିହୀନ ବୋଲି ଦର୍ଶାଇଛି। ବସ୍ କିଣାରେ କେନ୍ଦ୍ରମନ୍ତ୍ରୀଙ୍କ ପରିବାରର କିଛି ସମ୍ପର୍କ ନାହିଁ। ଯେଉଁ ବ୍ୟକ୍ତି ବସ୍ ନେଇଛନ୍ତି ତାଙ୍କ ସହ ମଧ ଗଡ଼କରୀ ବା ତାଙ୍କ ସମ୍ପର୍କୀୟଙ୍କ ସମ୍ପର୍କ ନାହିଁ ବୋଲି ଏକ ବିବୃତିରେ କୁହାଯାଇଛି।

ମହାରାଷ୍ଟ୍ରର ନାଗପୁରକୁ ସ୍କେନିଆ କମ୍ପାନୀର ଏଥାନୋଲ୍ ଚାଳିତ ବସ୍ ଆଣିବାରେ ଗଡ଼କରୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନାଗପୁରରେ ପାଇଲଟ ପ୍ରୋଜେକ୍ଟ ଆରମ୍ଭ ହେବା ପରେ ଚୁକ୍ତି ଅନୁସାରେ ଦେଶର ଅନ୍ୟ କେତେକ ମହାନଗର ନିଗମର ସଡ଼କରେ ଏହି ବସ୍ ଗଡ଼ିଥିଲା। ତେବେ ସ୍କେନିଆର ଏହି ସମ୍ପୂର୍ଣ୍ଣ ପ୍ରକରଣ ସ୍ୱିଡେନ୍ କମ୍ପାନୀର ଆଭ୍ୟନ୍ତରୀଣ ମାମଲା। ତେଣୁ ଭାରତରେ ଏହି ବ୍ୟାପାର ବୁଝାବୁଝି କରୁଥିବା ସ୍କେନିଆ ଇଣ୍ଡିଆର ଆନୁଷ୍ଠାନିକ ବିବୃତିକୁ ଅପେକ୍ଷା କରିବା ଗଣମାଧ୍ୟମ ପାଇଁ ଉଚିତ ହେବ ବୋଲି ଗଡ଼କରୀଙ୍କ ଅଫିସ କହିଛି। ଅନ୍ୟପକ୍ଷରେ ଏହି ସବୁ ଘଟଣା ସାମ୍ନାକୁ ଆସିବା ପରେ ସ୍କେନିଆ ଭାରତୀୟ ବଜାରରେ ସିଟି ବସ୍ ନିର୍ମାଣ ଓ ବିକ୍ରି ବନ୍ଦ କରିଦେଇଥିବା ଜଣାପଡ଼ିଛି।

## ନ୍ୟାୟିକ ତଦନ୍ତ ଦାବି କଲା କଂଗ୍ରେସ



"ସ୍ୱିଡେନର ପବ୍ଲିକ୍ ନ୍ୟୁଜ୍ ବ୍ରଡ୍‌କାଷ୍ଟର ଏସ୍‌ଟିଭି ଏବଂ ଜର୍ମାନୀର ପବ୍ଲିକ୍ ଟିଭି ଜେଡ୍‌ଡିଏଫ୍ ପକ୍ଷରୁ ମିଳିତ ଭାବେ କରାଯାଇଥିବା ଅନୁସନ୍ଧାନମୂଳକ ଡକ୍ୟୁମେଣ୍ଟାରିରେ ଅଟୋ ମେକର୍ ସ୍କେନିଆର ଗମ୍ଭୀର ଦୁର୍ନୀତି ଉପରୁ ପରଦା ହଟାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବିଷୟରେ ସତ୍ୟ ସାମ୍ନାକୁ ଆଣିବା ପାଇଁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଇବେ ବୋଲି ଆଶା।

-ପୃଥ୍ୱୀରାଜ ଚଭନ, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ



"ବସ୍ କଣ୍ଟ୍ରାକ୍ଟ ଦୁର୍ନୀତି ସମ୍ପର୍କିତ ରିପୋର୍ଟ ଚିନ୍ତାଜନକ। ସ୍ୱିଡେନ ସରକାରଙ୍କ ରିପୋର୍ଟ ଭାରତର କେନ୍ଦ୍ର ସରକାର, ବିଭିନ୍ନ ମନ୍ତ୍ରୀ, ଅନେକ ରାଜ୍ୟର ସରକାରଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। କଂଗ୍ରେସ ଏହାର ବିଚାରବିଭାଗୀୟ ତଦନ୍ତ ଦାବି କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ନେଇ ନୀରବ କାହିଁକି?

-ସୁପ୍ରିୟା ଶ୍ରୀନାତେ, କଂଗ୍ରେସ ମୁଖପାତ୍ର

# ଓପିଜିସିରେ ଯୋଗଦେଲେ ନୂତନ ଏମ୍‌ଡି



ପ୍ରଶାନ୍ତ କୁମାର ମହାପାତ୍ର

ଝାରସୁଗୁଡ଼ା ଅଫିସ୍,୧୨।୩- ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ରୁ ବହୁଦେଶୀୟ ଏଇଏସ୍ କମ୍ପାନୀ ହଟିବା ପରେ ଓପିଜିସିର ଶତପ୍ରତିଶତ ଅଂଶଧନ ଏବେ ସରକାରଙ୍କ ହାତରେ ରହିଛି। ଏଭଳିସ୍ଥିତିରେ ଦୀର୍ଘଦିନ ହେଲା ନିଗମର ମ୍ୟାନେଜିଂ ଡାଇରେକ୍ଟରଙ୍କ ପଦବୀ ଖାଲି ପଡିଥିଲା। ଶକ୍ତି ବିଭାଗ ତରଫରୁ ବୁଧବାର ବିଧିବଦ୍ଧ ଭାବେ ଘୋଷଣା ହେବା ପରେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଏହି ପଦବୀରେ ପ୍ରଶାନ୍ତ କୁମାର ମହାପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଓପିଜିସିରେ ନୂତନ ଭାବେ ନିଯୁକ୍ତି ପାଇଥିବା ମହାପାତ୍ର ଏହା ପୂର୍ବରୁ ଏନ୍‌ଟିପିସିର ବିଭିନ୍ନ ରାଜ୍ୟରେ ଥିବା ପ୍ରକଳ୍ପରେ ଉଚ୍ଚ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ଗତ ୨୦୧୯ରେ ସେ ଏନ୍‌ଟିପିସିରୁ ଅବସର ଗ୍ରହଣ କରିଥିଲେ।

# ୭ ଜିଲାରେ 'ଭାରତ କା ଅମୃତ' ମହୋତ୍ସବ

## ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ନେଇ ସଚେତନ ହେଲେ ଆଦିବାସୀ

କଟକ ଅଫିସ,୧୨।୩

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ୭ଟି ଆଦିବାସୀ ଅଧ୍ୟୁଷିତ ଜିଲାରେ ଶୁକ୍ରବାର 'ଭାରତ କା ଅମୃତ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟର ବିଚାରପତି ସଞ୍ଜୁ ପଣ୍ଡାଙ୍କ ପ୍ରଚେଷ୍ଟା କ୍ରମେ ମାଲକାନଗିରି, ଗଜପତି, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି ଜିଲାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଆଦି ପ୍ରସଙ୍ଗ ଉପରେ ସଚେତନ କରାଯାଇଥିଲା। ଆଦିବାସୀମାନେ ଆଇନ ସହାୟତା ନେଇ ସମାଜରେ କିଭଳି ଭାବେ ସାମାଜିକ ନ୍ୟାୟ ପାଇପାରିବେ ସେଥିପ୍ରତି ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ଆଇନସେବା ପ୍ରାଧିକରଣ ସଦସ୍ୟ ସଚିବ, ସହସଚିବ, ବିଭିନ୍ନ ଜିଲାର ବିଚାର ବିଭାଗୀୟ ଅଧିକାରୀ ଏବଂ ସମ୍ପୃକ୍ତ ଜିଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ପରିଚାଳନା କରିଥିଲେ।

### ଭିମସାରରେ ପୁଣି ..

ବର୍ଷର କେତେଜଣ ଛାତ୍ରଙ୍କୁ ଚତୁର୍ଥବର୍ଷ ଛାତ୍ରମାନେ ମାର୍ଚ୍ଚ ୧୦ ତାରିଖରେ ବାସ୍କେଟବଲ ପଡିଆକୁ ଡାକିଥିଲେ। ହେଲେ ଦ୍ୱିତୀୟ ବର୍ଷ ଛାତ୍ରମାନେ ଆସି ନ ଥିଲେ। ପରେ ରାତିରେ ଦ୍ୱିତୀୟ ବର୍ଷ ଛାତ୍ର ରହୁଥିବା ହଷ୍ଟେଲକୁ ସେମାନେ ଯାଇ ର୍ୟାଗିଂ କରିଥିଲେ। ମାନସିକ ଓ ଶାରୀରିକ ନିର୍ଯାତନା ମଧ ଦେଇଥିଲେ। ଏପରି କି ମାରପିଟ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଦ୍ୱିତୀୟବର୍ଷ ଛାତ୍ରମାନେ ଦିଲ୍ଲୀସ୍ଥିତ ଆଣ୍ଟି ର୍ୟାଗିଂ ସେଲ୍‌ରେ ଅଭିଯୋଗ କରିଥିଲେ। ପୂର୍ବରୁ ୨୦୧୯ ସେପ୍ଟେମ୍ବର ୫ରେ ଭିମସାରରେ ର୍ୟାଗିଂ ନେଇ ଅଭିଯୋଗ ହୋଇଥିଲା। ଜଣେ ଦ୍ୱିତୀୟବର୍ଷ ଏମ୍‌ବିବିଏସ୍ ଛାତ୍ରଙ୍କୁ ସିନିୟର ଛାତ୍ରମାନେ ମାରପିଟ କରିବା ସହ ର୍ୟାଗିଂ କରିଥିବା ଦିଲ୍ଲୀସ୍ଥିତ ଆଣ୍ଟି ର୍ୟାଗିଂ ସେଲ୍‌ରେ ଅଭିଯୋଗ ହୋଇଥିଲା। ର୍ୟାଗିଂ କମିଟି ଅଭିଯୋଗକାରୀ ଓ ଅପରପକ୍ଷ ଛାତ୍ରଙ୍କୁ ପଚରାଉଚରା କରିଥିଲା। କମିଟି ରିପୋର୍ଟ ଅନୁଯାୟୀ ଏହି ଘଟଣା ହଷ୍ଟେଲ କିମ୍ବା କଲେଜ ପରିସରର ନୁହେଁ। ନିକଟସ୍ଥ ଏକ ଢ଼ାବାରେ ସିନିୟର ଛାତ୍ରମାନେ ଜୁନିୟର ଛାତ୍ରଙ୍କୁ ମାରପିଟ କରିଥିଲେ। ସେହିପରି ୨୦୧୮ ଅକ୍ଟୋବର ୯ରେ ଏମ୍‌ବିବିଏସ୍ ଜୁନିୟର ଛାତ୍ରଙ୍କୁ ର୍ୟାଗିଂ ହୋଇଥିବା ନେଇ ଦିଲ୍ଲୀ ଆଣ୍ଟି ର୍ୟାଗିଂ ସେଲ୍‌ରେ ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ଭିମସାର କର୍ତ୍ତୃପକ୍ଷ ୨୩ଜଣ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ୧ମାସ ପାଇଁ ଶ୍ରେଣୀକକ୍ଷ ନ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ।

### ରାମଚନ୍ଦ୍ର, ଚନ୍ଦ୍ରଶେଖରଙ୍କୁ ...

ଶୁକ୍ରବାର କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଡ. ଚନ୍ଦ୍ରଶେଖର କମ୍ବରଙ୍କ ଅଧକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକାଡେମୀର କାର୍ଯ୍ୟକାରୀ କମିଟି ବୈଠକରେ ଏନେଇ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ତେବେ ମାଲୟାଲମ, ସଂସ୍କୃତ ଓ ତାମିଲ ଭାଷାରେ ବିଜେତାଙ୍କ ନାମ ଆଗାମୀ ଦିନରେ ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ଓଡ଼ିଶାର ବିଶିଷ୍ଟ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା 'ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର' ପାଇବେ। ପ୍ରବନ୍ଧ ପୁସ୍ତକ 'ଚେତନାର ଅନ୍ୱେଷଣ' ପାଇଁ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ଘର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ୍ ଅନ୍ତର୍ଗତ ଗୁରୁଜିଭଟ୍ଟା ଗାଁରେ ହୋଇଥିବାବେଳେ ଏବେ ନବରଙ୍ଗପୁରରେ ଡିଏସ୍‌ପି ଭାବେ କାର୍ଯ୍ୟରତ। ଦ୍ୱିଜେନ ଦାସ, ଗଗନ ଶର୍ମା, ଅଞ୍ଜନ ବାସ୍କୋଟାଙ୍କ ସମେତ ୧୮ଜଣ ଏହି ପୁରସ୍କାର ପାଇବେ। ଏହି ଦୁଇ ପୁରସ୍କାର ବାବଦରେ ସମସ୍ତ ବିଜେତାଙ୍କୁ ୫୦ହଜାର ଟଙ୍କା ସହ ତାମ୍ର ଫଳକ ପ୍ରଦାନ କରାଯିବ।

ଅନ୍ୟପକ୍ଷରେ ୨୦ଟି ଭାଷାରେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ଘୋଷିତ ହୋଇଛି। ଏଥିମଧ୍ୟରେ ୭ କବିତା ପୁସ୍ତକ, ୪ ନୋଭେଲ୍, ୫ କ୍ଷୁଦ୍ରଗଳ୍ପ, ୨ ନାଟକ, ଗୋଟିଏ ସ୍ମୃତିକଥା ଏବଂ ଗୋଟିଏ ମହାକାବ୍ୟ ରହିଛି। ପୁରସ୍କାର ବାବଦକୁ ବିଜେତାମାନଙ୍କୁ ୧ଲକ୍ଷ ଟଙ୍କା ସହ ତାମ୍ର ଫଳକ ପ୍ରଦାନ କରାଯିବ। ତେବେ ଓଡ଼ିଆ, ମାଲୟାଲମ୍, ନେପାଳୀ ଓ ରାଜସ୍ଥାନୀ ଭାଷାରେ ପୁରସ୍କାର ଘୋଷଣା କରାଯାଇନାହିଁ। ଆଗାମୀ ଦିନରେ ବିଜେତା ଚୟନ କରାଯାଇ ପୁରସ୍କାର ଘୋଷଣା କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଭଲ ଭଲ କହୁଥିବା ନିକଟ ସମ୍ପର୍କୀୟମାନେ ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ପାଇବେ। ପରିବହନ କ୍ଷେତ୍ରରେ ତିକ୍ତତାର ସମାପ୍ତି ଘଟାଇବେ।

**ବୃଷ** - ଅଫିସରେ କିମ୍ବା ଆଲୋଚନା କ୍ଷେତ୍ରରେ ମନ ଅସ୍ଥିର ରହିବା କାରଣରୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ ମନଟା ଭଲ ଲାଗିବ ନାହିଁ। ପରିବାରରେ ସନ୍ତାନହେତୁକ ପୀଡ଼ା ଅନୁଭବ କରିବେ।

**ମିଥୁନ** - ରାଗକୁ ନିୟନ୍ତ୍ରଣରେ ନ ରଖିବା କାରଣରୁ ବନ୍ଧୁଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ** - ମନ କଥା ମନରେ ରଖି ସବୁ କଥାକୁ ଚିନ୍ତା କରି କାମ ନ କଲେ କଳହ ଲାଗିବ। ଅପରାହ୍ନରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** - ପାରିବାରିକ ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇପାରିବେ ନାହିଁ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦ ମନରେ କାମ କରିବେ।

**କନ୍ୟା** - ଆଜି କିଛି ପାଇବା ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଦୀର୍ଘଦିନରୁ ଶତ୍ରୁତା ଆଚରଣ କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା** - ଆଜି ଶତ୍ରୁଠାରୁ ଦୂରତା ରଖି କାମ ନ କଲେ ହଇରାଣରେ ପଡ଼ିପାରନ୍ତି। ଫେରି ଯାଉଥିବା ବନ୍ଧୁଟି ଲେଉଟି ଆସିବା ଫଳରେ ନିଜର କାମ ସମ୍ପନ୍ନରେ ବ୍ୟସ୍ତତା ବଢ଼ିଯାଇପାରେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ।

**ବିଛା** - ଯେଉଁ କାମ ଦୀର୍ଘଦିନ ହେଲା ହୋଇପାରି ନ ଥିଲା ଆଜି ଆକସ୍ମିକ ଭାବେ ହୋଇଯିବ। ଅର୍ଥ ସମ୍ପର୍କରେ ଯେତେ ପାଇଲେ ମଧ ଆହୁରି ପାଇବାକୁ ବ୍ୟାକୁଳ ହେବେ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବାରେ ସଫଳ ହେବେ। ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ।

**ଧନୁ** - କୌଣସି ପରିଚିତଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଅଫିସରେ ସହକର୍ମୀଙ୍କ ସହ ମିଷ୍ଟାଳାପରେ ମାତିରହିବେ। ପରୀକ୍ଷା କ୍ଷେତ୍ରରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ, ଏଣୁ ଗାଡ଼ିକୁ ପରଖି ନେବା ଭଲ ହେବ।

**ମକର** - ଶାରୀରିକ ଅସୁସ୍ଥତା ଦୂରେଇବା ହେତୁ ମାନସିକ ଆଶ୍ୱସ୍ତି ଲଭିବେ। କୌଣସି ବ୍ୟକ୍ତିଠାରୁ ହଠାତ୍ ବିସ୍ମୟ ସୃଷ୍ଟିକାରୀ ଖବର ପାଇ ବିଚଳିତ ବୋଧ କରିବେ। ଉପରିସ୍ଥ ଅଧିକାରୀମାନେ କାମହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** - ଅଫିସ୍‌ରେ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ** - ଅନ୍ୟ ଦ୍ୱାରା ପ୍ରଭାବିତ ଉଚ୍ଚ ଅଫିସରଙ୍କ ସହ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହେବ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ମନ ଅସ୍ଥିର ରହିବ ଓ ମାନସିକ ବ୍ୟଥା ଅନୁଭବ କରିବେ। ଉତ୍ତରଭାଦ୍ରବ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିବାରଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ।

ଆଜି ଫାଲଗୁନ ଅମାବାସ୍ୟା ଶନିବାର, ମାସାନ୍ତ, ମାର୍ଚ୍ଚ-୧୩ ତାରିଖ। ରାଶି ନକ୍ଷତ୍ର-ପୂର୍ବଭାଦ୍ରବ/କୁମ୍ଭ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୦୯.୫୭ମି. ଗତେ ଘ.୦୧.୦୭ମି. ମଧ୍ୟେ, ରାତ୍ରି ଘ.୦୮.୧୭ମି. ଗତେ ଘ.୧୦.୪୩ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୭.୫୧ମି. ଗତେ ଘ. ୦୯.୧୬ମି. ମଧ୍ୟେ, ଘ.୧୨.୦୩ମି. ଗତେ ଘ.୦୧.୨୭ମି. ମଧ୍ୟେ ଅମୃତ ବେଳା। ଦିବା ଘ.୦୮.୫୮ମି. ଗତେ ଘ.୧୦.୨୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

Genuine plot for sale with Bank Loan facility in Sundarpada, AIIMS. 8118050420. D-20210

**Two rooms furnished FLAT with Garage at Bhubaneswar, (Sundarpada), 7 km from DAV Pokhariput. Cost 22 Lakh. Contact: 6371759667, 9438061163, 9437864827 (Brokers please excuse)** D-69977

Sum Hospitalରୁ ୪କି.ମି. ଘଙ୍ଘାପାଟଣାରେ 800/sqft.ରେ ପ୍ଲଟ୍ ମିଳୁଛି। 9348701671. D-70194

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

**Bhubaneswar Baliantaର ସାଇଫନ୍ ଛକ ନିକଟରେ residential plot sqft.900/- ବିକ୍ରିହେବ। 8018242542, 6370621085.** D-70808

NH-16 ପିତାପଲ୍ଲୀ ରେ 750/ରେ 1200/- sqft.ରେ ପ୍ଲଟ୍ ମିଳୁଛି। 9348444368. D-70809

**Ready to move 1BHK at DHPL Villa, One Kalarahanga. Cost 23,00000/-. Contact 9937059891.** D-20141

3BHK Flat near Lingaraj Station,, Bhubaneswar, immediate sale 56 Lakh. 7008005490. D-59983

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648.** D-20177

Bhubaneswar ସମ୍ବଲ୍ସିଟାଲ ଗୋଠପାଟଣା ନିକଟରେ plot କିଣି ତୁରନ୍ତ ଘର କରନ୍ତୁ। sqft. 1150/-, 9861709689. D-70811

**12000sft. IDCO plot for immediate sale at Mancheswar Bhubaneswar. Buyers please contact- DEEPAK-9937329999.** D-69979

**ଘରବାରି ପ୍ଲଟ୍ ବିକ୍ରିହେବ। ଗଂଗୁଆ ନାଳ ପାଖରେ ମଞ୍ଚେଶ୍ୱର ମୌଜା- 2178sqft. S.C. plot per sqft. 1550/- କେବଳ କ୍ରୟ କରିବା ଲୋକ ଯୋଗାଯୋଗ କରନ୍ତୁ। 9437213581, 7008494831.** D-20217

CV Raman College ପାଖରେ 100ft. roadକୁ ଲାଗି 27000sqft. plot ବିକ୍ରିହେବ। Contact: 9778928492. D-70228

**Residential land/ plot immediately sale, 3000sft. at Jharpada, (near Puri bypass) Bhubaneswar, please contact- DEEPAK-9937329999.** D-69978

CV Raman College ପାଖରେ 22000sqft. plot ବିକ୍ରିହେବ। Contact: 9778928492. D-70229

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-20218

to-let

House rooms for girls hostel purposes for College Institute. 8917525377. D-20224

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997

2 Bed rooms house TOLET only Family at NILADRI NAGAR, KESURA CHHAK, Bhubaneswar. Contact: 9937746610, 9437107010. D-20226

healthcare

New opening Saikrupa Panchakarma and SPA jointpain, fullbody massage, 8984068077. D-65913

Swarna SPA newly open positively health benefits with expert therapist. 9556978408. D-70551

Zen SPA positively health benefits with experts therapeutic genuinely massage. 7205084157. D-70554

**GENERAL**

**SALE**

Two 1.5ton carrier window A.C. domestically used in good running condition, sale Rs. 18,000/- each. Contact Mo- 8458080690. D-20205

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

By virtue of an affidavit before Notary Public, Barbil, I Chahata Dei (P.No. 096830) posted at JCO unit of Tata Steel Ltd., Joda. My name is mentioned in my Son Abhilash Pradhan's certificates as Chahata Sahu. I declare that Chahata Dei & Chahata Sahu both are the name of same person. D-20225

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୯୩,୪୧,୦୭୩ | ୨୬,୪୫,୨୬୪ | ୯,୪୯,୦୭,୦୪୫ |
| ଭାରତ | ୧,୧୩,୨୭,୧୨୯ | ୧,୫୮,୪୧୮ | ୧,୦୯,୬୬,୭୩୫ |
| ଓଡ଼ିଶା | ୩,୩୮,୦୫୬ | ୧୯୧୮(+୫୩) | ୩,୩୫,୪୯୯ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ହୋଲ୍ଡିଂ, ପ୍ରପର୍ଟି ଟ୍ୟାକ୍ସ ବୃଦ୍ଧିକୁ ବିରୋଧ



ହୋଲ୍ଡିଂ ଏବଂ ପ୍ରପର୍ଟି ଟ୍ୟାକ୍ସ ବୃଦ୍ଧିକୁ ବିରୋଧ କରି ଶୁକ୍ରବାର ଏକାମ୍ର ନିର୍ବାଚନ କଂଗ୍ରେସ କମିଟି ପକ୍ଷରୁ ସାମନ୍ତରାପୁର ଛକରେ ପ୍ରତିବାଦ।

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦ୍ୱାରା ୧୦ଗୁଣା ବର୍ଦ୍ଧିତ ବାସଗୃହ ଟିକସ (ହୋଲ୍ଡିଂ ଟ୍ୟାକ୍ସ) ଏବଂ ସମ୍ପତ୍ତି ଟିକସ (ପ୍ରପର୍ଟି ଟ୍ୟାକ୍ସ) ପ୍ରତ୍ୟାହାର ଦାବିରେ ଶୁକ୍ରବାର ଗର୍ଜିଛନ୍ତି ବିରୋଧୀ କଂଗ୍ରେସ ଏବଂ ଭାଜପା। ଏଭଳି ଜନବିରୋଧୀ ଟିକସ ନିଷ୍ପତ୍ତିକୁ ତୁରନ୍ତ ବାତିଲ କରିବାକୁ ବିରୋଧୀ ଦାବି କରିଛନ୍ତି।

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସଙ୍କ ନେତୃତ୍ୱରେ ଶତାଧିକକର୍ମୀ ସାମନ୍ତରାପୁର ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନିଜ ପ୍ରତିକ୍ରିୟାରେ ବିଶ୍ୱଜିତ୍ କହିଛନ୍ତି, କରୋନା ମହାମାରୀ ସମୟରେ ସାଧାରଣ ଲୋକଙ୍କ ପାଇଁ ଏଭଳି ଟିକସ ବୃଦ୍ଧି ବୋଝ ଉପରେ ନଳିତାବିଡା ସଦୃଶ। ପୂର୍ବରୁ ଘର ଉପରେ ଦେୟ ଆଦାୟ ହେଉଥିଲା। ଏବେ ସମ୍ପୂର୍ଣ୍ଣ ଜମିର ବାର୍ଷିକ ମୂଲ୍ୟ (ନିର୍ଦ୍ଧାରିତ ବେଞ୍ଚ ମାର୍କ)ର ୦.୫ ପ୍ରତିଶତ ଆଦାୟ କରାଯିବ, ଯାହା ସମ୍ପୂର୍ଣ୍ଣ ବେଆଇନ। ବିଏମ୍‌ସି ପକ୍ଷରୁ ଟ୍ୟାକ୍ସ ଆଦାୟ କରାଯାଉଥିବାବେଳେ ଡ୍ରେନେଜ୍ ବ୍ୟବସ୍ଥା, ପରିଚ୍ଛନ୍ନତା, ପାନୀୟଜଳ, ରାସ୍ତାଘାଟ, ବିଦ୍ୟୁତ୍ ସରବରାହ ଅବ୍ୟବସ୍ଥିତ ହୋଇପଡ଼ିଛି। ଏହାକୁ ପ୍ରତ୍ୟାହାର କରା ନ ଗଲେ ଆନ୍ଦୋଳନ ତୀବ୍ର ହେବ। ଭୁବନେଶ୍ୱର ଜିଲା କଂଗ୍ରେସ ବିଏମ୍‌ସି କାର୍ଯ୍ୟାଳୟ ଘେରିବ ବୋଲି ସେ ଚେତାବନୀ ଦେଇଛନ୍ତି।

ଅନୁରୂପ ଭାବେ ଭାଜପା ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ମାଉସୀ ମା' ଛକରୁ ଏକ ଶୋଭାଯାତ୍ରା ବାହାରି ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବାବୁ କହିଛନ୍ତି, ଟ୍ରାନ୍ସପରେନ୍ସି କି ଟେକ୍ନୋଲୋଜି ନାହିଁ। ତରବରିଆ ଭାବେ ଏଭଳି ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବାର ନିଷ୍ପତ୍ତି ଅତ୍ୟନ୍ତ ହାସ୍ୟାସ୍ପଦ। ବିଏମ୍‌ସି କର୍ତ୍ତୃପକ୍ଷ ରାଜଧାନୀବାସୀଙ୍କ ଉପରେ ଟ୍ୟାକ୍ସ ବୃଦ୍ଧି କରି ଆର୍ଥିକ ବୋଝ ଲଦି ଦେବାକୁ ଷଡ଼ଯନ୍ତ୍ର କରୁଛନ୍ତି। ବିଏମ୍‌ସି ପ୍ରଶାସନ, ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଆସନ୍ତା ୧୦ ଦିନ ଭିତରେ ଏଭଳି ଏକଚାଟିଆ ନିଷ୍ପତ୍ତିକୁ ପ୍ରତ୍ୟାହାର କରା ନ ଗଲେ ଜିଲା ଭାଜପା ପକ୍ଷରୁ ଭୁବନେଶ୍ୱରର ସମସ୍ତ ୱାର୍ଡରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

# କୋଭିଡ୍ ଟେଷ୍ଟିଂ ଅବଧି ମାସେ ବଢ଼ିଲା

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

- ୩୦ ଜିଲା ପାଇଁ ୬ ଡାକ୍ତରଙ୍କୁ ଦାୟିତ୍ୱ
- ଟିକାକରଣରେ ଓଡ଼ିଶା ଦେଶରେ ଦ୍ୱିତୀୟ

ଦେଶରେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଟେଷ୍ଟିଂ ଅବଧିକୁ ବଢ଼ାଇ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ଚାଲିଥିବା କୋଭିଡ୍ ଟେଷ୍ଟିଂ ଅବଧି ମାର୍ଚ୍ଚ ଶେଷ ଯାଏ ଥିଲା। ଏହାକୁ ଏପ୍ରିଲ ୩୦ ଯାଏ ବୃଦ୍ଧି କରାଯାଇଛି। ଜିଲାଗୁଡ଼ିକରେ ମଧ୍ୟ ଟେଷ୍ଟିଂ ପରିମାଣ ବଢ଼ାଇବାକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଜଣେ ସ୍ୱତନ୍ତ୍ର ସଚିବଙ୍କ ସହ ୩୦ ଜିଲା ପାଇଁ ୬ ଡାକ୍ତରଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

ଶୁକ୍ରବାର ୬୫୦ ଟିକାକରଣ କେନ୍ଦ୍ରରେ ମୋଟ ୭୭,୯୦୪ଜଣ ଟିକା ନେଇଛନ୍ତି। ଏମାନଙ୍କ ମଧ୍ୟରେ ସର୍ବାଧିକ ୪୭,୧୭୯ଜଣ ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ୍ ୧୦,୯୪,୯୫୨ଜଣ ଟିକା ନେଇ ସାରିଲେଣି। ଟିକାକରଣରେ ଓଡ଼ିଶା ଦେଶରେ ଦ୍ୱିତୀୟରେ ରହିଥିବାବେଳେ ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ୯୧% ସ୍ୱାସ୍ଥ୍ୟକର୍ମୀ ଓ ୮୨% ସମ୍ମୁଖ ଯୋଦ୍ଧା ଟିକା ନେଇଛନ୍ତି, ଯାହା ସାରାଦେଶରେ ଦ୍ୱିତୀୟ ସର୍ବାଧିକ। ରାଜ୍ୟରେ ପ୍ରାୟ ୫୦ ଲକ୍ଷ ୬୦ ବର୍ଷରୁ ଅଧିକ ବୟସ୍କ ଓ ୪୫ବର୍ଷରୁ ଅଧିକ ଏକାଧିକ ରୋଗ ଥିବା ଲୋକ ରହିଛନ୍ତି। ଏମାନଙ୍କ ଟିକାକରଣ ଆଗାମୀ ମେ' ୧୫ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଡା. ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ଦେଶରେ କେତେକ ରାଜ୍ୟରେ ହଠାତ୍ ସଂକ୍ରମଣ ବଢ଼ି ଚାଲିଛି। କିନ୍ତୁ ଓଡ଼ିଶାରେ ଏବେ କରୋନା ନିୟନ୍ତ୍ରଣାଧୀନ ରହିଛି। ସଂକ୍ରମଣ ଯେପରି ନ ବଢ଼ିବ ସେଥିପାଇଁ ନିର୍ଦ୍ଦିଷ୍ଟ ୫ ରାଜ୍ୟରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖାଯାଇଛି। ଏୟାରପୋର୍ଟ ଓ ଷ୍ଟେଶନରେ ଯାଞ୍ଚ ହେଉଛି। ଲକ୍ଷଣ ଥିଲେ ଟେଷ୍ଟ କରାଯାଉଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

# ଯଶୋବନ୍ତ ଜେଠ୍‌ୱାଙ୍କୁ କ୍ରାଇମବ୍ରାଞ୍ଚ ଏଡିଜି ଦାୟିତ୍ୱ



ଯଶୋବନ୍ତ ଜେଠ୍‌ୱା

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ରାଜ୍ୟ ସରକାର ବରିଷ୍ଠ ଆଇପିଏସ୍ ଅଫିସର ଯଶୋବନ୍ତ ଜେଠ୍‌ୱାଙ୍କୁ କ୍ରାଇମବ୍ରାଞ୍ଚ ଏଡିଜି ଭାବେ ନିଯୁକ୍ତ କରିଛନ୍ତି। ସେ ବର୍ତ୍ତମାନ ଆଇନ ଶୃଙ୍ଖଳା ଏଡିଜି ଥିବାବେଳେ ଅତିରିକ୍ତ ଭାବେ ଏହି ଦାୟିତ୍ୱ ସମ୍ଭାଳିବେ। ଏନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ସେ ଏହି ଅତିରିକ୍ତ ଦାୟିତ୍ୱ ସମ୍ଭାଳିବେ। ସୂଚନାଯୋଗ୍ୟ, ତାଙ୍କ ପୂର୍ବରୁ ଆଇପିଏସ୍ ଅଫିସର ସୌମେନ୍ଦ୍ର ପ୍ରିୟଦର୍ଶୀ କ୍ରାଇମବ୍ରାଞ୍ଚ ଏଡିଜି ଥିଲେ। ନିକଟରେ ସେ ଭୁବନେଶ୍ୱର-କଟକ କମିଶନରେଟ ପୋଲିସ କମିଶନର ଭାବେ ନୂଆ ନିଯୁକ୍ତି ପାଇବା ପରେ ଉକ୍ତ ପଦ ଖାଲି ପଡିଥିଲା।

# ଥାନାରେ ଭଙ୍ଗାରୁଜା, ପୋଲିସକୁ ମାଡ଼

**ବଇଣ୍ଡା, ୧୨।୩(ଡି.ଏନ.ଏ.)**



ବିବାଦୀୟ ଜମିରେ ଥିବା ଘରକୁ ଭାଙ୍ଗି ଦିଆଯାଇଛି।

ଜମିଜମା ବିବାଦକୁ କେନ୍ଦ୍ରକରି ଅନୁଗୋଳ ଜିଲା କିଶୋରନଗର ଥାନା ପରିସରରେ ଶୁକ୍ରବାର ତୁମୁଳକାଣ୍ଡ ଘଟିଛି। ଅଭିଯୋଗ କରିବାକୁ ଆସିଥିବା ଜଣେ ବ୍ୟକ୍ତି ଓ ତାଙ୍କ ସମର୍ଥକମାନେ ତଦନ୍ତରେ ବିଳମ୍ବ ପ୍ରତିବାଦରେ ଥାନାରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମାଡ଼ ମରିଥିବା ଅଭିଯୋଗ ହୋଇଛି। ସବ୍‌ଇନ୍ସପେକ୍ଟର କେଲୁଚରଣ ଜେନାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୭/୨୧ରେ ଏକ ମାମଲା ରୁଜୁ କରି ୧୧ ଅଭିଯୁକ୍ତ ଧଉରାପାଲି ଗ୍ରାମର ପବିତ୍ର ବେହେରା, ମୁରଲି ବେହେରା, ସରୋଜିନୀ ବେହେରା, ଜୟନ୍ତୀ ବେହେରା, ବିଜୁଳି ବେହେରା, ପ୍ରମୋଦ ଲୁହା, ମାନବୀ ବେହେରା, ପାଣ୍ଡୁରିପଥର ଗ୍ରାମର ବସନ୍ତ ବେହେରା, ବାସନ୍ତୀ ବେହେରା, ଅନିତା ବେହେରା, ରେଢାଖୋଲ ଥାନା କୁରୁମଟିକିରା ଗ୍ରାମର ଅପର୍ଣ୍ଣା ବାଘଙ୍କୁ ଗିରଫ କରିଛି। ପୋଲିସ କହିଛି, ପାଣ୍ଡୁରିପଥର ଗ୍ରାମର ସବିତା ବେହେରାଙ୍କ ଏକ ଜମିକୁ ମୁରଲି ବେହେରା ଓ ତାଙ୍କ ପୁଅ ପବିତ୍ର ବେହେରା ଦଖଲ କରି ଅସ୍ଥାୟୀ ଘର ନିର୍ମାଣ କରିଥିଲେ। ଏ ନେଇ ପୂର୍ବରୁ ସବିତା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆ ନ ଯିବାରୁ ଶୁକ୍ରବାର ସେ ଉକ୍ତ ଘରକୁ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ମୁରଲୀଙ୍କ ପରିବାର ଓ ସବିତା ମୁହାଁମୁହିଁ ହୋଇଥିଲେ। ପରେ ଉଭୟ ପକ୍ଷ ସେମାନଙ୍କ ସମର୍ଥକଙ୍କୁ ଧରି ଥାନାରେ ପହଞ୍ଚିଥିଲେ। ପୋଲିସ ଘଟଣାସ୍ଥଳକୁ ଯିବାରେ କିଛି ସମୟ ବିଳମ୍ବ କରିବାରୁ ପ୍ରତିବାଦରେ ମୁରଲୀଙ୍କ ସହ ସମର୍ଥକମାନେ ଥାନାରେ ପଶି ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ପରେ ପୋଲିସ ସେମାନଙ୍କୁ କାବୁ କରି ଗିରଫ କରିବା ସହ କୋର୍ଟଚାଲାଣ କରିଛି।

# ଦୁଇଦିନ ଝଡ଼ବର୍ଷା

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

**୧୫ ଜିଲାକୁ ୟେଲୋ ୱାର୍ନିଂ**

ଗତ କିଛିଦିନ ହେବ କାଳବୈଶାଖୀ ଯୋଗୁ ତାତି ନିୟନ୍ତ୍ରଣରେ ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୩୦ରୁ ୩୮ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି। ଆସନ୍ତା ଦୁଇଦିନ ଅଧିକାଂଶ ଜିଲାରେ ଝଡ଼ବର୍ଷା ହୋଇପାରେ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୫ ଜିଲାରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବା ସମ୍ଭାବନା ରହିଛି। ସେହି ଜିଲାଗୁଡ଼ିକ ହେଲା ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୋନପୁର, ଯାଜପୁର ଏବଂ ଭଦ୍ରକ। ଏହିସବୁ ଜିଲା ପାଇଁ ପାଣିପାଗ ବିଭାଗ ୟେଲୋୱାର୍ନିଂ ଜାରି କରିଛି। ଏହାଛଡ଼ା ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ, ନବରଙ୍ଗପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବା ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବାଧିକ ୩୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ମାଲକାନଗିରିରେ ୩୮, ସୁନ୍ଦରଗଡ଼ରେ ୩୭.୫, ତାଳଚେରରେ ୩୭.୩, ଭବାନୀପାଟଣାରେ ସର୍ବୋଚ୍ଚ ତାପମାତ୍ରା ୩୭.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।




# 'ପଶ୍ଚିମବଙ୍ଗରେ ଆରମ୍ଭ ହୋଇଛି ପରିବର୍ତ୍ତନ'

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**



ଧର୍ମେନ୍ଦ୍ର ପ୍ରଧାନ

ନିର୍ବାଚନ ପାଇଁ ପଡୁଛି ଉଠୁଛି ପଶ୍ଚିମବଙ୍ଗ ରାଜନୀତି। ନିର୍ବାଚନ ଦିନ ପାଖେଇ ଆସୁଥିବା ବେଳେ ସରଗରମ ହୋଇଉଠିଛି ପ୍ରଚାର ମଇଦାନ। ଏହିକ୍ରମରେ ୩ଦିନିଆ ପଶ୍ଚିମବଙ୍ଗ ଗସ୍ତରେ ଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନନ୍ଦିଗ୍ରାମ ଏବଂ ହଳଦିଆ ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରଚାର ଆରମ୍ଭ କରିଛନ୍ତି। ନନ୍ଦିଗ୍ରାମରୁ ଭାଜପା ପ୍ରାର୍ଥୀ ହୋଇଥିବା ଶୁଭେନ୍ଦୁ ଅଧିକାରୀଙ୍କ ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ଆୟୋଜିତ ବିଶାଳ ଶୋଭାଯାତ୍ରାରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ପଶ୍ଚିମବଙ୍ଗରେ ପରିବର୍ତ୍ତନ ଯାତ୍ରା ଆରମ୍ଭ ହୋଇଛି। ଦେଶବାସୀ ଚାହୁଁଛନ୍ତି ଏହି ପରିବର୍ତ୍ତନ ହଳଦିଆ, ନନ୍ଦିଗ୍ରାମ ଏବଂ ପୂର୍ବ ମେଦିନାପୁରରୁ ଆରମ୍ଭ ହେଉ। ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ସମେତ ବହୁ ତୁଙ୍ଗନେତା ଉପସ୍ଥିତ ଥିଲେ।

ନନ୍ଦିଗ୍ରାମ ଆସନର ଦଳୀୟ ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ଏବଂ ହଳଦିଆ ଆସନରୁ ନିର୍ବାଚନ ଲଢୁଥିବା ତାପସୀ ମଣ୍ଡଳଙ୍କ ପାଇଁ ଆୟୋଜିତ ଏକ ବିଶାଳ ଜନସଭାକୁ ସମ୍ବୋଧନ କରି ଧର୍ମେନ୍ଦ୍ର କହିଛନ୍ତି, ୯୧ବର୍ଷ ପୂର୍ବେ ମାର୍ଚ୍ଚ ୧୨ରେ ମହାତ୍ମା ଗାନ୍ଧୀ ବ୍ରିଟିଶ ଶାସନ ବିରୋଧରେ ସାବରମତୀ ଆଶ୍ରମରୁ ଦାଣ୍ଡି ପର୍ଯ୍ୟନ୍ତ ଲବଣ ସତ୍ୟାଗ୍ରହ କରିଥିଲେ। ଏହି ଐତିହାସିକ ଦିନକୁ ମନେ ପକାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅମୃତ ମହୋତ୍ସବର ଶୁଭାରମ୍ଭ କରିଛନ୍ତି। ପଶ୍ଚିମବଙ୍ଗରେ ପରିବର୍ତ୍ତନର ଯାତ୍ରା ଆରମ୍ଭ ହୋଇଛି। ମୋଦି ସରକାର ଆୟୁଷ୍ମାନ ଭାରତ ଯୋଜନାର ଲାଭ ପଶ୍ଚିମବଙ୍ଗବାସୀ ପାଇପାରୁନାହାନ୍ତି। ମମତା ଦିଦି ଚାଷୀଙ୍କୁ କେନ୍ଦ୍ରୀୟ ଜନକଲ୍ୟାଣ ଯୋଜନାରୁ ବଞ୍ଚିତ କରି ରଖିଛନ୍ତି। ହଳଦିଆରେ ରୋଜଗାର ସମ୍ଭାବନା ଥିଲେ ବି ସୁଫଳ ମିଳୁନାହିଁ। ଏଠାକାର ଜନସାଧାରଣ ଭୟ, ଭ୍ରଷ୍ଟାଚାର, କୁଶାସନ, ଗୁଣ୍ଡାଗର୍ଦ୍ଦି ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ପାଇଁ ମନସ୍ଥିର କରି ସାରିଥିବା ଧର୍ମେନ୍ଦ୍ର କହିଛନ୍ତି।

# ରାଜ୍ୟରେ ୭୦୦ ଫାୟାର ପଏଣ୍ଟ

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**


ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁ ଏବେ ଜାତୀୟ ପ୍ରସଙ୍ଗ ପାଲଟିଛି। ଏହା ଉପରେ ତାଜା ତଥ୍ୟ ଦେଉଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ସୂଚନାନୁସାରେ, ଶିମିଳିପାଳ ଜଙ୍ଗଲର ୯ଟି ଫାୟାର ପଏଣ୍ଟ ଚିହ୍ନଟ ହୋଇଥିବାବେଳେ ରାଜ୍ୟର ମୋଟ୍ ୭୦୦ଟି ଫାୟାର ପଏଣ୍ଟ ପଞ୍ଜୀକରଣ କରାଯାଇଛି। ତେବେ ବନାଗ୍ନି ପ୍ରଶମନ ଓ ପରିଚାଳନା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରୟାସ ଜାରି ରଖିଛନ୍ତି। ବର୍ତ୍ତମାନ ଜଙ୍ଗଲ ନିଆଁ ନିୟନ୍ତ୍ରଣରେ ରହିଛି। ଶିମିଳିପାଳ ଜଙ୍ଗଲ ସମେତ ରାଜ୍ୟର କିଛି ଅଂଶରେ ବର୍ଷା ହୋଇଛି। ଫଳରେ ବ୍ୟାପୁଥିବା ବନାଗ୍ନି ରୋକିବାରେ ସହାୟକ ହେଉଛି ବୋଲି ଫରେଷ୍ଟ ଫାୟାର ଟାସ୍କ ଫୋର୍ସ ଅଧ୍ୟକ୍ଷ ସନ୍ଦୀପ ତ୍ରିପାଠୀ କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରୀୟ ଟିମ୍ ଶୁକ୍ରବାର ଶିମିଳିପାଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। କେନ୍ଦ୍ରୀୟ ଟିମ୍‌ର ସଦସ୍ୟ ତଥା ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ)ର ଆଇଜିଏଫ୍ ଅମିତ ମଲ୍ଲିକ ଓ ଅନ୍ୟତମ ସଦସ୍ୟ ତଥା ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଡିଡିଜି ସୁବ୍ରତ ମହାପାତ୍ର ଶିମିଳିପାଳରେ କ୍ୟାମ୍ପ କରି ଜଙ୍ଗଲ ଓ ଲାଗିଥିବା ନିଆଁର କାରଣ, ନିୟନ୍ତ୍ରଣ ଓ କ୍ଷୟକ୍ଷତି ଆଦିକୁ ନିରୀକ୍ଷଣ କରୁଛନ୍ତି। ସେମାନଙ୍କ ସହ ଫାୟାର ଟାସ୍କ ଫୋର୍ସର ଦୁଇଜଣ ଅଧିକାରୀ ଅଛନ୍ତି। ସେମାନଙ୍କ ପ୍ରତ୍ୟାବର୍ତ୍ତନ ପରେ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତ୍ରିପାଠୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ରାଜ୍ୟରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଜଙ୍ଗଲ ନିଆଁ ଯେପରି ଅଧିକ ତୀବ୍ର ନ ହେବ ସେଥିପାଇଁ ସତର୍କ ଓ ସଜାଗ ରହିବାକୁ କୁହାଯାଇଛି। ରାତିରେ ପାଟ୍ରୋଲିଂ ସହ ଅଗ୍ନି ସତର୍କତା ଗାଇଡ୍‌ଲାଇନ୍ ଆଧାରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କ୍ଷେତ୍ର ବନ କର୍ମଚାରୀଙ୍କ ସୂଚନା ଆଧାରରେ ଫାୟାର ପଏଣ୍ଟକୁ ଯିବାପରେ ଓଏଫ୍‌ଏମ୍‌ଏସ୍‌ରେ ଫଟୋ ସହିତ ପଦକ୍ଷେପ ନେଇ ସୂଚନା ଅପ୍‌ଲୋଡ୍ କରାଯାଉଛି। ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନାନୁସାରେ, ସମସ୍ତ ଫାୟାର ପଏଣ୍ଟଗୁଡ଼ିକରୁ ୯୫%ରୁ ଅଧିକ ସ୍ଥାନରେ ନିଆଁକୁ ରୋକାଯାଇପାରିଛି। ବନାଗ୍ନି ହ୍ରାସ ପାଇଁ ନିୟୋଜିତ ଅଗ୍ନି ନିରୀକ୍ଷକ, ଭିତ୍ତିଭୂମି ସହ ନିଆଁ ଲିଭାରେ ବ୍ୟବହୃତ ଲିଫ୍ ବ୍ଲୋୟର ସଂଖ୍ୟାକୁ ପ୍ରାୟ ଦୁଇଗୁଣ ବୃଦ୍ଧି କରାଯିବା ପାଇଁ ପଦକ୍ଷେପ ନିଆଯାଇଛି। ପିଆର୍‌ଆଇ ଓ ଏସ୍‌ଏଚ୍‌ଜି ସହାୟତାରେ ସ୍ଥାନୀୟ ଅଧିବାସୀଙ୍କ ଯୋଗଦାନକୁ ସୁଦୃଢ଼ କରିବାକୁ ଡିଏଫ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଫରେଷ୍ଟ ଫାୟାର ଟାସ୍କ ଫୋର୍ସ ଅଧ୍ୟକ୍ଷ ତ୍ରିପାଠୀ କହିଛନ୍ତି।

## ଶିମିଳିପାଳରେ କେନ୍ଦ୍ରୀୟ ଟିମ୍





ହତବୁଦ୍ଧି ହୋଇ ଯାଅନା । ଭୁଲିଯିବା ପାଇଁ ଚେଷ୍ଟା କରନା । ଅବଚେତନା ଭିତରକୁ ଖସିପଡନା । କାରଣ, ତୁମକୁ ଶେଷ ପର୍ଯ୍ୟନ୍ତ ଯିବାକୁ ହିଁ ପଡିବ । ... ଗୋଟିଏ ଦିନରେ କେହି ନିଜ ପ୍ରକୃତିକୁ ଜୟ କରିପାରେ ନାହିଁ । ଧୈର୍ଯ୍ୟ ଓ ସ୍ଥିର ସଂକଳ୍ପ ଥିଲେ ବିଜୟ ସୁନିଶ୍ଚିତ । -ଶ୍ରୀମା



# ସଂସ୍କାରରେ ଶିଥିଳତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିଆଙ୍କ ପୁସ୍ତକ 'ଇଣ୍ଡିଆ ଅନ୍‌ଲିମିଟେଡ୍-ରିକ୍ଲେମିଂ ଦି ଲଷ୍ଟ ଗ୍ଲୋରି' ଗତବର୍ଷ ପ୍ରକାଶ ପାଇଥିଲା । ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଭାରତରେ କାର୍ଯ୍ୟରତ ବାବୁମାନେ ସୋସିଆଲ ହ୍ୟାଙ୍ଗ ଓଭରରେ ଆକ୍ରାନ୍ତ । ଏଣୁ ମୋଦି ସରକାର ଆରମ୍ଭ କରିବାକୁ ଚାହୁଁଥିବା ସଂସ୍କାର ଶିଥିଳ ହୋଇଯାଉଛି । ପାନଗାରିଆ ତାଙ୍କ ପୁସ୍ତକରେ ମୋଦିଙ୍କ ସଂସ୍କାରଭିତ୍ତିକ ଦୃଷ୍ଟିକୋଣକୁ ସମର୍ଥନ କରିଛନ୍ତି । ଏହା ସହ ସେ ଏହି ପୁସ୍ତକରେ ମୋଦିଙ୍କ ଲାଟେରାଲ ଏଣ୍ଟ୍ରି (ସରକାର ବାହାର ସଂସ୍ଥାଗୁଡ଼ିକରୁ ଯୋଗ୍ୟ ତଥା ଦକ୍ଷତାସମ୍ପନ୍ନ ବ୍ୟକ୍ତିଙ୍କୁ ଅମଲାତନ୍ତ୍ରରେ ଅବସ୍ଥାପିତ କରିବା) ଅଭିଯାନ ସମ୍ପର୍କରେ ଦର୍ଶାଇଛନ୍ତି । ପାନଗାରିଆଙ୍କ ମତରେ, ବାବୁମାନେ ମୋଦିଙ୍କ ସଂସ୍କାର ପ୍ରକ୍ରିୟାକୁ ଏତେ ଧୀମା କରିଦେଲେ ଯେ, ତାଙ୍କ ଶାସନର ପ୍ରଥମ ପାଳିର ଶେଷ ବେଳକୁ ବାହାରୁ ମାତ୍ର ୯ ଜଣ ଅଧିକାରୀଙ୍କୁ ଅମଲାତନ୍ତ୍ରରେ ସାମିଲ କରାଯାଇପାରିଥିଲା । ତେବେ ସରକାର ତାଙ୍କ ଅଭିଯାନରୁ ପଛକୁ ହଟିବା ଲକ୍ଷ୍ୟ କରାଯାଉନାହିଁ । ଏବେ ଘରୋଇ କ୍ଷେତ୍ରର ୩୦ ଜଣରୁ ଅଧିକ ଦକ୍ଷ ଅଧିକାରୀଙ୍କୁ ଆଣି ବିଭିନ୍ନ ସରକାରୀ ବିଭାଗରେ ନୀତି ନିର୍ଦ୍ଧାରଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଯୁଗ୍ମ ସଚିବ ଓ ନିର୍ଦ୍ଦେଶକ ପଦବୀରେ ଏମାନଙ୍କୁ ଚୁକ୍ତି ଭିତ୍ତିକ ନିଯୁକ୍ତି ଦେବା ପାଇଁ ସରକାର ଆଉ ଥରେ ଆଗକୁ ବଢିଛନ୍ତି । ଇଣ୍ଟରଭ୍ୟୁ ପାଇଁ ଯୋଗ୍ୟ ଅଧିକାରୀମାନଙ୍କର ଏକ ତାଲିକା ୟୁନିୟନ ପବ୍ଲିକ ସର୍ଭିସ କମିଶନ( ୟୁପିଏସ୍‌ସି) ବା କେନ୍ଦ୍ର ଲୋକସେବା ଆୟୋଗ ପ୍ରସ୍ତୁତ କରିବ ବୋଲି ସୂତ୍ରରୁ ପ୍ରକାଶ । ଘରୋଇ କ୍ଷେତ୍ରର ନୂତନ ପ୍ରତିଭାମାନଙ୍କୁ ଅମଲାତନ୍ତ୍ରରେ ନିଯୁକ୍ତି ଦେବା ପ୍ରକ୍ରିୟା ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ପ୍ରଥମ ପାଳିରେ ଆରମ୍ଭ କରିଥିଲେ । କିନ୍ତୁ ନିଯୁକ୍ତିର ପ୍ରଥମ ପର୍ଯ୍ୟାୟରେ ସରକାର ଯାହା ଆଶା କରୁଥିଲେ ସେଥିରେ ସଫଳତା ପାଇପାରିନାହାନ୍ତି । ସରକାର ୧୦ ଜଣ କ୍ଷେତ୍ର ବିଶେଷଜ୍ଞଙ୍କୁ ଚୟନ କରିଥିଲେ ,କିନ୍ତୁ ଏମାନଙ୍କ ମଧ୍ୟରୁ ୯ ଜଣଙ୍କୁ ନିଯୁକ୍ତି ଦେବାରେ ସକ୍ଷମ ହୋଇପାରିଥିଲେ । ଏମାନଙ୍କ ମଧ୍ୟରେ ଥିବା ଅରୁଣ ଗୋୟଲ ବାଣିଜ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ ଯୋଗ ଦେଇଥିଲେ ଓ ପ୍ରାୟ ବର୍ଷେ ପରେ ସେ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଥିଲେ । ଏହାଦ୍ୱାରା ଲାଟେରାଲ ଏଣ୍ଟ୍ରି ପ୍ରଶାସନିକ ପଦ୍ଧତିରେ ସଂସ୍କାର ଆଣିବା ପରିବର୍ତ୍ତେ ଏଥିରେ ନିଯୁକ୍ତିପ୍ରାପ୍ତ ଯୋଗ୍ୟ ଅଧିକାରୀମାନେ ଗୋୟଲଙ୍କ ଭଳି ଇସ୍ତଫା ଦେଇ ଉଦାହରଣ ପାଲଟିବାର ଅଧିକ ସମ୍ଭାବନା ରହିଛି । ଆଉ ମଧ୍ୟ ସେମାନଙ୍କ ନିଯୁକ୍ତିର ବର୍ଷେ ପରେ ଭାରତୀୟ ବନ ସେବା ଅଧିକାରୀ( ଆଇଏଫ୍‌ଏସ୍) ତଥା ହ୍ୱିସିଲ ବ୍ଲୋୟର ସଞ୍ଜୀବ ଚତୁର୍ବେଦୀ ଲାଟେରାଲ ଏଣ୍ଟ୍ରିରେ ସରକାରଙ୍କ ଦ୍ୱାରା ନିଯୁକ୍ତ ୯ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଶନ ଟ୍ରିବ୍ୟୁନାଲ(ସିଏଟି)ରେ ଦାଖଲ କରିବା ପରେ ୟୁପିଏସ୍‌ସିକୁ ନୋଟିସ ଜାରି କରିଥିଲେ ସିଏଟି । ଏହାକୁ ନେଇ ସରକାର ଏବେ ତୀବ୍ର ସମାଲୋଚନାର ସମ୍ମୁଖୀନ ହେଉଛନ୍ତି । ବିରୋଧୀ ଦଳର କେତେଜଣ ନେତା ଏହି ନୀତିରୁ ସରକାର ଓହରି ଯିବା ପାଇଁ ଦାବି କରୁଛନ୍ତି । ସରକାରଙ୍କ ଏଭଳି ପଦକ୍ଷେପ ସାମ୍ବିଧାନିକ ଅଧିକାର ଉଲ୍ଲଂଘନ କରୁଛି ବୋଲି ଅଭିଯୋଗ ଆଣିଛନ୍ତି ଭୀମ ଆର୍ମିର ମୁଖ୍ୟ ଚନ୍ଦ୍ରଶେଖର ଆଜାଦ । ସେ ପାର୍ଲାମେଣ୍ଟ ଘେରାଉ କରିବା ପାଇଁ ବି ଧମକ ଦେଇଛନ୍ତି । ୟୁପିଏସ୍‌ସିର ଲାଟେରାଲ ଏଣ୍ଟ୍ରି ପ୍ରକ୍ରିୟାରେ ନିଯୁକ୍ତି ଯୁବପିଢ଼ିଙ୍କ ପ୍ରତି ଅନ୍ୟାୟ ବୋଲି କହିଛନ୍ତି ରାଷ୍ଟ୍ରୀୟ ଜନତାଦଳ ନେତା ତେଜସ୍ୱୀ ଯାଦବ । ଲାଟେରାଲ ଏଣ୍ଟ୍ରିକୁ ନେଇ ବାହାରୁ ରାଜନୈତିକ ପ୍ରତିରୋଧ ପ୍ରକାଶ ପାଉଛି । ଅନ୍ୟ ପକ୍ଷରେ ବାବୁମାନେ ସେମାନଙ୍କ ପଦବୀ ବଞ୍ଚାଇବା ପାଇଁ ପ୍ରବଳ ଚେଷ୍ଟା ବି କରିପାରନ୍ତି । ତେବେ ଏଭଳି ପରିସ୍ଥିତିରେ ଉପୁଜିଥିବା ସମସ୍ୟାରୁ ସରକାର କିପରି ପାର ପାଇବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## କେରଳ ନିର୍ବାଚନ ଓ ଇଡି

ବିଦେଶ ବିନିମୟ ନିୟନ୍ତ୍ରଣ ଆଇନ(ଏଫଇଆର୍‌ଏ) ଉଲ୍ଲଂଘନ ଅଭିଯୋଗରେ ଦି ଏନ୍‌ଫୋର୍ସମେଣ୍ଟ ଡିପାର୍ଟମେଣ୍ଟ (ଇଡି) ବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କେରଳ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ୍ ବୋର୍ଡ (କେଆଇଆଇଏଫ୍‌ବି)ର ବରିଷ୍ଠ ଅଧିକାରୀମାନଙ୍କ ବିରୋଧରେ ମାମଲା ଦାୟର କରିଛି । ରାଜ୍ୟରେ ଚାରିଆଡ଼େ ନିର୍ବାଚନ ଉଷ୍ମତା ଲାଗି ରହିଥିବାବେଳେ ତଦନ୍ତର ସମୟକୁ ନେଇ ପ୍ରଶ୍ନ ଉଠିଛି । କେରଳରେ ଶାସନରେ ଥିବା ଲେଫ୍ଟ ଡେମୋକ୍ରାଟିକ ଫ୍ରଣ୍ଟ୍ (ଏଲଡିଏଫ୍) ଇଡିଙ୍କ ଏଭଳି ପଦକ୍ଷେପକୁ ଏକ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି । ରାଜ୍ୟରେ ଶାସକ ଦଳକୁ କ୍ଷତି ପହଞ୍ଚାଇବାକୁ ଉଦ୍ୟମ କରୁଥିବା ଭାରତୀୟ ଜନତା ପାର୍ଟି(ଭାଜପା) ପ୍ରରୋଚିତରେ ଏହା କରାଯାଇଥିବା ପ୍ରକାଶ କରିଛି ଏଲ୍‌ଡିଏଫ୍ । କେଆଇଆଇଏଫ୍‌ବିର ସିଇଓ ତଥା କେରଳର ପୂର୍ବତନ ମୁଖ୍ୟ ଶାସନ ସଚିବ ଡ.କେ.ଏମ୍.ଆବ୍ରହାମ ଓ କାର୍ଯ୍ୟରତ କେରଳ କ୍ୟାଡର ଆଇପିଏସ୍ ଅଧିକାରୀ ତଥା ଡେପୁଟି ପରିଚାଳନା ନିର୍ଦ୍ଦେଶକ ବିକ୍ରମଜିତ୍ ସିଂହଙ୍କୁ ଇଡି ନୋଟିସ ଜାରି କରିଛି । ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ବୋର୍ଡର ଅଧ୍ୟକ୍ଷ ରହିଛନ୍ତି । ଏଥିପାଇଁ ଶାସକ ଦଳ ଇଡିଙ୍କ ପଦକ୍ଷେପକୁ ନିର୍ବାଚନ ସହ ଯୋଡିବାରେ କିଛି ଅଶ୍ଚର୍ଯ୍ୟ ହେବାର ନାହିଁ । ଏଲ୍‌ଡିଏଫ୍ ନେତାମାନେ କହିଛନ୍ତି ଯେ, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ ବୋର୍ଡ ବିରୋଧରେ ମନ୍ତବ୍ୟ ଦେବା ପରେ ହିଁ ଇଡି ଏଭଳି ତଦନ୍ତ କରିବାକୁ ଆଗକୁ ବଢ଼ିଲା । କିନ୍ତୁ କେନ୍ଦ୍ର ଏଲ୍‌ଡିଏଫ୍‌ର ଏଭଳି ଅଭିଯୋଗକୁ ଅସ୍ୱୀକାର କରିଛି । ଇନ୍‌ଫ୍ରା ପ୍ରୋଜେକ୍ଟ ପାଇଁ ବୋର୍ଡ ବଣ୍ଡ୍ ଇସ୍ୟୁ କରି ୨,୧୦୦ କୋଟି ଟଙ୍କା ପାଇଛି, କିନ୍ତୁ ତାହାକୁ ସଂସ୍କୃତି, ମତ୍ସ୍ୟ ଏବଂ ପର୍ଯ୍ୟଟନ ବିଭାଗରେ ଖର୍ଚ୍ଚ କରାଯାଇଥିବା ଇଡିର ତଦନ୍ତରୁ ଜଣାପଡ଼ିବା ସହ ରାଜ୍ୟ ସରକାର କେନ୍ଦ୍ରର ବିନା ଅନୁମତିରେ ବଣ୍ଡ ଇସ୍ୟୁ କରି ନିୟମ ଭଙ୍ଗ କରିଥିବା କୁହାଯାଉଛି ।

Email: dilipcherian@gmail.com

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | | | 9 | | | | A | 6 | | 5 | |
| | 2 | 4 | | B | 5 | | | | 0 | | | | | C |
| | | 3 | 8 | 1 | | | | 6 | | 4 | | | 0 | |
| | 9 | C | 0 | | E | | | | | | | | | |
| 6 | | | | 3 | 7 | 8 | | 2 | | | | B | | 9 |
| 8 | | D | | | | | | | | 2 | B | E | C | 3 |
| 4 | | | 7 | D | | | 5 | | | | | 8 | | |
| | | | E | 0 | | | | | | | | | | 4 |
| | 7 | 1 | | | 8 | C | | | | D | | 9 | | 6 |
| | A | | | | | | 8 | | | | | | | |
| 0 | | | D | | | | | | | E | 5 | 4 | 8 | |
| | C | E | 4 | | 6 | | | 3 | | B | | | | |
| D | 4 | | 5 | | | | 2 | | | C | 1 | | 9 | |
| A | | | | E | B | | | 0 | | | | 6 | | 2 |
| 9 | | | 1 | | | 5 | B | | | | A | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 6 | 7 | A | E | 1 | 3 | 8 | 4 | B | 0 | 5 | 9 | C | D |
| 4 | D | 1 | 6 | 7 | 8 | 9 | 2 | B | C | A | E | 0 | 3 | 5 |
| A | 3 | C | 5 | 0 | 4 | D | 1 | 7 | 9 | 2 | 6 | E | 8 | B |
| B | 5 | 0 | 9 | D | 3 | 6 | E | C | 8 | 1 | 7 | A | 2 | 4 |
| 9 | E | 8 | B | C | 2 | A | 0 | 5 | D | 3 | 4 | 6 | 1 | 7 |
| 1 | 4 | E | 8 | 9 | 0 | 5 | 7 | A | 6 | C | 2 | B | D | 3 |
| D | 8 | 6 | 2 | B | 5 | 0 | C | 1 | 3 | 7 | A | 4 | 9 | E |
| 0 | C | B | 4 | 6 | A | 8 | 9 | 3 | 5 | E | D | 2 | 7 | 1 |
| 3 | A | 9 | E | 1 | 7 | B | D | 2 | 0 | 4 | 8 | 5 | 6 | C |
| 5 | 7 | 2 | C | 3 | D | E | 4 | 6 | 1 | 9 | B | 8 | A | 0 |
| 6 | B | A | D | 8 | 9 | 1 | 3 | 0 | 4 | 5 | C | 7 | E | 2 |
| C | 9 | 4 | 3 | 2 | 6 | 7 | 5 | D | E | 8 | 0 | 1 | B | A |
| 7 | 1 | 5 | 0 | A | B | C | 6 | E | 2 | D | 9 | 3 | 4 | 8 |
| 8 | 2 | D | 1 | 5 | E | 4 | A | 9 | 7 | B | 3 | C | 0 | 6 |
| E | 0 | 3 | 7 | 4 | C | 2 | B | 8 | A | 6 | 1 | D | 5 | 9 |

ଗତକାଲିର ଉତ୍ତର

# ଦଳୀୟ ରାଜନୀତି ଓ ଜିଡିପି



ସହଦେବ ସାହୁ

ଉପସ୍ଥିତ କୃଷକ ଆନ୍ଦୋଳନ ସମ୍ବନ୍ଧରେ ଆଲୋଚନା ବେଳେ ଘରୋଇ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ନୂଆ କୃଷି ଆଇନ ଅଣାଯାଇଛି ବୋଲି ବେଶ୍ ଚର୍ଚ୍ଚା ହେଉଛି, ତେଣେ ଆମ ଦେଶର ସ୍ଥୂଳ ଆୟ, ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ (ଜିଡିପି) କାହିଁକି କମିଯାଉଛି ବୋଲି ସରକାରଙ୍କ ଉପରେ ଦୋଷ ଲଦୁଛ । ଦେଶର ଆଭ୍ୟନ୍ତରୀଣ ପୁଞ୍ଜି ଲଗାଣ ସରକାରଙ୍କ ଟିକସ ଆୟ ପରିମାଣ ଦ୍ୱାରା ସୀମିତ, ଟିକସ ନ ବଢ଼ାଇ ବିକାଶ ଦିଗରେ ପୁଞ୍ଜି ଲଗାଣ ବଢ଼ାଇବାର ସହଜ ଉପାୟ ହେଉଛି ବେସରକାରୀ ବା ଘରୋଇ ପୁଞ୍ଜିକୁ ଆମନ୍ତ୍ରଣ କରିବା । ପୁଞ୍ଜି ଲଗାଣ ମାନେ ଦେଶ ଭିତରେ ଖର୍ଚ୍ଚ ହେବ, ଖର୍ଚ୍ଚ ହିଁ ଜିଡିପି ବଢ଼ାଏ, ସଞ୍ଚୟ ନୁହେଁ । କାମ ଜରିଆରେ ହେଉ ବା ଟିକସ ରିହାତି ଜରିଆରେ ହେଉ ବା ସାହାଯ୍ୟ ଭାବରେ ହେଉ, ଲୋକଙ୍କ ହାତରେ ପଇସା ଆସିଲେ ଜିନିଷ କିଣିବାକୁ ମଣିଷର ମନ ହେବ, ପରିବାରର ସ୍ୱାସ୍ଥ୍ୟ ତଥା ପିଲାଙ୍କ ଶିକ୍ଷା ଭଳି ସେବାରେ ଖର୍ଚ୍ଚ କରିବାକୁ ମନ ବଳିବ । ଜିନିଷ ବିକ୍ରି ହେଲେ ସେହି ଜିନିଷର ଉତ୍ପାଦନ ବଢ଼ିବ, ସେବା ଆଦାୟ କଲେ ସେବାଯୋଗାଣକାରୀର ବ୍ୟବସାୟ ବଢ଼ିବ, ତେଣୁ ଜିଡିପି ବଢ଼ିବ । ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ନିର୍ବାଚନ ପ୍ରଚାରରେ ବା ଇସ୍ତାହାରରେ ମାଗଣା ସାମଗ୍ରୀ ବା ସେବା (ଫ୍ରିବି) ଯୋଗାନ୍ତି ବା ଯୋଗାଇବାର ପ୍ରତିଶ୍ରୁତି ଦିଅନ୍ତି, ଲୋକେ ଭାବନ୍ତି ଏସବୁ ଅନୈତିକ । ଅର୍ଥନୀତି ଶାସ୍ତ୍ର ନୈତିକତା ପ୍ରତି ଉଦାସୀନ, ଚୋରି ଜିନିଷର କାରବାର ବା କଳା କାରବାରରେ ପଇସା ଯଦି କିଣାକିଣିରେ ଲାଗିଲା, ତାହା ଅର୍ଥନୈତିକ । ଲୋକଙ୍କ ଦୈନନ୍ଦିନ କାରବାରରେ ୮୫%ରୁ ବେଶି ଅନୈତିକ ଦେଖି ନୀତିଶାସ୍ତ୍ରର ଅଧ୍ୟାପକତ୍ୱ ଛାଡ଼ି ଅର୍ଥଶାସ୍ତ୍ରର ଅଧ୍ୟାପକ ହେଲେ 'ୱେଲ୍‌ଥ ଅଫ୍ ନାସନସ୍'ର ରଚୟିତା ଆଦାମ୍ ସ୍ମିଥ୍ । ରଣଛାଡ଼ କରିଦେବୁ, କି ସବ୍‌ସିଡି ଦେବୁ, ଜୋତା ଛତା ମୋବାଇଲ ଆଉ ପକ୍କା ଘର କରିଦେବୁ, ଏପରି କି ଝିଅ ବାହାଘରେ ମଙ୍ଗଳ ସୂତ୍ର ପ୍ରଦାନ ଭଳି କେତେ କ'ଣ ଯାଚୁଥିବା ରାଜନୈତିକ ଦଳଗୁଡ଼ିକ ଲୋକଙ୍କ ହାତରେ ପଇସା ଦିଅନ୍ତି, ଅଧିକା ପଇସା ପାଇଲେ ଲୋକେ ଖର୍ଚ୍ଚ କରିବେ, ତାହା ଜିଡିପି ବୃଦ୍ଧିରେ ଗଣାହେବ । ଟିକସଦାତାମାନଙ୍କ ପ୍ରତି ଏ ଏକ ବିଦ୍ରୁପ ଭଳି ମନେହୁଏ ସିନା ! ଯେତେବେଳେ ସରକାର ଟିକସ କମାନ୍ତି ଲୋକଙ୍କ ହାତକୁ ପଇସା ବେଶି ଆସେ । ଅର୍ଥନୀତି ବିଶାରଦମାନେ କହନ୍ତି, ଡିସ୍ପୋଜେବଲ ଇନକମ୍ ବଢ଼ିଯାଏ, ଲୋକଙ୍କ ଚାହିଦା ବଢ଼ିଯାଏ, କିଣିବାର ଇଚ୍ଛା ବଢ଼େ, ତେଣୁ ଦେଶରେ ଉତ୍ପାଦନ ପରିମାଣ ବଢ଼େ । ଅତିବୟସ୍କମାନଙ୍କୁ ତୀର୍ଥ ଯାତ୍ରାରେ ବୁଲାଇ ଆଣ, ଧର୍ମଗତ ଯାନିଯାତ୍ରାର ସୁବିଧା ଯୋଗାଅ, ଲୋକଙ୍କୁ ଛୁଟି କଟାଇବାର ସୁଯୋଗ ଦିଅ, ଏ ସବୁ ଜିଡିପି ବଢ଼ାଇବ । ଏହାର ଓଲଟା ହେଉଛି (ଅର୍ଥନୈତିକ ବୃଦ୍ଧି କମାଇବାର ପ୍ରକ୍ରିୟା ହେଉଛି) ଟିକସ ବଢ଼ାଅ, ଲୋକଙ୍କ ଯିବା ଆସିବା ବନ୍ଦକର, ଯାନିଯାତ୍ରାରେ ଲକ୍‌ଡାଉନ୍ କର, ଲୋକଙ୍କ ହାତକୁ କମ୍ ପଇସା ଆସିବ ବା ଲୋକେ ଖର୍ଚ୍ଚ କରିବାର ସୁବିଧା ପାଇବେ ନାହିଁ; ତେବେ ଜିଡିପି କମିଯାଇପାରେ । ଅବଶ୍ୟ ଦେଶ ବାହାରେ ବିକ୍ରି, ବିଦେଶକୁ ଟଙ୍କା ପଠାଇବା ବା ସେଠାରେ ଜମା କରିବା, ନିଜର ସେବା ବା ସାମଗ୍ରୀକୁ ବେଆଇନ ଭାବେ ବିକିବା ଆଦି ଜିଡିପିରେ ହିସାବ କରାଯାଏ ନାହିଁ ।

୨୦୧୨ରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଚାଲିଥିବା ନ୍ୟାଶନାଲ୍ ଡିମୋକ୍ରାଟିକ୍ ଆଲାଏନ୍ସ ଦେଶର ଚାରିକୋଣକୁ ଯୋଡ଼ିବା ପ୍ରକଳ୍ପ ସ୍ୱର୍ଣ୍ଣ ଚତୁର୍ଭୁଜ (ଗୋଲ୍‌ଡେନ୍ କ୍ୱାଡ୍ରିଲାଟେରାଲ) ଆରମ୍ଭ କଲେ, ତହିଁରେ ବଜେଟର ସିଧାସଳଖ ବରାଦ ନ ଥାଇ ପେଟ୍ରୋଲଜାତ ସାମଗ୍ରୀରୁ ମିଳିଥିବା ଅଥଚ ଖର୍ଚ୍ଚ ନ ହୋଇ ଜମା ରହିଥିବା ସେସ୍ ଟଙ୍କା ଖର୍ଚ୍ଚ ହେଲା, ପ୍ରାୟ ସମାନ ପରିମାଣର ପୁଞ୍ଜି ଘରୋଇ କ୍ଷେତ୍ରରୁ ବି ଆସିବାର ଥିଲା । ସଡ଼କ, ପୋଲ, ପାୱାର ଷ୍ଟେସନ, ଏୟାରପୋର୍ଟ ଆଦି ନୂଆ ନୂଆ ଭିତ୍ତିଭୂମି ନିର୍ମାଣ ଚାଲିଲା । ଆମର ମୋଟ ଘରୋଇ ଉତ୍ପାଦ ବା ଜିଡିପି (ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ) ବର୍ଷକୁ ହାରାହାରି ଶତକଡ଼ା ୯ ବଢ଼ିପାରିଲା । କିନ୍ତୁ ଏ ଆଶା ମଉଳିଗଲା ଯେତେବେଳେ ୟୁନାଇଟେଡ୍ ପ୍ରୋଗ୍ରେସିଭ୍ ଆଲାଏନ୍ସ ନାମରେ କଂଗ୍ରେସ ପରିଚାଳିତ ମିଳିତ ସରକାର ନିର୍ବାଚନ ଜିତିଲା କ୍ଷଣି ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାକୁ ବନ୍ଦ କରିଦେଲା, ଲୋକେ ଚାରିଆଡ଼େ ପାଟି କଲାରୁ କଂଗ୍ରେସ ପରିଚାଳିତ ଉପା ସରକାର ପୁଣି ସ୍ୱର୍ଣ୍ଣ ଚତୁର୍ଭୁଜ ଆରମ୍ଭ କଲେ, କିନ୍ତୁ ଶାସକଦଳର ନେତାମାନଙ୍କ ସମର୍ଥିତ କୁଜି ଠିକାଦାରମାନେ ବଡ଼ ବଡ଼ ଠିକାଦାରଙ୍କଠାରୁ ଉପଠିକା ନେଲେ, 'ପର୍ସେଣ୍ଟ' କାରବାରର ଏକ ଭିନ୍ନ ରୂପ ଦେଖାଗଲା । କୁଜି ନେତା ଓ ଅନୁଗତ ବେକାର ଯୁବଗୋଷ୍ଠୀଙ୍କୁ ଉପୁରି ଯୋଗାଇବାର ଏକ ଉପାୟ ହୋଇ ଯିବାରୁ ସାରା ଭାରତରେ ଦିନକୁ ମାତ୍ର ଗୋଟିଏ କିଲୋମିଟର ପାଖାପାଖି ରାସ୍ତା ବି ହୋଇପାରି ନ ଥିଲା । ଛ' ଲେନ୍ ରାସ୍ତା ତିଆରି ହେଉଥିଲା ସିନା, ପ୍ରତି ଉପଠିକାଦାରଙ୍କ ସୀମାରେ ଖାଲଢିପ ରହିଲା । 'ପାର୍ଟିର ଲୋକ'ଙ୍କ ଅର୍ଥାଭାବ ଓ ଅପାରଗତା ଯୋଗୁ ରାସ୍ତାରେ 'ପଟ୍‌ହୋଲ୍' ରହିଗଲା, ପ୍ରକାରାନ୍ତରେ ଦେଶର ଭିତ୍ତିଭୂମି ହିସାବ ଫର୍ଦ୍ଦରେ (ବାଲାନ୍ସ ଶିଟ୍‌ରେ) ହୋଲ୍ (ଗାତ) ରହିଗଲା, ଜିଡିପି ଅଭିବୃଦ୍ଧି ୭%ରେ ତଳକୁ ଖସିଗଲା ।

ପରିବହନ ଓ ଯାତାୟାତ ଯେତେ ସୁଗମ ହେବ, ଶିଳ୍ପ କାରଖାନା ବ୍ୟବସାୟ ବାଣିଜ୍ୟ ସେତେ ବଢ଼ିବ, ଦେଶର ଆର୍ଥିକ ବ୍ୟବସ୍ଥା ସେତେ ସୁଦୃଢ଼ ହେବ, ନାଗରିକମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ସେତେ ସୁଦୂର ପ୍ରସାରୀ ହେବ, ଦେଶର ସୁସ୍ଥ ଶିକ୍ଷିତ ଯୁବତୀ ଯୁବକମାନେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ହୋଇ ଦେଶର ସ୍ଥୂଳ ଉତ୍ପାଦ ବା ଜିଡିପି ବୃଦ୍ଧି କରିବେ । ଅବସର ନେଉଥିବା ଲୋକଙ୍କ ତୁଳନାରେ କର୍ମଲିପ୍ତ ଲୋକଙ୍କ ସଂଖ୍ୟା ବଢ଼ିଯିବ, ତାକୁ ଅର୍ଥନୀତିଜ୍ଞମାନେ ଜନସଂଖ୍ୟାର ଲାଭାଂଶ ବା ଡିମୋଗ୍ରାଫିକ୍ ଡିଭିଡେଣ୍ଡ କହନ୍ତି । ଯୁବତୀ ଯୁବକମାନେ କର୍ମସଂସ୍ଥାନ ନ ପାଇଲେ ଡିମୋଗ୍ରାଫିକ୍ କର୍ସ ବା ଜନସଂଖ୍ୟାର ଅଭିଶାପ ହୋଇଯାଏ, କାରଣ ଅବସର ନେଉଥିବା ଓ ଅକର୍ମଣ୍ୟ ହେଉଥିବା ଲୋକଙ୍କ ତୁଳନାରେ ରୋଜଗାର କରୁଥିବା ଲୋକଙ୍କ ସଂଖ୍ୟା ଖୁବ୍ କମ୍ ହୋଇଯାଏ, ସରକାର ବୃଦ୍ଧା ବୃଦ୍ଧ ତଥା ଅକର୍ମଣ୍ୟ ମାନଙ୍କୁ ସହାୟତା ଯୋଗାଇବାରେ ବେଶି ଖର୍ଚ୍ଚ କରନ୍ତି, ବିକାଶ କାମରେ ପୁଞ୍ଜିନିବେଶ କରିବାକୁ ଯଥେଷ୍ଟ ପୁଞ୍ଜି ମିଳେ ନାହିଁ ।

ଟିକସ ବସାଇ ପୁଞ୍ଜି ଆଣିଲେ ଭୋଟରମାନେ ବିମୁଖ ହେବେ ତ ଗଣତନ୍ତ୍ରରେ ନିର୍ବାଚନ-ବୈତରଣୀ ପାରହେବା ଶାସକ ଦଳର ନେତାମାନଙ୍କ ପକ୍ଷରେ ଅସମ୍ଭବ ହେବ: ତେଣୁ ଆମେରିକାର ଅର୍ଥନୀତିଜ୍ଞ ଓ ରାଜନେତାମାନେ ସମସ୍ୱରରେ ୧୯୮୦ ଦଶକରେ ଲିବେରାଲ୍ ଡିମୋକ୍ରାସୀ ଧାରଣା ଆଣିଲେ, ସରକାରୀ ପ୍ରୋତ୍ସାହନରେ ଘରୋଇ ପୁଞ୍ଜି ଦେଶର ବିକାଶରେ ଲାଗୁ । ସରକାରୀ ପ୍ରୋତ୍ସାହନ ଯେଉଁ ନେତାମାନେ ଦେବେ ସେମାନେ ନିଜର ପ୍ରଭାବ ଜାହିର କରିଥିବା କାରଣରୁ ମାସୁଲ ଆଦାୟ କରିବେ, ଏହାକୁ ଅର୍ଥଶାସ୍ତ୍ରୀମାନେ ରେଣ୍ଟିଂ (ଭଡ଼ା ଅର୍ଥରେ) କହନ୍ତି । ନିର୍ବାଚନୀ ଖର୍ଚ୍ଚ ତୁଲାଇବା ପାଇଁ ବେଶ୍ କିଛି ଅର୍ଥ ଯୋଗାଡ଼ କରିବା ସମ୍ଭବ ହେଲା ଅନୁଗୃହୀତ ପୁଞ୍ଜିନିବେଶକାରୀମାନଙ୍କଠାରୁ (ଅନୁଗ୍ରହର ମୂଲ୍ୟକୁ ଭଡ଼ା କୁହାଯାଉଛି, ଲାଞ୍ଚ ଭଳି କୁଭାଷା ଲଗାଯାଉନାହିଁ) । ଭିତ୍ତିଭୂମି ନିର୍ମାଣରେ ଓ କଳକାରଖାନା ସ୍ଥାପନରେ ଲାଭ ନାହିଁ ବୋଲି ପୁଞ୍ଜିପତିମାନେ ଆଗେଇ ଆସିବେ ନାହିଁ, ତେଣୁ ସେମାନଙ୍କୁ ଆୟର ସୁବିଧା ଓ ଲାଭର ଲୋଭ ଦିଆଯାଏ । ବିଲ୍ଡ ଅପରେଟ୍ ଆଣ୍ଡ ଟ୍ରାନ୍ସଫର୍ ବା ବିଲ୍ଡ ଓନ୍ ଆଣ୍ଡ ଟ୍ରାନ୍ସଫର୍, ନିର୍ମାଣ କର, ଚଳାଅ ଏବଂ ପଇସା ଉଠିଗଲା ପରେ ସରକାରଙ୍କୁ ହସ୍ତାନ୍ତର କର ; ଅଥବା ନିର୍ମାଣ କର, ପଇସା ମିଳିଗଲା ଯାଏ ମାଲିକ ହୁଅ, ତା' ପରେ ହସ୍ତାନ୍ତର କର । ବେଳେ ବେଳେ ରାଜ୍ୟ ବା କେନ୍ଦ୍ର ସରକାରଙ୍କ ସହ ମିଶି ଘରୋଇ କମ୍ପାନୀଗୁଡ଼ିକ ଏ କାମ କରିଥାନ୍ତି, ଏ ଢଙ୍ଗକୁ କହନ୍ତି ପ୍ରାଇଭେଟ୍ ପବ୍ଲିକ୍ ପାର୍ଟିସିପେସନ୍ ବା ପିପିପି ମୋଡ୍ । ଭିତ୍ତିଭୂମି କମ୍ପାନୀଗୁଡ଼ିକ ଭିତରେ ନାଁ କରିଥିବା କମ୍ପାନୀ ହେଉଛନ୍ତି ଟାଟା, ଲାର୍ସନ୍ ଆଣ୍ଡ ଟୁବ୍ରୋ, ଅମ୍ବାନୀ, ଆଦାନୀ ଆଦି । ଏହି କମ୍ପାନୀଗୁଡ଼ିକ ଆଗେ ଯେଉଁଭଳି ତ୍ରୈମାସିକ ଅଭିବୃଦ୍ଧି ଦେଖାଉଥିଲେ, ସେଭଳି ଆଉ ଦେଖାଉ ନାହାନ୍ତି । କମ୍ପାନୀଗୁଡ଼ିକ କାମ ଆରମ୍ଭ କଲା ବେଳେ କିଛି ପାଆନ୍ତି ଏବଂ କାର୍ଯ୍ୟର ଅଗ୍ରଗତି ଘେନି ପର୍ଯ୍ୟାୟ କ୍ରମେ ପାଆନ୍ତି - କମ୍ପାନୀଗୁଡ଼ିକୁ ଆଉ ଏଭଳି ନଗଦ ପଇସା ରାଜ୍ୟ ସରକାରମାନଙ୍କଠାରୁ ମିଳୁନାହିଁ, କେନ୍ଦ୍ର ସରକାରଙ୍କ କାମରେ ରାଜ୍ୟର ଶାସକଦଳର ନେତାମାନେ ନାକ ପୁରଉଛନ୍ତି । ବିଭିନ୍ନ ପ୍ରଦେଶରେ ଆଞ୍ଚଳିକ ଦଳଗୁଡ଼ିକ ପ୍ରଥମେ ପ୍ରଥମେ ସ୍ୱଚ୍ଛତା ଦେଖାଉଥିଲେ, ମାତ୍ର ରାଜ୍ୟରେ ନିରଙ୍କୁଶ ଶାସନ କରି (ଦୀର୍ଘ କାଳ ସରକାରରେ ରହିବା ଇଚ୍ଛା କରି) ସେମାନେ ରେଣ୍ଟିଂ ଓ ପର୍ସେଣ୍ଟ ଉପରେ ଏତେ ଜୋର୍ ଦେଲେଣି ଯେ ରାସ୍ତାଘାଟରୁ ଗୋଡ଼ି-ଉଠିବା ଓ ପୋଲ ଭୁଶୁଡ଼ି ପଡ଼ିବା ବା ନୂଆ କୋଠାମାନ ଭୂତ କାରଖାନା ଭଳି ଠିଆ ହେବା ଗୋଟିଏ ଗୋଟିଏ ସାଧାରଣ ଘଟଣା ହୋଇଗଲାଣି । ଶାସକଦଳର ସମ୍ପୃକ୍ତିରେ ଥିବା ଠିକାଦାରମାନେ କାମ ପାଇଲେ, ବ୍ୟାଙ୍କ ଓ ପୁଞ୍ଜିନିବେଶୀମାନେ ଏଭଳି କାମରେ ଅଧିକା ପୁଞ୍ଜି ଲଗାଉ ନାହାନ୍ତି । ଗାଁ ଗହଳରେ ୮ ଇଞ୍ଚ ମୋଟା କଂକ୍ରିଟ ରାସ୍ତା ନିର୍ମାଣ ବି ଧିମେଇ ଯାଇଛି ।

ଏଇଥି ପାଇଁ ଏବକାର ନବଅର୍ଥନୀତିଜ୍ଞମାନେ କହିଲେଣି ଟଙ୍କାପଇସା କାରବାରରେ ମଣିଷ ବିବେକୀ (ରେସନାଲ୍) ଜୀବ ନୁହେଁ, ସେହି କାରଣରୁ ସେମାନଙ୍କର ରାଜନେତାମାନେ କ୍ୱଚିତ୍ ବିବେକୀ କାମ କରୁଛନ୍ତି । ଦଳର ନେତାଙ୍କ କଥା ନୈତିକତା ତିଆରି କରୁଛି । ବେଳ ଆସିଗଲାଣି ରାଜନୈତିକ ଦଳଗୁଡ଼ିକୁ ଅବିବେକୀ ବା ଇରେସନାଲ୍ କହିବାର ।

sahadevas@yahoo.mail

# ଚାଷକୁ ବିପଦ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ରାଜ୍ୟରେ ଏବେ ଅଗ୍ନି ବର୍ଷୁଛି । କେତେକ ଉପକୂଳ ଅଞ୍ଚଳକୁ ଛାଡ଼ିଦେଲେ ଓଡ଼ିଶାର ସମସ୍ତ ସହର ଏବେ ସତେଯେମିତି ତତଲା କଡ଼େଇରେ ଭାଜି ହେଉଛି । ଏଣେ ମୌସୁମୀ ଶୁଣାଇଲାଣି ଡରିବା ଭଳି ଖବର । ଏଥର ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ହେବ ବୋଲି ପାଣିପାଗ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି । ପ୍ରଶାନ୍ତ ମହାସାଗରରୁ ସୃଷ୍ଟ ଉତ୍ତପ୍ତ ବାୟୁ ଏଲ୍‌ନିନୋ ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ଗୁରୁତର ଭାବେ ପ୍ରଭାବିତ କରିବ ବୋଲି ଆଶଙ୍କା କରାଗଲାଣି । ଭାରତ ହେଉଛି ଏଭଳି ଏକ କୃଷିପ୍ରଧାନ ଦେଶ ଯେଉଁଠି ୬୦ରୁ ଉର୍ଦ୍ଧ୍ୱ ପ୍ରତିଶତ ଜମି ଆକାଶର ବର୍ଷାଜଳ ଉପରେ ନିର୍ଭର କରି ଫସଲ ଉପୁଜାଇବାକୁ ସମର୍ଥ ହୋଇଥାଏ । ବିଶେଷକରି ଓଡ଼ିଶାରେ ଜଳସେଚନ ବ୍ୟବସ୍ଥା ଅଧିକ ଉତ୍କଟ । ଏଠି ୬୦ ପ୍ରତିଶତ ଜମି ଅଣଜଳସେଚିତ । ପାଣିପାଗ ବିଶେଷଜ୍ଞଙ୍କ ପୂର୍ବାନୁମାନକୁ ଶୁଣି ଚାଷୀମାନଙ୍କ ମୁଣ୍ଡ ଘୂରାଇଦେଲାଣି । ସତେଯେମିତି ପ୍ରକୃତି ସେମାନଙ୍କ ଉପରେ ଦାଉ ସାଧୁଛି । ଆଗାମୀ ମୌସୁମୀ ଯଦି ଅସ୍ୱାଭାବିକ ହୁଏ ତା'ହେଲେ ରାଜ୍ୟର କୃଷି ଓ କୃଷକଙ୍କ ସମସ୍ୟା ଅଧିକ ଜଟିଳ ହୋଇପଡ଼ିବ । ପାଣିପାଗ ଉପରେ କାହାର ହାତ ନାହିଁ ସତ, କିନ୍ତୁ ଆଜି ପର୍ଯ୍ୟନ୍ତ କୃଷି କ୍ଷେତ୍ରକୁ ଉତ୍ପାଦନକ୍ଷମ କରିବା ପାଇଁ ସେଭଳି କୌଣସି ବିକଳ୍ପ ବ୍ୟବସ୍ଥା ସଫଳ ହୋଇପାରିନାହିଁ । କେନାଲ ଖୋଳାଯାଇଛି, କିନ୍ତୁ ଏଥିରେ ପାଣି ଆସିପାରିନାହିଁ । ଅନେକ ସ୍ଥାନରେ କେନାଲ ଏବେ ବି ଅସମ୍ପୂର୍ଣ୍ଣ, ଅଗଭୀର ତଥା ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ପୋତି ହୋଇଗଲାଣି । ନଈ କିମ୍ବା ଡ୍ୟାମ୍ ମୁଣ୍ଡରୁ ପାଣି ଛାଡ଼ିଲେ ବି ତାହା ବିଲରେ ପହଞ୍ଚିବା ସମ୍ଭବପର ନୁହେଁ । ତା' ପରେ ପୁଣି ଦୁର୍ବଳ ମୌସୁମୀ ଆଶଙ୍କା । ଏସବୁକୁ ଭାବିଲାବେଳକୁ ଚାଷୀଭାଇର ମଥା ଘୂରିଲାଣି । ଏଲ୍‌ନିନୋ ପ୍ରଭାବରୁ ଦୁର୍ବଳ ମୌସୁମୀ ଯୋଗୁ ହାରାହାରି ବୃଷ୍ଟିପାତ ଏଥର ୯୫ ପ୍ରତିଶତ ରହିବା ପୂର୍ବାନୁମାନ କରାଯାଉଛି ।

ସାଧାରଣତଃ ୯୦ରୁ ୯୬ ପ୍ରତିଶତ ବର୍ଷାକୁ ସ୍ୱାଭାବିକତାଠାରୁ କମ୍ ବୃଷ୍ଟିପାତ କୁହାଯାଇଥାଏ । ୯୬ରୁ ୧୦୪ ପ୍ରତିଶତକୁ ସ୍ୱାଭାବିକ ବୃଷ୍ଟି ଏବଂ ଏହାଠାରୁ ଅଧିକ ବର୍ଷାହେଲେ ତାହା ଉତ୍ତମ ମୌସୁମୀ ବୋଲି ପାଣିପାଗ ବିଶେଷଜ୍ଞ ପର୍ଯ୍ୟାୟବଳୀ କରିଛନ୍ତି । ପୂର୍ବାନୁମାନରେ ୫ ପ୍ରତିଶତ ଓଲମବିଲମ ହୋଇପାରେ । ଅବଶ୍ୟ ଗତଥର ସ୍ୱାଭାବିକ ବୃଷ୍ଟିପାତ ହେବବୋଲି ଆଶଙ୍କା କରାଯାଉଥିବାବେଳେ ତାହା ୧୦୬ ପ୍ରତିଶତ ରହିଥିଲା । ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଭାରତୀୟ କୃଷି ଓ କୃଷକର ଏକ ଜୀବନରେଖା । ମୌସୁମୀ ବାୟୁ ଯଦି ଦୁର୍ବଳ ହୁଏ ତେବେ ବୃଷ୍ଟିପାତ କମିବା ଯୋଗୁ ବିଶେଷ ଭାବରେ ଧାନ, ସୋୟାବିନ୍, କପା, ମକା ଆଦି ଖରିଫ୍ ଫସଲ ଗୁରୁତର ପ୍ରଭାବିତ ହେବ । ଦେଶରେ ଖାଦ୍ୟସ୍ଫୀତି ବଢ଼ିବାରେ ଲାଗିଛି । ଏଣେ ମୌସୁମୀ ଲୁଚକାଳି ଖେଳିବା ଆଶଙ୍କା ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀର ଦରଦାମ୍‌କୁ ଆହୁରି ବଢ଼ାଇବ ।

ସ୍ୱାଧୀନତାର ଅନେକ ବର୍ଷ ପରେ ମଧ୍ୟ କୃଷିକୁ ସ୍ୱାବଲମ୍ବନଶୀଳ କରିବାରେ ଆମେ ସକ୍ଷମ ହୋଇପାରିନେ । କୃଷି ପ୍ରତି ଦିନକୁ ଦିନ ଉତ୍ସାହ କମୁଛି ସିନା, କିନ୍ତୁ ଆଗ୍ରହ ସୃଷ୍ଟି ହେଉନି । କ୍ରମାଗତ ଭାବେ ଶସ୍ୟକ୍ଷେତ୍ର ସଂକୁଚିତ ହେବାରେ ଲାଗିଛି । ମହାରାଷ୍ଟ୍ରର ବିଦର୍ଭଠାରୁ ଓଡ଼ିଶାର ବରଗଡ଼ ପର୍ଯ୍ୟନ୍ତ ସବୁଠି କୃଷକ ଆତ୍ମହତ୍ୟାର କରୁଣ ପ୍ରତିଛବି । ଚାଷକୁ ବେଉସା କରି ବଞ୍ଚିବାକୁ ବିଶେଷକରି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଭରସି ପାରୁନାହିଁ । ଫଳରେ ସେ ଅନ୍ୟ ରାଜ୍ୟରେ ଦାଦନ ଖଟିବାକୁ କିମ୍ବା ଅନ୍ୟକିଛି ଧନ୍ଦା କରିବାକୁ ପସନ୍ଦ କରୁଛି ପଛେ, ଚାଷଜମିମୁହାଁ ହୋଇପାରୁନି । ଅନ୍ୟପଟେ ଉତ୍ପାଦିତ ଶସ୍ୟର ଉଚିତ ମୂଲ୍ୟ ମଧ୍ୟ ଚାଷୀଟି ପାଇପାରୁନି । ଅନିୟନ୍ତ୍ରିତ ବଜାର ବ୍ୟବସ୍ଥା ଦଲାଲଙ୍କ ପ୍ରାଦୁର୍ଭାବ, ସାଉକାରର ଋଣ ବୋଝ ସହିତ ପ୍ରକୃତିର କୃଷକ ପ୍ରତି ସୀମାହୀନ ସଂଘାତ କୃଷିକ୍ଷେତ୍ରକୁ ବିପର୍ଯ୍ୟସ୍ତ କରିପକାଉଛି । ସାରଠାରୁ କୀଟନାଶକ ଓ ବିହନ ପର୍ଯ୍ୟନ୍ତ ସବୁକିଛି ନକଲି, ଏଣେ ଏସବୁର ବି ଦର ଆକାଶଛୁଆଁ । ସରକାର ସବ୍‌ସିଡ଼ି ବାବଦରେ ଏସବୁ ଯାହାକୁ ଯୋଗାଉଛନ୍ତି ସେମାନେ ଜମିମାଲିକ ସିନା, କିନ୍ତୁ ମାଟିରେ ଯୁଝିବା ଜାଣିନାହାନ୍ତି । କୃଷକକୁ ଓ କୃଷିକୁ ବଞ୍ଚାଇବା ପାଇଁ ଆମେ ସେଭଳି କୌଣସି ବ୍ୟବସ୍ଥାଟିଏ ସୃଷ୍ଟି କରିବାରେ ଏବେବି ଅସମର୍ଥ ହୋଇଛେ । ଫାଇଲିନ୍ ଉଜାଡ଼ିଥିବା ଫସଲର କ୍ଷତିପୂରଣ ଆଜି ବି ଚାଷୀଙ୍କ ପାଖରେ ଅପହଞ୍ଚ ରହିଛି । ଶସ୍ୟବୀମା ଓ ଅନ୍ୟାନ୍ୟ ଯୋଜନା ଘୋଷଣା ଚାଲିଥିଲେ ବି ବାସ୍ତବତାଠାରୁ ବହୁ ଦୂରରେ । କେବଳ କୃଷି ବଜେଟଟିଏ କରି ବାହାବା ନେଲେ ଚଳିବନି । କୃଷକଙ୍କ ପ୍ରତି ପ୍ରକୃତ ଦରଦ ଓ ଆନ୍ତରିକତା ଦେଖାଇବାକୁ ପଡ଼ିବ । ନଚେତ୍ ପ୍ରକୃତିଗତ ଦୁର୍ବଳ ମୌସୁମୀ, ଝଡ଼, ବାତ୍ୟା, ବନ୍ୟା ଓ ମରୁଡ଼ି ସହିତ ମନୁଷ୍ୟକୃତ ଶାସନଗତ ଅବହେଳା କୃଷିକ୍ଷେତ୍ରକୁ ବିପର୍ଯ୍ୟସ୍ତ କରିପକାଇବ । ମୌସୁମୀକୁ ସବଳ କରିବା ପାଇଁ ହୁଏତ ପାଣିପାଗ ବିଶେଷଜ୍ଞଙ୍କ ହାତର କଥା ନୁହେଁ, କିନ୍ତୁ ଏକ ବିକଳ୍ପ କୃଷି ପାଇଁ କିଭଳି ଜଳସଂରକ୍ଷଣ ବ୍ୟବସ୍ଥା କରାଯାଇପାରିବ ସେଥିପ୍ରତି ଆମ ସମସ୍ତଙ୍କୁ ଏବେ ଚିନ୍ତା କରିବାକୁ ପଡ଼ିବ । ନଚେତ୍ ଖାଦ୍ୟ ପାଇଁ ଏଠି ନଅଙ୍କ ଦୁର୍ଭିକ୍ଷ ପରିସ୍ଥିତିର ପୁନରାବୃତ୍ତି ହେବା ଅସମ୍ଭବ ନୁହେଁ । ସମସ୍ୟା କେବଳ ଓଡ଼ିଶାର ନୁହେଁ, ଜାତୀୟ ସ୍ତରରେ ମଧ୍ୟ ଏହା ଉଦ୍‌ବେଗର ବିଷୟ ପାଲଟିଛି ।

କଟିକଟା, ମଙ୍ଗଳପୁର, ଯାଜପୁର
ମୋ: ୯୪୩୮୨୭୬୭୬୦

## ଏଇ ଭାରତରେ

ଭାରତକୁ ବର୍ଜ୍ୟମୁକ୍ତ କରିବାର ପ୍ରୟାସ କିଛି କମ୍ କଥା ନୁହେଁ । ଦିଲ୍ଲୀର ରିପୁ ଦାମନ ବେଲ୍‌ଭି ଏମିତି କାର୍ଯ୍ୟରେ ଲାଗିଛନ୍ତି । ସେ ଭାରତର ବିଭିନ୍ନ ସହରରେ ସକାଳେ ଦୌଡ଼ିବା ସମୟରେ ସଫେଇ ଅଭିଯାନରେ ବର୍ଜ୍ୟ ସଂଗ୍ରହ କରୁଛନ୍ତି । ରିପୁଙ୍କ ବୟସ ୩୩ । ଇଞ୍ଜିନିୟରିଂରେ ଶିକ୍ଷା ଶେଷକରି ସେହି ବୃତ୍ତିରେ ରହିଛନ୍ତି । ୨୦୧୬ରେ ସେ କୌଣସି ଏକ ଦୁର୍ଘଟଣାରେ ଆହତ ହୋଇ ସେଥିରୁ ମୁକୁଳିବା ଲାଗି ଦୌଡିବା ଅଭ୍ୟାସ କରୁଥିଲେ । ଏହି ସମୟରେ ସେ ରାସ୍ତା କଡ଼ରେ ବର୍ଜ୍ୟ ପଡିଥିବା ଲକ୍ଷ୍ୟ କରି ତାହାକୁ ଗୋଟାଇବା ବି ଆରମ୍ଭ କରିଥିଲେ । ଏହାପରେ ଗତ ୪ ବର୍ଷ ମଧ୍ୟରେ ବିଭିନ୍ନ ସହରରେ ଏହି ଧାରାରେ ବର୍ଜ୍ୟ ସଂଗ୍ରହ କରିବାକୁ ଚିନ୍ତା କରି ଏବେ ସୁଦ୍ଧା ୮୦ଟି ସହରରେ ୫୦୦ଟି ସଫେଇ ଅଭିଯାନ ଆୟୋଜନ କରିସାରିଲେଣି । ରିପୁଙ୍କ ଏଭଳି ଅଭିଯାନକୁ ସବୁଆଡୁ ପ୍ରଶଂସା କରାଯାଉଛି । ଜଗିଂ ସମୟରେ ବର୍ଜ୍ୟ ସଂଗ୍ରହକୁ ପ୍ଲଗିଂ କୁହାଯାଉଛି । ରିପୁ ଭାରତର ପ୍ଲଗିଂ ଆମ୍ବାସାଡର ବି ରହିଛନ୍ତି । ତାଙ୍କର ପ୍ରତ୍ୟେକ ସଫେଇ ଅଭିଯାନରେ ପାଖାପାଖି ୧୫୦ ଛାତ୍ରୀଛାତ୍ର ଯୋଗ ଦେଉଛନ୍ତି । ଏମାନେ ଦୌଡ଼ିବା ସମୟରେ ବି ରାସ୍ତାକଡ଼ ଦୋକାନୀମାନଙ୍କୁ ବି ସ୍ୱଚ୍ଛତା ସମ୍ପର୍କରେ ସଚେତନ କରୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ମାର୍ଚ୍ଚ ୧୯୯୬

- ଭାରତ ଜନ୍ମିତ ବ୍ରିଟିଶ୍ ଲେଖକ ସଲ୍‌ମାନ ରଶ୍‌ଦିଙ୍କ ବିରୋଧରେ ଜାରି କରାଯାଇଥିବା ମୃତ୍ୟୁ ଦଣ୍ଡାଦେଶକୁ ଇରାନ ସରକାର ପ୍ରତ୍ୟାହାର କରିନେଇଛନ୍ତି ।
- ନିର୍ବାଚନ କମିଶନ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ବିଭାଜିତ କଂଗ୍ରେସ ଓ ଆନ୍ଧ୍ରପ୍ରଦେଶରେ ବିଭାଜିତ ତେଲ୍‌ଗୁଦେଶମ୍ ପାର୍ଟିର ଦୁଇଟି ଦାବିକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି ।

# ପାଠକ ଶ୍ରେଷ୍ଠ ବିଚାରକ

## ଶିକ୍ଷକ ଆଜି ସାହୁକାର

ମହାଶୟ,

ରାଜ୍ୟର ଶିକ୍ଷା ବ୍ୟବସ୍ଥା ବିଗତ ବର୍ଷରେ ଯାହା ତ ଦୟନୀୟ ସ୍ଥିତିରେ ଥିଲା, ତାହାକୁ କରୋନା ମହାମାରୀ ସମ୍ପୂର୍ଣ୍ଣ ଧରାଶାୟୀ କରିଦେଇଥିବା ଭଳି ଲାଗୁଛି । ଅପରପକ୍ଷରେ ଅଭାବଗ୍ରସ୍ତ ପରିବାରକୁ ଆର୍ଥିକ ସଙ୍କଟ ସମୟରେ ଅଧିକ ସୁଧରେ ଟଙ୍କା ଲଗାଣ କରୁଥିବା କେତେକ ଶିକ୍ଷକଙ୍କ ପାଇଁ ଏ ସମୟ ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି । କାମଧନ୍ଦା ହରାଇଥିବା ବ୍ୟକ୍ତିର ପରିବାର ଆଜି ଏମାନଙ୍କ ଦ୍ୱାରକୁ ଯିବାକୁ ଏକ ପ୍ରକାର ବାଧ୍ୟ । କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଋଣ ଯୋଜନା ଅନୁସାରେ ବ୍ୟାଙ୍କମାନେ ଋଣ ଦେବାକୁ କୁଣ୍ଠିତ । ଗ୍ରାମାଞ୍ଚଳରେ ବର୍ତ୍ତମାନ ସାହୁକାର କହିଲେ ଅବସରପ୍ରାପ୍ତ ତଥା କାର୍ଯ୍ୟରତ ଶିକ୍ଷକଙ୍କୁ ବୁଝାଉଛି । ଛାତ୍ର ସମାଜ ତଥା ଜନସମାଜକୁ ପଥ ପ୍ରଦର୍ଶନ କରୁଥିବା ଏହି ଶିକ୍ଷକମାନଙ୍କୁ ଅର୍ଥ ଲାଳସା ଏମିତି କବଳିତ କରିଛି ଯେ, ମୋଟା ଅଙ୍କରେ ଦରମା ସନ୍ତୁଷ୍ଟ କରିପାରୁନାହିଁ । ବିଭିନ୍ନ ସରକାରୀ କାର୍ଯ୍ୟରେ ସଂଶ୍ଳିଷ୍ଟ ରହୁଥିବାରୁ ଏମାନଙ୍କ ଉପରେ ସରକାରୀ ଦଳ ତଥା ଅନ୍ୟ ରାଜନୈତିକ ଦଳର ଅଭୟ ବରଦ ହସ୍ତ ରହୁଛି । ଶିକ୍ଷାର ଦୁରବସ୍ଥା ନିମନ୍ତେ ଶିକ୍ଷକ, ଅଭିଭାବକ ଓ ସରକାର ପରସ୍ପରକୁ ଦୋଷାରୋପ କରୁଥିଲେ ହେଁ ମୁଖ୍ୟତଃ ସରକାର ଓ ଶିକ୍ଷକଙ୍କ ହିଁ ଏଥିପାଇଁ ଦାୟୀ ।

-ମୋନାଲିସା ମହାନ୍ତି, ଓଳାଭର, ରାଜକନିକା

## ପିଆଜ ଦର ନିୟନ୍ତ୍ରଣ ହେଉ

ମହାମାରୀ କରୋନା ସମୟରୁ ଦୀର୍ଘ ୮ ମାସ ହେଲାଣି ପିଜଆ ଦର ଅଧିକ ରହିଛି । ବର୍ତ୍ତମାନ ସମୟରେ ବନ୍ୟା, ବାତ୍ୟା, ମରୁଡ଼ି କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ନ ଥିଲେ ମଧ୍ୟ, ଅମଳ ଋତୁରେ ପିଆଜର ଏପରି ଦରବୃଦ୍ଧି ଖାଉଟିଙ୍କୁ ଅତିଷ୍ଠ କରିଛି । ପେଟ୍ରୋଲ, ଡିଜେଲ, ଗ୍ୟାସ୍, ଖାଇବାତେଲ ଓ ଡାଲିର ଦରବୃଦ୍ଧି ଆକାଶଛୁଆଁ ହେଲାଣି । ତା' ସାଙ୍ଗକୁ ପିଆଜର ଦରବୃଦ୍ଧି, ନିମ୍ନ ମଧ୍ୟବିତ୍ତ ଓ ଗରିବଙ୍କ ପାଇଁ ବୋଝ ଉପରେ ନଳିତାବିଡା ସଦୃଶ ହୋଇଛି । ଦରବୃଦ୍ଧି ନେଇ ବ୍ୟବସାୟୀ ମହାସଂଘ ମଧ୍ୟ କିଛି ସ୍ପଷ୍ଟ କରୁନାହାନ୍ତି । ଖୁଚୁରା ବ୍ୟବସାୟୀଙ୍କ ଉପରେ କୌଣସି ନିୟନ୍ତ୍ରଣ ନାହିଁ । ଅନେକ ସମୟରେ ମନଇଚ୍ଛା ଦରବୃଦ୍ଧି କରି ଖାଉଟିଙ୍କୁ ଶୋଷଣ କରୁଛନ୍ତି । ସରକାର ଏଥିପ୍ରତି ପଦକ୍ଷେପ ନେବେ ବୋଲି ଆଶା କରୁଛୁ ।

-ବସନ୍ତ କୁମାର ସୁନ୍ଦରାୟ, ମାଳିସାହି ଛକ, ଗୁରୁଜଙ୍ଗ, ଖୋର୍ଦ୍ଧା

## ଚିରନ୍ତନୀ

ମାନବର ସୃଷ୍ଟି ଏ ଯେ ମାନବର ଅନ୍ତର-ଆରତି,
ନମଇଁ ମୁଁ ତେଣୁ ଏଥି, ଜଣାଏ ମୋ ବ୍ୟଥାର ଭାରତୀ,
ହାତର ଚିତ୍କାର କେତେ ଅନ୍ତରର ଦୁଃଖ
ଜଡ଼ ଏ ପାଷାଣ ଦେହେ ଭଜିଅଛି ମୂକ,
ଆଜି ଏହି ଦେଉଳ ଗହ୍ୱରେ
ଶତ କଣ୍ଠ-ପ୍ରତିଧ୍ୱନି ଥରେ
ମିଶାଇ ତା' ସଙ୍ଗେ
ଏ ମଳିର ଅଙ୍ଗେ
କଣ୍ଠ ସ୍ୱର
ଉଠେ ମୋର । -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ମେ' ପ୍ରଥମ ସପ୍ତାହରେ ଓସିଏସ୍ ପ୍ରିଲିମ ପରୀକ୍ଷା**

ଭୁବନେଶ୍ୱର,(ବ୍ୟୁରୋ): ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍) ପ୍ରିଲିମନାରୀ(ଲିଖିତ) ପରୀକ୍ଷା ମେ' ପ୍ରଥମ ସପ୍ତାହରେ ହୋଇପାରେ। ଏନେଇ ଶୁକ୍ରବାର ଓପିଏସ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ପରୀକ୍ଷାର୍ଥୀମାନେ ଓପିଏସ୍‌ସି ୱେବ୍‌ସାଇଟ୍ opsc.gov.inରୁ ଏ ସଂକ୍ରାନ୍ତ ଅଧିକ ତଥ୍ୟ ପାଇପାରିବେ ବୋଲି ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଓସିଏସ୍ ପରୀକ୍ଷା ପାଇଁ ପଞ୍ଜୀକରଣ ଓ ଅନ୍‌ଲାଇନ୍ ଫି' ଦାଖଲ ଅବଧି ବୃଦ୍ଧି ହୋଇଥିଲା। ପଞ୍ଜୀକରଣ ପାଇଁ ଫେବୃୟାରୀ ୧୧ରୁ ୨୨କୁ ଏବଂ ଅନ୍‌ଲାଇନ୍ ଫି' ପାଇଁ ଫେବୃୟାରୀ ୧୮ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ ଓଡ଼ିଶା ଲୋକସେବା ଆୟୋଗ।

# ଡିଜିଟାଲ ବ୍ରଡ୍‌ବ୍ୟାଣ୍ଡ ବର୍ତ୍ତମାନର ଆବଶ୍ୟକତା



**ଡିଜିଟାଲ ଯୁଗରେ ପ୍ରତି କ୍ଷେତ୍ରରେ ଡିଜିଟାଇଜେଶନର ପ୍ରଭାବ ରହିଛି। ଏବେ ସମସ୍ତ ବ୍ୟବସାୟ ଡିଜିଟାଇଜ୍‌ଡ ହୋଇଯାଇଥିବାରୁ କାମକୁ ସ୍ମାର୍ଟ ଉପାୟରେ କରିହେଉଛି। ବ୍ରଡ୍‌ବ୍ୟାଣ୍ଡ ହେଉଛି ଡିଜିଟାଲ ୱାର୍ଲ୍ଡ ଅଧୀନ ଯୋଗାଯୋଗର ଏକ ମାଧ୍ୟମ। ବିଶ୍ୱ ଅଟକେ ନାହିଁ ବୋଲି କୋଭିଡ୍ ଆମକୁ ଶିକ୍ଷା ଦେଇଛି। କରୋନା କାଳରେ ବି ଅନେକେ ୱାର୍କ ଫ୍ରମ୍ ହୋମ୍ ବା ଘରୁ କାମ କରୁଥିଲେ। ଏପରି କି ଛାତ୍ରୀଛାତ୍ରମାନେ ମଧ୍ୟ ଅନ୍‌ଲାଇନ୍‌ରେ କ୍ଲାସ୍ କରୁଥିଲେ। ତେଣୁ ଡିଜିଟାଲ ବ୍ରଡ୍‌ବ୍ୟାଣ୍ଡ ବର୍ତ୍ତମାନ ସମୟର ଆବଶ୍ୟକତା। ଆମ ସ୍ମାର୍ଟ ସିଟି ବି ଏହାର ଏକ ଅଂଶ। ସ୍ମାର୍ଟ ସିଟିରେ ଡିଜିଟାଲ ବ୍ରଡ୍‌ବ୍ୟାଣ୍ଡର ସୁଯୋଗ ସମ୍ପର୍କରେ ଧରିତ୍ରୀ ଆଗରେ ଏଭଳି ମତ ରଖନ୍ତି ୱିଙ୍ଫି ଟେକ୍ନୋଲୋଜି ପ୍ରାଇଭେଟ ଲିଃ ସହପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ପ୍ରଶାନ୍ତ ଅଗ୍ରୱାଲ।**

**➡ ଇଣ୍ଟରନେଟ୍ କନେକ୍ଟିଭିଟିର ବର୍ତ୍ତମାନ ସ୍ଥିତି କ'ଣ ଓ ଏହାକୁ ଆପଣ କିପରି ଦେଖୁଛନ୍ତି ?**

ଆମ ଶିଳ୍ପରେ ଆମେ ସବୁବେଳେ ସୃଜନଶୀଳତାରେ ବିଶ୍ୱାସ କରୁ। ନିଜକୁ ଯୁଗୋପଯୋଗୀ କରିବା ପାଇଁ ନୂଆ ନୂଆ ଜିନିଷକୁ ଗ୍ରହଣ କରୁ। ତେଣୁ ଆପଣ କହିପାରିବେ ଯେ ଆଜି ଓ ପ୍ରତିଦିନ ଆମ ଶିଳ୍ପ ସୃଜନଶୀଳ ଉପାୟରେ ସେବାର ମାନ ବଢ଼ାଇଚାଲିଛି। ୧୦-୧୨ ବର୍ଷ ପୂର୍ବରୁ ୨ ଏମ୍‌ବିପିଏସ୍ ସ୍ପିଡ୍ ଇଣ୍ଟରନେଟର ଦ୍ରୁତତମ ବେଗ ବୋଲି ଜଣାଯାଉଥିଲା। କିନ୍ତୁ ବର୍ତ୍ତମାନ ସମୟରେ ଗୋଟେ ସାଧାରଣ ଏଫ୍‌ଟିଟିଏଚ୍ କନେକ୍ସନ୍ ୧୦୦୦ ଏମ୍‌ବିପିଏସ୍‌ର ସ୍ପିଡ୍ ଦେଉଛି। ତେଣୁ ଆପଣ ଫରକ୍ ବୁଝିପାରୁଥିବେ ଏବଂ ଏ କ୍ଷେତ୍ରରେ କେତେ ଶୀଘ୍ର ପରିବର୍ତ୍ତନ ହେଉଛି ଜାଣି ପାରୁଥିବେ।

**➡ ଆପଣ କାମ କରିବାବେଳେ କେଉଁ କେଉଁ ଚ୍ୟାଲେଞ୍ଜ ଆସିବ ବୋଲି ଭାବୁଛନ୍ତି ?**

ଯେମିତିକି ମୁଁ କହିଲି ଆମ ଶିଳ୍ପ ବହୁତ ଶୀଘ୍ର ଅଗ୍ରଗତି କରୁଛି। ଏଥିରେ ପ୍ରତିଦିନ ନୂଆ ନୂଆ ପ୍ରଯୁକ୍ତିର ଉତ୍ପାଦ ବଜାରକୁ ଆସୁଛି। ତେଣୁ ପୁରୁଣା ପ୍ରଯୁକ୍ତି ଖୁବ୍ ଶୀଘ୍ର ଆଉଟ୍‌ଡେଟେଡ୍ ହୋଇଯାଉଛି। ଫଳରେ ପୁରୁଣା ପ୍ରଯୁକ୍ତି ଲାଗି ହୋଇଥିବା ନିବେଶ ମଧ୍ୟ ଶୂନ ହୋଇଯାଉଛି।

**➡ ସହର ପାଇଁ ଆପଣଙ୍କ ଯୋଜନା କ'ଣ ?**

ଆମର ଲକ୍ଷ୍ୟ ହେଉଛି ଓଡ଼ିଶାକୁ ଉଚ୍ଚମାନର ଭରସାଯୋଗ୍ୟ ଇଣ୍ଟରନେଟ୍ ସେବା ଯୋଗାଇବା। ଏହା ଉପରେ ଧ୍ୟାନ କେନ୍ଦ୍ରିତ କରିଛୁ। ଆମେ ପ୍ରଥମ ଥର ପାଇଁ ଗିଗା ଫାଇଭର କନ୍‌ସେପ୍ଟ ସହ ଓଡ଼ିଶାକୁ ଆସିଥିଲୁ ଏବଂ ଭୁବନେଶ୍ୱରକୁ ରାଜ୍ୟର ପ୍ରଥମ ଗିଗା ସିଟିରେ ପରିଣତ କରିଥିଲୁ।

**➡ ମହାମାରୀ ପରେ ଇଣ୍ଟରନେଟ ବ୍ୟବହାର ବଢ଼ିଛି। ଏହାକୁ ଦେଖି ଭାରତୀୟମାନେ ଆଇଏସ୍‌ପି ଏବଂ ଇଣ୍ଟରନେଟ୍ ଏକ୍ସଚେଞ୍ଜଗୁଡ଼ିକ ଲାଗି କେତେ ପ୍ରସ୍ତୁତ?**

ମହାମାରୀ ବେଳେ ସମସ୍ତେ ଘରେ ବନ୍ଦହୋଇ ରହିଲେ। ବାହାର ବିଷୟରେ ଜାଣିବା ଲାଗି ଏକମାତ୍ର ଉପାୟ ଥିଲା ଇଣ୍ଟରନେଟ୍। କିନ୍ତୁ ସେହି ସମୟରେ କର୍ପୋରେଟ୍ ଜଗତ ବନ୍ଦ ଥିଲା। ଗୋଟିଏ ପଟେ ଚାହିଦା ବଢ଼ିଚାଲିଲା ଓ ଅନ୍ୟପଟେ କର୍ପୋରେଟ୍ ଇଣ୍ଟରନେଟ୍ ବ୍ୟବହାର କମିଥିଲା। କିନ୍ତୁ ମୋଟାମୋଟି ଚାହିଦା ଓ ବ୍ୟବହାର ବହୁତ ବଢ଼ିଯାଇଛି। ମୋ ଦୃଷ୍ଟିରେ ଏବେ ଇଣ୍ଟରନେଟ୍ ପାଇପ୍‌ରେ ଉଚ୍ଚ ଡାଟା ଟ୍ରାଫିକକୁ ପରିଚାଳନା କରିବା ଏକ ଚ୍ୟାଲେଞ୍ଜ। କିନ୍ତୁ ବର୍ତ୍ତମାନ ବିସ୍ଫୋରଣ ଭଳି ସ୍ଥିତି ଆସିନାହିଁ। ତେଣୁ ମୁଁ ଭାବୁଛି ସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣରେ ଅଛି।

**➡ କରୋନା ମହାମାରୀ ଆମକୁ କି ଶିକ୍ଷା ଦେଇଛି?**

ମୁଁ ଭାବୁଛି ମହାମାରୀରେ ଆମେ ଜୀବନରେ କିଛି ନୂଆ ଶିଖିଲେ। ହୁଏତ ତାହା ଜୀବନ କିମ୍ବା ବ୍ୟବସାୟକୁ ଦେଖିବାର ନୂଆ ଦୃଷ୍ଟିଭଙ୍ଗୀ ହୋଇପାରେ। ମହାମାରୀ ସମସ୍ତଙ୍କ ଜୀବନର ଏକ କଠିନ ସମୟ ହୋଇଥିବା ସତ୍ତ୍ୱେ ଏହା ଆମକୁ ଅନେକ ଶିକ୍ଷା ଦେଇଛି। ପ୍ରକୃତି ଆଗରେ ଆମ ଅସ୍ତିତ୍ୱ କିଛି ନୁହେଁ। ତେଣୁ ପ୍ରକୃତି ଓ ପରିବେଶକୁ ରକ୍ଷା କରନ୍ତୁ ଓ ଜୀବନ ବଞ୍ଚାନ୍ତୁ।

**➡ ମହାମାରୀ ପରେ ଭାରତୀୟ ଅର୍ଥନୀତି ଓ ବ୍ୟବସାୟ ଜଗତର ପୁନରୁଦ୍ଧାର ?**

ଆପଣ ଦେଖୁଛନ୍ତି ଯେ ଭାରତୀୟ ଅର୍ଥନୀତି ଟ୍ରାକ୍‌କୁ ଫେରିଛି। ଷ୍ଟକ୍ ବଜାର ନୂଆ ଶିଖରକୁ ଛୁଉଁଛି। ତେଣୁ ଆମେ ଠିକ୍ ବାଟରେ ଯାଉଛେ। ମହାମାରୀ ସମୟରେ ଉପଯୁକ୍ତ ପଦକ୍ଷେପ ନେଇଥିବାରୁ ସରକାରଙ୍କୁ ଅଶେଷ ଧନ୍ୟବାଦ।

# ଘର ସହ ଲୋକଙ୍କ ଇମୋଶନ ଜଡ଼ିତ



**ଲୋକେ ସାରା ଜୀବନର ସଞ୍ଚୟ ଘର କିଣାରେ ଲଗାଇଦିଅନ୍ତି। ଘର ସହିତ ଗ୍ରାହକଙ୍କ ଭାବପ୍ରବଣତା ଜଡ଼ିତ। ସେମାନଙ୍କୁ ଇମୋଶନ ଓ ହାପିନେସ୍ ଡେଲିଭର କରିବା ପାଇଁ ମେଟ୍ରୋ ବିଲ୍ଡର୍ସ ଉଦ୍ୟମ ଜାରି ରଖିଛି। ଠିକ୍ ସମୟରେ ଘର ଯୋଗାଇବା ସହ ଗୁଣବତ୍ତାକୁ ପ୍ରାଥମିକତା ଦେଉଥିବାରୁ ମେଟ୍ରୋ ବିଲ୍ଡର୍ସ ଓଡ଼ିଶା ପ୍ରାଇଭେଟ ଲିଃ ସଫଳତାର ଶୀର୍ଷକୁ ସ୍ପର୍ଶ କରିପାରିଛି ବୋଲି ଧରିତ୍ରୀକୁ କହିଛନ୍ତି ଏହି ପ୍ରତିଷ୍ଠିତ ରିୟଲ ଇଷ୍ଟେଟ୍ ସଂସ୍ଥାର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ସୋଫିଆ ଫିର୍ଦୋସ।**

**▶ ରାଜ୍ୟ ରିୟଲ ଇଷ୍ଟେଟ୍ କ୍ଷେତ୍ରର ଅଭିବୃଦ୍ଧିକୁ କେମିତି ଦେଖୁଛନ୍ତି?**

ସଙ୍ଗଠିତ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଅଭିବୃଦ୍ଧିର ଅନେକ ସୁଯୋଗ ରହିଛି। ରିୟଲ ଇଷ୍ଟେଟ୍ ରେଗୁଲେଟୋରି ଆକ୍ଟ ଲାଗୁହେବା ପରେ ଏହି କ୍ଷେତ୍ରର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଛି। ପ୍ଲେୟରମାନେ ଭଲ ଭଲ ପ୍ରକଳ୍ପ ଶୁଭାରମ୍ଭ କରୁଛନ୍ତି। ମାତ୍ର ବଡ଼ ବଡ଼ ସହରର ଜନସଂଖ୍ୟା ଅଭିବୃଦ୍ଧି ହାର ଏକ ସୀମାରେ ରହୁଥିବାରୁ ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁର ଭଳି ସହରରେ ଚାହିଦା ଅଧିକ ରହିଲେ ମଧ୍ୟ ଅଭିବୃଦ୍ଧି ସୁଯୋଗ ସୀମିତ ରହିବ।

**▶ ମଧ୍ୟବିତ୍ତଙ୍କ ଘର କିଣା ଚାହିଦା ପୂରଣ ଲାଗି ଆପଣଙ୍କ ପ୍ରସ୍ତୁତି ?**

ଲୋକଙ୍କ ଚାହିଦା ହିସାବରେ ପ୍ରକଳ୍ପ ଆଣିବା ଲାଗି ଆମେ ଉଦ୍ୟମ ଜାରି ରଖିଛୁ। ଆମ ପାଖରେ ବଡ଼ ଲାଇଫ୍ ଷ୍ଟାଇଲର ପ୍ରକଳ୍ପ ମଧ୍ୟ ରହିଛି। ଟାଉନ୍‌ଶିପ ପ୍ରୋଜେକ୍ଟ କରୁଛୁ। ତା' ସହିତ ସହର ଭିତରେ ପ୍ରାଇମ୍ ପ୍ରୋଜେକ୍ଟ ଉପରେ ମଧ୍ୟ ଧ୍ୟାନ ଦେଉଛୁ। ଗ୍ରାହକ ଆମ ପାଖରେ ବିସ୍ତୃତ ବର୍ଗରେ ବିକଳ୍ପ ଲାଭ କରିପାରିବେ।

**▶ କିଛି ନୂଆ ପ୍ଲାନ୍ ରଖିଛନ୍ତି କି?**

ଆମ କମ୍ପାନୀ ବର୍ତ୍ତମାନ ଗୁଣବତ୍ତା ଉପରେ ଫୋକସ୍ କରୁଛି। ମେଟ୍ରୋ ୧୦୦ ଏକର ଟାଉନ୍‌ଶିପ ପ୍ରୋଜେକ୍ଟ ପର୍ଯ୍ୟାୟ ଭିତ୍ତିରେ ଆସିବ। ଏହା ସହିତ କଟକ ସହରରେ ଏକ ବଡ଼ ପ୍ରକଳ୍ପ ଆଣିବା ପାଇଁ ଯୋଜନା ରଖାଯାଇଛି। ତ୍ରିଶୂଳିଆରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପ କାମ ହାତକୁ ନିଆଯାଇଛି।

**▶ କରୋନା ମହାମାରୀରେ କାମ କିଭଳି ପ୍ରଭାବିତ ହୋଇଛି?**

ଲକ୍‌ଡାଉନ୍‌ରେ କାମ ଉପରେ ପ୍ରଭାବ ପଡ଼ିଥିଲା। ଏବେ ସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି। କରୋନା ସମୟରେ ଆମ ପ୍ରକଳ୍ପ ସାଇଟ୍‌ଗୁଡ଼ିକରେ ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ରହିଯାଇଥିଲେ। କୋଭିଡ୍ ନିୟମ ପାଳନକରି ସେମାନଙ୍କୁ ଖାଦ୍ୟ ଏବଂ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇଦେଇଥିଲୁ। ସେହିଭଳି ମୁକିମ୍ ଫାଉଣ୍ଡେଶନ ଅଧୀନରେ ଦୈନିକ ରାଶନ ଏବଂ ଶୁଖିଲା ଖାଦ୍ୟ ପ୍ୟାକେଟ୍ ଲୋକଙ୍କ ନିକଟରେ ପହଞ୍ଚାଇଥିଲୁ।

**▶ ରିୟଲ ଇଷ୍ଟେଟ୍ କ୍ଷେତ୍ର ଆଗରେ ଚ୍ୟାଲେଞ୍ଜ କ'ଣ?**

ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଅନେକ ଚ୍ୟାଲେଞ୍ଜ ରହିଥାଏ। ଜମି ସଂଗ୍ରହଠାରୁ ପ୍ରକଳ୍ପ ସାଇଟ୍‌ର ସମସ୍ୟା, ଶ୍ରମିକ ପରିଚାଳନା, ବିଭିନ୍ନ ବିଭାଗ ସହ ସମନ୍ୱୟ, ମଞ୍ଜୁରୀ ଏବଂ ଅକ୍ୟୁପାନ୍ସି ଭଳି ପ୍ରକ୍ରିୟା ଦେଇ ଯିବାକୁ ପଡ଼େ। ସରକାର ୨୦୨୦ରେ ଓଡିଏ ନିୟମ ଆଣି ରିୟଲ ଇଷ୍ଟେଟ୍ କ୍ଷେତ୍ରକୁ ଉତ୍ସାହିତ କରିଛନ୍ତି। ଏହି କ୍ଷେତ୍ର ଲାଗି ସିଙ୍ଗଲ ୱିଣ୍ଡୋ, ଠିକ୍ ସମୟରେ ମଞ୍ଜୁରୀ, ଷ୍ଟାମ୍ପ୍ ଡ୍ୟୁଟି ହ୍ରାସ, ଉଚିତ ସମୟରେ ରେରା ପଞ୍ଜୀକରଣ ଗ୍ରାଣ୍ଟ କରିବା ଭଳି ପ୍ରସଙ୍ଗ ନେଇ ସରକାରଙ୍କୁ ରିୟଲ ଇଷ୍ଟେଟ୍ ଶିଳ୍ପର ପ୍ରତିନିଧିଙ୍କ ପକ୍ଷରୁ ବାରମ୍ବାର ନିବେଦନ କରାଯାଉଛି। ସରକାର ଏସବୁ ପ୍ରସଙ୍ଗକୁ ଧ୍ୟାନ ଦେଲେ ରିୟଲ ଇଷ୍ଟେଟ୍ କ୍ଷେତ୍ରର ଅଭିବୃଦ୍ଧି ସମ୍ଭବ।

**▶ ଜଣେ ସଫଳ ମହିଳା ଉଦ୍ୟୋଗୀ ଭାବେ ଯୁବବର୍ଗଙ୍କୁ ପରାମର୍ଶ ?**

ଯଦି ଆପଣ କରୁଥିବା କାମ ପ୍ରତି ଭଲ ପାଇବା ଏବଂ ଅନୁରାଗ ରହିବ ତେବେ କିଛି ବି ଜିନିଷ ଅସମ୍ଭବ ନୁହେଁ। ସଫଳତା ଲାଗି କିଛି ଶର୍ଟକଟ୍ ନାହିଁ। କଠିନ ପରିଶ୍ରମ କରିବାକୁ ହିଁ ପଡ଼ିବ। ମୁଁ ଏହି କ୍ଷେତ୍ରରେ ୭ ବର୍ଷ ହେବ କାମ କରୁଛି। ଏହାକୁ ନେଇ ଅତ୍ୟନ୍ତ ଖୁସି।

**▶ ରିୟଲ ଇଷ୍ଟେଟ୍ ପାଇଁ ରାଜ୍ୟରେ ଆଉ କିଛି ସ୍ୱତନ୍ତ୍ର ନୀତି ଆସିବାର ଆବଶ୍ୟକତା ରହିଛି କି?**

ରିୟଲ ଇଷ୍ଟେଟ୍ ପାଇଁ ଡେଭେଲପ୍‌ମେଣ୍ଟ ଅଥରିଟି ରହିଛି। ପ୍ରକଳ୍ପ ମଞ୍ଜୁରୀ ଏବଂ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ ପ୍ରଦାନ ଭଳି ବିଭିନ୍ନ ନିୟାମକ କାମକୁ ଏହା ତଦାରଖ କରୁଛି। ସେହିଭଳି ୫୦୦ ବର୍ଗ ମିଟରର ପ୍ରକଳ୍ପ କିମ୍ବା ୮ ଫ୍ଲାଟ୍‌ର ପଞ୍ଜୀକରଣ ବ୍ୟବସ୍ଥା ରେରାରେ ରହିଛି।

**▶ ଘର କିଣିବା ବେଳେ ଗ୍ରାହକ କେଉଁ ଦିଗ ପ୍ରତି ବେଶି ଧ୍ୟାନଦେବା ଉଚିତ?**

ଘର କିଣିବା ପୂର୍ବରୁ ବଜାରରେ ବିଲ୍ଡରଙ୍କ କ'ଣ ସ୍ଥିତି ରହିଛି ତାହା ଗ୍ରାହକମାନେ ଜାଣିବା ଦରକାର। ରେରା ପଞ୍ଜୀକୃତ ପ୍ରକଳ୍ପରେ ନିବେଶ କରିବାକୁ ଆମେ ପରାମର୍ଶ ଦେଉଛୁ। ବର୍ତ୍ତମାନ ମିଡିଲ ଇନ୍‌କମ୍ ଗ୍ରୁପ୍‌ର ଫ୍ଲାଟ୍ ବିକ୍ରି ବେଶି ରହିଛି। ୪୦ରୁ ୬୦ ଲକ୍ଷ ଟଙ୍କାର ଫ୍ଲାଟ୍ କ୍ରୟକୁ ଲୋକେ ପସନ୍ଦ କରୁଛନ୍ତି।


## ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ। ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



KAILASH CHANDRA AGARWAL

ଆବିର୍ଭାବ: ୦୨.୧୨.୧୯୪୬ / ତିରୋଧାନ: ୨୮.୦୨.୨୦୨୧

ଅନୁଗୁଳ

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

With Love,
Krishna Devi Agarwal

| | | | |
|---|---|---|---|
| Rajkumar (Raju) | Kamal (Chiku) | Mukesh (Rami) | Rekha |
| Sarita | Kabita | Anju | Subash |
| Suvam | Tarun | Tripti | Rajat |
| Aditya | Payal | Tilak | Roshni |

And all members of Goel Parivaar, Angul


# ଜଙ୍ଗଲରେ ନିଆଁ ଲଗାଉଥିବା ଅଭିଯୁକ୍ତ ଗିରଫ

**ବିଶୋଇ,୧୨।୩(ଡି.ଏନ.ଏ.)**

ଶିମିଳିପାଳ ଜୈବମଣ୍ଡଳରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ବନ ବିଭାଗ ନାକେଦମ ହୋଇ ପଡୁଥିବା ବେଳେ ଅନ୍ୟପଟେ ଜଙ୍ଗଲରେ ନିଆଁ ଲଗାଉଥିବା ଦୁର୍ବୃତ୍ତଙ୍କ ସଂଖ୍ୟା ବଢ଼ିବା ଚିନ୍ତାର ବିଷୟ ପାଲଟିଛି। ମୟୂରଭଞ୍ଜ ଜିଲା ମଣଦା ରେଞ୍ଜ ଅଧୀନ ଦେଓପଟା ବିଟ୍ ଅଞ୍ଚଳରେ ଜଙ୍ଗଲରେ ନିଆଁ ଲଗାଉଥିବାବେଳେ ଜଣେ ଦୁର୍ବୃତ୍ତଙ୍କୁ କାବୁ କରିବାରେ ବନବିଭାଗ ସମର୍ଥ ହୋଇଛି। ସେ ହେଲେ ବିଶୋଇ ସ୍ଥିତ ଚୁଆକାଙ୍କର ଗ୍ରାମର କୁଶାଳ ନାଏକଙ୍କ ପୁଅ ବର୍ଜୁ ନାଏକ। ଗୁରୁବାର ସନ୍ଧ୍ୟାରେ ମଣଦା ରେଞ୍ଜର କିତାବେଡ଼ା ଏ.ଏନ.ଆର ପ୍ଲାଣ୍ଟେସନର ବିଦୁଭଣ୍ଡାର ପିଆରଏଫ୍‌ରେ ସେ ନିଆଁ ଲଗାଉଥିବା ବେଳେ ପାଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ଏକ ଦିଆସିଲି ଓ ଦା'ଆ ଜବତ କରାଯାଇଛି। ବନ ବିଭାଗ ଏକ ମାମଲା (ନଂ.୫୫ଏମ୍‌ଅଫ ୨୦/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।


DSPL - 240

NACO
National AIDS Control Organisation
India's Voice against AIDS
Ministry of Health & Family Welfare, Government of India
www.naco.gov.in

OSACS

ଆସନ୍ତୁ ଏଚ୍.ଆଇ.ଭି/ଏଡ୍‌ସ୍ ବିଷୟରେ ଜାଣିବା

AIDS Helpline 1097

जानें समझें, जुग-जुग जीयें!

ଜାଣନ୍ତୁ, ବୁଝନ୍ତୁ, ସୁସ୍ଥ ରୁହନ୍ତୁ।

1097 ନମ୍ବର ରେ ଫୋନ୍ କରିବା। ଏହା ନିଃଶୁଳ୍କ, 24x7 ଉପଲବ୍ଧ ଏବଂ ସମ୍ପୂର୍ଣ୍ଣ ଗୋପନୀୟ।

OIPR-10009/13/0005/2021



## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ଭବନ, ଲୋକ ସେବା ମାର୍ଗ, ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱର

ସଂଖ୍ୟା: 10587/ବି.ଡି.ଏ., ଭୁବନେଶ୍ୱର
Planning (R&L) - 93/2020

ତା 04.03.2021ରିଖ

### ସାର୍ବଜନିକ ସୂଚନା

ବିଷୟ: ଅନଧିକୃତ ଭାବରେ ହୋଇଥିବା ଭାଗ-ପ୍ଲଟ/ଲେ-ଆଉଟ୍‌ରୁ ଜମି ନ କିଣିବା ସମ୍ପର୍କିତ ସୂଚନା।

ସମୟ ସମୟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କର ଦୃଷ୍ଟିଗୋଚର ହେଉଅଛି ଯେ କେତେକ ଅସାଧୁ ଜମି ବ୍ୟବସାୟୀ/ସଂସ୍ଥା, ଉନ୍ନୟନ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଭୂ-ବିଭାଜନ କରି ସମ୍ପୃକ୍ତ ଅନଧିକୃତ ପ୍ଲଟ୍‌ଗୁଡ଼ିକୁ ବିକ୍ରୟ କରୁଅଛନ୍ତି। ଏହି ଅନଧିକୃତ ଭୂ-ବିଭାଜନ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ, ୧୯୮୨ର ଧାରା ୧୫ର ଉଲ୍ଲଂଘନ ଅଟେ।

କର୍ତ୍ତୃପକ୍ଷଙ୍କ ବିନା ଅନୁମୋଦନରେ ଭାଗ କରାଯାଇ ବିକ୍ରି କରାଯାଉଥିବା ପ୍ଲଟରେ ଗୃହ ନିର୍ମାଣ କରିବା ପାଇଁ ନକ୍ସା ଅନୁମୋଦନ ମିଳିବ ନାହିଁ। ଏଣୁ ବିକ୍ରି କରୁଥିବା ବ୍ୟକ୍ତି କିମ୍ବା ସଂସ୍ଥା ପାଖରେ ଭୂ-ବିଭାଜନର ଅନୁମୋଦନ ପତ୍ର ଏବଂ ଅନୁମୋଦନ ପ୍ରାପ୍ତ ନକ୍ସା ଅଛି କି ନାହିଁ ପଚାରି ବୁଝନ୍ତୁ। ଯଦି ବ୍ୟକ୍ତି/ସଂସ୍ଥା ପାଖରେ ଉପରୋକ୍ତ ଦସ୍ତାବିଜ୍ ନ ଥାଏ ତେବେ ଉକ୍ତ ପ୍ଲଟ କିଣନ୍ତୁ ନାହିଁ।

ଜନସାଧାରଣଙ୍କୁ ଏହିପରି ଅନଧିକୃତ ଉପାୟରେ କରାଯାଉଥିବା ଜମି ବ୍ୟବସାୟ ସମ୍ପର୍କିତ ତଥ୍ୟ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଅନୁରୋଧ। କର୍ତ୍ତୃପକ୍ଷ ଏହି ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ବି.ଦ୍ର.: ଅନୁମୋଦିତ ହୋଇଥିବା ଲେ-ଆଉଟ୍‌ରେ ଅବସ୍ଥିତ ନିର୍ଦ୍ଦିଷ୍ଟ ଆକାର ବିଶିଷ୍ଟ ଆବାସିକ ପ୍ଲଟ (ଯଥା: ୨୫' x ୪୦', ୩୦' x ୪୦', ୪୦' x ୬୦' ଇତ୍ୟାଦି) ଏବଂ ରାସ୍ତା ଓସାର (୩୦ ଫୁଟ, ୪୦ଫୁଟ ଏବଂ ୬୦ଫୁଟ) ଅନୁସାରେ କର୍ତ୍ତୃପକ୍ଷ ୧୦୦ରୁ ଊର୍ଦ୍ଧ୍ୱ ଷ୍ଟାଣ୍ଡାର୍ଡ ବିଲ୍‌ଡିଂ ପ୍ଲାନ ଅଧିସୂଚିତ କରିଛନ୍ତି। ନିର୍ଦ୍ଦିଷ୍ଟ ପରିସ୍ଥିତିରେ, ଯଥା ପ୍ଲଟ୍‌ଟି ଡେଭେଲପମେଣ୍ଟ ପ୍ଲାନରେ ଦର୍ଶିତ ଆବାସିକ ଭୂ-ବ୍ୟବହାର ମଧ୍ୟରେ ଥିଲେ ଏବଂ ଅନ୍ୟ ସଂସ୍ଥା (ପୁରାତତ୍ତ୍ୱ ବିଭାଗ/ପର୍ଯ୍ୟାବରଣ ସମ୍ବେଦନଶୀଳ ଅଞ୍ଚଳ/ଭାରତୀୟ ବିମାନପତ୍ତନ ପ୍ରାଧିକରଣ) ଠାରୁ ଏନ୍.ଓ.ସି.ର ଆବଶ୍ୟକତା ନଥିଲେ, ସମ୍ପୃକ୍ତ ଜମି ମାଲିକ ନିଜ ପ୍ଲଟ ନିମନ୍ତେ ପ୍ରଯୁଜ୍ୟ ଷ୍ଟାଣ୍ଡାର୍ଡ ବିଲ୍‌ଡିଂ ପ୍ଲାନ ଅନୁଯାୟୀ ଗୃହ ନିର୍ମାଣ କରିପାରିବେ ଏବଂ ଏହି ନକ୍ସା ଅନୁଯାୟୀ ଗୃହନିର୍ମାଣ କରିବା ପାଇଁ କର୍ତ୍ତୃପକ୍ଷଙ୍କ ପୂବ-ଅନୁମତିର ଆବଶ୍ୟକତା ନାହିଁ। କିନ୍ତୁ ଗୃହ ନିର୍ମାଣ ପୂର୍ବରୁ ଫର୍ମ VI (A) - ଗୃହ ନିର୍ମାଣ ପ୍ରାରମ୍ଭ ସୂଚନା ସହିତ ଜମି ମାଲିକାନା ଦସ୍ତାବିଜ୍ ଓ ଆବଶ୍ୟକ ଦେୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାକୁ ହେବ ଏବଂ ଗୃହନିର୍ମାଣ ସରିବା ପରେ ଫର୍ମ VI (B) - ଗୃହ ନିର୍ମାଣ ସମାପ୍ତି ସୂଚନା ଦାଖଲ କରିବାକୁ ହେବ। ଏହି ସମ୍ବନ୍ଧରେ ସବିଶେଷ ତଥ୍ୟ କର୍ତ୍ତୃପକ୍ଷଙ୍କ ୱେବ୍‌ସାଇଟ୍ www.bda.gov.inର ଡାଉନଲୋଡ୍ ଲିଙ୍କ୍‌ରେ ଉପଲବ୍ଧ ଅଟେ।

ସ୍ୱା./- ଯୋଜନା ସଦସ୍ୟ
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ









**ସଂକ୍ଷେପରେ**

## ରାଜ୍ୟରେ ୪ରୁ ୨ ରାଡାର ଷ୍ଟେଶନ କାର୍ଯ୍ୟକ୍ଷମ

**ଭୁବନେଶ୍ୱର, ୧୨।୩(ବ୍ୟୁରୋ):** ରାଜ୍ୟରେ ବଜ୍ରପାତ, ଘୂର୍ଣ୍ଣିଝଡ ଆଦିର ଆଗୁଆ ସୂଚନା ଲାଗି ଭାରତ ପାଣିପାଗ ବିଭାଗ (ଆଇଏମ୍‌ଡି) ସହାୟତାରେ ଡପଲର ରାଡାର ରାଜ୍ୟର ୪ ସ୍ଥାନ ତଥା ପାରାଦୀପ, ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁରରେ ସ୍ଥାପନ ଲାଗି କାର୍ଯ୍ୟ ଚାଲିଛି। ଇତିମଧ୍ୟରେ ପାରାଦୀପ ଓ ଗୋପାଳପୁରଠାରେ ରାଡାର ଷ୍ଟେଶନ କାର୍ଯ୍ୟକ୍ଷମ ହୋଇଛି। ସମ୍ବଲପୁର ଓ ବାଲେଶ୍ୱରଠାରେ ହେବାକୁ ଥିବା ରାଡାର ଷ୍ଟେଶନ ନିମନ୍ତେ ଆବଶ୍ୟକ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ଯନ୍ତ୍ରପାତି ସ୍ଥାପନ ହୋଇନାହିଁ। ତାହା ତୁରନ୍ତ ସ୍ଥାପନ ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି। ରାଜ୍ୟରେ ବଜ୍ରପାତ, ଘୂର୍ଣ୍ଣିଝଡର ଆଗୁଆ ସୂଚନା ପାଇଁ ଡପଲର ରାଡାର ବାଲେଶ୍ୱର ସମେତ କେଉଁ ସ୍ଥାନରେ ସ୍ଥାପନ ହେବା ଲାଗି ସ୍ଥିର ହୋଇଛି ବୋଲି ବିଧାୟକ ଅଶ୍ୱିନୀ କୁମାର ପାତ୍ର ପଚାରିଥିଲେ। ଆଇଏମ୍‌ଡିରେ ଉପଲବ୍ଧ ତଥ୍ୟ ଅନୁସାରେ ଡପଲର ରାଡାର ମାଧ୍ୟମରେ ଏହାର ଉପସ୍ଥିତିଠାରୁ ପ୍ରାୟ ୨୫୦ କି.ମି. ପରିଧି ମଧ୍ୟରେ ବୃଷ୍ଟିପାତ, ବାତ୍ୟା ଓ ଘୂର୍ଣ୍ଣିଝଡର ଅବସ୍ଥିତି ଏବଂ ତୀବ୍ରତାକୁ ପ୍ରକୃତ ସମୟରେ ଆକଳନ କରାଯାଇପାରୁଛି। ଫଳରେ ଜନସାଧାରଣଙ୍କ ଧନଜୀବନ ସୁରକ୍ଷା କରିବାରେ ସହାୟକ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ୫ ବର୍ଷରେ କୋଟିଆରେ ୧୯୨ ଲକ୍ଷ ଖର୍ଚ୍ଚ

**ଭୁବନେଶ୍ୱର, ୧୨।୩(ବ୍ୟୁରୋ):** କୋରାପୁଟ ଜିଲା ଅନ୍ତର୍ଗତ କୋଟିଆ ଗ୍ରାମପୁଞ୍ଜରେ ୨୦୧୧ ଜନଗଣନା ଅନୁସାରେ ଜନଜାତି ସମ୍ପ୍ରଦାୟର ପରିବାର ସଂଖ୍ୟା ୯୭୯ ଏବଂ ଏହି ସମ୍ପ୍ରଦାୟର ଜନସଂଖ୍ୟା ୪୪୪୩ ଅଟେ। ସେମାନଙ୍କ ଉନ୍ନତି ଲାଗି ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା(ଆଇଟିଡିଏ) କାର୍ଯ୍ୟ କରୁଛି। କୋରାପୁଟ ଆଇଟିଡିଏ ଦ୍ୱାରା ବିଭିନ୍ନ ପ୍ରକଳ୍ପରେ ବିଗତ ୫ ବର୍ଷରେ ୧୯୨ ଲକ୍ଷ ଟଙ୍କା ବିନିଯୋଗ କରାଯାଉଛି। ମୋଟ ୧୧ଟି ପ୍ରକଳ୍ପ ଲାଗି ଏହି ଅର୍ଥ ବିନିଯୋଗ ହୋଇଥିବା ବିଧାନସଭାର ଏକ ପ୍ରଶ୍ନରେ ମନ୍ତ୍ରୀ ଜଗନ୍ନାଥ ସାରକା ଉତ୍ତର ଦେଇଛନ୍ତି।

# ୧୯% ଅଧିକ ଧାନ ସଂଗ୍ରହ ହୋଇଛି

### ଗୃହରେ ବିବୃତି ରଖିଲେ ଯୋଗାଣ ମନ୍ତ୍ରୀ

### ଯୋଗ୍ୟ ଚାଷୀଙ୍କ ତାଲିକା ଦେଲେ ପଦକ୍ଷେପ ନେବୁ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ରାଜ୍ୟରେ ଚଳିତ ଖରିଫ ଧାନ ୬୦.୪୦ ଲକ୍ଷ ମେଟ୍ରିକ ଟନ୍ ସଂଗ୍ରହ କରାଯାଇଛି, ଯାହାକି ଗତବର୍ଷ ତୁଳନାରେ ୧୯% ଅଧିକ। ଗତବର୍ଷ ୯.୧୭ ଲକ୍ଷ ଚାଷୀ ଧାନ ବିକ୍ରି କରିଥିବାବେଳେ ଚଳିତବର୍ଷ ୧୧.୨୫ ଲକ୍ଷ ଚାଷୀ ସରକାରଙ୍କୁ ଧାନ ବିକିଛନ୍ତି। ଫେବୃୟାରୀ ୨୬ ସୁଦ୍ଧା ୧୦.୫୩ ଲକ୍ଷ ଚାଷୀଙ୍କଠାରୁ ୫୭.୬୭ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ ହୋଇଥିବାବେଳେ ମାର୍ଚ୍ଚ ୧୨ ସୁଦ୍ଧା ୧୧.୨୫ ଲକ୍ଷ ଚାଷୀଙ୍କଠାରୁ ୬୦.୪୦ ଲକ୍ଷ ମେଟ୍ରିକ ଟନ ଧାନ କିଣାଯାଇଛି। ଅର୍ଥାତ୍ ଚଳିତ ବର୍ଷ ୭୨ ହଜାରରୁ ଅଧିକ ଚାଷୀଙ୍କଠାରୁ ୨.୭୩ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇଛି। ଧାନ ସଂଗ୍ରହ ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁକ୍ରବାର ଅପରାହ୍ନରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ନିୟମିତ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ, ଯୋଗାଣ ଅଧିକାରୀ, ଉପସମବାୟ ନିବନ୍ଧକ, ସରକାରୀ ସମବାୟ ନିବନ୍ଧକମାନଙ୍କୁ ପ୍ରକୃତ ଚାଷୀ ଚିହ୍ନଟ କରି ସେମାନଙ୍କଠାରୁ ଧାନ ସଂଗ୍ରହ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଭୂତ ଚାଷୀ ଓ ବେପାରୀମାନଙ୍କଠାରୁ ଧାନ ସଂଗ୍ରହ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭୂତଚାଷୀ ଓ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କ୍ଷେତ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ମାସ ୨ ତାରିଖ ସୁଦ୍ଧା ବୈଧତା ହରାଇଥିବା ଟୋକନଗୁଡ଼ିକ ସମ୍ପର୍କରେ ତଦନ୍ତ କରିବା ପାଇଁ କ୍ଷେତ୍ରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବଲାଙ୍ଗୀର ଜିଲାରେ ୧୫୦ ଜଣ ଚାଷୀଙ୍କ ଟୋକନ ଅବଧି ଶେଷ ହୋଇଥିବା ଘଟଣାର ତଦନ୍ତ ଜାରି ରହିଛି। ଦେବଗଡ଼ ଜିଲାରେ ବୈଧତା ହରାଇଥିବା ୨୯୦୦ ଏବଂ ମୟୂରଭଞ୍ଜ ଜିଲାରେ ୫୦୦୦ ଟୋକନ ବାବଦରେ ତଦନ୍ତ ଚାଲୁରହିଛି। ସେହିପରି ନବରଙ୍ଗପୁର ଜିଲାରେ ମଧ୍ୟ ପ୍ରାୟ ୨୦୦ ଚାଷୀଙ୍କ ବାବଦରେ ତଦନ୍ତ କାର୍ଯ୍ୟ ଜାରି ରହିଛି। ଧାନ କ୍ରୟରେ ଅବହେଳା ପାଇଁ ୯୨ ଜଣ ପ୍ୟାକ୍ସ ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଛି। ଚାନ୍ଦବାଲି ଆରଏମ୍‌ସି ସମ୍ପାଦକଙ୍କୁ ଧାନ କ୍ରୟରେ ଅବହେଳା ପାଇଁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଜପତି ଓ ଭଦ୍ରକ ଜିଲାରେ ଜାଲିଆତି କରିଥିବା ୨ ଜଣ ଚାଷୀଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯାଇଛି। ବଲାଙ୍ଗୀର ଜିଲାର ୪୦୦ ଜଣ ଭୂତଚାଷୀଙ୍କ ବାବଦରେ ତଦନ୍ତ ଚାଲୁରହିଛି। ଯଦି କୌଣସି ଯୋଗ୍ୟ ଚାଷୀ ଧାନ କ୍ରୟ ସୁଯୋଗରୁ ବଞ୍ଚିତ ହୋଇଛନ୍ତି, ତାହାର ତାଲିକା ଦେଲେ ସେ ବାବଦରେ ତଦନ୍ତ କରାଯାଇ ଧାନ ଉଠାଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ସ୍ୱାସ୍ଥ୍ୟ ଯୋଜନାରେ କୋଭିଡ୍ ବାଧକ

### ଷ୍ଟାଣ୍ଡିଂ କମିଟି ରିପୋର୍ଟ

**ଭୁବନେଶ୍ୱର,୧୨।୩(ବ୍ୟୁରୋ):** ମହାମାରୀ କୋଭିଡ-୧୯ ଯୋଗୁ ରାଜ୍ୟରେ ଚାଲୁ ରହିଥିବା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ବାଧା ସୃଷ୍ଟି ହୋଇଛି। ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟରେ କୁହାଯାଇଛି, ରାଜ୍ୟରେ ମ୍ୟାଲେରିଆକୁ ନିୟନ୍ତ୍ରଣ କରିବାକୁ ପ୍ରତ୍ୟେକ ବର୍ଷ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥାଏ। କୋଭିଡ୍ ସଂକ୍ରମଣ କାରଣରୁ ଏହି ଅଭିଯାନରେ ବାଧା ସୃଷ୍ଟି ହୋଇଛି। ଫଳରେ ଚଳିତବର୍ଷ ପୂର୍ବବର୍ଷ ତୁଳନାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଇଛି। ୨୦୧୯ରେ ରାଜ୍ୟରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ୩୯,୬୬୫ ଥିବାବେଳେ ୨୦୨୦ଶେଷସୁଦ୍ଧା ୪୧,୭୩୮ ମାମଲା ରିପୋର୍ଟ କରାଯାଇଛି। ସେହିପରି ରାଜ୍ୟରେ ଡେଙ୍ଗୁ ରୋଗ ପରୀକ୍ଷା ସଂଖ୍ୟା ମଧ୍ୟ ହ୍ରାସ ପାଇଛି। ୨୦୧୯ରେ ୨୮,୪୯୭ ଡେଙ୍ଗୁ ରୋଗର ରକ୍ତ ନମୁନା ସଂଗ୍ରହ କରାଯାଇଥିବାବେଳେ ୨୦୨୦ରେ କୋଭିଡ୍ ସଂକ୍ରମଣ ଯୋଗୁ ଏହା ୫,୫୮୨କୁ ହ୍ରାସ ପାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।




ସ୍ଥାୟୀ ନିଯୁକ୍ତି ସହ ଛଟେଇ କର୍ମଚାରୀଙ୍କ ପୁନଃ ନିଯୁକ୍ତ ଓ ସମାନ କାମକୁ ସମାନ ଦରବା ଦାବିରେ ପାୱାର ଡିଷ୍ଟ୍ରିବ୍ୟୁଶନ ଫ୍ରାଞ୍ଚାଇଜ୍ ଏମ୍ପ୍ଲଇଜ୍ ଆସୋସିଏଶନ (ପିଡିଏଫ୍‌ଇଏ) ପକ୍ଷରୁ ଶତାଧିକ କର୍ମଚାରୀ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକ ରାସ୍ତାରେ ବସି ଅଭିନବ ବିକ୍ଷୋଭ କରୁଛନ୍ତି।

## ରିଲାଏନ୍ସର ୩ ବିଦ୍ୟୁତ୍ ବିତରଣ କମ୍ପାନୀ ବକେୟା ୪୨୩୪ କୋଟି

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ବିଦ୍ୟୁତ୍ ଦର ବୃଦ୍ଧି ପାଇଁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି)ରେ ଶୁଣାଣି ଚାଲିଥିବା ବେଳେ ଖାଉଟି ଏହାର ପ୍ରବଳ ବିରୋଧ କରୁଛନ୍ତି। ବର୍ତ୍ତମାନ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ନେଇଥିବା ଟାଟା ପାୱାର ରାଜ୍ୟବାସୀଙ୍କୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇବା ଏବଂ ପୂର୍ବରୁ ଦାୟିତ୍ୱରେ ଥିବା କମ୍ପାନୀଗୁଡିକଠାରୁ ବକେୟା ଆଦାୟ କରିବାରେ ସକ୍ଷମ ହେବ କି ବୋଲି ବିଧାୟକ ଗଣେଶ ରାମ୍ ସିଂ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତରରେ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ବିଭିନ୍ନ ବିଦ୍ୟୁତ୍ ସଂସ୍ଥାର ରାଜସ୍ୱ ଆବଶ୍ୟକତା ସମ୍ବନ୍ଧୀୟ ତଥ୍ୟକୁ ଭିତ୍ତିକରି ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ବିଦ୍ୟୁତ୍ ଦର ସ୍ଥିର କରିବା ବିଷୟ ଏବେ ଓଇଆର୍‌ସିଙ୍କ ବିଚାରାଧୀନ ରହିଛି। ଦର ନିର୍ଦ୍ଧାରଣ ସମୟରେ ଆୟୋଗ ସାଧାରଣ ଉପଭୋକ୍ତାଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେଇଥାଆନ୍ତି। ତତ୍କାଳୀନ ସେସୁ, ସାଉଥ୍‌କୋ ଏବଂ ୱେସ୍କୋର ଦାୟିତ୍ୱ ଟାଟା ପାୱାର ଗ୍ରହଣ କରିଛି। ଆସନ୍ତା ୫ ବର୍ଷରେ ବକେୟା ଦେୟ ଆଦାୟ କରିବା, ଏଟି ଆଣ୍ଡ ସି କ୍ଷତି ହ୍ରାସ କରିବା ଏବଂ ବୈଦ୍ୟୁତିକ ଭିତ୍ତିଭୂମିର ବିକାଶ ଲାଗି ଚୁକ୍ତିବଦ୍ଧ ହୋଇଛି। ଏହାଦ୍ୱାରା ଗ୍ରାହକମାନେ ଗୁଣାତ୍ମକ ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ପାଇପାରିବେ। ଟାଟା ପାୱାର ଦ୍ୱାରା ଅଧିଗ୍ରହଣ ପୂର୍ବରୁ ରିଲାଏନ୍ସ ଅଧୀନ ୩ ବିତରଣ କମ୍ପାନୀଠାରୁ ୪ ମାର୍ଚ୍ଚ ୨୦୧୫ ପର୍ଯ୍ୟନ୍ତ ୪୨୩୪.୦୯ କୋଟି ବକେୟା ରହିଛି। ଏହାକୁ ଆଦାୟ ନିମନ୍ତେ ଗ୍ରୀଡ୍‌କୋ ତରଫରୁ ଓଇଆର୍‌ସି ନିକଟରେ ମାମଲା ରୁଜୁ କରାଯାଇଛି। ଏହା ବିଚାରାଧୀନ ଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ କହିଛନ୍ତି।

## ୧୩ ବର୍ଷ ହେବ ଶିଳ୍ପ ଗଣନା ହୋଇନାହିଁ: ମନ୍ତ୍ରୀ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

- ୨୦୦୬-୦୭ ସୁଦ୍ଧା ରାଜ୍ୟରେ ୧୫,୩୧୫ ଏମ୍‌ଏସ୍‌ଏମ୍‌ଇ ବନ୍ଦ ହୋଇଛି
- ୧,୨୯,୯୫୦ କର୍ମଚାରୀ ଜୀବିକା ହରାଇଛନ୍ତି

ରାଜ୍ୟରେ ଗତ ୧୩ ବର୍ଷ ହେବ ଶିଳ୍ପ ଗଣନା ହୋଇନାହିଁ। ୨୦୦୬-୦୭ରେ ହୋଇଥିବା ଚତୁର୍ଥ ସର୍ବଭାରତୀୟ ଶିଳ୍ପ ଗଣନା ଅନୁଯାୟୀ, ରାଜ୍ୟରେ ୧୫ ହଜାର ୩୧୫ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ବିଭିନ୍ନ କାରଣରୁ ବନ୍ଦ ହୋଇଛି। ଏଥିଯୋଗୁ ୧ ଲକ୍ଷ ୨୯ ହଜାର ୯୫୦ ଜଣ କର୍ମଚାରୀ ଚାକିରି ହରାଇଛନ୍ତି। ବିଧାୟକ ନବ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶୁକ୍ରବାର ବିଧାନସଭାରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ସୂଚନା ଦେଇଛନ୍ତି। ତେବେ ଶିଳ୍ପଗୁଡ଼ିକ କେଉଁ କାରଣରୁ ବନ୍ଦ ହୋଇଛି ସେ ବିଷୟ ଜଣାନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ୨୦୨୧ ଜାନୁୟାରୀ ସୁଦ୍ଧା ରାଜ୍ୟରେ ୫,୦୬,୦୧୨ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ସ୍ଥାପିତ ହୋଇଛି। ୨୦୦୬-୦୭ ପରଠାରୁ କେତେ ଶିଳ୍ପ ବନ୍ଦ ହୋଇଛି ସେ ବିଷୟରେ ଗଣନା ହୋଇନାହିଁ। ପରବର୍ତ୍ତୀ ଶିଳ୍ପ ଗଣନା ହେବା ପରେ ୩, ୫ ଓ ୧୦ ବର୍ଷ ଧରି କେତେ ଶିଳ୍ପ ବନ୍ଦ ହୋଇଛି ସେ ନେଇ ତଥ୍ୟ ମିଳିପାରିବ। ରାଜ୍ୟରେ ଇଡ୍‌କୋ ଦ୍ୱାରା ସ୍ଥାପିତ ୧୧୬ଟି ଶିଳ୍ପାଞ୍ଚଳରେ ୫,୭୭୫ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ଯୋଗାଇ ଦିଆଯାଇଛି। ସେଥିରୁ ୯୦୩ଟି ଶିଳ୍ପସଂସ୍ଥା ବନ୍ଦ ରହିଛି।

## ଓଡ଼ିଶା ବୃତ୍ତିଗତ ଶିକ୍ଷାନୁଷ୍ଠାନ ବିଲ୍ ପାରିତ

### ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ହେବେ ଫି' ନିର୍ଦ୍ଧାରଣ କମିଟି ଅଧ୍ୟକ୍ଷ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ହଟ୍ଟଗୋଳ ମଧ୍ୟରେ ଶୁକ୍ରବାର ବିଧାନସଭାରେ ଓଡ଼ିଶା ବୃତ୍ତିଗତ ଶିକ୍ଷାନୁଷ୍ଠାନ (ରେଗୁଲେଶନ ଅଫ୍ ଆଡ୍‌ମିଶନ ଆଣ୍ଡ ଫିକ୍ସେଶନ ଅଫ୍ ଫି) ସଂଶୋଧନ ବିଲ୍-୨୦୨୧ ବାଚନିକ ମତଦାନରେ ପାରିତ ହୋଇଛି। ବିଲ୍ ସଂଶୋଧନ ହେବା ପରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି) କୁଳପତିଙ୍କ ବଦଳରେ ଫି' ନିର୍ଦ୍ଧାରଣ କମିଟିରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ଅଧ୍ୟକ୍ଷ ରହିବେ। ଏହି କମିଟିରେ ଶିଳ୍ପ ସଚିବଙ୍କ ବଦଳରେ ବୈଷୟିକ ଶିକ୍ଷା ସଚିବ ସଦସ୍ୟ ରହିବେ। ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି ଯେ, ବିପିୟୁଟି ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରିଥାଏ। ଫି' ନିର୍ଦ୍ଧାରଣ କମିଟିରେ ବିପିୟୁଟି କୁଳପତି ରହିବା ଠିକ୍ ହେବ ନାହିଁ। ସେଥିପାଇଁ ଏହି କମିଟିର ଅଧ୍ୟକ୍ଷ ଭାବେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି ରହିବେ।

## ବିଜୁ ଯୁବବାହିନୀ ବନ୍ଦ ହୋଇଯାଇଛି: ମନ୍ତ୍ରୀ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ବିଜୁବାବୁଙ୍କ ନାମରେ ଗଠନ କରାଯାଇଥିବା ବିଜୁ ଯୁବବାହିନୀ ବନ୍ଦ ହୋଇଯାଇଛି। ଚଳିତ ଆର୍ଥିକ ବର୍ଷ ୨୦୨୦-୨୧ରେ ଏଥିପାଇଁ କୌଣସି ବ୍ୟୟବରାଦ କରାଯାଇ ନାହିଁ। ଯୁବବାହିନୀ ବର୍ତ୍ତମାନ କାର୍ଯ୍ୟକ୍ଷମ ନାହିଁ ବୋଲି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି। ବିଧାୟକ ଭବାନୀ ଶଙ୍କର ଭୋଇ ଏକ ଲିଖିତ ପ୍ରଶ୍ନରେ ମନ୍ତ୍ରୀଙ୍କଠାରୁ ଜାଣିବାକୁ ଚାହିଁଥିଲେ ଯେ, ବିଜୁ ଯୁବବାହିନୀର ସ୍ଥିତି କ'ଣ ଅଛି, କେଉଁ ଅଞ୍ଚଳରେ ବର୍ତ୍ତମାନ କି କାମ କରୁଛି, କେତେ ଯୁବକ ଯୁବବାହିନୀରେ ଅଛନ୍ତି। ଏହାସହ ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ କେତେ ଆର୍ଥିକ ବ୍ୟବସ୍ଥା କରାଯାଇଛି ବୋଲି ସେ ପଚାରିଥିଲେ। ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର କୌଣସି ଅଞ୍ଚଳରେ ଲୋକଙ୍କ ସ୍ୱାର୍ଥ ପାଇଁ କୌଣସି କାର୍ଯ୍ୟକ୍ରମ ବିଜୁ ଯୁବବାହିନୀ ଦ୍ୱାରା କରାଯାଉନାହିଁ। ଚଳିତ ଆର୍ଥିକ ବର୍ଷରେ ବିଜୁ ଯୁବବାହିନୀ ପାଇଁ ବଜେଟରେ କୌଣସି ଅର୍ଥ ବ୍ୟବସ୍ଥା ହୋଇନାହିଁ। ତେଣୁ ଖର୍ଚ୍ଚର କୌଣସି ଅବକାଶ ନାହିଁ।

ବିଜୁ ଯୁବ ବାହିନୀକୁ ନେଇ ବିରୋଧୀ ଦଳ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ କହିଛନ୍ତି ସରକାର ନିବାଚନ ପାଇଁ ବିଜୁ ଯୁବ ବାହିନୀ ଗଠନ କରିଥିଲେ। ନିର୍ବାଚନ ସରିଯିବା ପରେ ତାହାକୁ ବନ୍ଦ କଲେ। ଏଥିପାଇଁ ଜନସାଧାରଣଙ୍କ ଅର୍ଥକୁ ବରବାଦ କରାଯାଇଛି। କଂଗ୍ରେସ ବିଧାୟକ ଅଧିରାଜ ପାଣିଗ୍ରାହୀ କହିଛନ୍ତି ନିର୍ବାଚନ ସମୟରେ ନିଜର ସ୍ୱାର୍ଥକୁ ସାକାର କରିବାକୁ ବିଜୁ ଯୁବ ବାହିନୀ ଗଠନ କରିଥିଲେ। ଆମେ ଏହାକୁ ବିଜୁ ଗୁଣ୍ଡାବାହିନୀ କହୁଥିଲୁ। ନିର୍ବାଚନ ପରେ ଏହାର ଆବଶ୍ୟକତା ରହିଲା ନାହିଁ। ଏହାକୁ ବନ୍ଦ କରି ଦିଆଗଲା। ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ କହିଛନ୍ତି ଯେ ବିଜୁ ଯୁବ ବାହିନୀ ବନ୍ୟାବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଅନେକ ସହାୟତା କରିଛି। କୋଭିଡ-୧୯ ମହାମାରୀ ପାଇଁ ରାଜ୍ୟ ସରକାର ଏହି ଯୋଜନାରେ ଅର୍ଥ ଦେବାକୁ ବନ୍ଦ କରିଛନ୍ତି। ପରେ ପୁଣି ଅନୁଦାନ ଦେଇ ପାରନ୍ତି।

# ମାଓବାଦୀ କାର୍ଯ୍ୟକଳାପ ହ୍ରାସପାଇଛି

### ୧୬ ମାଓବାଦୀ ମୃତ, ୨୧ ଜଣଙ୍କ ଆତ୍ମସମର୍ପଣ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

୨୦୨୦ରେ ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ ପାଇଛି। ଶୁକ୍ରବାର ବିଧାନସଭାରେ ଉପସ୍ଥାପିତ ଗୃହ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ଏହା କୁହାଯାଇଛି। ଏହି ବର୍ଷରେ ରାଜ୍ୟରେ ୪୧ଟି ମାଓବାଦୀ ହିଂସାକାଣ୍ଡ ଘଟିଛି। ସେଥିରେ ୨୭ଟି ଘଟଣାରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୭ ସାଧାରଣ ଲୋକ ଏବଂ ୨ ଜଣ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି। ମାଓବାଦୀ ଦମନରେ ସୁରକ୍ଷା କର୍ମୀଙ୍କୁ ବଡ଼ ସଫଳତା ମିଳିଛି। ପୋଲିସ ସହ ଗୁଳି ବିନିମୟରେ ୧୬ କୁଖ୍ୟାତ ମାଓବାଦୀଙ୍କୁ ଜୀବନ ହରାଇବାକୁ ପଡିଛି। ସେଥିରେ ଜଣେ ରାଜ୍ୟ କମିଟି ସଦସ୍ୟ ଥିବାବେଳେ ଜଣେ ଡିଭିଜନାଲ କମିଟି ଓ ଜଣେ ଏରିଆ କମିଟି ସଦସ୍ୟ ରହିଛନ୍ତି। ଗ୍ରାମବାସୀଙ୍କ ସହ ଧସ୍ତାଧସ୍ତିରେ ଜଣେ ମାଓବାଦୀଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ୪ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୨୧ ଜଣ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୬୦ ବନ୍ଧୁକ, ୨୬ ମାରଣାସ୍ତ୍ର ସମେତ ବହୁମାତ୍ରାରେ ବିସ୍ଫୋରକ ଜବତ କରାଯାଇଥିବା ରିପୋର୍ଟରେ କୁହାଯାଇଛି। ସୁରକ୍ଷା କର୍ମୀ ଓ ସ୍ଥାନୀୟ ପ୍ରଶାସନ ଯୋଗୁ ମାଲକାନଗିରି, କନ୍ଧମାଳ, ରାୟଗଡା ଜିଲାରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିଥିବା କମିଟି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଧାନ ଝଡ଼ରେ...

ଯେଉଁମାନେ ଚାଷୀଙ୍କୁ ଠକିଛନ୍ତି ସେମାନଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯିବ। ଏସବୁ ଘୋଷଣା ପରେ ବି ଧାନ ଉଠୁନାହିଁ। ଯଦି ବିଧାନସଭାରେ ନିଆଯାଉଥିବା ନିଷ୍ପତ୍ତି ମୂଲ୍ୟହୀନ ତେବେ ଗୃହରେ ଆଲୋଚନା ହେବ କାହିଁକି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ସରକାର ଚାଷୀ, ଗୃହ ଓ ବିଧାୟକମାନଙ୍କ ପ୍ରତି ବେଇମାନ କରନ୍ତୁ ନାହିଁ। ଏହାର ନିଷ୍କର୍ଷ ନ ବାହାରିବା ଯାଏ ବିଧାନସଭା ଚାଲିବା ଉଚିତ କି ବୋଲି ସେ କହିଛନ୍ତି। ସରକାର ତୁରନ୍ତ ସମସ୍ତ ଚାଷୀଙ୍କର ଧାନ କିଣନ୍ତୁ ବୋଲି ନରସିଂହ ଦାବି କରିଥିଲେ। ଭାଜପା ସଭ୍ୟ ଜୟନାରାୟଣ ମିଶ୍ର କହିଲେ, ଗୃହରେ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଉଛନ୍ତି। ତାହା କାର୍ଯ୍ୟକାରୀ ହେଉନାହିଁ। ତେବେ ଏ ଗୃହର ଆବଶ୍ୟକତା କ'ଣ। ଗୃହକୁ ଅପମାନ କରାଯାଉଛି। ଧାନ ମଣ୍ଡିରେ ପଡ଼ି ଗାଈ ଖାଇଲେଣି। ଆମେ ଲୋକପ୍ରତିନିଧି, ଚାଷୀ ଆମକୁ ପଚାରୁଛନ୍ତି ଧାନ କେବେ କିଣା ହେବ। ଆମେ ସେମାନଙ୍କୁ କି ଉତ୍ତର ଦେବୁ। ଆମ ପାଖରେ କି ବିକଳ୍ପ ରହିଛି। ସରକାର ଅଚଳ ହୋଇଥିବା ଧାନ ଟୋକନକୁ ନବୀକରଣ କରି କିଣନ୍ତୁ ବୋଲି ସେ ଦାବି କରିଛନ୍ତି। କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଏ ଗୃହରେ ଭାଜପା, କଂଗ୍ରେସ ବହୁବାର ଚାଷୀ ପ୍ରସଙ୍ଗ ଉଠାଇଛନ୍ତି। ଚାଷୀଙ୍କ ଧାନ କିଣିବାକୁ ସର୍ବଦଳୀୟ ବୈଠକରେ ନିଷ୍ପତ୍ତି ହେଲା। ବିଧାୟକମାନଙ୍କୁ ଅସମ୍ମାନ କରାଯାଇଛି। ଯଦି ବାଚସ୍ପତି ବିଧାୟକମାନଙ୍କୁ ସୁରକ୍ଷା ଦେବେନାହିଁ ତେବେ ଗଣତନ୍ତ୍ର ଭୁଶୁଡ଼ି ପଡ଼ିବ। ଏଠାରେ କୋଉ ଗାଁ ମିଟିଂ ହେଉନି। ବିଧାୟକ, ମନ୍ତ୍ରୀ, ଯନ୍ତ୍ରୀ, ତନ୍ତ୍ରୀ ବସି ନିଷ୍ପତ୍ତି ନିଆଯାଉଛି। ତାହା ବି କାର୍ଯ୍ୟକାରୀ ହେଉନି। ଆମେ ବି ଜଣେ ଜଣେ ଚାଷୀ। ଆମ ଧାନ ମଧ୍ୟ ବିକ୍ରି ହୋଇପାରୁ ନାହିଁ। ଯେ ପର୍ଯ୍ୟନ୍ତ ଧାନ କିଣା ହୋଇନି ସେ ପର୍ଯ୍ୟନ୍ତ ଗୃହ ଚାଲିବ ନାହିଁ। କେବଳ ଭାଜପା ଓ କଂଗ୍ରେସ ନୁହନ୍ତି, ବିଜେଡି ବିଧାୟକ ଓ ମନ୍ତ୍ରୀମାନେ ମଧ୍ୟ ଆମକୁ ଧାନ ଇସ୍ୟୁ ନ ଛାଡ଼ିବାକୁ କହୁଛନ୍ତି। ଟିକେଟ କଟିଯିବା ଭୟରେ ସେମାନେ କିଛି କହୁନାହାନ୍ତି। ଲବିରେ ଆମକୁ ସବୁ କହୁଛନ୍ତି। ଅମଲାମାନଙ୍କ ଦ୍ୱାରା ଶାସନ ଚାଲିଛି। ବାଚସ୍ପତି ତୁରନ୍ତ ଏ ନେଇ ରୁଲିଂ ଦିଅନ୍ତୁ, ନଚେତ ଏ ଗୃହ ଚାଲିପାରିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ ବାରମ୍ବାର ଏ ପ୍ରସଙ୍ଗ ଆମେ ବିଧାନସଭାରେ ଉଠାଉଛୁ। ଟୋକନକୁ ପୁଣି ରିଜେନେରେଟ୍ କରି ନୂଆ ଟୋକନ ଜରିଆରେ ଧାନ କିଣାଯାଉ। ଏ ସରକାର ଚାଷୀ ବିରୋଧୀ। ରାଜ୍ୟ ସରକାର ଧାନ କିଣାରେ ଷ୍ଟାଟସ୍‌କୋ ମେଣ୍ଟେନ କରିଛନ୍ତି। ଧାନ କେଉଁଠୁ ଉଠୁ ନାହିଁ। ଧାନ ନ କିଣିଲେ ଚାଷୀ ଆତ୍ମହତ୍ୟା କରିବେ। ବିଧାୟକମାନେ ମାଡ଼ ଖାଇବେ। ସରକାର ତୁରନ୍ତ ଧାନ କିଣନ୍ତୁ ବୋଲି ସେ କହିଛନ୍ତି। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଲେ, ଧାନ କିଣାକୁ ନେଇ ସର୍ବଦଳୀୟ ବୈଠକ ହେଲା। କିନ୍ତୁ ଫଳ ଶୂନ। ଏ ବିଚିତ୍ର ସରକାର ଚାଷୀଙ୍କ ପ୍ରତି ସମ୍ବେଦନହୀନ ହେଉଛନ୍ତି। ରାଜ୍ୟରେ ବଞ୍ଚିବାର ଆଧାର କୃଷି। ବିଜେଡି ବିଧାୟକମାନେ ମଧ୍ୟ ଏହି ପ୍ରସଙ୍ଗ ଉଠାଇବାକୁ କହୁଛନ୍ତି। ଜିଲା ପରିଷଦ ଜୋନ୍‌ରେ କ୍ରିକେଟ ପ୍ରତିଯୋଗିତା କରିବାକୁ ସରକାର ୧୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ମାତ୍ର ଚାଷୀଙ୍କର ଧାନ କିପରି ଉଠିବ ସେ ନେଇ ପଇସା ନାହିଁ। ଆଗାମୀ ଦିନରେ ବିଧାନସଭାରେ ଯେପରି ଧାନକିଣା ସମ୍ପର୍କରେ ଆଲୋଚନା ହେବ ସେ ନେଇ ରୁଲିଂ ଦିଅନ୍ତୁ ବୋଲି ବିରୋଧୀ ଦଳ ନେତା କହିଛନ୍ତି। ଭାଜପା ସଦସ୍ୟ କୁସୁମ ଟେଟେ କହିଛନ୍ତି ଯେ ବିଧାନସଭା ୧୦ ଦିନ ଛୁଟି ଥିଲା। ଆମେ ସମସ୍ତେ ଏରିଆକୁ ଯାଇଥିଲୁ। ସରକାର ଯାହା ନିଷ୍ପତ୍ତି ନେଇଥିଲେ ସେ ବିଷୟରେ ଜଣାଇଲୁ। ଧାନ ଆଣି ମୋ ପାଖରେ ରଖିଲେ। ଚାଷୀମାନେ ଉହଲବିକଳ ହେଉଛନ୍ତି। ଆମ ପାଖରେ ଉତ୍ତର ନାହିଁ। ଆମେ ସରକାରଙ୍କ କଥାକୁ ବିଶ୍ୱାସ କରିପାରୁ ନାହୁଁ। ଭାଜପା ସଭ୍ୟ ମୋହନ ଚରଣ ମାଝି କହିଲେ, ମୟୂରଭଞ୍ଜରେ ଜଙ୍ଗଲ ହୁ ହୁ ହୋଇ ଜଳୁଛି। ଏପଟେ ଚାଷୀ ଧାନ ବିକ୍ରି କରି ନ ପାରି ଅଭାବୀ ବିକ୍ରି ନିଆଁରେ ଜଳୁଛି। ଗୋଟିଏ କୁଇଣ୍ଟାଲ ଧାନ କିଣା ହୋଇନାହିଁ। ଭାଜପା ସଭ୍ୟ ସୁବାସ ପାଣିଗ୍ରାହୀ ସରକାର ଧାନ ନ କିଣିବାରୁ ଗତ ଅଧିବେଶନରେ ଆତ୍ମାହୁତି ଧମକ ଦେଇଥିଲେ। ଜଣେ ଦି'ଜଣଙ୍କଠାରୁ ଧାନ କିଣିଦେଲେ ସବୁ ଧାନ କିଣା ହୋଇଗଲା ବୋଲି ସରକାର ଧରି ନେଇଛନ୍ତି। ସରକାର ଯଦି ସବୁ ଚାଷୀଙ୍କଠାରୁ ଧାନ ନ କିଣିବେ ତେବେ ଏଥର ସମ୍ପୂର୍ଣ୍ଣ ଭାବେ ଆତ୍ମାହୁତି ଦେବେ ବୋଲି ଧମକ ଦେଇଥିଲେ। ଗୃହର ଉଦ୍‌ବେଗକୁ ଦେଖି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଥିଲେ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶୁକ୍ରବାର ଗୃହ କାର୍ଯ୍ୟ ଶେଷ ହେବା ବେଳକୁ ଗୃହରେ ଧାନ କିଣା ନେଇ ବିବୃତି ଦେବେ। ବିରୋଧୀ ଦଳ ସଦସ୍ୟମାନେ ହଟ୍ଟଗୋଳ କରିବାରୁ ଗୃହକୁ ୧୨ଟା ୧୪ ମିନିଟରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

ଅପରାହ୍ନ ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପରିସ୍ଥିତିରେ କୌଣସି ଉନ୍ନତି ହୋଇ ନ ଥିଲା। ବାଚସ୍ପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉତ୍ତର ଦେଉଥିବା ବେଳେ ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ ମଣ୍ଡି ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ବାଚସ୍ପତିଙ୍କ ପୋଡିୟମ ନିକଟକୁ ଆସି ନିଜ ପକେଟରେ ରଖିଥିବା ସାନିଟାଇଜର ପିଇବାକୁ ଉଦ୍ୟମ କରିଥିଲେ। ବିଭିନ୍ନ ଦଳର ସଦସ୍ୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ତାଙ୍କୁ ସେଥିରୁ ନିବୃତ୍ତ କରିଥିଲେ। ବିଧାନସଭା ଡାକ୍ତରଙ୍କ ଦ୍ୱାରା ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସୂଚନାଯୋଗ୍ୟ ଯେ ସୁବାସ ଚଳିତ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଚାଷୀ ସମସ୍ୟାକୁ ନେଇ ଗୃହରେ ଧାରଣା ଦେବା ସହ ଆତ୍ମାହୁତି ଦେବେ ବୋଲି ଧମକ ଦେଇଥିଲେ। ବିଧାନସଭା ବାହାରେ ସେ ନିଜର ପ୍ରତିକ୍ରିୟାରେ କହିଛନ୍ତି ଯେ ସରକାର ଆମ କଥା ଶୁଣୁନାହାନ୍ତି। ଆମ ପାଖରେ ଆଉ କିଛି ବିକଳ୍ପ ନାହିଁ।




ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି ମହିଳା ରୋଷେୟା ସେବାୟତ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ମାଧ୍ୟମରେ ସରକାରଙ୍କ ନିକଟରେ ୮ଦଫା ଦାବି ରଖାଯାଉଛି।




ସ୍ଥାୟୀ ନିଯୁକ୍ତି ସହ ବିଭିନ୍ନ ଦାବିରେ ରାଜ୍ୟ ସିସି/ପିଏଜି ଆସୋସିଏଶନ ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**୧୫ ହଜାର ଅଫିମ ଗଛ ନଷ୍ଟ**

**ପାଲଲହଡ଼ା,(ଡି.ଏନ.ଏ.)-** ଅନୁଗୋଳ ଜିଲା ପାଲଲହଡା ଥାନା ସିବିଡା ଓ ନଗିରା ଅଞ୍ଚଳରେ ଶୁକ୍ରବାର ଅନୁଗୋଳ ଏବଂ ପାଲଲହଡ଼ା ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ଅଫିମ ଗଛ ନଷ୍ଟ କରିଛନ୍ତି। ପ୍ରାୟ ୨ ଏକର ଜାଗାରେ ବେଆଇନ ଭାବେ ଚାଷ କରାଯାଇଥିବା ୧୫୦୦୦ ରୁ ଉର୍ଦ୍ଧ୍ୱ ଅଫିମ ଗଛ ନଷ୍ଟ କରାଯାଇଥିବା ଜଣାପଡ଼ିଛି। ଦୁର୍ଗମ ପାହାଡିଆ ଅଞ୍ଚଳରେ ଅଫିମ ଚାଷ ହେଉଥିବା ଅଭିଯୋଗ ପରେ ଏସ୍‌ପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶକ୍ରମେ ପାଲଲହଡ଼ା ଉପଖଣ୍ଡ ପୋଲିସ ଅଧିକାରୀ ସୁମନ ରଞ୍ଜିତ ସିଂଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

## ଏନ୍‌ଆର୍‌ଏଲ୍-ପିପିଟି ମଧ୍ୟରେ ଜମି ହସ୍ତାନ୍ତର ଚୁକ୍ତି

**ପାରାଦୀପ,୧୨।୩(ସ୍ୱ.ପ୍ର.)**

ନୁମାଲିଗଡ ରିଫାଇନେରି ଲିମିଟେଡ (ଏନ୍‌ଆର୍‌ଏଲ୍)ଓ ପାରାଦୀପ ପୋର୍ଟ ଟ୍ରଷ୍ଟ(ପିପିଟି) ମଧ୍ୟରେ ଶୁକ୍ରବାର ଅଶୋଧିତ ତୈଳ ଭଣ୍ଡାର ପାଇଁ ଜମି ହସ୍ତାନ୍ତର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପାରାଦୀପ ବନ୍ଦର ଏହି ପ୍ରକଳ୍ପ ପାଇଁ ୨୩୪.୧୪ ଏକର ଜମି ଯୋଗାଇ ଦେବ। ଏଥିରେ ଆସାମର ଏନ୍‌ଆର୍‌ଏଲ୍ ଅଶୋଧିତ ତୈଳଭଣ୍ଡାର କରିବ। ବିଦେଶରୁ ଆମଦାନୀ ତୈଳ ଏଠାରେ ଗଚ୍ଛିତ ରହିବ। ପାରାଦୀପରୁ ଆସାମ ନୁମାଲିଗଡ ପର୍ଯ୍ୟନ୍ତ ପାଇପଲାଇନ ଯୋଗେ ଏହା ଯିବ। ପ୍ରକଳ୍ପ ପାଇଁ ଏନ୍‌ଆର୍‌ଏଲ୍ ୨୨ ହଜାର କୋଟିରୁ ଅଧିକ ଅର୍ଥ ବିନିଯୋଗ କରିବ। ପାରାଦୀପର ଷଣ୍ଢକୁଦ ବସ୍ତିପାଖ ଖାଲି ଜାଗାରେ ଏହି ପ୍ରକଳ୍ପ ହେବ। ଏଥିପାଇଁ ୨୦୨୦ ଫେବୃୟାରୀ ୭ରେ ଭୁବନେଶ୍ୱରରେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ଜମି ବାବଦରେ ଏନଆର୍‌ଏଲ୍ ପ୍ରାଥମିକ ପର୍ଯ୍ୟାୟରେ ୨୦ କୋଟି ଟଙ୍କା ଅଗ୍ରିମ ଦେଇଛି। ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ୍ ମିଶ୍ର ଓ ଏନଆରଏଲ୍‌ର ପ୍ରବୀର କୁମାର ତାଲୁକଦାର ଏହି ଜମି ଲିଜ ଚୁକ୍ତି କରିଥିଲେ। ବନ୍ଦର ଅଧ୍ୟକ୍ଷ ଭିନିତ୍ କୁମାର ଉପାଧ୍ୟକ୍ଷ ଏ.କେ.ବୋଷ ଓ ଏନ୍‌ଆର୍‌ଏଲ୍ ପ୍ରକଳ୍ପ ମୁଖ୍ୟ ମନୋଜ କୁମାର ପେଗୁ ଓ ପାଇପଲାଇନ ଡିଜିଏମ୍ ଏ.ଜେ.ଫୁକନଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

# ଟିଟିପିଏସ୍ ବନ୍ଦ ହେଲେ ଅଦାଲତ ଯିବୁ

### ଏନ୍‌ଟିପିସି ପାୱାର ୱାର୍କର୍ସ ୟୁନିୟନର ଚେତାବନୀ

**ତାଳଚେର,୧୨।୩(ନି.ପ୍ର.)**

ଜାତୀୟ ଶକ୍ତି ବିକାଶ ସ୍ୱାର୍ଥରେ ୩ ଜୁନ ୧୯୯୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଅନୁଗୋଳ ଜିଲା ତାଳଚେରଠାରେ ଥିବା ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)କୁ ଟିଟିପିଏସ୍ ଅଧିଗ୍ରହଣ ଏବଂ ହସ୍ତାନ୍ତର ଧାରା ୧୯୯୪ ଦ୍ୱାରା ଏନ୍‌ଟିପିସିକୁ ହସ୍ତାନ୍ତର କରିଥିଲେ। ଏହି ପ୍ଲାଣ୍ଟର ନବୀକରଣ ଓ ଆଧୁନିକୀକରଣ ସହ କାର୍ଯ୍ୟକାଳ ବିସ୍ତାର କରିବା ଉକ୍ତ ଆଇନରେ ଲକ୍ଷ୍ୟ ରହିଥିଲା। କିନ୍ତୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ପାଳନ ନ କରି ଏନ୍‌ଟିପିସି କର୍ତ୍ତୃପକ୍ଷ ଶତ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ କରି ଆସୁଥିବା ଟିଟିପିଏସ୍‌କୁ ଆସନ୍ତା ୩୧ ତାରିଖ ପରେ ବନ୍ଦ କରିବାକୁ ଯାଉଥିବା କୁହାଯାଉଛି। ଏନ୍‌ଟିପିସିର ଏହି ପଦକ୍ଷେପକୁ ଏନ୍‌ଟିପିସି ପାୱାର ୱାର୍କର୍ସ ୟୁନିୟନ ବେଆଇନ ବୋଲି ଦର୍ଶାଇଛି। ଟିଟିପିଏସ୍ ଅଧିଗ୍ରହଣ ଓ ହସ୍ତାନ୍ତର ଧାରା ୧୯୯୪ରେ କୌଣସି ସମୟରେ ପ୍ଲାଣ୍ଟ ବନ୍ଦ କରିବାର ସୁଯୋଗ ଦିଆଯାଇ ନାହିଁ ବୋଲି ୟୁନିୟନ ଏନ୍‌ଟିପିସିର ବରିଷ୍ଠ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛି। ଯଦି କର୍ତ୍ତୃପକ୍ଷ ଆଇନ ବିରୋଧୀ କାମ କରନ୍ତି, ତା'ହେଲେ ୟୁନିୟନ କୋର୍ଟର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି।

ଟିଟିପିଏସ୍ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ (ଓଏସ୍‌ଇବି) ଅଧୀନରେ ଥିଲା, ଯାହା ଓଡ଼ିଶା ସରକାରଙ୍କ ଏକ ପବ୍ଲିକ ସେକ୍ଟର। ତେବେ ଆର୍ଥିକ ଓ ବୈଷୟିକ ଅସୁବିଧା ଯୋଗୁ ଏହି ପ୍ଲାଣ୍ଟ ପୂର୍ଣ୍ଣମାତ୍ରାରେ ଉତ୍ପାଦନକ୍ଷମ ହୋଇପାରୁ ନ ଥିଲା। ଫଳରେ ବିଦ୍ୟୁତ୍ ଉତ୍ପାଦନ କ୍ରମଶଃ ହ୍ରାସ ଘଟୁଥିଲା। ରାଜ୍ୟ ସରକାର ଏବଂ ଓଏସ୍‌ଇବି ଉଭୟ ଆର୍ଥିକ ଏବଂ ବୈଷୟିକ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ ନ ଥିଲେ। ତେଣୁ ଏହି ପ୍ଲାଣ୍ଟକୁ ଏନ୍‌ଟିପିସିକୁ ହସ୍ତାନ୍ତର ନିମନ୍ତେ ବିଧାନସଭାରେ ଏକ ପ୍ରସ୍ତାବ ଗ୍ରହଣ କଲେ ଓ ଡିସେମ୍ବର ୧୯୯୪ରେ ବିଲ୍ ପାରିତ ହେଲା। ସେହି ବିଲ୍ ମୁତାବକ ଏନ୍‌ଟିପିସି ଆଧୁନିକୀକରଣ ଓ ନବୀକରଣ ମାଧ୍ୟମରେ ଟିଟିପିଏସ୍‌ର ଜୀବନକାଳ ବଢାଇ ପାରିବ। ତତ୍‌ସହିତ ପରିବେଶ ସୁରକ୍ଷାକୁ ମଧ୍ୟ ସୁଦୃଢ଼ୀକରଣ କରିପାରିବ। ଏହି ମୁଖ୍ୟ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଓଡ଼ିଶା ସରକାର ୩ ଜୁନ ୧୯୯୫ରେ ଟିଟିପିଏସ୍ ଅଧିଗ୍ରହଣ ଏବଂ ହସ୍ତାନ୍ତର ଧାରା ୧୯୯୪ ବଳରେ ଏନ୍‌ଟିପିସିକୁ ହସ୍ତାନ୍ତର କରିଥିଲେ। ଉକ୍ତ ଧାରାରେ ଏନ୍‌ଟିପିସିକୁ କୌଣସି ଠାରେ ଟିଟିପିଏସ୍‌ର ଜୀବନକାଳ ହ୍ରାସ କରି ବନ୍ଦ କରିବାର ଅଧିକାର ଦିଆଯାଇ ନାହିଁ। ତେଣୁ ପାୱାର ପ୍ଲାଣ୍ଟ ବନ୍ଦ କରିବା ପାଇଁ ଏନ୍‌ଟିପିସିର ଚିନ୍ତାଧାରା ଟିଟିପିଏସ୍ ଅଧିଗ୍ରହଣ ଏବଂ ହସ୍ତାନ୍ତର ଧାରା ୧୯୯୪ ଚୁକ୍ତିନାମାର ବିରୋଧାଭାସ କରୁଛି ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୧୮ରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପରିବେଶ ସୁରକ୍ଷା ନିମନ୍ତେ ଫ୍ଲୁ ଗ୍ୟାସ୍ ଡି ସଲଫରାଇଜେଶନ ପ୍ଲାଣ୍ଟ ସ୍ଥାପନ କରିବାକୁ ଏନ୍‌ଟିପିସିକୁ ପରାମର୍ଶ ଦେଇଥିଲା। କଣିହାଁସ୍ଥିତ ପ୍ଲାଣ୍ଟରେ ଏନ୍‌ଟିପିସି ଏହା କାର୍ଯ୍ୟକାରୀ ଆରମ୍ଭ କରିଥିବା ବେଳେ ଟିଟିପିଏସ୍‌ରେ କଲାନାହିଁ। ୨୫୦ କୋଟି ଟଙ୍କା ଖର୍ଚ୍ଚକୁ ଡରି ଏନ୍‌ଟିପିସି କର୍ତ୍ତୃପକ୍ଷ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଉକ୍ତ ପଦକ୍ଷେପ ନ ନେବାରୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଟିଟିପିଏସ୍ ଚଳାଇବାକୁ ଅନୁମତି ଦିଆଯାଉ ନ ଥିବା କୁହାଯାଉଛି।

### ବନ୍ଦ ପ୍ରକ୍ରିୟା ପାଇଁ ଇଡି ନିଯୁକ୍ତ



ନୂଆ ଇଡିଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଛି।

**ତାଳଚେର,୧୨।୩(ନି.ପ୍ର.):** ତାଳଚେର ଥର୍ମାଲ୍ ପାୱାର ଷ୍ଟେଶନ (ଟିଟିପିଏସ୍)କୁ ବନ୍ଦ କରିବାକୁ ଏନ୍‌ଟିପିସି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଇତିମଧ୍ୟରେ ଏନ୍‌ଟିପିସି କର୍ତ୍ତୃପକ୍ଷ ବନ୍ଦ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସ୍ୱତନ୍ତ୍ର ଭାବେ ଡି.ଏସ୍. ରାଓଙ୍କୁ ଇଡି ଭାବେ ନିଯୁକ୍ତି ଦେଇଛନ୍ତି। ରାଓ ଗୁରୁବାର ତାଳଚେରରେ ପହଞ୍ଚିବା ପରଠାରୁ ବିଭିନ୍ନ ଅଧିକାରୀ, ଶ୍ରମିକ ସଙ୍ଗଠନ ପ୍ରତିନିଧି,ଏକତା ମଞ୍ଚର ସଦସ୍ୟମାନଙ୍କ ସହ ଘନ ଘନ ବୈଠକ କରୁଥିବା ସୂଚନା ମିଳିଛି। ଅପରପକ୍ଷରେ ଏହି ପ୍ଲାଣ୍ଟ ବନ୍ଦ ନ କରିବା, ଶ୍ରମିକ ଓ ଅଞ୍ଚଳବାସୀଙ୍କ ସ୍ୱାର୍ଥ ପାଇଁ ନୂତନ ପ୍ଲାଣ୍ଟ ସ୍ଥାପନ ଦାବି ନେଇ ଶ୍ରମିକ ଏକତା ମଞ୍ଚ ଚଳାଇଥିବା ଆନ୍ଦୋଳନ ଶୁକ୍ରବାର ୧୯ ଦିନରେ ପହଞ୍ଚିଛି।

## ୮ ନୂତନ ପୁଞ୍ଜିନିବେଶ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସିଙ୍ଗିଲ ୱିଣ୍ଡୋ କମିଟି ବୈଠକରେ ୮ ନୂତନ ପୁଞ୍ଜିନିବେଶ ପ୍ରକଳ୍ପକୁ ନୀତିଗତ ଅନୁମୋଦନ ମିଳିଛି। ଉକ୍ତ ୮ ପ୍ରକଳ୍ପରେ ୧୨୧୪ କୋଟି ଟଙ୍କା ବିନିଯୋଗ ହେବ। ୨୪୨୭ ବ୍ୟକ୍ତିଙ୍କ ଲାଗି ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ। ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ପ୍ରକଳ୍ପ ଗୁଡିକର ବୈଷୟିକ, ଆର୍ଥିକ ଏବଂ ଭିତ୍ତିଭୂମି ସମ୍ପର୍କିତ ବିଷୟ ଉପସ୍ଥାପନ କରିଛନ୍ତି। ଅନୁମୋଦନ ଲାଭ କରିଥିବା ପ୍ରକଳ୍ପ ମଧ୍ୟରେ ଏନର୍ଜି ମିନେରାଲସ୍ ପ୍ରାଇଭେଟ ଲିମିଟେଡ ୨୫୬ କୋଟି ଟଙ୍କା ବିନିଯୋଗରେ ଲୁହା ପଥର ବେନିଫିକେସନ ଓ ପେଲେଟ ପ୍ଲାଣ୍ଟ ପ୍ରକଳ୍ପ କରିବ ଏଥିରେ ୨୭୪ ଜଣ ନିଯୁକ୍ତି ସୁଯୋଗ ପାଇବେ। ସେହିପରି ଆଇ.ୟି.ସି ଲିମିଟେଡ ୫ ତାରକା ବିଶିଷ୍ଟ ହୋଟେଲ କରିବ ଏଥିରେ ୧୪୧.୧୪ କୋଟି ପୁଞ୍ଜି ବିନିଯୋଗ ହେବାକୁ ଥିବାବେଳେ ୧୨୦ ଜଣ ନିଯୁକ୍ତି ସୁଯୋଗ ପାଇବେ। ଫାଲକନ ରିଅଲ ଇଷ୍ଟେଟ ପ୍ରାଇଭେଟ ଲିମିଟେଡ ଏକ ୫ ତାରକା ହୋଟେଲ କରିବାକୁ ଥିବାବେଳେ ଏଥିଲାଗି ୧୨୦.୨୬ କୋଟି ଟଙ୍କା ବିନିଯୋଗ ହେବ ଏବଂ ୯୦୦ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ବ୍ରିଟାନିକା ଇଣ୍ଡଷ୍ଟ୍ରିଜ ଲିମିଟେଡ ଖୋର୍ଦ୍ଧାରେ ଥିବା ବିସ୍କୁଟ ଓ କେକ୍ ପ୍ରକଳ୍ପର ସମ୍ପ୍ରସାରଣ ଲାଗି ୯୩.୬୦ କୋଟି ଖର୍ଚ୍ଚ କରିବ ଏହାଦ୍ୱାରା ୩୫୦ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ। ଇନ୍ଦାଲକ୍ ସ୍ପିରିଟ୍ ପ୍ରାଇଭେଟ ଲିମିଟେଡ ଶସ୍ୟ ଭିତ୍ତିକ ଡିଷ୍ଟିଲାରୀ ପ୍ଲାଣ୍ଟ କରିବାକୁ ଥିବାବେଳେ ଏଥିଲାଗି ୨୦୪.୬୦ କୋଟି ଟଙ୍କା ଖର୍ଚ୍ଚ କରିବ ଏବଂ ଏହାଦ୍ୱାରା ୧୮୫ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମାସ୍ ସ୍ପିରିଟ୍ସ ପ୍ରାଇଭେଟ ଲିମିଟେଡ ମଧ୍ୟ ଏକ ଶସ୍ୟ ଭିତ୍ତିକ ଡିଷ୍ଟିଲାରୀ ଏବଂ ବଟଲିଂ କାରଖାନା ୨୦୪.୬୦ କୋଟିଟଙ୍କା ବିନିଯୋଗରେ କରିବାକୁ ଥିବାବେଳେ ଏହାଦ୍ୱାରା ୧୮୫ଜଣଙ୍କୁ ନିଯୁକ୍ତି ମିଳିବ। ସର୍ବେଶ ରିଫାକ୍ଟୋରିଜ ପ୍ରାଇଭେଟ୍ ଲିମିଟେଡ୍ ସୁନ୍ଦରଗଡ଼ ଜିଲାସ୍ଥିତ ରିଫ୍ରାକ୍ଟୋରୀ କାରଖାନାର ସମ୍ପ୍ରସାରଣ ୧୨୩.୨୫ କୋଟି ଟଙ୍କା ବିନିଯୋଗରେ କରିବ। ଏହାଦ୍ୱାରା ୨୯୯ ଜଣଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପୁରବ ପ୍ୟାକେଜିଂ ପ୍ରାଇଭେଟ ଲିମିଟେଡ୍ ପଲି ପ୍ରପେଲିନ୍ କାରଖାନା କରିବାକୁ ଥିବାବେଳେ ଏଥିଲାଗି ୬୦ କୋଟି ଟଙ୍କା ବିନିଯୋଗ କରିବ ଏବଂ ଏହାଦ୍ୱାରା ୬୦ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ବୈଠକରେ ବହୁ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ପରିଶ୍ରମୀ ଯୁବକ ନିଜ ଅଞ୍ଚଳରେ ରହି ଅଳ୍ପ ପୁଞ୍ଜି ବିନିଯୋଗରେ ଏକ ପ୍ରତିଷ୍ଠିତ କମ୍ପାନୀରେ କାମ କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଯୋଗାଯୋଗ କରନ୍ତୁ।
ନିହାରିକା ବେକର୍ସ
(Maker of RUSK, Biscuit, Cake)
Contact: 9439722795
9090171727

URGENT REQUIRED
EASY FINANCE
MARKETING EXECUTIVE 50 Nos
Good Salary + Incentive + Fuel +
Most have 2 Wheler with DL
32-E, The Chandan Ground Floor, Ashok Nagar, BBSR, Landmark-Hotel Rail View.
0674-3569237, 7873208200, 6370928024

WANTED
Looking for FIELD SALES EXECUTIVE for an International Organization with fixed salary & attractive incentive.
Call@9830366867

WANTED
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ।
କମଲ ପ୍ଲେସ୍‌ମେଣ୍ଟ, ସୁରତ୍, ଗୁଜୁରାଟ
CONTACT : 9157312448

## ସୁପ୍ରିମକୋର୍ଟରେ ପିଆଇଏଲ୍ ପାଇଁ ପ୍ରସ୍ତୁତ

### ମହାନଦୀ ଜଳ ବିବାଦ

■ ୩ କାର୍ଯ୍ୟକ୍ରମ ପାଇଁ ମହାନଦୀ ବଞ୍ଚାଅ ଆନ୍ଦୋଳନର ନିଷ୍ପତ୍ତି

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ଅନେକ ଦାବି, ଧାରଣା, ଧର୍ମଘଟ, ଆନ୍ଦୋଳନ, ଅନଶନ ପରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ ଗଠନ କଲେ। ସମସ୍ତେ ବହୁ ଆଶାରେ ଥିଲେ, ଓଡ଼ିଶାକୁ ଏଥିରୁ ନିଶ୍ଚିତ ନ୍ୟାୟ ମିଳିବ। ହେଲେ ଟ୍ରିବ୍ୟୁନାଲର ୩ ବର୍ଷର ଦୀର୍ଘ ସମୟରେ ପ୍ରଥମ ପଦକ୍ଷେପ ସ୍ୱରୂପ ତଥ୍ୟର ଆଦାନ ପ୍ରଦାନ ଏ ପର୍ଯ୍ୟନ୍ତ ହେଲା ନାହିଁ। ଛତିଶଗଡ଼ ବେଆଇନ ଭାବେ ନିର୍ମାଣ କରିଥିବା ବ୍ୟାରେଜର ନିର୍ମାଣ କାର୍ଯ୍ୟ ଓ ଜଳଧାରଣରେ କୌଣସି ରୋକ ଲଗାଗଲା ନାହିଁ। ଏହିସବୁ ସମସ୍ୟାର ସମାଧାନ ଓ ଆଗାମୀ ଦିନରେ କ'ଣ ପଦକ୍ଷେପ ନିଆଯିବ ଆବଶ୍ୟକ ସେନେଇ ଏକ ବିଚାରବିମର୍ଶ ବୈଠକ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟର ରାଜନୈତିକ ଦଳ, ଗଣ ସଙ୍ଗଠନ, ବୁଦ୍ଧିଜୀବୀ ଓ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ମହାନଦୀ ଟ୍ରିବ୍ୟୁନାଲଠାରୁ କୌଣସି ଦୃଷ୍ଟାନ୍ତମୂଳକ ନିର୍ଦ୍ଦେଶ ନ ମିଳିବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ନଦୀର ପର୍ଯ୍ୟାବରଣ ଓ ପ୍ରବାହ ସୁରକ୍ଷା କ୍ଷେତ୍ରରେ ଟ୍ରିବ୍ୟୁନାଲ କୌଣସି ପଦକ୍ଷେପ ନେଇନାହାନ୍ତି। ଅନ୍ତରୀଣ ନିର୍ଦ୍ଦେଶ ନ ମିଳିଲେ ଆସନ୍ତା ଦିନରେ ୩ଟି କାର୍ଯ୍ୟକ୍ରମ ପାଇଁ ମୁଖ୍ୟତଃ ନିଷ୍ପତ୍ତି ହୋଇଛି। ପ୍ରଥମ ହେଲା ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଟ୍ରିବ୍ୟୁନାଲ କାର୍ଯ୍ୟକାରିତା ନେଇ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା(ପିଆଇଏଲ୍)। ଦ୍ୱିତୀୟ ହେଲା ପୁନର୍ବାର ଆପୋସ ବୁଝାମଣା ଲାଗି ଉଭୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା। ତୃତୀୟ ନିଷ୍ପତ୍ତି ହେଲା ଏପ୍ରିଲ ୨୦ରୁ ୩୦ ପର୍ଯ୍ୟନ୍ତ ମହାନଦୀ ଉତ୍ପତ୍ତିସ୍ଥଳ ମଧ୍ୟପ୍ରଦେଶରୁ ଅନ୍ତିମସ୍ଥଳ ପର୍ଯ୍ୟନ୍ତ ଅବବାହିକା ଅଧିବାସୀଙ୍କୁ ଜାଗ୍ରତ ପାଇଁ ସର୍ବଭାରତୀୟ ଜଳ ଆନ୍ଦୋଳନ କର୍ମୀଙ୍କୁ ନେଇ ଜାତୀୟସ୍ତରୀୟ ସଚେତନତା ଯାତ୍ରା।

ଜଳମାନବ ରାଜେନ୍ଦ୍ର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି, ମହାନଦୀ ଟ୍ରିବ୍ୟୁନାଲର କାର୍ଯ୍ୟକ୍ରମ ଉପରେ ଏକ ଜନ ଶ୍ୱେତପତ୍ର ଆସିବା ଆବଶ୍ୟକ। କେବଳ ଆଇନଗତ ଦିଗ ନ ଦେଖି ଉଭୟ ରାଜ୍ୟର ନଦୀ ଅବବାହିକା ଲୋକଙ୍କ କଥା ଶୁଣାଯିବା ଦରକାର। ବିଜେଡି ଉପସଭାପତି ଦେବୀ ମିଶ୍ର କହିଛନ୍ତି, ଛତିଶଗଡ଼ ଚେକ ଡ୍ୟାମ କହି ଯେଉଁ ବଡ଼ବଡ଼ ବ୍ୟାରେଜ ନିର୍ମାଣ କଲା ଆମେ ତାକୁ ରିଜେକ୍ଟ କରିବାକୁ ଭୁଲି ଏବେ ଏହି ଅବସ୍ଥାରେ ପଡିଛେ। ମହାନଦୀ ବଞ୍ଚାଓ ଆନ୍ଦୋଳନ ପିଆଇଏଲ୍ କରିବା ଆବଶ୍ୟକ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ରୋଗୀ ମୃତ୍ୟୁ ପରେ ଡାକ୍ତର ଆସିବା କାର୍ଯ୍ୟ ପରି ରାଜ୍ୟ ସରକାର ଏବେ ବାଉଳା ହେଉଛନ୍ତି। ଏଥିଲାଗି ରାଜ୍ୟ ସରକାର ପ୍ରଥମେ ନିଜ ଜଳର ଠିକ ବିନିଯୋଗ କରନ୍ତୁ। ଛତିଶଗଡ ସରକାର ତାଙ୍କ ରାଜ୍ୟ ପାଇଁ ଏହା କରିଥିବା ବେଳେ ଆମେ କ'ଣ କରିଛେ ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

## ୧୫ରୁ କୃଷି ଓଡ଼ିଶା, ମାସ୍କଟ ଉନ୍ମୋଚିତ

### ପାଳଛତୁ ଉତ୍ପାଦନରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**




ମାସ୍କଟ ଉନ୍ମୋଚନ ଅବସରରେ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସହ ଅନ୍ୟମାନେ।

ଆସନ୍ତା ୧୫ ତାରିଖରୁ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ 'କୃଷି ଓଡ଼ିଶା-୨୦୨୧' ଆରମ୍ଭ ହେବ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଶୁକ୍ରବାର ଏହି କୃଷି ମହୋତ୍ସବର ମାସ୍କଟ ଉନ୍ମୋଚିତ ହୋଇଛି। ମାସ୍କଟ ଉନ୍ମୋଚନ କରିବା ଅବସରରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି, ଚଳିତ ବର୍ଷ କୃଷି ଓଡ଼ିଶାର ବିଷୟବସ୍ତୁ ରହିଛି 'ସମନ୍ୱିତ ଚାଷ, ଚାଷୀର ବିକାଶ'। ଏହାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ସହଯୋଗିତାରେ ଆୟୋଜନ କରାଯାଉଛି। ତେବେ ମାସ୍କଟ୍ ଭାବେ 'ଛତୁ' ରଖାଯାଇଛି। ଛତୁର ଗୁଣାତ୍ମକ ମାନ, ସହଜ ଉପଲବ୍ଧତା, ଅଧିକ ଲାଭ, ଉନ୍ନତ ପୁଷ୍ଟିଯୁକ୍ତ ଖାଦ୍ୟପ୍ରାଣ ହୋଇଥିବାରୁ ଏହାକୁ କୃଷି ଓଡ଼ିଶା ୨୦୨୧ର ମାସ୍କଟ ଭାବେ ଚୟନ କରାଯାଇଛି। ଛତୁ ଉତ୍ପାଦନରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପାଳ ଛତୁରେ ପ୍ରଥମ ସ୍ଥାନ ଅଧିକାର କରିଛି। ଆଗାମୀ ଦିନରେ ଛତୁ ଉତ୍ପାଦନକୁ ପ୍ରୋତ୍ସାହିତ କରି ଉତ୍ପାଦନ ବୃଦ୍ଧି ସହ ରପ୍ତାନୀ କରିବାକୁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଉନ୍ନତିକରଣ ପାଇଁ ବୈଷୟିକ ଜ୍ଞାନକୌଶଳ, କୃଷି ଯାନ୍ତ୍ରିକୀକରଣ, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ସମ୍ବଳ ବିକାଶ, ବଜାର ସୁବିଧା, ଆବଶ୍ୟକ ଋଣର ସହଜ ଉପଲବ୍ଧତା, ଉନ୍ନତ କୃଷି ସାମଗ୍ରୀର ବିନିଯୋଗ ଓ ବିତରଣ ବ୍ୟବସ୍ଥା ଏବଂ କୃଷି ଉଦ୍ୟୋଗ ସ୍ଥାପନ ନିମନ୍ତେ ଗୋଟିଏ ଛାତତଳେ ସବୁ ଅଂଶୀଦାରଙ୍କୁ ଏକାଠି କରି ସେମାନଙ୍କ ଉନ୍ନତ ଜ୍ଞାନକୌଶଳ 'କୃଷି ଓଡ଼ିଶା' ମାଧ୍ୟମରେ ପ୍ରଦର୍ଶିତ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବେ। ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୋଟ୍ ୧୬୦ ମଣ୍ଡପ ପ୍ରଦର୍ଶିତ ହେବ। ଚଳିତବର୍ଷ କୃଷି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ହେଉଛି ୧୦ ବିଷୟବସ୍ତୁ ଉପରେ କୃଷକ, କୃଷି ଉଦ୍ୟୋଗୀ, ବିଶେଷଜ୍ଞ ଓ ବୈଜ୍ଞାନିକଙ୍କ ସହ ଆଲୋଚନାଚକ୍ର। ଏହି ଅବସରରେ ରାଜ୍ୟର ସମସ୍ତ ଜିଲାରୁ ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ ପ୍ରଦର୍ଶନ କରିଥିବା ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ପ୍ରଥମଥର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ 'କୃଷି ଓଡ଼ିଶା' କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବାର ବ୍ୟବସ୍ଥା ରହିଛି। କୋଭିଡ୍-୧୯ ମାର୍ଗଦର୍ଶିକା ଅନୁପାଳନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

MAHANADI COALFIELDS LIMITED
(A Subsidiary of Coal India Limited)
JAGRITI VIHAR, BURLA-768020, DIST-SAMBALPUR, ODISHA
Tel Phone (EPABX) - 0663-2542461 to 469 Website : www.mahanadicoal.in
Ref No:- MCL/HA/Hiring of Services/Rev.Pers./2021/736 Dt:-03/03/2021
RECRUITMENT NOTICE
Hingula Area, Mahanadi Coalfields Limited, invites applications for **hiring of services on fixed consolidated remuneration basis for a period of One year** from eligible citizens of India for the following **Revenue related Assignments**. Applications from candidates fulfilling the eligibility criteria must reach on or before **30th Mar' 2021** in the Office of the **General Manager, Hingula Area, PO-NS Nagar, Angul, Odisha-759148.**

| Sl. No. | Description | Consolidated Remuneration | No of Persons Required |
|---|---|---|---|
| 1. | Revenue Inspector | ₹20,000.00 PM | 03 |
| 2. | Amin | ₹15,000.00 PM | 03 |

Detailed Advertisement/ Notice with regard to Application Form, Eligibility criteria, Age, Last Date of receipt of application and other terms & conditions will be available on MCL's website: www.mahanadicoal.in shortly and Applications complete in all respect can be submitted in between **15.03.2021 to 30.03.2021**. Any addendum/Corrigendum in this regard will be hosted on MCL's website and Area Notice Board only.
R-5035
General Manager,
Hingula Area.

## ଶିକ୍ଷା ଗବେଷଣା ପାଇଁ ୪୦ ଯୁବ ଅଧ୍ୟାପକଙ୍କୁ ମିଳିବ ୫ଲକ୍ଷ ଟଙ୍କାର ସିଡ୍ ଫଣ୍ଡ

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ପାଇଁ ଗବେଷଣା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନା ରାଜ୍ୟରେ ଗବେଷଣା ସଂସ୍କୃତିକୁ ବ୍ୟାପକ କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଉଚ୍ଚଶିକ୍ଷାର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ହୋଇଥିବାବେଳେ ଏହି ଯୋଜନାରେ ଯୁବ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି ଯୋଗାଇଦେବେ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୪୦ଜଣ ଯୁବ ଅଧ୍ୟାପକଙ୍କୁ ୫ଲକ୍ଷ ଟଙ୍କାର ସିଡ୍ ଫଣ୍ଡ ଦିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କମାର ସାହୁ କହିଛନ୍ତି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ଯୁବ ଅଧ୍ୟାପକଙ୍କୁ ଗବେଷଣା ଓ ସନ୍ଦର୍ଭ ପ୍ରକାଶନ ନିମନ୍ତେ ସହାୟତା ଯୋଗାଇ ଦିଆଯିବ। ସେହିପରି ଏହି ଯୋଜନାରେ ୩୫ଟି ବିଷୟରେ ରାଜ୍ୟ ବିଶ୍ୱବିଦ୍ୟାଳୟର ପୂର୍ଣ୍ଣକାଳୀନ ଗବେଷଣାରତ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ନିମନ୍ତେ ମାସିକ ୧୫ହଜାର ଟଙ୍କା ଫେଲୋସିପ ପ୍ରଦାନ କରାଯାଉଛି। ପ୍ରତି ବିଷୟରେ ୫ଟି ଲେଖାଏ ଫେଲୋସିପ ଦିଆଯାଉଛି। ଏଥିରେ ମହିଳାଙ୍କ ନିମନ୍ତେ ୪୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି ବୋଲି ଶୁକ୍ରବାର ପୁସ୍ତକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହିତ ଏହାଦ୍ୱାରା ରାଜ୍ୟର ଯୁବ ଗବେଷକମାନେ ବହୁଳ ଭାବେ ଉପକୃତ ହେବେ ବୋଲି କହିଥିଲେ।

इंडियन बैंक Indian Bank
इलाहाबाद ALLAHABAD
ଓଲ୍ଡ ଷ୍ଟେସନ ସ୍କୋୟାର ଶାଖା, ଏ/୨୭, କଟକ ରୋଡ, ଝାରପଡା ଓଭରବ୍ରିଜ ନିକଟ, ଭୁବନେଶ୍ୱର-୭୫୧୦୦୬
ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ)

ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା /ଜାମିନ୍‌ଦାର / ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ ବ୍ୟାଙ୍କ (ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା), ଓଲ୍ଡ ଷ୍ଟେସନ ସ୍କୋୟାର ଶାଖା** ନିକଟରେ ଉତ୍ତରଦାୟୀ ରହିବେ।
***ଏତ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଋଣଗ୍ରହୀତା /ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡ଼ିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ଦ୍ୱାରକା ଜୁଏଲର,** ପ୍ଲଟ ନଂ. ୧୩୮, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, **ପାର୍ଟନର / ଜାମିନ୍‌ଦାର: ଶ୍ରୀ ଦ୍ୱାରକା ନାଥ ପାତ୍ର,** ପିତା-ଽପି.ସାରୁ ପାତ୍ର, **ପାର୍ଟନର / ଜାମିନ୍‌ଦାର/ ବନ୍ଧକଦାତାମାନେ: (୧)ଶ୍ରୀମତୀ ପୁଷ୍ପାଞ୍ଜଳୀ ପାତ୍ର,** ସ୍ୱା-ଶ୍ରୀ ଦ୍ୱାରକା ନାଥ ପାତ୍ର, **(୨)ଶ୍ରୀ ଉମାଶଙ୍କର ପାତ୍ର,** ପିତା-ଶ୍ରୀ ଦ୍ୱାରକା ନାଥ ପାତ୍ର, **(୩)ଶ୍ରୀମତୀ ଶୁଭଶ୍ରୀ ପାତ୍ର,** ସ୍ୱା-ଶ୍ରୀ ଉମାଶଙ୍କର ପାତ୍ର, ସମସ୍ତଙ୍କ ଠିକଣା: ପ୍ଲଟ ନଂ. ୩୪୯/୩୪୬୭, ଓଲ୍ଡ ଷ୍ଟେସନ ସ୍କୋୟାର ନିକଟ, କଟକ ରୋଡ, ଭୁବନେଶ୍ୱର-୬, **ବନ୍ଧକଦାତା/ଜାମିନ୍‌ଦାରମାନେ: (୧)ଶ୍ରୀମତୀ ଉଦୟମାଳା ପାତ୍ର,** ସ୍ୱା-ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର, ପ୍ଲଟ ନଂ.୩୪୯(ପି), ସ୍ୱାଗତ ହୋଟେଲ ନିକଟ, କଟକ ରୋଡ, ଭୁବନେଶ୍ୱର-୭୫୧୦୦୬, **(୨)ବିଲ୍‌କିସ୍ ପାତ୍ର,** ପିତା-ଶ୍ରୀ ଦ୍ୱାରକା ନାଥ ପାତ୍ର, ପ୍ଲଟ ନଂ. ୩୪୯/୩୪୬୭, ଓଲ୍ଡ ଷ୍ଟେସନ ସ୍କୋୟାର ନିକଟ, କଟକ ରୋଡ, ଭୁବନେଶ୍ୱର-୬। | **(୧)ପୁଷ୍ପାଞ୍ଜଳୀ ପାତ୍ର**ଙ୍କ ନାମରେ ଥିବା ବାସପୋଯୋଗୀ ଗୃହ ଯାହାର ହାଲ ପ୍ଲଟ ନଂ. ୩୪୯/୩୪୬୭, ହାଲ ଖାତା ନଂ. ୧୭୩, ପାର୍ଟ ସାବିକ ପ୍ଲଟ ନଂ.୧୪/୩୭୩୪, ଖାତା ନଂ. ୬୪୭, ମୌଜା- ଭୁବନେଶ୍ୱର ସହର, ୟୁନିଟ୍-୩୦, ଲକ୍ଷ୍ମୀସାଗର-୧, ଜମି ଏରିଆ-ଏକର ୦.୦୫୦, ଚଉହଦି: ପୂର୍ବ-ପଠାଣୀ ବେହେରା ଏବଂ ଅନ୍ୟମାନଙ୍କ ଜମି, ପଶ୍ଚିମ- ଶ୍ରୀମତୀ ମଞ୍ଜୁବାଳା ପାତ୍ରଙ୍କ ସମ୍ପତ୍ତି, ଉତ୍ତର- କୁସୁମ କୁମାରୀ ପାତ୍ରଙ୍କ ସମ୍ପତ୍ତି, ଦକ୍ଷିଣ- ରାସ୍ତା, **(୨) ଉଦୟମାଳା ପାତ୍ର**ଙ୍କ ନାମରେ ଥିବା ବାସପୋଯୋଗୀ ଗୃହ ଯାହାର ହାଲ ପ୍ଲଟ ନଂ. ୩୪୯/୩୪୬୫, ଖତିୟାନ ନଂ. ୧୫୯୩/୯୪୮, ମୌଜା- ଭୁବନେଶ୍ୱର ସହର, ୟୁନିଟ୍-୩୦, ଲକ୍ଷ୍ମୀସାଗର-୧, ଜମି ଏରିଆ-ଏକର ୦.୦୫୦, ଚଉହଦି: ପୂର୍ବ-ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ସମ୍ପତ୍ତି, ପଶ୍ଚିମ- ଗୌରାଙ୍ଗ ସୁନ୍ଦରଙ୍କ ସମ୍ପତ୍ତି, ଉତ୍ତର- ରାସ୍ତା, ଦକ୍ଷିଣ- ଅଶୋକ କୁମାର ପାତ୍ରଙ୍କ ସମ୍ପତ୍ତି, **(୩)ଶୁଭଶ୍ରୀ ପାତ୍ର**ଙ୍କ ନାମରେ ଥିବା ବାସପୋଯୋଗୀ ଫ୍ଲାଟ ଯାହାର ଫ୍ଲାଟ ନଂ.୩୦୧, ୩ୟ ମହଲା, ବ୍ଲକ-ବି, ଆପାର୍ଟମେଣ୍ଟ ନାମ- ଶିବନାଥ ଲାଇଫ୍ ଷ୍ଟାଇଲ୍, ଯାହାକି ପ୍ଲଟ ନଂ.୮୩୭/୧୯୫୨, ଖାତା ନଂ.୧୦୩୩, ଅନୁରୂପ କିଏ ପ୍ଲଟ ନଂ.୩୩୮ ଏବଂ ୮୩୭, ସହୀଦ ନଗର, ତହସିଲି-ଭୁବନେଶ୍ୱରରେ ଅବସ୍ଥିତ, ଚଉହଦି: ପୂର୍ବ- ଫ୍ଲାଟ ନଂ.୩୦୨, ପଶ୍ଚିମ-ବାରଣ୍ଡା, ଉତ୍ତର- ଲିଫ୍ଟ, ଦକ୍ଷିଣ- ଖୋଲା ଯାଗା, **(୪)ଶୁଭଶ୍ରୀ ପାତ୍ର**ଙ୍କ ନାମରେ ଥିବା ବାସପୋଯୋଗୀ ଫ୍ଲାଟ ଯାହାର ଫ୍ଲାଟ ନଂ.୧୦୪, ପ୍ରଥମ ମହଲା, ବ୍ଲକ-ବି, ଆପାର୍ଟମେଣ୍ଟ ନାମ- ଶିବନାଥ ଲାଇଫ୍ ଷ୍ଟାଇଲ୍, ଯାହାକି ପ୍ଲଟ ନଂ.୮୩୭/୧୯୫୨, ଖାତା ନଂ.୧୦୩୩, ଅନୁରୂପ କିଏ ପ୍ଲଟ ନଂ.୩୩୮ ଏବଂ ୮୩୭, ସହୀଦ ନଗର, ତହସିଲି-ଭୁବନେଶ୍ୱରରେ ଅବସ୍ଥିତ, ଚଉହଦି: ପୂର୍ବ- ପାହାଚ, ପଶ୍ଚିମ-ଖୋଲା ଯାଗା, ଉତ୍ତର- ବାରଣ୍ଡା/ଫ୍ଲାଟ ନଂ.୧୦୩, ଦକ୍ଷିଣ- ଖୋଲା ଯାଗା, **(୫) ଉମାଶଙ୍କର ପାତ୍ର**ଙ୍କ ନାମରେ ଥିବା ଖୋଲା ପ୍ଲଟ ଯାହାର ମୌଜା- ଦଶବାଟିଆ, ଖାତା ନଂ.୩୨, ପ୍ଲଟ ନଂ.୩୪, ସବ୍ ପ୍ଲଟ ନଂ.-୬୦, ଏରିଆ- ଏକର୦.୦୫୫ ଡିସିମିଲି, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଚଉହଦି: ପୂର୍ବ-ରାସ୍ତା, ପଶ୍ଚିମ-ବିଲ୍‌କିସ୍ ପାତ୍ରଙ୍କ ପ୍ଲଟ, ଉତ୍ତର- ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୪୭, **(୬) ବିଲ୍‌କିସ୍ ପାତ୍ର**ଙ୍କ ନାମରେ ଥିବା ଖୋଲା ପ୍ଲଟ ଯାହାର ମୌଜା- ଦଶବାଟିଆ, ଖାତା ନଂ.୩୨, ପ୍ଲଟ ନଂ.୩୪, ସବ୍ ପ୍ଲଟ ନଂ.-୫୯, ଏରିଆ- ଏକର୦.୦୫୫ ଡିସିମିଲି, ସବ୍-ରେଜିଷ୍ଟ୍ରାର: ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଚଉହଦି: ପୂର୍ବ-ଉମାଶଙ୍କର ପାତ୍ରଙ୍କ ପ୍ଲଟ, ପଶ୍ଚିମ- ରାସ୍ତା, ଉତ୍ତର- ରାସ୍ତା, ଦକ୍ଷିଣ-ବିକ୍ରେତାଙ୍କ ଜମି(ପ୍ଲଟ ନଂ.୪୭)। | ୧୯.୦୫.୨୦୨୦ | ୦୯.୦୩.୨୦୨୧ | ତା.୧୯.୦୫.୨୦୨୦ ସୁଦ୍ଧା **ଟ.୫,୫୪,୨୪,୯୦୩/-** + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |

ସ୍ଥାନ-ଭୁବନେଶ୍ୱର
ତାରିଖ-୧୨.୦୩.୨୦୨୧
କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ
(ପୂର୍ବରୁ ଆଲ୍ଲାହାବାଦ ବ୍ୟାଙ୍କ ଥିଲା)

सेन्ट्रल माइन प्लानिंग एण्ड डिज़ाइन इन्स्टीच्यूट लिमिटेड
cmpdi Central Mine Planning & Design Institute Ltd.
( A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA
NOTICE FOR NON-EXECUTIVE CADRE EMPLOYEES RETIRED FROM CIL/SUBSIDIARIES
Retired Non-Executive Cadre employees of CIL & its Subsidiaries, subject to fulfilling other conditions, can become member of the Contributory Post Retirement Medicare Scheme for Non-Executives (Modified) along with their spouse and divyang child, if any, **till 31.03.2021 as last chance.** Interested applicants must contact the Head of Non-Executive Establishment from where they retired **at the earliest possible.**

THE ODISHA AGRO INDUSTRIES CORPORATION LIMITED
(A Govt. of Odisha Undertaking)
95, Satya Nagar, Bhubaneswar-751007
EMPANELMENT OF ELECTRICAL CONTRACTORS
Applications are invited for empanelment of electrical contractors in the Corporation in prescribed form from eligible electrical contractors / firms having HT license in confirmity to OERC for execution of all types of electrical works at different locations of Odisha. The vendors / contractors should have sufficient experience in construction & execution of projects with electrical works. The interested firms / contractors may submit their non-binding Expression of Interest (EOI) on or before **dt.13.04.2021 up to 4 p.m.** The application form if downloaded from www.orissaagro.com be attached with non-refundable fee in shape of Demand Draft (D.D.) for **Rs.5900/- (Rupees Five Thousand Nine Hundred Only) (incl. of GST)** of any nationalized bank drawn in favour of M.D., The Odisha Agro Industries Corporation Ltd. payable at Bhubaneswar along with required documents as specified in the form. Application Form can also be purchased from the Head Office of OAIC Ltd., Bhubaneswar on payment of **Rs.5900/- (Rupees Five Thousand Nine Hundred only)** (non-refundable) in shape of Bank Draft or Cash on all working days. The undersigned reserves the right to accept / reject any or all application (s) without assigning any reason thereof.
Sd/-
MANAGING DIRECTOR

## ଦୁର୍ଘଟଣାରେ ୩ ଗୁରୁତର

ଛେଣ୍ଡିପଦା,(ସ୍ୱ.ପ୍ର.): ଛେଣ୍ଡିପଦା ଥାନା ଅଞ୍ଚଳରେ ପୃଥକ ଦୁର୍ଘଟଣାରେ ୩ ଜଣ ଗୁରୁତର ହୋଇଛନ୍ତି। ଛେଣ୍ଡିପଦା-ଜରପଡା ପୂର୍ତ୍ତ ବିଭାଗ ରାସ୍ତାର ବାଲିପଟା ତେଲିପୋଲ ନିକଟସ୍ଥ ବୁଲାଣିରେ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ି ୨ ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେହିପରି ଛେଣ୍ଡିପଦା ଗାଁ ମୁନ୍ସି ବନ୍ଧ ବୁଲାଣିରେ ବାଇକରୁ ପଡି ଛେଣ୍ଡିପଦା ଗ୍ରାମର ଲିପୁନ ସାହୁ ଗୁରୁତର ହୋଇଛନ୍ତି। ତାଙ୍କୁ ମଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।



## ସଂକ୍ଷେପରେ

### ୩ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ,୧୨।୩: ଅନୁଗୋଳ ଜିଲାରୁ ଶୁକ୍ରବାର ୩ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨୩୯୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୨ଜଣ ଓ କଣିହାଁ ବ୍ଲକ ଅଞ୍ଚଳରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୨ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ୪ ଅଭିଯୁକ୍ତ କୋର୍ଟଚାଲାଣ

କଣିହାଁ,୧୨।୩(ଡି.ଏନ.ଏ.): କଣିହାଁ ବ୍ଲକ ଏନ୍‌ଟିପିସି ଥାନା ପୋଲିସ ଶୁକ୍ରବାର ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ୨୦୧୬ ଓ ୨୦୧୯ରେ ମାମଲା ହୋଇଥିଲେ ହେଁ ଅଭିଯୁକ୍ତମାନେ ଫେରାର ଥିଲେ। କୋର୍ଟର ଗିରଫ ପରୱାନାକୁ ନେଇ ଗୁରୁବାର ଏନ୍‌ଟିପିସି ବଜାର ନିକଟ ପାଣିଟାଙ୍କି ହଟିଂରେ ରହୁଥିବା ରାମରାଲ ମେଲଗାନ୍ଧୀ, ଦେବରା ସୋରେନ, ବିଜିଗୋଳ ଭାଗୀରଥି କଲୋନୀର ଦୀପକ ମହାନ୍ତି, ଟୋଲକବେଡ଼ା ଗ୍ରାମର ଧୀରେନ ବେହେରାଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଦୀପିକା ଦେବୀରାୟ କହିଛନ୍ତି।

### ୧୨ଟା ୧୫ରେ ଉଠିଲା ମହାଦୀପ



ଆଠମଲ୍ଲିକ,୧୨।୩(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକର ପ୍ରସିଦ୍ଧ ଶୈବପୀଠ ଦେଉଳଝରିରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଭକ୍ତଙ୍କୁ କୋଭିଡ କଟକଣାରେ ଦିଅଁ ଦର୍ଶନ ନିମନ୍ତେ ମନ୍ଦିର ଭିତରକୁ ଛଡ଼ାଯାଇଥିଲା। ଏହି ଦିନ ପାରମ୍ପରିକ ରୀତିନୀତିରେ ବାବା ସିଦ୍ଧେଶ୍ୱରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ରାତି ୧୨ଟା ୧୫ ମିନିଟରେ ମହାଦୀପ ଉଠିଥିଲା। ଆଠମଲ୍ଲିକ ଉପଜିଲାପାଳ ଲଳିତମୋହନ ବେହେରା ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟା ପରେ ଭକ୍ତଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ପ୍ରଶାସନ ଅନୁମତି ଦେଇ ନ ଥିଲା। କୋଭିଡ୍ ଯୋଗୁ ଚଳିତ ବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମ୍ ରହିଥିଲା।

### ୩୨୭ ଭିନ୍ନକ୍ଷମ ଚିହ୍ନଟ



ବଅଁରପାଳ,୧୨।୩(ଡି.ଏନ.ଏ.): ବଅଁରପାଳ ପିବିକେ ହାଇସ୍କୁଲ ପରିସରରେ ଶୁକ୍ରବାର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଅଞ୍ଜଳୀ ଭୋଇ, ବିଡିଓ ଏଲିଜା ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଲବ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୮୪୮ ଜଣଙ୍କ ମଧ୍ୟରୁ ୩୨୭ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ଶିବିରରେ ଚକ୍ଷୁ, ଅସ୍ଥିଶଲ୍ୟ, ଭେଷଜ, ଶିଶୁ ବିଭାଗ ଆଦି ୫ଟି ଷ୍ଟଲ ଖୋଲାଯାଇଥିଲା। ହିତାଧିକାରୀମାନେ ପ୍ରଥମେ ପଞ୍ଜୀକରଣ କରିବା ପରେ ଚିହ୍ନଟ ପ୍ରକ୍ରିୟା ହୋଇଥିଲା। ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

### ବିସ୍ଫୋରଣରେ ଯୁବକ ଗୁରୁତର

ଛେଣ୍ଡିପଦା,୧୨।୩(ସ୍ୱ.ପ୍ର.): ଛେଣ୍ଡିପଦା ଥାନା କମ୍ପସଲା ପଞ୍ଚାୟତ ଟିକିରା ନଦୀରେ ଶୁକ୍ରବାର ମାଛ ଧରୁଥିବାବେଳେ ଡିନାମାଇଟ ବିସ୍ଫୋରଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ଜଣକ ଅନ୍ୟ ୪ ସାଙ୍ଗଙ୍କ ସହିତ ନଦୀକୁ ମାଛ ଧରିବା ପାଇଁ ଯାଇଥିଲେ। ସେମାନେ ମାଛ ମାରିବାକୁ ଡିନାମାଇଟ୍ ବ୍ୟବହାର କରୁଥିବା ବେଳେ ତାହା ହଠାତ ବିସ୍ଫୋରଣ ହୋଇଯାଇଥିଲା। ଫଳରେ ସମ୍ପୃକ୍ତ ଯୁବକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ସହରୀ ଜାଗାକୁ କବ୍‌ଜା

ଅମିତ କୁମାର ସାମଲ
ଅନୁଗୋଳ ଅଫିସ, ୧୨।୩



ଅନୁଗୋଳ ସହରର ବିଭିନ୍ନ ବସ୍ତିରେ ବସବାସ କରୁଥିବା ଲୋକଙ୍କୁ ଜାଗା ମିଶନରେ ସାମିଲ କରାଯାଇ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଉଛି। ଏପରି କି ଆବାସ ଯୋଜନାରେ ସେମାନଙ୍କୁ ପକ୍କା ଘର ଯୋଗାଇ ଦିଆଯାଉଛି। କିନ୍ତୁ ବହୁ ବ୍ୟକ୍ତି ସହରୀ ଜାଗାକୁ ବିଭିନ୍ନ ସ୍ଥାନରେ ଜବରଦଖଲ କରିବା ପୌର ପ୍ରଶାସନକୁ ଅଡୁଆରେ ପକାଇଛି। ସ୍ୱୀକୃତିପ୍ରାପ୍ତ ୧୩ଟି ବସ୍ତିରେ ଖାଲିଥିବା ଜାଗାର ପ୍ରାୟ ୬୦ ପ୍ରତିଶତ ଏବେ ମାଫିଆଙ୍କ କବ୍‌ଜାରେ ଥିବା ସୂଚନା ମିଳିଛି।

ଅନୁଗୋଳ ପୌରପାଳିକାର ପରିଧି ୧୯.୨୪ ସ୍କୋୟାର କିଲୋମିଟର। ୨୦୧୧ ଜନଗଣନା ଅନୁଯାୟୀ ସହରର ଲୋକ ସଂଖ୍ୟା ୪୩ ହଜାର ୭୯୫ ହୋଇଥିବା ବେଳେ ଗତ ୧୦ ବର୍ଷ ମଧ୍ୟରେ ଏହା ଢେର ବଢ଼ିଗଲାଣି। ସହରରେ ଏବେ ମୋଟ ୨୭ଟି ବସ୍ତି ରହିଛି। ସେଥିରୁ ୧୩ଟିକୁ ୨୦୧୮ରେ ସରକାରୀ ସ୍ୱୀକୃତି ମିଳିଥିବାରୁ ସେଠାରେ କେତେ ଘର ଓ ଖାଲି ସ୍ଥାନ ରହିଛି, ତାହା ଚିହ୍ନଟ କରାଯାଇଥିଲା। ପ୍ରଥମେ ଦୁଇଟି ସଂସ୍ଥା ପକ୍ଷରୁ ଏହି ସର୍ଭେ କରାଯାଇଥିବାବେଳେ ଏବେ ପୌରପାଳିକା ସ୍ଥାନୀୟ ତହସିଲଦାରଙ୍କୁ ଧରି ତର୍ଜମା କରୁଛି। ୨୦୧୯ରେ ସର୍ଭେ ଶେଷ ପରେ ମୋଟ ୨୦୫୬ ଜଣ ବସ୍ତିରେ ବସବାସ କରୁଥିବା ଉକ୍ତ ସଂସ୍ଥା ପକ୍ଷରୁ ପ୍ରଶାସନକୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଉକ୍ତ ରିପୋର୍ଟ ପାଇବା ପରେ ଚିହ୍ନଟ ବସ୍ତିବାସିନ୍ଦାଙ୍କୁ ଟୋକନ୍ ପ୍ରଦାନ କରାଯାଇଥିଲା। ଉକ୍ତ ଟୋକନ୍ ଦେଖାଇଲେ ବସ୍ତିବାସିନ୍ଦାଙ୍କୁ ଅବସ୍ଥାପିତ ହୋଇଥିବା ଜାଗାରେ ବସବାସ କରିବାକୁ ସରକାରୀ ଭାବେ ଅନୁମତି ପ୍ରଦାନ କରାଯାଉଛି। ଚିହ୍ନଟ ୨୦୫୬ ଜଣଙ୍କୁ ଜାଗା ମିଶନ୍‌ରେ ସାମିଲ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬୦୧ ଜଣଙ୍କୁ ଏଲ୍‌ଆର୍‌ସି (ଲ୍ୟାଣ୍ଡ ରାଇଟ୍ ସାର୍ଟିଫିକେଟ୍) ପ୍ରଦାନ କରାଯାଇସାରିଛି। ସେହିପରି ୨୬ ଜଣଙ୍କଠାରୁ ଜାଗା ମୂଳ ମୂଲ୍ୟର ୨୫ ପ୍ରତିଶତ ଟଙ୍କା ନେଇ ପୌରପାଳିକା ପଟ୍ଟା ମଧ୍ୟ ପ୍ରଦାନ କରିଛି। ଆଉ ୨୧୨ ଜଣଙ୍କଠାରୁ ଜାଗା ମୂଲ୍ୟର ୫୦ ଓ ୨୫ ପ୍ରତିଶତ ମୂଲ୍ୟ ନେଇ ଜାଗା ପ୍ରଦାନ କରାଯିବାକୁ ତର୍ଜମା ହେଉଛି। ସେଥିମଧ୍ୟରୁ ରାଧାରମଣପଡ଼ାର ୭୦ ଜଣ ରହିଛନ୍ତି। ତେବେ ସ୍ୱୀକୃତି ପାଇଥିବା ୧୩ଟି ବସ୍ତିରେ ଜାଗା ଚିହ୍ନଟ ହୋଇଥିବା ବେଳେ ଜବରଦଖଲ ପୌରପାଳିକା ପାଇଁ ସମସ୍ୟା ସୃଷ୍ଟି କରିଛି। କେଉଁଠି ସିମେଣ୍ଟ ଖୁଣ୍ଟ ପୋତାଯାଇଛି ତ ଆଉ କେଉଁଠି ବେଆଇନ ଭାବେ ଘର ନିର୍ମାଣ କରାଯାଇଛି। ତେଣୁ ଏସବୁ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ପୌର ପ୍ରଶାସନ ଅଣ୍ଟା ଭିଡ଼ିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଜାଗା ପାଇଥିବା ଲୋକମାନେ ୪୮୪ ସ୍କୋୟାରଫୁଟ୍‌ରୁ ଅଧିକ ଅକ୍ତିଆର କରିଥିଲେ ତାହାକୁ ସରେଣ୍ଡର କରିବେ। ନଚେତ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି।

- ବସ୍ତିର ଫାଙ୍କା ସ୍ଥାନ ଉପରେ ନଜର
- ୬୦ ପ୍ରତିଶତ ଜବରଦଖଲରେ
- ଅନୁଧ୍ୟାନ ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ

### ଜବରଦଖଲ ଉଚ୍ଛେଦ ହେବ



“୧୩ଟି ବସ୍ତିର ଖାଲି ଜାଗାକୁ ଜବରଦଖଲକାରୀମାନେ କବ୍‌ଜା କରିଛନ୍ତି। ଉକ୍ତ ସ୍ଥାନରେ ବସ୍ତିବାସିନ୍ଦାଙ୍କ ପାଇଁ ଉନ୍ନୟନ କାର୍ଯ୍ୟ କରାଯିବ। ତେଣୁ ସେଠାରୁ ଜବରଦଖଲ ଉଚ୍ଛେଦ କରାଯିବ। ଏହାକୁ କେହି ବିରୋଧ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ

### ମାଫିଆଙ୍କୁ ସାବାଡ୍ କରାଯିବା ଦରକାର



“ସରକାରୀ ଜାଗାକୁ ଅସାମାଜିକମାନେ ଅକ୍ତିଆର କରି ରଖୁଛନ୍ତି। ଅନୁଗୋଳରେ ଏହା ନିତିଦିନିଆ ଘଟଣା। ସେମାନଙ୍କୁ ସାବାଡ କରିବାକୁ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ଏଥିସହ ଜବରଦଖଲ ହଟାଯାଇ ଖାଲି ସ୍ଥାନରେ ଉନ୍ନୟନ କାର୍ଯ୍ୟ ତୁରନ୍ତ କରାଯିବା ଆବଶ୍ୟକ।

-ବିରଞ୍ଚି ନାରାୟଣ ଦାସ, ଅନୁଗୋଳବାସୀ

### ପ୍ରଶାସନ ଅପାରଗତାରୁ ଫାଇଦା



“ପ୍ରଶାସନର ଅପାରଗତା ପାଇଁ ମାଫିଆମାନେ ଜାଗା ମାଡ଼ି ବସୁଛନ୍ତି। ଆରମ୍ଭରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲେ ଏଭଳି ଘଟନ୍ତା ନାହିଁ। କେବଳ ଅନୁଗୋଳ ସହର ନୁହେଁ, ଜିଲାରେ ବିଭିନ୍ନ ଅଞ୍ଚଳରେ ଜବରଦଖଲକାରୀମାନେ ସରକାରୀ ଜାଗା ମାଡ଼ିବସିଛନ୍ତି। ଏମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର।

-ରଶ୍ମିରଞ୍ଜନ ସାହୁ, ଅନୁଗୋଳବାସୀ

### ସାମୂହିକ କାର୍ଯ୍ୟରେ ଲଗାଯାଉ



“ସରକାରଙ୍କ ଜାଗା ମିଶନରେ ବସ୍ତିବାସିନ୍ଦାଙ୍କୁ ଜାଗା ସହ ଆବାସ ଯୋଜନାରେ ଘର ମିଳିଛି। କିଛି ସମସ୍ୟା ପାଇଁ କେତେଜଣ ଏଯାଏ ଉକ୍ତ ଯୋଜନାର ଲାଭ ପାଇପାରି ନାହାନ୍ତି। ତେଣୁ ସେମାନଙ୍କୁ ତୁରନ୍ତ ଜାଗା ପ୍ରଦାନ ସହ ଖାଲି ଥିବା ସ୍ଥାନକୁ ସାମୂହିକ କାର୍ଯ୍ୟ ପାଇଁ ଦିଆଗଲେ ବସ୍ତିବାସିନ୍ଦା ଉପକୃତ ହେବେ।

-ମମତା ନାୟକ, ଅନୁଗୋଳବାସୀ

## ଅଳିଆ ପୋଡ଼ି ଅଡୁଆରେ ଫଳ ବେପାରୀ

ଅନୁଗୋଳ ଅଫିସ, ୧୨।୩

ଅନୁଗୋଳ ସହର ପରିଷ୍କାର ପରିଚ୍ଛନ୍ନ ଉପରେ ପୌରପାଳିକା ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ କେତେଜଣ ବ୍ୟବସାୟୀ ନିୟମ ନ ମାନି ଏଣେ ତେଣେ ଅଳିଆ ଗଦା କରୁଛନ୍ତି। ଏ ନେଇ ପୂର୍ବରୁ ପୌରପାଳିକା ପକ୍ଷରୁ ସେମାନଙ୍କୁ କେବଳ ତାଗିଦ୍ କରାଯାଉଥିଲା। କିନ୍ତୁ ଏହାକୁ ହେଙ୍କାନ କରୁଥିବା ବ୍ୟବସାୟୀଙ୍କ ପ୍ରତି ପୌର ପ୍ରଶାସନ କଠୋର ପନ୍ଥା ଆପଣାଇଛି। ଶୁକ୍ରବାର ସହରରେ ଠେଲାରେ ଫଳ ବ୍ୟବସାୟ କରୁଥିବା ଜଣେ ବେପାରୀଙ୍କ ଠେଲାକୁ ପୌର କର୍ତ୍ତୃପକ୍ଷ କାର୍ଯ୍ୟାଳୟକୁ ନେଇଆସିବା ସହ ଜରିମାନା ଆଦାୟ କରିଛନ୍ତି। ବ୍ଲକ ଅଫିସ ସମ୍ମୁଖରେ ବ୍ୟବସାୟ କରୁଥିବା ସମ୍ପୃକ୍ତ ଫଳ ବ୍ୟବସାୟୀ ଅଳିଆ ଗଦା କରିବା ସହ ସେଠାରେ ଅଗ୍ନି ସଂଯୋଗ କରି ପରିବେଶକୁ ଦୂଷିତ କରୁଥିଲେ। ଫଳରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ଜରିମାନା ଆଦାୟ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି।



ପୌର କାର୍ଯ୍ୟାଳୟକୁ ଭିଡ଼ା ହୋଇ ଆସିଥିବା ଫଳ ଟ୍ରଲି।

# ୩ ଅଧିକାରୀଙ୍କ ବହିଷ୍କାର ଦାବି



ଭାଜପା ପକ୍ଷରୁ ଅନୁଗୋଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆଠମଲ୍ଲିକ/ବଇଣ୍ଡା,୧୨।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ବରପଡିଆଠାରେ ଗତ ୮ ତାରିଖରେ ଅନୁଷ୍ଠିତ ମହିଳା ସମାବେଶରେ ଯୋଗଦେଇଥିବା ୩ ସରକାରୀ ଅଧିକାରୀଙ୍କ ବହିଷ୍କାର ଦାବି କରିଛି ଭାଜପା। ଏ ନେଇ ଶୁକ୍ରବାର ଭାଜପା ପକ୍ଷରୁ ଆଠମଲ୍ଲିକ ଉପଜିଲାପାଳଙ୍କ ଜରିଆରେ ଅନୁଗୋଳ ଜିଲପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି, ଗତ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ବିଜେଡି ପକ୍ଷରୁ ବରପଡ଼ିଆରେ ଏକ ସଭାର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମ ବିଜେଡିର ବୋଲି ବ୍ୟାନର ମରାଯାଇଥିବା ବେଳେ ସେଥିରେ ଆଠମଲ୍ଲିକ ସିଡିପିଓ ତରଙ୍ଗିନୀ ମିର୍ଦ୍ଧା, କିଶୋରନଗର ସିଡିପିଓ ସୁବାସିନୀ ମହାଳିକ, ଆଠମଲ୍ଲିକ ଏନ୍ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ଯୋଗଦେଇଥିଲେ। ଏହା ସରକାରୀ କାର୍ଯକ୍ରମ ହୋଇ ନ ଥିବାବେଳେ ଏହି ଅଧିକାରୀମାନେ କିଭଳି ସେଥିରେ ଯୋଗଦେଲେ ବୋଲି ଭାଜପା ପ୍ରଶ୍ନ କରିଛି। ତୁରନ୍ତ ସେମାନଙ୍କୁ ବହିଷ୍କାର କରିବା ପାଇଁ ରାଜ୍ୟ ଭଜପା କାର୍ଯକାରିଣୀ ସଦସ୍ୟ ଭାଗୀରଥି ପ୍ରଧାନ, ବିଶ୍ୱଜିତ ଗଡତିଆ, ରାଜେନ୍ଦ୍ର ସାହୁ, ସୁଶାନ୍ତ କୁମାର ସାହୁ, ଶିବପ୍ରସାଦ ଗଡତିଆ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, ଭଜପା ପକ୍ଷରୁ ଉପଖଣ୍ଡର ୩ ଜଣ ସରକାରୀ କର୍ମଚାରୀ ଉପସ୍ଥିତ ଥିବା ସମ୍ପର୍କରେ ହୋଇଥିବା ଅଭିଯୋଗ ଜିଲାପାଳଙ୍କୁ ଅବଗତ କରାଯିବ।

## ଜାଲ୍ ରସିଦରେ ପାର୍କିଂ ଫି’ ଆଦାୟ ଅଭିଯୋଗ

ଆଠମଲ୍ଲିକ,୧୨।୩(ଡି.ଏନ.ଏ.)

ଆଠମଲ୍ଲିକ ଏନ୍ଏସିର କେତେଜଣ କର୍ମଚାରୀ ଜାଲ୍ ରସିଦ ଦେଇ ପାର୍କିଂ ଫି’ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଏକ ଚାରିଚକିଆ ଗାଡ଼ିରୁ ଏପରି ଭାବେ ଟଙ୍କା ଆଦାୟ କରାଯାଇଥିବା କୁହାଯାଉଛି। ପ୍ରକାଶ ଯେ, ଆଠମଲ୍ଲିକ ଏନ୍ଏସି ପକ୍ଷରୁ ୨୦୨୦-୨୧ ବର୍ଷ ପାର୍କିଂ ଫି’ ଆଦାୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। କିନ୍ତୁ ଟେଣ୍ଡର ପାଇଥିବା ବ୍ୟକ୍ତି ଓହରିଯିବାରୁ ପରବର୍ତ୍ତୀ ସମୟରେ ଏନ୍ଏସି ଆଉ ଟେଣ୍ଡର କରି ନ ଥିଲା। ତେବେ କର୍ମଚାରୀଙ୍କ ସହାୟତାରେ ପାର୍କିଂ ଫି’ ଆଦାୟ ଚାଲିଥିବାବେଳେ କେତେଜଣ ଜାଲ ରସିଦ ଦେଇ ଅର୍ଥ ହରିଲୁଟ କରୁଥିବା ଅଭିଯୋଗ ହେଉଛି। ଅଧିକାଂଶ ଗାଡ଼ି ମାଲିକଙ୍କୁ ଦିଆଯାଉଥିବା ରସିଦରେ କ୍ରମିକ ନମ୍ବର, ଟ୍ୟାକ୍ସ କଲେକ୍ଟରଙ୍କ ଦସ୍ତଖତ ରହୁନାହିଁ। ତେବେ ଏହି ଆଦାୟ ଅର୍ଥ କୁଆଡେ ଯାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଠମଲ୍ଲିକ ଉପଜିଲାପାଳ ତଥା ଏନ୍ଏସି ପ୍ରଶାସକ ଲଳିତମୋହନ ବେହେରା କହିଛନ୍ତି, ଘଟଣାର ଅନୁଧ୍ୟାନ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ‘ଆଧ୍ୟାତ୍ମିକତା ଆନନ୍ଦର ମାର୍ଗ’

ତାଳଚେର,୧୨।୩(ନି.ପ୍ର.)

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥଶାସ୍ତ୍ର ଓ ଦର୍ଶନଶାସ୍ତ୍ର ବିଭାଗ ମିଳିତ ଆନୁକୂଲ୍ୟରେ ନବ୍ୟ ଉପଭୋକ୍ତାବାଦ, ସାମାଜିକ ପରିବର୍ତ୍ତନ ଓ ଆଧ୍ୟାତ୍ମିକତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅର୍ଥଶାସ୍ତ୍ର ବିଭାଗ ମୁଖ୍ୟ ତ୍ରିପୁରାରୀ ନାଥ ଏଥିରେ ଅଧ୍ୟକ୍ଷତା କରି ଆଧୁନିକୀକରଣ ମହାପ୍ରବାହର ବିକୃତ ଧାରାରେ ଯୁବ ସମାଜ କିପରି ସାମିଲ ହୋଇ ସାମାଜିକ ମୂଲ୍ୟବୋଧ ଓ ମାନବିକ ଚେତନାର କ୍ଷୀପ୍ର ଗୁଣାତ୍ମକ ଅବକ୍ଷୟ ଘଟାଇଛନ୍ତି ତାହା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡ. ରଘୁନାଥ ରଥ ଆଧୁନିକତା, ବସ୍ତୁବାଦ ଓ ସାମାଜିକ ପରିବର୍ତ୍ତନ ଉପରେ ବିବରଣୀ ରଖିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ.କୁମରବର ଦାସ ଭୋଗବାଦୀ ସଭ୍ୟତା, ଆଧୁନିକତା, ଧର୍ମ ଓ ଆଧ୍ୟାତ୍ମିକତା ଉପରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ସେ କହିଥିଲେ, ଧର୍ମ ଏକ ବିଶ୍ୱାସର ପୁଞ୍ଜି। କିନ୍ତୁ ଆଧ୍ୟାତ୍ମିକତା ଆନନ୍ଦର ମାର୍ଗ। ଏହା ସୁନ୍ଦର ଓ ଶାଶ୍ୱତ ରାସ୍ତା। ସଂକୀର୍ଣ୍ଣ ମନୋଭାବ ପରିହାର କରି ବିଶ୍ୱ ଚେତନା ଜଗ୍ରତ ସହ ମାନବିକ ଚେତନାର ଉତ୍ତରଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ହୃଦାନନ୍ଦ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଅଧାପିକା ବାସନ୍ତୀ ବଳିୟାର ସିଂ ଧନ୍ୟବାଦ ପ୍ରଦାନ କରିଥିଲେ। ଅଧାପିକା, ଅଧାପକ, କର୍ମଚାରୀ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

# କୃଷି ଉତ୍ପାଦନ କ୍ଲଷ୍ଟର ଚୁକ୍ତିନାମା



ଚୁକ୍ତି ସ୍ୱାକ୍ଷର ବେଳେ ଜିଲାପାଳଙ୍କ ସହ ଅଧିକାରୀମାନେ।

ଅନୁଗୋଳ ଅଫିସ,୧୨।୩

ଜିଲା ଖଣିଜ ପାଣ୍ଠି ଅଧୀନରେ କୃଷି ଉତ୍ପାଦନ କ୍ଲଷ୍ଟର (ଏପିସି) କାର୍ଯ୍ୟକାରିତା ନିମନ୍ତେ ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଓ ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ସହିତ ‘ପ୍ରଦାନ’ର କର୍ମକର୍ତ୍ତାଙ୍କୁ ନେଇ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ପ୍ରକଳ୍ପ ଜିଲାର ୫ଟି ବ୍ଲକ ଅନୁଗୋଳ, ଆଠମଲ୍ଲିକ, ଛେଣ୍ଡିପଦା, କିଶୋରନଗର ଓ ପାଲଲହଡାରେ କାର୍ଯ୍ୟକାରୀ ହେବ। ଏହି ଚୁକ୍ତିନାମାରେ ପ୍ରଥମ ପକ୍ଷ ଭାବେ ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ ପଦ୍ମଲୋଚନ ଦାସ, ୨ୟ ପକ୍ଷ ଭାବେ ଓଡ଼ିଶା ଜୀବିକା ମିଶନ ତରଫରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ୩ୟ ପକ୍ଷ ଭାବେ ‘ପ୍ରଦାନ’ର ଦଳ ସଂଯୋଜକ ତାରାପ୍ରସାଦ ତ୍ରିପାଠୀ ସ୍ୱାକ୍ଷର କରିଛନ୍ତି। ଏହି କୃଷି ଉତ୍ପାଦନ କ୍ଲଷ୍ଟର କାର୍ଯ୍ୟକାରୀ ହେଲେ ଜିଲାର ୫ଟି ବ୍ଲକର ଚାଷୀମାନେ ଉଭୟ ରବି ଓ ଖରିଫ ଋତୁରେ ବିଭିନ୍ନ ପ୍ରକାର ଅର୍ଥକରୀ ଫସଲ କରି ଆର୍ଥିକ ସ୍ଥିତିରେ ଉନ୍ନତି ଆଣିପାରିବେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଜିଲା ଖଣିଜ ପାଣ୍ଠି ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ।

## ଇଣ୍ଟରସିଟି ଟ୍ରେନ୍ ରହଣି ଦାବି

ବଇଣ୍ଡା,୧୨।୩(ଡି.ଏନ.ଏ.)

କିଶୋରନଗର ବ୍ଲକ ବାମୁରଠାରେ ସମସ୍ତ ଇଣ୍ଟରସିଟି ଏକ୍ସପ୍ରେସ୍ ସହ ଭୁବନେଶ୍ୱର-ବଲାଙ୍ଗିର ଏକ୍ସପ୍ରେସ ଟ୍ରେନ୍ ରହଣି ପାଇଁ ଜୀବନଜୀବିକା ଓ କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ଶୁକ୍ରବାର ଦାବି ହୋଇଛି। ଏ ନେଇ ଜଏରାଟଠାରେ କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ପକ୍ଷରୁ କୁହାଯାଇଛି, ବ୍ଲକର ବାମୁର ଏକ ପ୍ରମୁଖ ଷ୍ଟେଶନ ହୋଇଥିବାବେଳେ ୧୩ରୁ ଅଧିକ ପଞ୍ଚାୟତବାସୀ ଏହା ଉପରେ ନିର୍ଭରଶୀଳ। ବହୁ ଲୋକ ଏଠାରୁ ଟ୍ରେନ୍ ଯୋଗେ ସମ୍ବଲପୁର ଅଞ୍ଚଳକୁ ଜୀବିକା ପାଇଁ ଯାଇଥାନ୍ତି। କରୋନା ପୂର୍ବରୁ ଏହି ଷ୍ଟେଶନରେ ଭୁବନେଶ୍ୱର-ବଲାଙ୍ଗୀର ଓ ସମ୍ବଲପୁର-ପୁରୀ ଏକ୍ସପ୍ରେସ ଟ୍ରେନ ରହଣି ହେଉଥିବାବେଳେ କରୋନା ପାଇଁ ସମ୍ବଲପୁର-ପୁରୀ ଏକ୍ସପ୍ରେସ ଟ୍ରେନ ବନ୍ଦ ହୋଇଛି। ସେହିପରି ଭୁବନେଶ୍ୱର-ବଲାଙ୍ଗୀର ଏକ୍ସପ୍ରେସ ଟ୍ରେନଟି ରହଣି ଉଚ୍ଛେଦ କରି ଦିଆଯାଇଛି। ଫଳରେ ଯାତ୍ରୀମାନେ ବହୁ ହଇରାଣ ହେଉଛନ୍ତି। ତୁରନ୍ତ ସମସ୍ତ ଟ୍ରେନ୍ ରହଣି ପାଇଁ କମିଟି ସଭାପତି ଦୀନବନ୍ଧୁ ପ୍ରଧାନ, ରମଣୀ ପ୍ରଧାନ, ଅନନ୍ତ ଚରଣ ପ୍ରଧାନ, ବିଜୟ ରଥ, ପୀତାମ୍ବର ପ୍ରଧାନ, ଗୌର ଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି।

# ବିକାଶରେ ବାଧକ ରାଜ୍ୟ ସରକାର: ଭାଜପା

ଅନୁଗୋଳ ଅଫିସ, ୧୨।୩

ଅନୁଗୋଳ ଜିଲା ଭାଜପାର ପଦାଧିକାରୀ ବୈଠକ ଜିଲା ସଭାପତି ଦିଲେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦଳୀୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ପଦାଧିକାରୀ ଏଥିରେ ଯୋଗଦେଇ ସାଙ୍ଗଠନିକ ବିଷୟରେ ଆଲୋଚନା କରିବା ସହ ଆଗାମୀ ଦିନରେ ହେବାକୁ ଥିବା ଜିଲା କାର୍ଯ୍ୟକାରିଣୀ ବୈଠକର ରାଜନୈତିକ ଚିଠା ପ୍ରସ୍ତାବ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ମଣ୍ଡିରୁ ଚାଷୀଙ୍କ ଧାନ ଉଠି ନ ପାରିବା, ଆଇନ ଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଥିବା, ଆବାସ ଯୋଜନାରେ ଦୁର୍ନୀତି ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ଚକ୍ରାନ୍ତ କରି ଦଳୀୟ ଲୋକଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉଛନ୍ତି। ଚତୁର୍ଦ୍ଦଶ ଅର୍ଥ କମିଶନରେ କେନ୍ଦ୍ର ସରକାର ବହୁ ଅର୍ଥ ଦେଉଥିବା ବେଳେ ଠିକ୍ ଭାବେ ଖର୍ଚ୍ଚ ନ କରିବା, ଜିଲା ଖଣିଜ ପ୍ରତିଷ୍ଠାନ ଅର୍ଥ ବିନିଯୋଗ ନ କରି ଶହ ଶହ କୋଟି ଟଙ୍କା ପକାଇ ରଖୁଥିବାରୁ ରାଜ୍ୟ ସରକାର ବିକାଶରେ ବାଧକ ବୋଲି ଆଲୋଚନା ହୋଇଥିଲା। ଏ ସମସ୍ତ ବିଷୟକୁ ନେଇ ଆସନ୍ତା ୧୭ ତାରିଖରେ ଜିଲା କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା ସହ ଆନ୍ଦୋଳନର ରୂପରେଖ ସ୍ପଷ୍ଟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଜିଲା ସଭାପତି ପ୍ରଧାନଙ୍କ ସମେତ ଜିଲା ପ୍ରଭାରୀ ସୀମାଞ୍ଚଳ ଖଟାଇ, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଅଗସ୍ତି ବେହେରା, ଭାଗୀରଥି ପ୍ରଧାନ, ପ୍ରତିମା ମିଶ୍ର, ଜିଲା ଉପସଭାପତି ଲିଙ୍ଗରାଜ ଦାସ, ନୃସିଂହ ବରାଳ, ଜୟନ୍ତୀ ପ୍ରଧାନ, ସୁଜାତା ଦାସ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ସୋମନାଥ ରାଉତ, ସରୋଜ ଜେନା, ଅଜୟ ଗୋଛାୟତ, ଭବାନୀ ଜ୍ୟୋତିଷ ରାୟ, ପର୍ଶୁରାମ ବାରିକ ପ୍ରମୁଖ ଯୋଗ ଦେଇଥିଲେ।



ଭାଜପାର ସାଙ୍ଗଠନିକ ବୈଠକରେ କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### କର୍ମଚାରୀଙ୍କୁ ମାଗଣା ଭାକ୍ସିନ ଦେବ ଆଇସିଆଇସିଆଇ ବ୍ୟାଙ୍କ

**ଭୁବନେଶ୍ୱର,୧୨।୩:** ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଏହାର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ପାଇଁ ବିନା ମୂଲ୍ୟରେ କୋଭିଡ୍ ଟିକା ଯୋଗାଣ ସମ୍ପର୍କରେ ଘୋଷଣା କରାଯାଇଛି। କର୍ମଚାରୀ ଓ ସେମାନଙ୍କ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ଜୀବନ ସୁରକ୍ଷା ପାଇଁ ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। କୋଭିଡ୍ ମହାମାରୀ ସମୟରେ କର୍ମଚାରୀମାନେ ନିଷ୍ଠାର ସହ ଗ୍ରାହକଙ୍କୁ ସେବା ଯୋଗାଇ ଦେଇଥିଲେ। ସେମାନଙ୍କ କର୍ତ୍ତବ୍ୟ ପରାୟଣତା ପ୍ରତି ସମ୍ମାନ ପ୍ରଦର୍ଶନ ସ୍ୱରୂପ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି। ଏ ସମ୍ପର୍କରେ ବ୍ୟାଙ୍କର ଗ୍ରୁପ୍ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଟି.କେ.ଶ୍ରୀରଙ୍ଗ କହିଛନ୍ତି, ମହାମାରୀ ସମୟରେ ନିଜ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠାକୁ ସ୍ୱୀକୃତି ଜଣାଇବା ସହ ଏହାର ପ୍ରଶଂସା କରୁଛୁ।

### ୨୯୯ ଟଙ୍କା ଇଏମ୍ଆଇରେ ମିଳିବ ସ୍ମାର୍ଟଫୋନ

**ଭୁବନେଶ୍ୱର,୧୨।୩:** ଅଗ୍ରଣୀ ଟେଲିଫୋନ ବ୍ରାଣ୍ଡ ଆଇଟେଲ୍ ଏହାର ସ୍ମାର୍ଟଫୋନ୍‌ଗୁଡିକ ଉପରେ ସୁଲଭ ବିକଳ୍ପ ସୁବିଧା ପ୍ରଦାନ କରିବାକୁ ଯୋଜନା ରଖିଛି। ଏଥିପାଇଁ କମ୍ପାନୀ ବଜାଜ୍ ଫିନ୍‌ସର୍ଭ ସହିତ ସହଭାଗିତା ସମ୍ପର୍କରେ ଘୋଷଣା କରିଛି। ଏହି ଯୋଜନା ଅଧୀନରେ ଆଇଟେଲ୍ ୪ଜି ଏଲ୍‌ଟିଇ ଓ ଟ୍ରେଣ୍ଡି ଫିଚରରେ ସୁସଜ୍ଜିତ ଥିବା ଏହାର ସ୍ମାର୍ଟଫୋନ୍ ଏ୪୮, ଏ ୨୫ପ୍ରୋ, ଭିଜନ ୧ (୩ଜିବି) ଓ ଭିଜନ ୧ ପ୍ରୋକୁ ନୋ-କଷ୍ଟ ଇଏମ୍ଆଇ ଓ ଜିରୋ ଡାଉନ୍ ପେମେଣ୍ଟରେ ଉପଲବ୍ଧ କରିବ। ଏହି ସମସ୍ତ ସ୍ମାର୍ଟଫୋନ୍‌ଗୁଡିକୁ ୪ଟି ସହଜ ଇଏମ୍ଆଇ ବିକଳ୍ପ ଦ୍ୱାରା ୨୯୯ ଟଙ୍କାରେ ଗ୍ରାହକ କ୍ରୟ କରିପାରିବେ। ଏହା ବଜାଜ୍ ଫିନ୍‌ସର୍ଭ ଇଏମ୍ଆଇ ନେଟ୍‌ୱର୍କ କାର୍ଡର ବିଦ୍ୟମାନ ଗ୍ରାହକଙ୍କ ପାଇଁ ଲାଗୁ ହେଉଛି। ଏହି ସହଭାଗିତା ସମ୍ପର୍କରେ ଟ୍ରାନ୍‌ସନ ଇଣ୍ଡିଆର ସିଇଓ ଅରିଜିତ ତାଲାପାତ୍ର କହିଛନ୍ତି, ବଜାଜ୍ ଫିନ୍‌ସର୍ଭ ସହିତ ୭୦୦୦ ଟଙ୍କାରୁ କମ୍ ମୂଲ୍ୟବର୍ଗରେ ଏହି ସ୍ୱତନ୍ତ୍ର ଅଫର୍ ଆରମ୍ଭ କରିଥିବା ପ୍ରଥମ ବ୍ରାଣ୍ଡରେ ପରିଣତ ହୋଇଛି।

# ସମ୍ପତ୍ତି ବୃଦ୍ଧିରେ ଆଦାନୀ ଆଗରେ

## ଏଲନ୍ ମସ୍କ, ବେଜୋସଙ୍କୁ ପଛରେ ପକାଇଲେ

ନୂଆଦିଲ୍ଲୀ,୧୨।୩

ଚଳିତ ବର୍ଷ ସମ୍ପତ୍ତି ବୃଦ୍ଧି କ୍ଷେତ୍ରରେ ଗୌତମ ଆଦାନୀ ସାରା ବିଶ୍ୱରେ ଆଗରେ ରହିଛନ୍ତି। ଆଦାନୀଙ୍କ ସମ୍ପତ୍ତି ଏଭଳି ବଢ଼ିଛି ଯେ ସେ ଏ କ୍ଷେତ୍ରରେ ବିଶ୍ୱର ପ୍ରମୁଖ ଧନୀ ତାଲିକାରେ ଥିବା ଏଲନ୍ ମସ୍କ ଏବଂ ଜେଫ୍ ବେଜୋସଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ଗୌତମଙ୍କ ଆଦାନୀ ଗ୍ରୁପ୍ ବନ୍ଦରଠାରୁ ଶକ୍ତି ଭଳି କ୍ଷେତ୍ରରେ ବେଶ୍ ସକ୍ରିୟ ରହିଛି। ତାଙ୍କ ବାଣିଜ୍ୟ କାରବାର ଉପରେ ନିବେଶକଙ୍କ ଭରସା ବଢ଼ିବାରୁ ସମ୍ପତ୍ତିରେ ଏଭଳି ବୃଦ୍ଧି ଘଟିଥିବା କୁହାଯାଉଛି।


ପ୍ରଥମ ପିଢ଼ିର ଏହି ଉଦ୍ୟୋଗୀଙ୍କ ପ୍ରତିକ୍ରିୟା ରଖିବା ସାଧାରଣତଃ ଦେଖାଯାଇ ନ ଥାଏ। ୨୦୨୧ରେ ସେ ୨୧.୨ ବିଲିୟନ ଡଲାର ସମ୍ପତ୍ତି ଯୋଡ଼ିବାକୁ ସକ୍ଷମ ହୋଇଛନ୍ତି। ଫଳରେ ତାଙ୍କର ମୋଟ ସମ୍ପତ୍ତି ୫୦ ବିଲିୟନ ଡଲାର ଛୁଇଁଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚୀରୁ ସାମ୍ନାକୁ ଆସିଛି। ଏହା ଫଳରେ ସେ ନିର୍ଦ୍ଦିଷ୍ଟ ସମୟ ଅବଧିରେ ସବୁଠାରୁ ଅଧିକ ସମ୍ପତ୍ତି ଯୋଡ଼ିପାରିଥିବା ବ୍ୟକ୍ତି ଭାବେ ବିବେଚିତ ହୋଇଛନ୍ତି। ପୃଥିବୀର ସବୁଠାରୁ ଧନୀ ବ୍ୟକ୍ତି ସ୍ଥାନରେ ରହିବା ଲାଗି ଟେସ୍‌ଲାର ପ୍ରତିଷ୍ଠାତା ଏଲନ୍ ମସ୍କ ଏବଂ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଥିବା ବେଳେ ଗୋଟିଏ ବର୍ଷରେ ଆଦାନୀଙ୍କ ସମ୍ପତ୍ତି ସବୁଠାରୁ ଅଧିକ ବଢିଛି।



ଗୋଟିଏ ଷ୍ଟକ୍‌କୁ ଛାଡ଼ିଦେଲେ ଆଦାନୀ ଗ୍ରୁପ୍‌ର ଶେୟାର ଚଳିତ ବର୍ଷ ୫୦% ବଢିଛି।

ସୂଚନାଯୋଗ୍ୟ, ଆଦାନୀ ଗ୍ରୁପ୍ ଏହାର କାରବାରକୁ ଦ୍ରୁତ ଭାବେ ସମ୍ପ୍ରସାରଣ କରୁଛି। ବନ୍ଦର, ବିମାନ ବନ୍ଦର, ଡାଟା ସେଣ୍ଟର ଏବଂ କୋଇଲା ଖଣି ବାଣିଜ୍ୟରେ ଏହା ଉପସ୍ଥିତି ଜାହିର କରିଛି। ଅଷ୍ଟ୍ରେଲିଆର କାର୍ମାଇକେଲ କୋଲ୍ ପ୍ରୋଜେକ୍ଟକୁ ନେଇ ଏହା ବେଶ୍ ବିବାଦୀୟ ହୋଇପଡ଼ିଥିଲା। ଏହି ଗ୍ରୁପ୍ ମଧ୍ୟ ଟେକ୍ନୋଲୋଜି କ୍ଷେତ୍ରରେ ନିଜର ଉପସ୍ଥିତି ବଢାଇବା ଦିଗରେ ବର୍ତ୍ତମାନ ଅଗ୍ରସର ହେଉଥିବା ବଜାର ବିଶେଷଜ୍ଞ କହିଛନ୍ତି। ଆଦାନୀର ଟୋଟାଲ ଗ୍ୟାସ୍ ଲିମିଟେଡ୍ କାରବାର ୯୬%, ଆଦାନୀ ଏଣ୍ଟରପ୍ରାଇଜେସ୍‌ର ୯୦%, ଆଦାନୀ ଟ୍ରାନ୍ସମିଶନ ଲିମିଟେଡ୍‌ର ୭୯%, ଆଦାନୀ ପାୱାର, ଆଦାନୀ ପୋର୍ଟ ଆଣ୍ଡ ସ୍ପେଶାଲ ଇକୋନୋମିକ ଜୋନ କାରବାର ୫୨% ବଢିଛି। ଗତବର୍ଷ ଆଦାନୀ ଗ୍ରୀନ୍ ୫୦୦% ବଢିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୨%ରୁ ଊର୍ଦ୍ଧ୍ୱ ବଢିଛି।

# ନୂଆ ସିବି ୩୫୦ ଆର୍‌ଏସ୍‌ର ଡେଲିଭରି




**ଭୁବନେଶ୍ୱର,୧୨।୩:** ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ନୂଆ ସିବି ୩୫୦ ଆର୍‌ଏସ୍‌ର ଡେଲିଭରି ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଫେବୃୟାରୀ ୨୦୧୬ରେ ବିଶ୍ୱ ସ୍ତରରେ ଉନ୍ମୋଚନ ହୋଇଥିଲା। ଏହି ମଡେଲଟି ଭାରତରେ କମ୍ପାନୀର ସିବି ପରିବାରର ଦ୍ୱିତୀୟ ମେଡ୍ ଇନ୍ ଇଣ୍ଡିଆ ମଧ୍ୟମ ଧରଣର ବାଇକ। ସିବି ବ୍ରାଣ୍ଡର ବାସ୍ତବ ପରମ୍ପରାକୁ ଆଗକୁ ବଢ଼ାଇ ଏହି ମଡେଲଟି ଏକ ବିଶାଳ ଏବଂ ଆକର୍ଷଣୀୟ ଡିଜାଇନ ପ୍ରଦାନ କରୁଛି। ଏକ ସମ୍ଭ୍ରାନ୍ତ ଅର୍ବାନ ଷ୍ଟାଇଲ ସହ ଏହା ବେଶ୍ ଖାପ ଖୁଆଇପାରିବ। ଏହା ଚାଲିବାକୁ ଥିବା ପଥରେ ରାଜୁତି କରିବ। ଏହି ଅବସରରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ୟଦବିନ୍ଦର ସିଂ ଗୁଲେରିଆ କହିଛନ୍ତି, ଏହି ମଡେଲକୁ ନେଇ ଯୁବବର୍ଗଙ୍କ ମଧ୍ୟରେ ରହିଥିବା ଉତ୍ସାହକୁ ଦେଖି ବେଶ୍ ଆନନ୍ଦିତ। ଯାନଟିର ରେଡିଆଣ୍ଟ ମେଟାଲିକ ମଡେଲର ଏକ୍ସଶୋ'ରୁମ୍ ମୂଲ୍ୟ ୧.୯୬ ଲକ୍ଷ ଟଙ୍କା ରହିଛି। ସେହିଭଳି ବ୍ଲାକ୍ ୱିଥ୍ ପର୍ଲ ସ୍ପୋର୍ଟସ ୟେଲୋର ଦାମ ୧.୯୮ ଲକ୍ଷ ଟଙ୍କା।

# ଆଇଆଇଟିଇରେ ମଧ୍ୟପ୍ରଦେଶ ଟୁରିଜମ୍ ବୋର୍ଡ ଷ୍ଟଲ୍

ଭୁବନେଶ୍ୱର,୧୨।୩

ସ୍ଥାନୀୟ ପାଲ୍ ହାଇଟ୍ସଠାରେ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଟ୍ରାଭେଲ ଏକ୍‌ଜିବିଶନ (ଆଇଆଇଟିଇ)ର ଶୁଭାରମ୍ଭ ହୋଇଛି। ଏଠାରେ ମଧ୍ୟପ୍ରଦେଶ ଟୁରିଜମ୍ ବୋର୍ଡ ନିଜର ଏକ ଷ୍ଟଲ୍ ସ୍ଥାପନ କରିଛି। ବୋର୍ଡ ନିଜ ଦ୍ରୁତ ଅଭିବୃଦ୍ଧିଶୀଳ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରଦର୍ଶନ କରିବା ଲାଗି ଏଭଳି ଏକ ଷ୍ଟଲ୍ ସ୍ଥାପନ କରିଛି। ଏହି ଅବସରରେ ମଧ୍ୟପ୍ରଦେଶ ଟୁରିଜମ ବୋର୍ଡର ଇଭେଣ୍ଟ ଏବଂ ମାର୍କେଟିଂ ବିଭାଗ ଡେପୁଟି ଡାଇରେକ୍ଟର ଯୁବରାଜ ପାଦୋଲେ କହିଛନ୍ତି, କୋଭିଡ୍ ପରେ ଲୋକଙ୍କ ଚାହିଦାରେ ପରିବର୍ତ୍ତନ ଆସିଛି। ପର୍ଯ୍ୟଟନରେ ଏବେ ଟ୍ରେଣ୍ଡ ପରିବର୍ତ୍ତନ ହେଉଛି। ଲୋକମାନେ ୱେଲ୍‌ନେସ ଏବଂ ରୁରାଲ ଟୁରିଜମ୍ ସହ



ନେଚର ଭଳି ଅନ୍ୟ କିଛି ବର୍ଗକୁ ବେଶି ପସନ୍ଦ କରୁଛନ୍ତି। ମଧ୍ୟପ୍ରଦେଶରେ ପର୍ଯ୍ୟଟନର ବିକାଶକୁ ଗୁରୁତ୍ୱ ଦିଆଯାଉଥିବାରୁ ଓଡ଼ିଶା ଲୋକମାନେ ମଧ୍ୟ ସେଠାକୁ ବୁଲିଯିବା ନେଇ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଏ ନେଇ ଓଡ଼ିଶା ସରକାରଙ୍କ ସହ ମିଳିତ ହୋଇ କାମ କରୁଥିବା ସେ ମତ ପ୍ରକାଶ କରିଛନ୍ତି। କୋଭିଡ୍ ଯୋଗୁ ବର୍ତ୍ତମାନ ପର୍ଯ୍ୟଟନ କ୍ଷେତ୍ର ପ୍ରଭାବିତ ହୋଇଛି। ମଧ୍ୟପ୍ରଦେଶରେ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ପର୍ଯ୍ୟଟକଙ୍କ ଲାଗି ବ୍ୟବସ୍ଥା ହୋଇଛି। ମଧ୍ୟ ପ୍ରଦେଶ ଆସି ପର୍ଯ୍ୟଟକ ଅନେକ ପର୍ଯ୍ୟଟନ ସ୍ଥଳୀ, ବନ୍ୟଜନ୍ତୁ ସଫାରି, ପ୍ରାକୃତିକ ସୌନ୍ଦର୍ଯ୍ୟ, ଆଡଭେଞ୍ଚର ଆକ୍ଟିଭିଟି, କ୍ୟାମ୍ପିଂ, ଜଳକ୍ରୀଡ଼ା, ଖାଦ୍ୟ,ଐତିହ୍ୟ, ଆଦିବାସ ସଂସ୍କୃତି, ହସ୍ତଶିଳ୍ପ, ୱେଲ୍‌ନେସ, ଆକର୍ଷଣୀୟ ପର୍ଯ୍ୟଟନ ଭଳି ଅନେକ କିଛି ପ୍ରଦାନ କରୁଛି। ପର୍ଯ୍ୟଟକଙ୍କ ଲାଗି ରାଜ୍ୟ ହୋମ ଷ୍ଟେ,ଗ୍ରାମ ଷ୍ଟେ, ଫାର୍ମ ଷ୍ଟେ ସ୍କିମ୍ ରହିଛି। ସେହିଭଳି ଜଳ ମହୋତ୍ସବ, ମଣ୍ଡୁ ଫେଷ୍ଟିଭାଲ ଭଳି କାର୍ଯ୍ୟକ୍ରମ ଏହି ବୋର୍ଡ ଆୟୋଜନ କରୁଥିବା ପାଦୋଲେ କହିଛନ୍ତି।

# ସ୍ୱରୂପ ଶାହା ହେଲେ ପିଏନ୍‌ବି ଇଡି



**ନୂଆଦିଲ୍ଲୀ,୧୨।୩:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ସ୍ୱରୂପ ଶାହା ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଲକ୍ଷ୍ନୌରେ ବ୍ୟାଙ୍କର ସିଜିଏମ୍ ଭାବେ ଅବସ୍ଥାପିତ ଥିଲେ। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ୩୦ ବର୍ଷର ଅଭିଜ୍ଞତା ରହିଥିବା ବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାମ କରିଛନ୍ତି। ମାନବ ସମ୍ବଳ, ଟ୍ରେଜେରି, ଇଣ୍ଟରନ୍ୟାଶନାଲ ବ୍ୟାଙ୍କିଙ୍ଗ୍, କ୍ରେଡିଟ୍, ରିସ୍କ ମ୍ୟାନେଜମେଣ୍ଟ ଭଳି ବିଭିନ୍ନ କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଅଭିଜ୍ଞତା ରହିଛି। କୋଲକାତା ବିଶ୍ୱବିଦ୍ୟାଳୟରେ ବିଜ୍ଞାନରେ ସ୍ନାତକ ପରେ ସେ ୧୯୯୦ରେ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସରୁ ଜଣେ ପ୍ରୋବେଶନାରି ଅଧିକାରୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ବ୍ୟାଙ୍କର୍ସରେ ସେ ଜଣେ ସାର୍ଟିଫାଏଡ ଆସୋସିଏଟ ମେମ୍ବର। ଏହାବାଦ ଟ୍ରେଜେରି, ଇନ୍‌ଭେଷ୍ଟମେଣ୍ଟ ଏବଂ ରିସ୍କ ମ୍ୟାନେଜମେଣ୍ଟ କ୍ଷେତ୍ରରେ ସେ ଡିପ୍ଲୋମା ମଧ୍ୟ କରିଛନ୍ତି। ଆଇଆଇଏମ୍ ବାଙ୍ଗାଲୋର ଲିଡରଶିପ ଡେଭଲପମେଣ୍ଟ ପ୍ରୋଗ୍ରାମରେ ମଧ୍ୟ ସେ ଯୋଗ ଦେଇଥିଲେ।

# ଇଡିଆଇଆଇର ପୋଷ୍ଟ ଗ୍ରାଜୁଏଟ୍ ପାଠ୍ୟକ୍ରମ

**ଭୁବନେଶ୍ୱର,୧୨।୩:** ଏଣ୍ଟରପ୍ରିନ୍ୟୁରଶିପ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ) ଅହମଦାବାଦ ପକ୍ଷରୁ ପୋଷ୍ଟ ଗ୍ରାଜୁଏଟ ପାଠ୍ୟକ୍ରମ ଦକ୍ଷ ଉଦ୍ୟୋଗୀ ଓ ନବସୃଜନକାରୀଙ୍କ ସୃଷ୍ଟି କ୍ଷେତ୍ରରେ ନିଜର ଯୋଗଦାନ ଜାରି ରଖିଛି। ଏଠାରେ ନାମଲେଖା ଲାଗି ଛାତ୍ରୀଛାତ୍ର ଅନୁଷ୍ଠାନର ୱେବ୍‌ସାଇଟ ଏବଂ ଟେଲିଫୋନରେ କଲ୍ କରିପାରିବେ। ଏଠାରେ ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ- ଏଣ୍ଟରପ୍ରିନ୍ୟୁରଶିପ(ପିଜିଡିଏମ୍-ଇ)ର ୨ ବର୍ଷିଆ ଏନ୍‌ବିଏ ମାନ୍ୟତାପ୍ରାପ୍ତ ଓ ଏଆଇୟୁ ସ୍ୱୀକୃତିପ୍ରାପ୍ତ ଏବଂ ଏଆଇସିଟିଇ ସ୍ୱୀକୃତିପ୍ରାପ୍ତ ପାଠ୍ୟକ୍ରମ ରହିଛି। ସେହିଭଳି ପିଜିଡିଏମ୍ ଇନ୍ ଇନୋଭେଶନ, ଏଣ୍ଟରପ୍ରିନ୍ୟୁରଶିପ ଆଣ୍ଡ ଭେଞ୍ଚର ଡେଭଲପମେଣ୍ଟ(ଆଇଇଭି)ର ୨ ବର୍ଷିଆ ପାଠ୍ୟକ୍ରମ ରହିଛି। ଏଠାରେ ଶିକ୍ଷା ଲାଭ ଲାଗି ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା ବାଦ୍ ଅନୁଷ୍ଠାନର ନିଜସ୍ୱ ପ୍ରବେଶିକା ପରୀକ୍ଷା ରହିଛି। ଏହି ଅବସରରେ ଇଡିଆଇଆଇ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଡ. ସୁବ୍ରତ କୁମାର ବିଶ୍ୱାଳ କହିଛନ୍ତି, ଉଦ୍ୟମିତାକୁ ଏକ କାର୍ଯ୍ୟକ୍ଷମ ଓ ଗ୍ରହଣଯୋଗ୍ୟ ପେସା ଭାବେ ଗ୍ରହଣ କରିବା ଲାଗି ଦଶନ୍ଧି ଧରି ଉତ୍ସାହିତ ଓ ପ୍ରଚାର ପ୍ରସାର କରିବା ଦିଗରେ ଇଡିଆଇଆଇ ସର୍ବଦା ଆଗରେ ରହିଛି। ଅନୁଷ୍ଠାନ ବର୍ତ୍ତମାନ ସୁଦ୍ଧା ୧୭୩୦ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିସାରିଛି। ଏଠାରୁ ଶିକ୍ଷାଲାଭ କରିଥିବା ୭୮% ଛାତ୍ରୀଛାତ୍ର ସଫଳ ଉଦ୍ୟୋଗୀ ଓ ସାମାଜିକ ପରିବର୍ତ୍ତନକାରୀ ନେତୃତ୍ୱରେ ପରିଣତ ହୋଇଛନ୍ତି।

# ଲଘୁ ଉଦ୍ୟୋଗୀଙ୍କୁ ସହାୟତା ଦେବ ନାବାର୍ଡ

**ଭୁବନେଶ୍ୱର,୧୨।୩:** ନ୍ୟାଶନାଲ ବ୍ୟାଙ୍କ ଫର୍ ଏଗ୍ରିକଲଚର ଆଣ୍ଡ ରୁରାଲ ଡେଭଲପମେଣ୍ଟ(ନାବାର୍ଡ) ଲଘୁ ଉଦ୍ୟୋଗୀଙ୍କୁ ସହାୟତା ଯୋଗାଇଦେବା ନେଇ ବିଭିନ୍ନ ଯୋଜନା ହାତକୁ ନେଉଛି। ଆସନ୍ତା ଆର୍ଥିକ ବର୍ଷରେ ବ୍ୟାଙ୍କ ୩ ହଜାର ଲଘୁ ଉଦ୍ୟୋଗୀ ସୃଷ୍ଟି କରିବ ବୋଲି ଏହାର ସିଜିଏମ୍ ସି.ଉଦୟ ଭାସ୍କର ସୂଚନା ଦେଇଛନ୍ତି। ୧୫ ହଜାର ଟଏଲେଟ ନିର୍ମାଣ ଦିଗରେ ନାବାର୍ଡ ସହାୟତା ଯୋଗାଇଦେବ। ମହିଳା ଏସ୍ଏଚ୍‌ଜି, ଉଦ୍ୟୋଗୀ ଏବଂ କୃଷକଙ୍କୁ ଋଣ ଯୋଗାଣକୁ ୨ ଗୁଣ କରିବାର ଆବଶ୍ୟକତା ରହିଥିବା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉତ୍ସବରେ ସିଜିଏମ୍ ଭାସ୍କର ମତ ପ୍ରକାଶ କରିଛନ୍ତି। ସେହିଭଳି ପରିବାରର ଆୟକୁ ଦୁଇ ଗୁଣ ବଢ଼ାଇବା ନେଇ ବିଭିନ୍ନ ପ୍ରୋତ୍ସାହନ ମୂଳକ ଜୀବିକା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କାର୍ଯ୍ୟକ୍ରମରେ ଜଳସେଚନ ବିଭାଗ ଉପସଚିବ ମଧୁସ୍ମିତା ସାହୁ କହିଛନ୍ତି, ମହିଳାଙ୍କ ସର୍ବାଙ୍ଗୀନ ବିକାଶ ଲାଗି ସାମଗ୍ରିକ ସହଯୋଗ ଲୋଡ଼ା। ଏଭଳି ପ୍ରସଙ୍ଗଗୁଡ଼ିକୁ ସମାଜ ଗୁରୁତ୍ୱ ଦେବାକୁ ପଡିବ। ରାଜ୍ୟ ସରକାର ଗ୍ରହଣ କରୁଥିବା ବିଭିନ୍ନ ଯୋଜନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ପ୍ରମିଳା ବିଶୋୟୀ ଏସ୍ଏଚ୍‌ଜି ଗ୍ରୁପ୍‌ରୁ ଏମ୍‌ପି ହେବାର ଯାତ୍ରା ସମ୍ପର୍କରେ ନିଜର ଅନୁଭୂତି ବଖାଣିଥିଲେ।

# ଖୁଚୁରା ମୁଦ୍ରାସ୍ଫୀତି ୫.୦୩%

ନୂଆଦିଲ୍ଲୀ,୧୨।୩

ଫେବୃୟାରୀ ମାସରେ ପାଇକାରୀ ମୁଦ୍ରାସ୍ଫୀତିଭିତ୍ତିକ ଖାଉଟି ମୂଲ୍ୟ ସୂଚୀ(ସିପିଆଇ) ୫.୦୩% ସ୍ତରକୁ ବଢିଛି। ଜାନୁୟାରୀରେ ଏହା ୪.୦୬ % ରହିଥିବା ସରକାରୀ ଡାଟାରୁ ଜଣାପଡିଛି। ମୁଦ୍ରାସ୍ଫୀତିକୁ ୨ରୁ ୬% ମଧ୍ୟରେ ରଖିବା ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଯୋଜନା କରିଛି। ଏହି ଧାର୍ଯ୍ୟ ସୀମା ମଧ୍ୟରେ ମୁଦ୍ରାସ୍ଫୀତି ରହିଥିବା ଜଣାପଡିଛି। ଦ୍ୱିମାସିକ ମୁଦ୍ରାନୀତି କମିଟି ବୈଠକରେ ମୁଦ୍ରାସ୍ଫୀତିକୁ ମୁଖ୍ୟତଃ ଆର୍‌ବିଆଇ ନଜରରେ ରଖି ବିଭିନ୍ନ ନିଷ୍ପତ୍ତି ନେଇଥାଏ। ସେହିଭଳି ସରକାର ଦେଇଥିବା ଅନ୍ୟ ଏକ ଡାଟା ମୁତାବକ, ଔଦ୍ୟୋଗିକ ଉତ୍ପାଦନ ୧.୬% ହ୍ରାସ ହୋଇଛି। ଏହି ସମୟରେ ମାନୁଫାକଚରିଂ ସେକ୍ଟର ୨% ଏବଂ ଖଣି ୩.୭%, କ୍ଷେତ୍ର ୩.୭% ହ୍ରାସ ହୋଇଛି। ଏହାବାଦ ଶକ୍ତି ଉତ୍ପାଦନ ୫.୫% ବଢିଛି। ସୂଚନାଯୋଗ୍ୟ ୨୦୨୦ ଜାନୁୟାରୀରେ ଶିଳ୍ପ ଉତ୍ପାଦନ ୨.୨% ବୃଦ୍ଧି ଘଟିଥିଲା।

# ଜି ଏଣ୍ଟରଟେନମେଣ୍ଟ ପକ୍ଷରୁ ମହିଳା ଦିବସ

**ଭୁବନେଶ୍ୱର,୧୨।୩ :** ଜୀ ଏଣ୍ଟର୍‌ଟେନ୍‌ମେଣ୍ଟ ପକ୍ଷରୁ ଏକ ଅଭିନବ ଅଭିଯାନ ହ୍ୟାସ୍‌ଟ୍ୟାଗ୍ ୱାଲା ନହି ୱାଲିର ଶୁଭାରମ୍ଭ ସହ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ମହିଳା ନେତୃତ୍ୱର ନିଷ୍ଠା ଓ ସାହସକୁ ସ୍ୱୀକୃତି ପ୍ରଦାନ କରିବା ସହ କର୍ମଚାରୀଙ୍କ ଅବଦାନକୁ ସମ୍ମାନ ଜଣାଇବା ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଡିଜିଟାଲ୍ ଓ ମୋବାଇଲ୍ ଜରିଆରେ ଆରମ୍ଭ ହୋଇଥିବା ଏହି ଅଭିଯାନ ପାଇଁ ୧୦ଟି ସ୍ଥାନୀୟ ଭାଷାରେ ଫିଲ୍ମ ପ୍ରସ୍ତୁତ କରାଯାଇଛି। ଏହି ଭାଷାଗୁଡ଼ିକ ହେଲା ହିନ୍ଦୀ, ମରାଠୀ, ଗୁଜୁରାଟୀ, ବଙ୍ଗଳା, ଓଡ଼ିଆ, ପଞ୍ଜାବୀ, ତାମିଲ୍, ତେଲୁଗୁ, କନଡ଼ ଓ ମାଲାୟାଲମ୍। ଜୀ ସାମାଜିକ ଗଣମାଧ୍ୟମରେ ଏହା ଆରମ୍ଭ କରାଯାଇଛି। ଏହି ଅଭିଯାନ ସମ୍ପର୍କରେ ଜୀ ଲିମିଟେଡ୍ ଆଫିଲେଟ୍ ସେଲ୍‌ର ମୁଖ୍ୟ ରାଜସ୍ୱ ଅଧିକାରୀ ଅତୁଲ ଦାସ କହିଛନ୍ତି, ସଂସ୍ଥାର ଅଭିବୃଦ୍ଧି କ୍ଷେତ୍ରରେ ସହଯୋଗୀଙ୍କ ଅବଦାନକୁ ଜୀ' ସର୍ବଦା ସ୍ୱୀକୃତି ପ୍ରଦାନ କରିଆସିଛି। ବିଗତ ବର୍ଷଟି ଆମ ସମସ୍ତଙ୍କ ପାଇଁ ଆହ୍ୱାନଜନକ ଥିଲା। ଏହି ସମୟରେ କମ୍ପାନୀର ମହିଳା କର୍ମଚାରୀମାନେ ନିଷ୍ଠା ଓ ସମର୍ପିତ ମନୋଭାବ ପ୍ରଦର୍ଶନ କରିଛନ୍ତି। ଏହି କର୍ମଚାରୀମାନେ କମ୍ପାନୀ ପାଇଁ ପ୍ରେରଣାର ଉତ୍ସ।


**TENDER CALL NOTICE**

No. CAD-1512: Odisha Livelihoods Mission, DRDA, Balangir invites tenders from reputed Agency/Register Manufactures/Company/Authorized Dealers for supply and Installation of Electronic Item, Computer Item & Furntiure Item. The eligibility criteria and specification of documents for interested bidders are available in the website **www.balangir.nic.in**.
The bidders are requested to download the Annexure-I, Annexure-II, Annexure-III (Term and Condition) & Annexure-IV of the tender and submit the same along with the tender duly signed by the bidder along with seal.
The envelope containing tender should be superscribed as "Tender for Electronic Item, Computer Item & Furniture Item" and must be dropped in the Tender Box at office of the Project Director, DRDA, Balangir. The last date for receipt of tender within 7 days from the date of advertisement (by 4.00 P.M.), which will be opened on the same day at 5.00 P.M. in the DRDA, Balangir.
The authority reserves the right to accept or reject any tender without assigning reason thereof.

**Sd./- Project Director, DRDA-cum-
District Mission Co-ordinator, OLM Balangir**
**OIPR-19020/11/0001/2021**

**Sambalpur Municipal Corporation**
**Notice No. 2116/SMC** **Dt.10.03.2021**

**QUOTATION CALL NOTICE FOR JALACHHATRA SERVICE-2021**

**No. C-663:-** Sealed quotations are invited from intending registered firms /NGOs/ Individual Proprietor for Jalachhatra Service in SMC area in format prescribed therein so as to reach this office on or before 31st March, 2021 by 3 PM. The detail standard bidding documents, terms & conditions etc. and prescribed form can be downloaded from the office website **www.smcsambalpur.nic.in**. All bids shall be opened at 4.30PM on 31st March, 2021.

**Sd./- Commissioner
Sambalpur Municipal corporation**
OIPR-13122/11/0005/2021

**BHUBANESWAR DEVELOPMENT AUTHORITY, BHUBANESWAR**
**No.153/ Hort. /BDA, Bhubaneswar dated : 10.03.2021**

**QUOTATION CALL NOTICE**

**No. CAD-1521:-** Sealed quotations are invited from the intending bidders/reputed firm/authorized dealer/ Original Equipment manufacturer having registration under the statutory authority along with PAN/GSTIN etc for supply of the following items as mentioned in the table below:

| Sl. No. | Description of items. | Make | Model No. | Qnty. |
|---|---|---|---|---|
| 1 | 18V x 2 Cordless (Lawnmower) | MAKITA | DLM460PT2 (460MM) | 1 |
| 2 | 18V x 2 Cordless (Lawnmower) | MAKITA | DLM431PT2 (460MM) | 1 |
| 3 | 18V x 2 Cordless (Lawnmower) | MAKITA | DLM380PM2 (380MM) | 1 |
| 4 | Hedge trimmer Cordless | MAKITA | DUH752RT (750MM) | 1 |
| 5 | Grass trimmer Cordless | MAKITA | DUR368LP (T2) | 1 |
| 6 | Pulsfog Portable Thermal Fogging Machine | PULSE FOG | RPF 10SP | 1 |

The intending bidders are requested to quote their rate in figures and words to the individual items separately in the plain paper or in their letter head and submit the offer through Registered Post/Speed Post on or before 31.03.2021 up to 3.00 PM to the Chief Horticulturist, BDA, Bhubaneswar, Dist- Khordha, PIN-751001 along with the photocopies of the relevant documents like Registration of Firms, PAN/GSTIN etc failing which your offer shall not be entertained at any reason whatsoever and thus liable for outright rejection. The authority reserves the right for rejection of the offer without assigning any reason thereof.
OIPR-13033/11/0005/2021 **Sd./- Chief Horticulturist, BDA, Bhubaneswar**

**ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ
ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ**
ମୋତିଝରନ୍, ସମ୍ବଲପୁର, ଓଡ଼ିଶା, ପିନ୍ – ୭୬୮୦୦୧
ଦୂରଭାଷ/ଫ୍ୟାକ୍ସ: ୦୬୬୩–୨୫୪୮୭୪୩
ଇମେଲ୍: dfohirakudwl.od@gov.in
**No. 1049/1F-60 (Actt.)/2020-21** **Date: 11.03.2021**

**CORRIGENDUM**

**Subject:** Request for extension of tender opening date for supply of Soil Solarization Film (Clear Plastic) to the O/o the Divisional Forest Officer, Hirakud Wildlife Division, Sambalpur.
No. MM-192: With reference to this Office Tender Notice No. 796/1F-60 (Actt.)/2020-21 Date: 25.02.2021 published on Dt.11.03.2021 at Dharitri & Odisha Express daily Odia Newspaper, Bhubaneswar Edition, it is informed that due to some unavoidable circumstances the date of opening of tender (Both Technical & Financial Bid) to be opened at 11.00 A.M. to 5.00 P.M. of Dt.12.03.2021 is hereby extended. The tender will now open as per the schedule mentioned below.
1. Sale tender papers/documents will be available in the O/o. the DFO, Hirakud Wildlife Division, Sambalpur from Dt.12.03.2021 to Dt.16.03.2021 (during office hours).
2. Receiving of tender papers will be within Dt.12.03.2021 to 16.03.2021 upto 6.00 P.M.
3. Tender Opening: 11.00 A.M. to 5.00 P.M. of Dt.17.03.2021 (Both Technical & Financial Bid)

**Sd./- Divisional Forest Officer
Hirakud Wildlife Division, Sambalpur**
**OIPR-08078/11/0005/2021**

**No. CMGI/PCU/VH/2021/757/299 Date: 09.03.2021**

**TENDER NOTICE**
**Tender for Selection of Commercial Vehicle Operator/Travel Agency for hiring of vehicles.**

No. CAD-1520: Centre for Modernizing Government Initiative (CMGI) Invites open tenders from eligible commercial vehicle operators /travel agencies for hiring of vehicles.
CMGI reserves the right to reject any or all the tenders without assigning any reason thereof.
The tender documents can be downloaded from CMGI website (**www.cmgi.org.in**).
The last date of receipt of the tender in the following address is 30.03.2021, at 11.30 AM.Eligible vehicle operators /travel agencies are requested to submit their tender in properly closed envelopes in the following address.
Executive Director, Centre for Modernizing Government Initiative (CMGI), 1st Floor, A- 2, Toshali Bhawan, Satya Nagar, Bhubaneswar-751007
**By Order of Executive Director, CMGI
Procurement Officer, CMGI**
**OIPR-09008/11/0008/2021**

**ODISHA PUBLIC SERVICE COMMISSION
CUTTACK**
**NOTICE**
**No. 2013/P.S.C.** **Dt.12.03.2021**
No. D-195: It is for information of all concerned that the Commission have decided to conduct the OCS preliminary (written) examination, 2020, pursuant to Advt. No. 07 of 2020-21, tentatively on **1st week of May, 2021**. The details of the programme of the said examination shall be notified later, subject to other exigencies.
2. The candidates are advised to visit the website of the Commission at **http://opsc.gov.in** for further information.
**Sd./- Secretary**
**OIPR-12002/11/0087/2021**

**OFFICE OF THE EXECUTIVE ENGINEER (AGRIL.), MAYURBHANJ DIVISION, BARIPADA**
Phone No.- (06792)-253243, E-mail ID- eeagril.mayurbhanj@gmail.com
**Govt. of Odisha "e" Procurement Notice**
**Bid Identification No.: E.E. (A), Mayurbhanj Division, Baripada-2/2020-21**

**No.L-87:-** The Executive Engineer (Agril.), Mayurbhanj Division, Baripada on behalf of Governor of Odisha, invites percentage rate bids in single cover system in ONLINE MODE for "**1.** Construction of Asst. Executive Engineer (Agril.) Office cum implement Godown At-Karanjia, District- Mayurbhanj. **2.** Construction of Asst. Executive Engineer (Agril.) Office cum implement Godown At- Rairangpur, District- Mayurbhanj. **3.** Construction of Asst. Agricultural Engineer Office cum implement Godown At-Bijatala (Bisoi), District- Mayurbhanj. **4.** Construction of Asst. Agricultural Engineer Office cum implement Godown At- Betnoti, District- Mayurbhanj. **5.** Construction of Boundary wall with flyash brick masonry wall & RCC pillar At- Model (Agril.) farm Sandeuli, Karanjia, District- Mayurbhanj. **6.** Construction of Godown at FIAC Building, Thakurmunda, District- Mayurbhanj. **7.** Construction of Boundary wall at- FIAC Building, Kusumi, District- Mayurbhanj" as detailed below:-
**1.**Name of the works:- **1. Construction of Asst. Executive Engineer (Agril.) Office cum implement Godown At-Karanjia, District- Mayurbhanj. 2. Construction of Asst. Executive Engineer (Agril.) Office cum implement Godown At- Rairangpur, District- Mayurbhanj. 3. Construction of Asst. Agricultural Engineer Office cum implement Godown At- Bijatala (Bisoi), District- Mayurbhanj. 4. Construction of Asst. Agricultural Engineer Office cum implement Godown At- Betnoti, District- Mayurbhanj. 5. Construction of Boundary wall with flyash brick masonry wall & RCC pillar At- Model (Agril.) farm Sandeuli, Karanjia, District- Mayurbhanj. 6. Construction of Godown at FIAC Building, Thakurmunda, District- Mayurbhanj. 7. Construction of Boundary wall at- FIAC Building, Kusumi, District- Mayurbhanj**
**2.** Estimated Cost- **Ranging from Rs.620033.00 to Rs.4362338.00.** **3.** Bid Cost: **Rs.6,000/- & Rs.4,000/- Mentioned against each in column-04.** **4.** Period of Completion:- **Calendar Months Mentioned in Column-07. 5.** No. of works (Tender): **7 nos. 6.** Class of Contractor: **'A', 'B', 'C' & 'D' class Mentioned in Column-06. 7.** Date & Time of availability of bid document in the portal: **17.03.2021 at 10.00 A.M. to 30.03.2021 up to 5.00 P.M. 8.** Last date/Time for receipt of bids in the portal: **30.03.2021 up to 5.00 P.M. 9.** Date of submission of documents: **18.03.2021 at 11.00 A.M. to 03.04.2021 up to 5.00 P.M. (Except Holidays). 10**. Date & time of opening of online bids: **06.04.2021 at 11.00 A.M. & onwards. 11.** Name and address of the officer inviting Bid: **Executive Engineer (Agril.), Mayurbhanj Division, Baripada.**
Further details can be seen from the e-procurement portal **http://tendersodisha.gov.in**
**A.** All the volumes/documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender).
**B.** The Tender documents published by the Tender inviting Officer (Procurement Officer Publisher) in the website "**http://tendersodisha.gov.in**" will appear in the Latest.
**C.** The Bidders have to participate in ONLINE bidding only. Further details can be seen from the website "**http://tendersodisha.gov.in**". Any addendum/ corrigendum/cancellation of tender can also be seen in the said website.
**Sd./- Executive Engineer (Agril.)**
OIPR-01386/11/0001/2021 **Mayurbhanj Division, Baripada**

**୧୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଅଟକ**

ଭଦ୍ରକ ଅଫିସ: ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ନଳାଙ୍ଗ ଛକ ସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରୁ ଗୁରୁବାର ରାତିରେ ୧୧୦ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟବସାୟୀଙ୍କୁ ଅଟକ ରଖିଛି କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ। ଭଦ୍ରକଠାରୁ କଟକ ଜାତୀୟ ରାଜପଥରେ ପାଟ୍ରୋଲିଂ କରାଯାଉଥିବା ବେଳେ ଉକ୍ତ ବ୍ୟବସାୟୀଙ୍କୁ ଟିମ୍ କାବୁ କରିଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୧୧ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ଅଟକ ବ୍ୟବସାୟୀ ନଳାଙ୍ଗ ଅଞ୍ଚଳର ବୋଲି ଜଣାପଡ଼ିଛି। ସେ ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣୁଥିବା ବେଳେ ଅବକାରୀ ଗୋଇନ୍ଦାର ୧୧ ଜଣିଆ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ନଳାଙ୍ଗ ଗାଁ ମୁଣ୍ଡ ପେଟ୍ରୋଲ ପମ୍ପ ନିକଟରେ ଏହି ଟିମ୍ ତାଙ୍କୁ କାବୁ କରି କଟକ ନେଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଆଜି ବେରବୋଇରୁ କଂଗ୍ରେସର ପଦଯାତ୍ରା

**ଭୁବନେଶ୍ୱର, ୧୨।୩(ବ୍ୟୁରୋ):** ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ କଂଗ୍ରେସ ଭବନ ଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବୈଠକରେ ଅଖିଳ ଭାରତ କଂଗ୍ରେସ ସେବାଦଳ ପ୍ରଭାରୀ ଅଜିତ୍ କୁମାର ଓ ଦୁର୍ଗା ଦାସ ଅଂଶଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଦଳୀୟ ପତାକା ଉତ୍ତୋଳନ କରବା ସହ ମହାମନିଷୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ବୈଠକକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନିରଞ୍ଜନ କହିଛନ୍ତି, ସେବାଦଳ ସୁଦୃଢ଼ ହୋଇପାରିଲେ ଏବଂ ଆଗକୁ ଯାଇପାରିଲେ କଂଗ୍ରେସ ସଙ୍ଗଠିତ ହୋଇପାରିବ। ଆଗାମୀ ଦିନରେ ନୂତନ ଯୁବପୀଢ଼ୀଙ୍କୁ ସେବାଦଳରେ ସାମିଲ କରିବା ପାଇଁ ସେ ଗୁରୁତ୍ୱ ଦେଇଛନ୍ତି। ସେବାଦଳ ପ୍ରଭାରୀ ଅଜିତ୍ କୁମାର ଓ ଦୁର୍ଗା ଦାସ ସେବାଦଳର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଛନ୍ତି। ଶନିବାର ବେରବୋଇ ଠାରେ ଅନୁଷ୍ଠିତ ହେବାକୁ ଥିବା ପିସିସି ପଦଯାତ୍ରାରେ ସେବାଦଳ ପକ୍ଷରୁ ଅଧିକରୁ ଅଧିକ କର୍ମୀ ଅଂଶଗ୍ରହଣ କରିବା ପାଇଁ ନିଷ୍ପତି ହୋଇଛି।

### ଜଙ୍ଗଲ ପୋଡ଼ି ଅଭିଯୋଗରେ ଦୁଇ ଗିରଫ

**ରାଇକିଆ, ୧୨।୩(ଡି.ଏନ୍.ଏ.):** କନ୍ଧମାଳ ଜିଲା ରାଇକିଆ ବ୍ଲକ କରଡ଼ା ବନାଞ୍ଚଳ ପକ୍ଷରୁ ଜଙ୍ଗଲ ପୋଡ଼ି ଓ କାଠ ଚୋରି କରିବା ଅଭିଯୋଗରେ ଶୁକ୍ରବାର ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କନାଡି ଗ୍ରାମର ସୁଦାମ ପ୍ରଧାନ ଓ କାଳିଆ ନାୟକ। ଏମାନେ ବାରବା ଜଙ୍ଗଲରେ ନିଆଁ ଲଗାଇବା ସହ ପଟା ପାଇଁ ଗଛ କାଟି ନେଉଥିବା ସମୟରେ ଫରେଷ୍ଟର କୁମାର ପ୍ରଧାନ ଏବଂ ଫରେଷ୍ଟ ଗାର୍ଡ ରାଜେନ୍ଦ୍ର କହଁରଙ୍କ ହାବୁଡ଼ରେ ପଡ଼ିଥିଲେ। ସେମାନଙ୍କ ନିକଟରୁ ଦିଆସିଲି, ପଟାକାଠ ଜବତ କରାଯାଇ ନଂ.୧୦୧,୧୦୨/୨୧ରେ ମାମଲା ରୁଜୁ କରାଯାଇଛି। ଦୁଇ ଦିନ ପୂର୍ବରୁ ସେହି ଅଞ୍ଚଳରୁ ଜଣେ ମହିଳାଙ୍କୁ ଜଙ୍ଗଲ ପୋଡ଼ି ଅଭିଯୋଗରେ ଗିରଫ କରାଯାଇଥିଲା।

### ପିପିଏଲ୍‌କୁ କଳିଙ୍ଗ ସେଫ୍ଟି ଗୋଲ୍ଡ ଆୱାର୍ଡ

**ପାରାଦୀପ, ୧୨।୩(ସ୍ୱ.ପ୍ର.):** ପାରାଦୀପ ଫସ୍‌ଫେଟସ୍ ଲିମିଟେଡ୍(ପିପିଏଲ୍)କୁ ଶୁକ୍ରବାର ସଚିବାଳୟରେ କଳିଙ୍ଗ ସେଫ୍ଟି ଗୋଲ୍ଡ ଆୱାର୍ଡ ମିଳିଛି। କେମିକାଲ ଓ ଫର୍ଟିଲାଇଜର ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଓଡ଼ିଶା ସେଫ୍ଟି କନକ୍ଲେଭ ୨୦୨୧ରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କଠାରୁ ପିପିଏଲ୍ ମୁଖ୍ୟ ରଣଜିତ ସିଂ ଚୁଗ୍ ଏହି ଆୱାର୍ଡ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ସଚିବ ବିଷ୍ଣୁପଦ ସେଠୀ, ପିପିଏଲ୍ ସେଫ୍ଟି ଅଫିସର ନିହାରକାନ୍ତି ରାଉତ ଉପସ୍ଥିତ ଥିଲେ।

### ପୌରପାଳିକାକୁ ୨ ଅତ୍ୟାଧୁନିକ ଯାନ ହସ୍ତାନ୍ତର

**ପାରାଦୀପ, ୧୨।୩(ସ୍ୱ.ପ୍ର.)** ପାରାଦୀପ ପୌରପାଳିକାକୁ ଶୁକ୍ରବାର ୨ କର୍ପୋରେଟ ସଂସ୍ଥାରୁ ୨ଟି ଯାନ ହସ୍ତାନ୍ତର କରାଯାଇଛି। ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ପକ୍ଷରୁ ୯୦ ଲକ୍ଷ ଟଙ୍କାର ଏକ ଅତ୍ୟାଧୁନିକ ରୋଡ କ୍ଲିନର ଦିଆଯାଇଛି। ଏଥିପାଇଁ ସ୍ଥାନୀୟ ଜୟଦେବ ସଦନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ବନ୍ଦର ଅଧକ୍ଷ ଭିନିତ୍ କୁମାର ଜେଏସ୍‌ଡବ୍ଲ୍ୟୁ ଏମଡି ଅରୁଣ ମାହେଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ। ପୌର ନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟଙ୍କୁ ଗାଡ଼ିର ଚାବି ହସ୍ତାନ୍ତର କରାଯାଇଥିଲା। ପରେ ପୌର ପ୍ରଶାସନ ଭବନରେ ଏଲଆଣ୍ଡଟି ହାଇଡ୍ରୋକାର୍ବନ ପକ୍ଷରୁ ପୌରପାଳିକାକୁ ଏକ ହାଇଟେକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। ଏଥିରେ ବିଧାୟକ ରାଉତରାୟଙ୍କ ସମେତ ପୂର୍ବତନ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଏଡିଏମ୍ କାହ୍ନୁଚରଣ ଧୀର ପ୍ରମୁଖ ଉପସ୍ଥିତ ଥିଲେ।

# ଟିଟିପିଏସ୍ ବନ୍ଦ ହେଲେ ଅଦାଲତ ଯିବୁ

**ଏନ୍‌ଟିପିସି ପାୱାର ୱାର୍କର୍ସ ୟୁନିୟନର ଚେତାବନୀ**

ତାଳଚେର, ୧୨।୩(ନି.ପ୍ର.)

ଜାତୀୟ ଶକ୍ତି ବିକାଶ ସ୍ୱାର୍ଥରେ ୩ ଜୁନ ୧୯୯୫ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଅନୁଗୋଳ ଜିଲା ତାଳଚେରଠାରେ ଥିବା ତାଳଚେର ଥର୍ମାଲ ପାୱାର ଷ୍ଟେଶନ (ଟିଟିପିଏସ୍)କୁ ଟିଟିପିଏସ୍ ଅଧିଗ୍ରହଣ ଏବଂ ହସ୍ତାନ୍ତର ଧାରା ୧୯୯୪ ଦ୍ୱାରା ଏନ୍‌ଟିପିସିକୁ ହସ୍ତାନ୍ତର କରିଥିଲେ। ଏହି ପ୍ଲାଣ୍ଟର ନବୀକରଣ ଓ ଆଧୁନିକୀକରଣ ସହ କାର୍ଯ୍ୟକାଳ ବିସ୍ତାର କରିବା ଉକ୍ତ ଆଇନରେ ଲକ୍ଷ୍ୟ ରହିଥିଲା। କିନ୍ତୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ପାଳନ ନ କରି ଏନ୍‌ଟିପିସି କର୍ତ୍ତୃପକ୍ଷ ଶତ ପ୍ରତିଶତ ବିଦ୍ୟୁତ୍ ଉତ୍ପାଦନ କରି ଆସୁଥିବା ଟିଟିପିଏସ୍‌କୁ ଆସନ୍ତା ୩୧ ତାରିଖ ପରେ ବନ୍ଦ କରିବାକୁ ଯାଉଥିବା କୁହାଯାଉଛି। ଏନ୍‌ଟିପିସିର ଏହି ପଦକ୍ଷେପକୁ ଏନ୍‌ଟିପିସି ପାୱାର ୱାର୍କର୍ସ ୟୁନିୟନ ବେଆଇନ ବୋଲି ଦର୍ଶାଇଛି। ଟିଟିପିଏସ୍ ଅଧିଗ୍ରହଣ ଓ ହସ୍ତାନ୍ତର ଧାରା ୧୯୯୪ରେ କୌଣସି ସମୟରେ ପ୍ଲାଣ୍ଟ ବନ୍ଦ କରିବାର ସୁଯୋଗ ଦିଆଯାଇ ନାହିଁ ବୋଲି ୟୁନିୟନ ଏନ୍‌ଟିପିସିର ବରିଷ୍ଠ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଛି। ଯଦି କର୍ତ୍ତୃପକ୍ଷ ଆଇନ ବିରୋଧୀ କାମ କରନ୍ତି, ତା'ହେଲେ ୟୁନିୟନ କୋର୍ଟର ଆଶ୍ରୟ ନେବ ବୋଲି ଚେତାବନୀ ଦେଇଛି।

ଟିଟିପିଏସ୍ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ (ଓଏସ୍‌ଇବି) ଅଧୀନରେ ଥିଲା, ଯାହା ଓଡ଼ିଶା ସରକାରଙ୍କ ଏକ ପବ୍ଲିକ ସେକ୍ଟର। ତେବେ ଆର୍ଥିକ ଓ ବୈଷୟିକ ଅସୁବିଧା ଯୋଗୁ ଏହି ପ୍ଲାଣ୍ଟ ପୂର୍ଣ୍ଣମାତ୍ରାରେ ଉତ୍ପାଦନକ୍ଷମ ହୋଇପାରୁ ନ ଥିଲା। ଫଳରେ ବିଦ୍ୟୁତ୍ ଉତ୍ପାଦନ କ୍ରମଶଃ ହ୍ରାସ ଘଟୁଥିଲା। ରାଜ୍ୟ ସରକାର ଏବଂ ଓଏସ୍‌ଇବି ଉଭୟ ଆର୍ଥିକ ଏବଂ ବୈଷୟିକ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ ନ ଥିଲେ। ତେଣୁ ଏହି ପ୍ଲାଣ୍ଟକୁ ଏନ୍‌ଟିପିସିକୁ ହସ୍ତାନ୍ତର ନିମନ୍ତେ ବିଧାନସଭାରେ ଏକ ପ୍ରସ୍ତାବ ଗ୍ରହଣ କଲେ ଓ ଡିସେମ୍ବର ୧୯୯୪ରେ ବିଲ୍ ପାରିତ ହେଲା। ସେହି ବିଲ୍ ମୁତାବକ ଏନ୍‌ଟିପିସି ଆଧୁନିକୀକରଣ ଓ ନବୀକରଣ ମାଧ୍ୟମରେ ଟିଟିପିଏସ୍‌ର ଜୀବନକାଳ ବଢ଼ାଇ ପାରିବ। ତତ୍‌ସହିତ ପରିବେଶ ସୁରକ୍ଷାକୁ ମଧ୍ୟ ସୁଦୃଢ଼ୀକରଣ କରିପାରିବ। ଏହି ମୁଖ୍ୟ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଓଡ଼ିଶା ସରକାର ୩ ଜୁନ ୧୯୯୫ରେ ଟିଟିପିଏସ୍ ଅଧିଗ୍ରହଣ ଏବଂ ହସ୍ତାନ୍ତର ଧାରା ୧୯୯୪ ବଳରେ ଏନ୍‌ଟିପିସିକୁ ହସ୍ତାନ୍ତର କରିଥିଲେ। ଉକ୍ତ ଧାରାରେ ଏନ୍‌ଟିପିସିକୁ କୌଣସି ଠାରେ ଟିଟିପିଏସ୍‌ର ଜୀବନକାଳ ହ୍ରାସ କରି ବନ୍ଦ କରିବାର ଅଧିକାର ଦିଆଯାଇ ନାହିଁ। ତେଣୁ ପାୱାର ପ୍ଲାଣ୍ଟ ବନ୍ଦ କରିବା ପାଇଁ ଏନ୍‌ଟିପିସିର ଚିନ୍ତାଧାରା ଟିଟିପିଏସ୍ ଅଧିଗ୍ରହଣ ଏବଂ ହସ୍ତାନ୍ତର ଧାରା ୧୯୯୪ ଚୁକ୍ତିନାମାର ବିରୋଧାଭାସ କରୁଛି ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ୨୦୧୮ରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପରିବେଶ ସୁରକ୍ଷା ନିମନ୍ତେ ଫ୍ଲୁ ଗ୍ୟାସ୍ ଡି ସଲଫରାଇଜେଶନ ପ୍ଲାଣ୍ଟ ସ୍ଥାପନ କରିବାକୁ ଏନ୍‌ଟିପିସିକୁ ପରାମର୍ଶ ଦେଇଥିଲା। କଣିହାଁସ୍ଥିତ ପ୍ଲାଣ୍ଟରେ ଏନ୍‌ଟିପିସି ଏହା କାର୍ଯ୍ୟକାରୀ ଆରମ୍ଭ କରିଥିବା ବେଳେ ଟିଟିପିଏସ୍‌ରେ କଲାନାହିଁ। ୨୫୦ କୋଟି ଟଙ୍କା ଖର୍ଚ୍ଚକୁ ଡରି ଏନ୍‌ଟିପିସି କର୍ତ୍ତୃପକ୍ଷ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ଉକ୍ତ ପଦକ୍ଷେପ ନ ନେବାରୁ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଟିଟିପିଏସ୍ ଚଳାଇବାକୁ ଅନୁମତି ଦିଆଯାଉ ନ ଥିବା କୁହାଯାଉଛି।

## ବନ୍ଦ ପ୍ରକ୍ରିୟା ପାଇଁ ଇଡି ନିଯୁକ୍ତ



ନୂଆ ଇଡିଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଛି।

**ତାଳଚେର, ୧୨।୩(ନି.ପ୍ର.):** ତାଳଚେର ଥର୍ମାଲ୍ ପାୱାର ଷ୍ଟେଶନ (ଟିଟିପିଏସ୍)କୁ ବନ୍ଦ କରିବାକୁ ଏନ୍‌ଟିପିସି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଇତିମଧ୍ୟରେ ଏନ୍‌ଟିପିସି କର୍ତ୍ତୃପକ୍ଷ ବନ୍ଦ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସ୍ୱତନ୍ତ୍ର ଭାବେ ଡି.ଏସ୍. ରାଓଙ୍କୁ ଇଡି ଭାବେ ନିଯୁକ୍ତି ଦେଇଛନ୍ତି। ରାଓ ଗୁରୁବାର ତାଳଚେରରେ ପହଞ୍ଚିବା ପରଠାରୁ ବିଭିନ୍ନ ଅଧିକାରୀ, ଶ୍ରମିକ ସଙ୍ଗଠନ ପ୍ରତିନିଧି,ଏକତା ମଞ୍ଚର ସଦସ୍ୟମାନଙ୍କ ସହ ଘନ ଘନ ବୈଠକ କରୁଥିବା ସୂଚନା ମିଳିଛି। ଅପରପକ୍ଷରେ ଏହି ପ୍ଲାଣ୍ଟ ବନ୍ଦ ନ କରିବା, ଶ୍ରମିକ ଓ ଅଞ୍ଚଳବାସୀଙ୍କ ସ୍ୱାର୍ଥ ପାଇଁ ନୂତନ ପ୍ଲାଣ୍ଟ ସ୍ଥାପନ ଦାବି ନେଇ ଶ୍ରମିକ ଏକତା ମଞ୍ଚ ଚଳାଇଥିବା ଆନ୍ଦୋଳନ ଶୁକ୍ରବାର ୧୯ ଦିନରେ ପହଞ୍ଚିଛି।

# ସମବାୟ ସମିତି ସମ୍ପାଦକ ନିଲମ୍ବିତ

ପାରଳାଖେମୁଣ୍ଡି, ୧୨।୩(ଡି.ଏନ.ଏ.)



ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ରାମଲିଙ୍ଗେଶ୍ୱର ସେବା ସମବାୟ ସମିତିର ସମ୍ପାଦକ ଇ. ରାମପ୍ରସାଦ ନିଲମ୍ବିତ ହୋଇଛନ୍ତି। ଜଣେ ଚାଷୀ ପଞ୍ଜୀକରଣ ସମୟରେ ମିଥ୍ୟା ତଥ୍ୟ ଦେଇ ଧାନ ବିକ୍ରି କରିବା ଘଟଣାରେ ସମ୍ପାଦକ ସହଯୋଗ କରିଥିବାରୁ ଶୁକ୍ରବାର ତାଙ୍କୁ ନିଲମ୍ବନ କରାଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ଅନାଦି ଚରଣ ସେଠୀ କହିଛନ୍ତି।

ପାରଳାଖେମୁଣ୍ଡି ଖଞ୍ଜା ସାହିର ଦୁର୍ଗାସୀ କେଶବ ରାଓଙ୍କର ମୋଟ ୧୧.୩୦୫ ଏକର ଚାଷଜମି। ସେଥିମଧ୍ୟରୁ ୫.୨୮୬ ଏକର ଜମିରେ ଧାନଚାଷ ହୋଇଥିଲା। ଅବଶିଷ୍ଟ ୬.୦୧୯ ଏକର ଜମିରେ ଧାନ ଚାଷ ହୋଇ ନ ଥିଲା। ହେଲେ ସେ ପଞ୍ଜୀକରଣ ସମୟରେ ସମସ୍ତ ଜମିରେ ଧାନଚାଷ କରିଥିବା ଦର୍ଶାଇ ୨୦୬ କୁଇଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରିଥିଲେ। ଏ ବିଷୟରେ ଜିଲାପାଳ ଅନୁପମ ସାହା ସୂଚନାପାଇ ପାରଳାଖେମୁଣ୍ଡି ତହସିଲଦାରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଧାନ ବିକ୍ରିରେ ଅନିୟମିତତା ହୋଇଥିବା ଓ ଏଥିରେ ସମବାୟ ସମିତି ସମ୍ପାଦକ ରାମପ୍ରସାଦ ସହଯୋଗ କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ପରେ ସମ୍ପୃକ୍ତ ଚାଷୀଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରି ୧ ଲକ୍ଷ ଟଙ୍କା ଜରିମାନା ଆଦାୟ ଏବଂ ତାଙ୍କୁ ସହଯୋଗ କରିଥିବା ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ବୋଲି ଜିଲା ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

# ପ୍ରଧାନ ଶିକ୍ଷକ ନିଲମ୍ବିତ

**୪ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷାରୁ ବଞ୍ଚିତ ଘଟଣା**

ଏମ୍‌ଭି ୭୯, ୧୨।୩(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଏମଭି- ୯୬ ଗ୍ରାମରେ ଥିବା ବିଦ୍ୟାଳୟର ୪ଜଣ ଛାତ୍ରୀଛାତ୍ର ପ୍ରଧାନ ଶିକ୍ଷକ ସାରଦା ପ୍ରସାଦ ସିଂଙ୍କ ଅବହେଳା ଯୋଗୁ ଚଳିତ ବର୍ଷ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପ୍ରବେଶ ପାଇଁ ପ୍ରବେଶିକା ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିଲେ। ପ୍ରବେଶିକା ପରୀକ୍ଷା ପାଇଁ ସେମାନଙ୍କ ଫର୍ମ ପୂରଣ କରାଯାଇ ନ ଥିବାରୁ ସେମାନେ ପରୀକ୍ଷା କେନ୍ଦ୍ରରୁ ନିରାଶ ହୋଇ ଫେରିଥିଲେ। ଏହି ଘଟଣାରେ ପ୍ରଧାନଶିକ୍ଷକ ସିଂଙ୍କୁ ଶୁକ୍ରବାର ନିଲମ୍ବନ କରାଯାଇଛି। ଖବରରୁ ଜଣାପଡ଼ିଛି ବିଦ୍ୟାଳୟର ପାପିୟା ସରକାର, ଶୁଭମ ସରକାର, ମୋହିମ ତରପଦାର ଓ ସସ୍ମିତା ମଣ୍ଡଳଙ୍କ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ପ୍ରବେଶିକା ପରୀକ୍ଷା ପାଇଁ ଫର୍ମପୂରଣ କରିବାକୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଅର୍ଥ ଓ ଏନେଇ ପ୍ରମାଣପତ୍ର ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଦେଇଥିଲେ। ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ଅଭିଭାବକମାନେ ପ୍ରଧାନଶିକ୍ଷକ ସିଂଙ୍କୁ ଫୋନ ଯୋଗେ ପଚାରିବାରୁ ପିଲାଙ୍କ ଫର୍ମପୂରଣ କରାଯାଇଛି। ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ଅନୁମତି ମିଳିଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ପରୀକ୍ଷା ଦିନ ଏହି ଛାତ୍ରୀଛାତ୍ରମାନେ ପରୀକ୍ଷା କେନ୍ଦ୍ରରେ ପହଞ୍ଚ ସେମାନଙ୍କ ଫର୍ମ ପୂରଣ ହୋଇ ନ ଥିବା ଜାଣିବାକୁ ପାଇଥିଲେ। ଏହି ଖବର ଧରିତ୍ରୀରେ ପ୍ରକାଶ ପରେ ଘଟଣାର ଖୋଳତାଡ ହୋଇଥିଲା। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିଂଙ୍କୁ ନିଲମ୍ବିତ କରିଯାଇଥିବା ପଡିଆ ବିଇଓ ଚିତ୍ତରଞ୍ଜନ ପାଣ୍ଡେ ସୂଚନା ଦେଇଛନ୍ତି।

# ସୁପ୍ରିମକୋର୍ଟରେ ପିଆଇଏଲ୍ ପାଇଁ ପ୍ରସ୍ତୁତି

**ମହାନଦୀ ଜଳ ବିବାଦ**

- ୩ କାର୍ଯ୍ୟକ୍ରମ ପାଇଁ ମହାନଦୀ ବଞ୍ଚାଅ ଆନ୍ଦୋଳନର ନିଷ୍ପତ୍ତି

ଭୁବନେଶ୍ୱର, ୧୨।୩(ବ୍ୟୁରୋ)

ଅନେକ ଦାବି, ଧାରଣା, ଧର୍ମଘଟ, ଆନ୍ଦୋଳନ, ଅନଶନ ପରେ ମହାନଦୀ ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଟ୍ରିବ୍ୟୁନାଲ ଗଠନ କଲେ। ସମସ୍ତେ ବହୁ ଆଶାରେ ଥିଲେ, ଓଡ଼ିଶାକୁ ଏଥିରୁ ନିଶ୍ଚିତ ନ୍ୟାୟ ମିଳିବ। ହେଲେ ଟ୍ରିବ୍ୟୁନାଲର ୩ ବର୍ଷର ଦୀର୍ଘ ସମୟରେ ପ୍ରଥମ ପଦକ୍ଷେପ ସ୍ୱରୂପ ତଥ୍ୟର ଆଦାନ ପ୍ରଦାନ ଏ ପର୍ଯ୍ୟନ୍ତ ହେଲା ନାହିଁ। ଛତିଶଗଡ଼ ବେଆଇନ ଭାବେ ନିର୍ମାଣ କରିଥିବା ବ୍ୟାରେଜର ନିର୍ମାଣ କାର୍ଯ୍ୟ ଓ ଜଳଧାରଣରେ କୌଣସି ରୋକ ଲଗାଗଲା ନାହିଁ। ଏହିସବୁ ସମସ୍ୟାର ସମାଧାନ ଓ ଆଗାମୀ ଦିନରେ କ'ଣ ପଦକ୍ଷେପ ନିଆଯିବ ଆବଶ୍ୟକ ସେନେଇ ଏକ ବିଚାରବିମର୍ଶ ବୈଠକ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟର ରାଜନୈତିକ ଦଳ, ଗଣ ସଙ୍ଗଠନ, ବୁଦ୍ଧିଜୀବୀ ଓ ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ମହାନଦୀ ଟ୍ରିବ୍ୟୁନାଲଠାରୁ କୌଣସି ଦୃଷ୍ଟାନ୍ତମୂଳକ ନିର୍ଦ୍ଦେଶ ନ ମିଳିବା ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ନଦୀର ପର୍ଯ୍ୟାବରଣ ଓ ପ୍ରବାହ ସୁରକ୍ଷା କ୍ଷେତ୍ରରେ ଟ୍ରିବ୍ୟୁନାଲ କୌଣସି ପଦକ୍ଷେପ ନେଇନାହାନ୍ତି। ଅନ୍ତରୀଣ ନିର୍ଦ୍ଦେଶ ନ ମିଳିଲେ ଆସନ୍ତା ଦିନରେ ୩ଟି କାର୍ଯ୍ୟକ୍ରମ ପାଇଁ ମୁଖ୍ୟତଃ ନିଷ୍ପତ୍ତି ହୋଇଛି। ପ୍ରଥମ ହେଲା ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଟ୍ରିବ୍ୟୁନାଲ କାର୍ଯ୍ୟକାରିତା ନେଇ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା(ପିଆଇଏଲ୍)। ଦ୍ୱିତୀୟ ହେଲା ପୁନର୍ବାର ଆପୋସ ବୁଝାମଣା ଲାଗି ଉଭୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା। ତୃତୀୟ ନିଷ୍ପତ୍ତି ହେଲା ଏପ୍ରିଲ ୨୦ରୁ ୩୦ ପର୍ଯ୍ୟନ୍ତ ମହାନଦୀ ଉତ୍ପତ୍ତିସ୍ଥଳ ମଧ୍ୟପ୍ରଦେଶରୁ ଅନ୍ତିମସ୍ଥଳ ପର୍ଯ୍ୟନ୍ତ ଅବବାହିକା ଅଧିବାସୀଙ୍କୁ ଜାଗ୍ରତ ପାଇଁ ସର୍ବଭାରତୀୟ ଜଳ ଆନ୍ଦୋଳନ କର୍ମୀଙ୍କୁ ନେଇ ଜାତୀୟସ୍ତରୀୟ ସଚେତନତା ଯାତ୍ରା।

ଜଳମାନବ ରାଜେନ୍ଦ୍ର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି, ମହାନଦୀ ଟ୍ରିବ୍ୟୁନାଲର କାର୍ଯ୍ୟକ୍ରମ ଉପରେ ଏକ ଜନ ଶ୍ୱେତପତ୍ର ଆସିବା ଆବଶ୍ୟକ। କେବଳ ଆଇନଗତ ଦିଗ ନ ଦେଖି ଉଭୟ ରାଜ୍ୟର ନଦୀ ଅବବାହିକା ଲୋକଙ୍କ କଥା ଶୁଣାଯିବା ଦରକାର। କର୍ପୋରେଟ ଓ ମାଫିଆମାନଙ୍କ ଦ୍ୱାରା ନଦୀର ଶୋଷଣ ଏବଂ ଆକ୍ରମଣ ରୋକା ନ ଗଲେ ଆସନ୍ତା ଦିନରେ ପରିସ୍ଥିତି ଭୟାବହ ହେବ। ବିଜେଡି ଉପସଭାପତି ଦେବୀ ମିଶ୍ର କହିଛନ୍ତି, ଛତିଶଗଡ଼ ଚେକ ଡ୍ୟାମ କହି ଯେଉଁ ବଡ଼ବଡ଼ ବ୍ୟାରେଜ ନିର୍ମାଣ କଲା ଆମେ ତାକୁ ରିଜେକ୍ଟ କରିବାକୁ ଭୁଲି ଏବେ ଏହି ଅବସ୍ଥାରେ ପଡିଛେ। ମହାନଦୀ ବଞ୍ଚାଓ ଆନ୍ଦୋଳନ ପିଆଇଏଲ୍ କରିବା ଆବଶ୍ୟକ। ରାଜ୍ୟ ସରକାର ମଧ୍ୟ ଛୋଟ ଛୋଟ ବନ୍ଧ ଦ୍ୱାରା ରାଜ୍ୟରେ ପ୍ରବାହିତ ଜଳର ସୁବିନିଯୋଗ କରନ୍ତୁ ବୋଲି ବୈଠକ ପରାମର୍ଶ ଦେବା ଜରୁରୀ ବୋଲି ସେ କହିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ରୋଗୀ ମୃତ୍ୟୁ ପରେ ଡାକ୍ତର ଆସିବା କାର୍ଯ୍ୟ ପରି ରାଜ୍ୟ ସରକାର ଏବେ ବାଉଳା ହେଉଛନ୍ତି। ଏଥିଲାଗି ରାଜ୍ୟ ସରକାର ପ୍ରଥମେ ନିଜ ଜଳର ଠିକ ବିନିଯୋଗ କରନ୍ତୁ। ଛତିଶଗଡ ସରକାର ତାଙ୍କ ରାଜ୍ୟ ପାଇଁ ଏହା କରିଥିବା ବେଳେ ଆମେ କ'ଣ କରିଛେ ବୋଲି ସେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

### ଏନ୍‌ଆର୍‌ଏଲ୍-ପିପିଟି ମଧ୍ୟରେ ଜମି ହସ୍ତାନ୍ତର ଚୁକ୍ତି

ପାରାଦୀପ, ୧୨।୩(ସ୍ୱ.ପ୍ର.)

ନୁମାଲିଗଡ ରିଫାଇନେରି ଲିମିଟେଡ (ଏନ୍‌ଆର୍‌ଏଲ୍)ଓ ପାରାଦୀପ ପୋର୍ଟ ଟ୍ରଷ୍ଟ(ପିପିଟି) ମଧ୍ୟରେ ଶୁକ୍ରବାର ଅଶୋଧିତ ତୈଳ ଭଣ୍ଡାର ପାଇଁ ଜମି ହସ୍ତାନ୍ତର ଚୁକ୍ତି ସ୍ୱାକ୍ଷରିତ ହୋଇଛି। ପାରାଦୀପ ବନ୍ଦର ଏହି ପ୍ରକଳ୍ପ ପାଇଁ ୨୩୪.୧୪ ଏକର ଜମି ଯୋଗାଇ ଦେବ। ଏଥିରେ ଆସାମର ଏନ୍‌ଆର୍‌ଏଲ୍ ଅଶୋଧିତ ତୈଳଭଣ୍ଡାର କରିବ। ବିଦେଶରୁ ଆମଦାନୀ ତୈଳ ଏଠାରେ ଗଚ୍ଛିତ ରହିବ। ପାରାଦୀପରୁ ଆସାମ ନୁମାଲିଗଡ ପର୍ଯ୍ୟନ୍ତ ପାଇପଲାଇନ ଯୋଗେ ଏହା ଯିବ। ପ୍ରକଳ୍ପ ପାଇଁ ଏନ୍‌ଆର୍‌ଏଲ୍ ୨୨ ହଜାର କୋଟିରୁ ଅଧିକ ଅର୍ଥ ବିନିଯୋଗ କରିବ। ପାରାଦୀପର ଷଣ୍ଢକୁଦ ବସ୍ତିପାଖ ଖାଲି ଜାଗାରେ ଏହି ପ୍ରକଳ୍ପ ହେବ। ଏଥିପାଇଁ ୨୦୨୦ ଫେବୃୟାରୀ ୭ରେ ଭୁବନେଶ୍ୱରରେ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ଜମି ବାବଦରେ ଏନଆର୍‌ଏଲ୍ ପ୍ରାଥମିକ ପର୍ଯ୍ୟାୟରେ ୨୦ କୋଟି ଟଙ୍କା ଅଗ୍ରିମ ଦେଇଛି। ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ୍ ମିଶ୍ର ଓ ଏନଆରଏଲ୍‌ର ପ୍ରବୀର କୁମାର ତାଲୁକଦାର ଏହି ଜମି ଲିଜ ଚୁକ୍ତି କରିଥିଲେ। ବନ୍ଦର ଅଧ୍ୟକ୍ଷ ଭିନିତ୍ କୁମାର ଉପାଧ୍ୟକ୍ଷ ଏ.କେ.ବୋଷ ଓ ଏନ୍‌ଆର୍‌ଏଲ୍ ପ୍ରକଳ୍ପ ମୁଖ୍ୟ ମନୋଜ କୁମାର ପେଗୁ ଓ ପାଇପଲାଇନ ଡିଜିଏମ୍ ଏ.ଜେ.ଫୁକନଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

### ଶିକ୍ଷା ଗବେଷଣା ପାଇଁ ୪୦ ଯୁବ ଅଧ୍ୟାପକଙ୍କୁ ମିଳିବ ୫ଲକ୍ଷ ଟଙ୍କାର ସିଡ୍ ଫଣ୍ଡ

ଭୁବନେଶ୍ୱର, ୧୨।୩(ବ୍ୟୁରୋ)

ରାଜ୍ୟରେ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ପାଇଁ ଗବେଷଣା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନା ରାଜ୍ୟରେ ଗବେଷଣା ସଂସ୍କୃତିକୁ ବ୍ୟାପକ କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଉଚ୍ଚଶିକ୍ଷାର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ହୋଇଥିବାବେଳେ ଏହି ଯୋଜନାରେ ଯୁବ ଅଧ୍ୟାପକ ଓ ଛାତ୍ରୀଛାତ୍ରଙ୍କୁ ଅର୍ଥରାଶି ଯୋଗାଇଦେବେ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୪୦ଜଣ ଯୁବ ଅଧ୍ୟାପକଙ୍କୁ ୫ଲକ୍ଷ ଟଙ୍କାର ସିଡ୍ ଫଣ୍ଡ ଦିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କମାର ସାହୁ କହିଛନ୍ତି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟରତ ଯୁବ ଅଧ୍ୟାପକଙ୍କୁ ଗବେଷଣା ଓ ସନ୍ଦର୍ଭ ପ୍ରକାଶନ ନିମନ୍ତେ ସହାୟତା ଯୋଗାଇ ଦିଆଯିବ। ସେହିପରି ଏହି ଯୋଜନାରେ ୩୫ଟି ବିଷୟରେ ରାଜ୍ୟ ବିଶ୍ୱବିଦ୍ୟାଳୟର ପୂର୍ଣ୍ଣକାଳୀନ ଗବେଷଣାରତ ଛାତ୍ରୀଛାତ୍ରଙ୍କୁ ପିଏଚ୍‌ଡି ନିମନ୍ତେ ମାସିକ ୧୫ହଜାର ଟଙ୍କା ଫେଲୋଶିପ ପ୍ରଦାନ କରାଯାଉଛି। ପ୍ରତି ବିଷୟରେ ୫ଟି ଲେଖାଏ ଫେଲୋଶିପ ଦିଆଯାଉଛି। ଏଥିରେ ମହିଳାଙ୍କ ନିମନ୍ତେ ୪୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି ବୋଲି ଶୁକ୍ରବାର ପୁସ୍ତକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହିତ ଏହାଦ୍ୱାରା ରାଜ୍ୟର ଯୁବ ଗବେଷକମାନେ ବହୁଳ ଭାବେ ଉପକୃତ ହେବେ ବୋଲି କହିଥିଲେ।

# ଆଶାରେ ରହିଗଲା ମେଡିକାଲ କଲେଜ

- ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ
- ପ୍ରସ୍ତାବ ପାଇ ନ ଥିବା ଏମ୍‌ପିଙ୍କୁ ଜଣାଇଲେ କେନ୍ଦ୍ରମନ୍ତ୍ରୀ

ରାୟଗଡ଼ା ଅଫିସ, ୧୨।୩

ଉପାନ୍ତ ରାୟଗଡ଼ା ଜିଲାରେ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପ୍ରତିଷ୍ଠା ନେଇ କେନ୍ଦ୍ର ସରକାର ସହମତି ଦେଇଥିଲେ। କେନ୍ଦ୍ର ସରକାରଙ୍କ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ଯୋଜନାରେ ରାୟଗଡ଼ା ଜିଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ନିଷ୍ପତ୍ତି ହୋଇଥିଲା। ପ୍ରସ୍ତାବକୁ ବିଚାରକୁ ନେଇ ଯୋଜନାର ତୃତୀୟ ପର୍ଯ୍ୟାୟରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ୭୫ଟି ମେଡିକାଲ କଲେଜ ପ୍ରତିଷ୍ଠା ନେଇ ମଞ୍ଜୁରୀ ମିଳିଛି। ଏହା ମଧ୍ୟରେ ଓଡ଼ିଶାର କଳାହାଣ୍ଡି ଜିଲା ଅନ୍ତର୍ଭୁକ୍ତ। ତେବେ ଅନ୍ୟ ରାଜ୍ୟମାନେ ୫ରୁ ଊର୍ଦ୍ଧ୍ୱ ମେଡିକାଲ କଲେଜ ପାଇଥିବାବେଳେ ଓଡ଼ିଶାକୁ ମାତ୍ର ଗୋଟିଏରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ଦୀର୍ଘଦିନରୁ ରାୟଗଡ଼ାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ରହିଥିବା ଆଶା କେବଳ ଆଶାରେ ରହିଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷ ବର୍ଦ୍ଧନ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ଲେଖିଥିବା ଚିଠିରୁ ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ଫେବୃୟାରୀ ୧୩ରେ କୋରାପୁଟ ଏମ୍‌ପି ରାୟଗଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ ଲୋକ ସଭାର ଶୂନ୍ୟକାଳରେ ଉଠାଇଥିଲେ। ଏହାର ଉତ୍ତର ରଖି ମନ୍ତ୍ରୀ ମାର୍ଚ୍ଚ ୫ରେ ଏମ୍‌ପିଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ଯୋଜନାର ତୃତୀୟ ପର୍ଯ୍ୟାୟ ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାୟଗଡ଼ା ଜିଲା ନିମନ୍ତେ କୌଣସି ପ୍ରସ୍ତାବ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପାଇ ନ ଥିବା ସେ ଏଥିରେ ଦର୍ଶାଇଛନ୍ତି। ଏଥିସହ ସେ କହିଛନ୍ତି, ଏହି ପର୍ଯ୍ୟାୟରେ ୭୫ଟି ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ଅନୁମୋଦନ ମିଳିଥିବାରୁ ଏଥର ରାୟଗଡ଼ା ଜିଲା ପାଇଁ ଏହା ସମ୍ଭବ ନୁହେଁ। ଏହି ଚିଠିକୁ ଏମ୍‌ପି ଟୁଇଟରରେ ଶେୟାର କରି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁ ରାୟଗଡ଼ା ଜିଲା ମେଡିକାଲ କଲେଜ ସୁଯୋଗ ହରାଇଛି ବୋଲି କହିଛନ୍ତି। ତେବେ ଦାବି ପୂରଣ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ଏମ୍‌ପି କହିଛନ୍ତି। ଅନ୍ୟପକ୍ଷରେ ଏ ନେଇ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓଙ୍କ ସହ ଯୋଗାଯୋଗ କରିବାରୁ ଏ ବିଷୟରେ ଆଗାମୀ ଦିନରେ ଗଣମାଧ୍ୟମ ନିକଟରେ ବିସ୍ତୃତ ଭାବେ ଉତ୍ତର ରଖିବେ ବୋଲି କହିଛନ୍ତି।

# ୧୫ରୁ କୃଷି ଓଡ଼ିଶା, ମାସ୍କଟ ଉନ୍ମୋଚିତ

ଭୁବନେଶ୍ୱର, ୧୨।୩(ବ୍ୟୁରୋ)

**ପାଳଛତୁ ଉତ୍ପାଦନରେ ଓଡ଼ିଶା ପ୍ରଥମ**




ମାସ୍କଟ ଉନ୍ମୋଚନ ଅବସରରେ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସହ ଅନ୍ୟମାନେ।

ଆସନ୍ତା ୧୫ ତାରିଖରୁ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ 'କୃଷି ଓଡ଼ିଶା-୨୦୨୧' ଆରମ୍ଭ ହେବ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଶୁକ୍ରବାର ଏହି କୃଷି ମହୋତ୍ସବର ମାସ୍କଟ ଉନ୍ମୋଚିତ ହୋଇଛି। ମାସ୍କଟ ଉନ୍ମୋଚନ କରିବା ଅବସରରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି, ଚଳିତ ବର୍ଷ କୃଷି ଓଡ଼ିଶାର ବିଷୟବସ୍ତୁ ରହିଛି 'ସମନ୍ୱିତ ଚାଷ, ଚାଷୀର ବିକାଶ'। ଏହାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ସହଯୋଗିତାରେ ଆୟୋଜନ କରାଯାଉଛି। ତେବେ ମାସ୍କଟ୍ ଭାବେ 'ଛତୁ' ରଖାଯାଇଛି। ଛତୁର ଗୁଣାତ୍ମକ ମାନ, ସହଜ ଉପଲବ୍ଧତା, ଅଧିକ ଲାଭ, ଉନ୍ନତ ପୁଷ୍ଟିଯୁକ୍ତ ଖାଦ୍ୟପ୍ରାଣ ହୋଇଥିବାରୁ ଏହାକୁ କୃଷି ଓଡ଼ିଶା ୨୦୨୧ର ମାସ୍କଟ ଭାବେ ଚୟନ କରାଯାଇଛି। ଛତୁ ଉତ୍ପାଦନରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ପାଳଛତୁରେ ପ୍ରଥମ ସ୍ଥାନ ଅଧିକାର କରିଛି। ଆଗାମୀ ଦିନରେ ଛତୁ ଉତ୍ପାଦନକୁ ପ୍ରୋତ୍ସାହିତ କରି ଉତ୍ପାଦନ ବୃଦ୍ଧି ସହ ରପ୍ତାନି କରିବାକୁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଉନ୍ନତୀକରଣ ପାଇଁ ବୈଷୟିକ ଜ୍ଞାନକୌଶଳ, କୃଷି ଯାନ୍ତ୍ରିକୀକରଣ, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ, ସମ୍ବଳ ବିକାଶ, ବଜାର ସୁବିଧା, ଆବଶ୍ୟକ ଋଣର ସହଜ ଉପଲବ୍ଧତା, ଉନ୍ନତ କୃଷି ସାମଗ୍ରୀର ବିନିଯୋଗ ଓ ବିତରଣ ବ୍ୟବସ୍ଥା ଏବଂ କୃଷି ଉଦ୍ୟୋଗ ସ୍ଥାପନ ନିମନ୍ତେ ଗୋଟିଏ ଛାତତଳେ ସବୁ ଅଂଶୀଦାରଙ୍କୁ ଏକାଠି କରି ସେମାନଙ୍କ ଉନ୍ନତ ଜ୍ଞାନକୌଶଳ 'କୃଷି ଓଡ଼ିଶା' ମାଧ୍ୟମରେ ପ୍ରଦର୍ଶିତ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବେ। ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏଥିରେ ମୋଟ୍ ୧୬୦ ମଣ୍ଡପ ପ୍ରଦର୍ଶିତ ହେବ। ଚଳିତବର୍ଷ କୃଷି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ହେଉଛି ୧୦ ବିଷୟବସ୍ତୁ ଉପରେ କୃଷକ, କୃଷି ଉଦ୍ୟୋଗୀ, ବିଶେଷଜ୍ଞ ଓ ବୈଜ୍ଞାନିକଙ୍କ ସହ ଆଲୋଚନାଚକ୍ର। ଏହି ଅବସରରେ ରାଜ୍ୟର ସମସ୍ତ ଜିଲାରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ପ୍ରଥମଥର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ 'କୃଷି ଓଡ଼ିଶା' କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯିବାର ବ୍ୟବସ୍ଥା ରହିଛି। କୋଭିଡ୍-୧୯ ମାର୍ଗଦର୍ଶିକା ଅନୁପାଳନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଅଢ଼େଇ ଲକ୍ଷରେ ଡେମୋନଷ୍ଟ୍ରେଟର

**ଢେଙ୍କାନାଳ ଅଫିସ, ୧୨।୩**

ଡେମୋନଷ୍ଟ୍ରେଟର ନିଯୁକ୍ତିରେ ଜାଲିଆତି। ଟିଚିଂ ଷ୍ଟାଫ୍ ଦର୍ଶାଇ ଦିଆଯାଇଥିଲା ଚାକିରି। ଏଥିଲାଗି ନିଆଯାଇଥିଲା ଅଢ଼େଇ ଲକ୍ଷ ଟଙ୍କା। ଢେଙ୍କାନାଳ ଜିଲା ସଦର ବ୍ଲକ ବେଲଟିକିରି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଭଳି ଦୁର୍ନୀତି ହୋଇଥିବା ଅଭିଯୋଗ ଆଣିଛନ୍ତି ବର୍ତ୍ତମାନର ସେକେଣ୍ଡ କ୍ଲର୍କ ଭାବେ କାର୍ଯ୍ୟରତ ଗଙ୍ଗାଧର ସାମଲ। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ଡିଭିଜନରେ କେସ୍ ନଂ. ୬/୨୧ରେ ୬ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହାପରେ ଭିଜିଲାନ୍ସ ସ୍କାନରକୁ ଆସିଛନ୍ତି ପ୍ରିନ୍ସିପାଲ, ପୂର୍ବତନ ପ୍ରିନ୍ସିପାଲ, ପରିଚାଳନା କମିଟିର ଦୁଇ ପୂର୍ବତନ ସମ୍ପାଦକ, ପୂର୍ବତନ କୋଷାଧ୍ୟକ୍ଷ ଏବଂ ନିଯୁକ୍ତି ପାଇଥିବା ଡେମୋନଷ୍ଟ୍ରେଟର। ଶିକ୍ଷାନୁଷ୍ଠାନରେ ଟଙ୍କା ନେଇ ଚାକିରି ପ୍ରଦାନ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

୧୯୮୯ରେ ପ୍ରତିଷ୍ଠା ହୋଇଥିଲା ବେଲଟିକିରି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ୨୦୦୮ରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ଶିକ୍ଷାନୁଷ୍ଠାନ ବ୍ଲକଗ୍ରାଣ୍ଟ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ସେତେବେଳେ ଏଥିଲାଗି ସରକାର ସର୍ତ୍ତ ରଖିଥିଲେ। ଯେଉଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡେମୋନଷ୍ଟ୍ରେଟର ପଦବୀ ରହିଥିବ, ସେହି ପଦବୀକୁ ବ୍ଲକଗ୍ରାଣ୍ଟ ଅନ୍ତର୍ଭୁକ୍ତ କରାଯିବ ବୋଲି କୁହାଯାଇଥିଲା। ଏହା ଜଣାପଡ଼ିବା ପରେ ଡେମୋନଷ୍ଟ୍ରେଟର ପଦବୀ ପୂରଣ ଲାଗି ଆରମ୍ଭ ହୋଇଥିଲା ଚଞ୍ଚକତା।


ବେଲଟିକିରି ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ।

- ଭିଜିଲାନ୍ସ ସ୍କାନରରେ ବେଲଟିକିରି କଲେଜ
- ଟିଚିଂ ଷ୍ଟାଫ୍ ଦର୍ଶାଇ ଦିଆଯାଇଥିଲା ନିଯୁକ୍ତି
- ପ୍ରିନ୍ସିପାଲଙ୍କ ସମେତ ୬ଜଣଙ୍କ ନାମରେ ମାମଲା

ତତ୍କାଳୀନ କଲେଜ କର୍ତ୍ତୃପକ୍ଷ ଏବଂ ପରିଚାଳନା କମିଟିରେ ଥିବା କେତେଜଣ ସଦସ୍ୟ ଜାଲିଆତି କରି ଜଣେ ମହିଳାଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଥିଲେ। ସମ୍ପୃକ୍ତ ମହିଳା ୧୯୯୪ରୁ ଟିଚିଂ ଷ୍ଟାଫ୍ ଥିବା ଦର୍ଶାଇ ବେଆଇନ ଭାବେ ୨୦୦୯ରେ ତାଙ୍କୁ ଡେମୋନଷ୍ଟ୍ରେଟର ଭାବେ ନିଯୁକ୍ତି ଦିଆଯାଇଥିଲା। ଏପରି କି ସମ୍ପୃକ୍ତ ମହିଳାଙ୍କ ସମ୍ପର୍କୀୟ ଏଥିଲାଗି କଲେଜର ଜଣେ କର୍ମଚାରୀଙ୍କୁ ୨୦୦୯ ମାର୍ଚ୍ଚରେ ଅଢ଼େଇ ଲକ୍ଷ ଟଙ୍କା ଦେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜାଣିବା ପରେ କିରାଣି ଗଙ୍ଗାଧର ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିଥିଲେ। ବିଭାଗ ପକ୍ଷରୁ ତଦନ୍ତ ନ ହେବାରୁ ସଦର ଥାନାରେ ଅଭିଯୋଗ କରିଥିଲେ। ୨୦୧୫ ମେ ୩୦ରେ ଭିଜିଲାନ୍ସ ବିଭାଗ ନିର୍ଦ୍ଦେଶାଳୟର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ୨୦୧୫ରେ ତତ୍କାଳୀନ ସଦର ଥାନା ପୋଲିସ ଅଧିକାରୀ କେସ୍‌ରେ ମେରିଟ୍ ନାହିଁ ବୋଲି କହି ଫାଇନାଲ ରିପୋର୍ଟ କରିଦେଇଥିଲେ। ଏହାପରେ ଅଭିଯୋଗକାରୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ପକ୍ଷରୁ ତତ୍କାଳୀନ ଢେଙ୍କାନାଳ ଶାଖା ଡିଏସ୍‌ପିଙ୍କ ଦ୍ୱାରା ତଦନ୍ତ କରାଯାଇଥିଲା ଏବଂ ଏହି ଘଟଣା ତଦନ୍ତ ପରିସରଭୁକ୍ତ ହେବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଏହାପରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ଦୁଇଦିନ ତଳେ କଟକ ଭିଜିଲାନ୍ସ ଡିଭିଜନରେ ସମ୍ପୃକ୍ତ ୬ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।

ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ଡିଭିଜନ ଏସ୍‌ପି ଅଭିରାମ କର କୁହନ୍ତି, ବେଆଇନ ଭାବେ ଡେମୋନଷ୍ଟ୍ରେଟର ନିଯୁକ୍ତିକୁ ନେଇ ଅଭିଯୋଗ ଆସିବା ପରେ ୬ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଖୁବଶୀଘ୍ର ଘଟଣାର ତଦନ୍ତ କରାଯିବ।

## ସଂକ୍ଷେପରେ

### ଶେଷ ପର୍ଯ୍ୟାୟ ଟିକା ନେଲେ ଜିଲାପାଳ



**ଢେଙ୍କାନାଳ ଅଫିସ, ୧୨।୩:** ଢେଙ୍କାନାଳ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଶୁକ୍ରବାର ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ କରୋନା ଟିକା ନେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବାହ୍ନରେ ଜିଲାପାଳ ଟିକା ନେଇଥିଲେ। ଟିକା ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଫଳପ୍ରଦ। ଜିଲାର ସମସ୍ତ ବରିଷ୍ଠ ନାଗରିକ, ଆଗଧାଡ଼ିର କୋଭିଡ୍ ଯୋଦ୍ଧା ଏବଂ କୋମର୍ବିଡିଟି ରୋଗୀଙ୍କୁ ଯଥାଶୀଘ୍ର ଟିକା ନେବା ପାଇଁ ଜିଲାପାଳ ନିବେଦନ କରିଛନ୍ତି।

### ତ୍ରିମୂର୍ତ୍ତି ଶିବ ଜୟନ୍ତୀ ପାଳିତ

**ଢେଙ୍କାନାଳ ଅଫିସ,୧୨।୩:** ଢେଙ୍କାନାଳ ବ୍ରହ୍ମାକୁମାରୀ ଆଶ୍ରମ ପରିସରରେ ଗୁରୁବାର ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରାଧାପିକା ବିଜୟଲକ୍ଷ୍ମୀ ଦେବୀ, ପ୍ରାଧାପକ ଡ. ଭରତ ନାଥ, ଅବସରପ୍ରାପ୍ତ ବିଚାରପତି ଭିକାରି ଚରଣ ରାଉତ, ଅବସରପ୍ରାପ୍ତ ଅଧିକାରୀ ଜୟନ୍ତ ପଣ୍ଡା, ଗଣେଶଖୋଲା ଆଶ୍ରମ ସାଧୁ ବାବା ବଶିଷ୍ଠ ଦାସ ପ୍ରମୁଖ ଯୋଗଦେଇ ମହାଶିବରାତ୍ରି ପାଳନର ଅଲୌକିକତା ବିଷୟରେ ଆଲୋଚନା କରିଥିଲେ। ଅନୁଷ୍ଠାନର ଜିଲା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଉଷା ପରମାତ୍ମା ଶିବ-ଦେବାତ୍ମା ଶଙ୍କରଙ୍କ ମଧ୍ୟରେ ଥିବା ପ୍ରଭେଦକୁ ଅବତାରଣା କରିଥିଲେ। ବ୍ରହ୍ମାକୁମାର ସନ୍ତୋଷ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସନ୍ଧ୍ୟାରେ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

### ଏନ୍‌ଆର୍‌ସିଏ ନାଲ୍‌କୋ ବିଜୟୀ

**ପରଜଙ୍ଗ, ୧୨।୩(ଡି.ଏନ୍.ଏ.):** ପରଜଙ୍ଗ ମିନିଷ୍ଟାଡିୟମରେ ରଘୁବୀର ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ କଟକ ମା' ମଙ୍ଗଳା କ୍ଲବକୁ ହରାଇ ଏନ୍‌ଆର୍‌ସିଏ ନାଲ୍‌କୋ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି କଟକ ନିର୍ଦ୍ଧାରିତ ୨୦ ଓଭରରେ ୧୩୫ ରନ୍ କରିଥିଲା। ଜବାବରେ ନାଲ୍‌କୋ ୧୬.୧ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ୧୩୮ ରନ୍ କରି ବିଜୟୀ ହୋଇଥିଲା। ବିଭୂତି ଭୂଷଣ ଭଞ୍ଜ, ପ୍ରକାଶ ସେଠୀ ଖେଳ ପରିଚାଳନା କରିଥିଲେ। ଶାନ୍ତିସ୍ୱରୂପ ତ୍ରିପାଠୀ ଧାରାବିବରଣୀ ଦେଉଥିବାବେଳେ ସଂଗ୍ରାମ ଦଳବେହେରା ସ୍କୋରର ରହିଥିଲେ। ବହୁ କ୍ରୀଡ଼ାପ୍ରେମୀ ଖେଳର ମଜା ନେଇଥିଲେ। ଶନିବାର ପ୍ରୋଗ୍ରେସିଭ୍ ୟୁନିୟନ ଝାରସୁଗୁଡ଼ା ଏବଂ ଆର୍‌ସିସି ୱିଙ୍ଗ୍‌ଷ୍ଟାର କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

### ୨୩ ହିତାଧିକାରୀଙ୍କୁ ମିଳିଲା ଘର ପଟ୍ଟା



**ଢେଙ୍କାନାଳ ଅଫିସ, ୧୨।୩:** ଢେଙ୍କାନାଳ ସଦର ବ୍ଲକ ଧୀରପାଟଣା ପଞ୍ଚାୟତ ଅନ୍ତର୍ଗତ ସରଧାପୁର ପଡ଼ା ଗ୍ରାମରେ ଶୁକ୍ରବାର ୨୩ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘର ପଟ୍ଟା ବଣ୍ଟନ କରାଯାଇଛି। ଏଥିଲାଗି ତହସିଲ କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ତାଲିକା ପ୍ରସ୍ତୁତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ସମସ୍ତଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ସଦର ତହସିଲଦାର ଲକ୍ଷ୍ମୀଧର ରାଉତଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ଦୀର୍ଘଦିନର ସ୍ୱପ୍ନ ସାକାର ହୋଇଥିବାରୁ ହିତାଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଜିଲାକୁ ଫେରିଲା କରୋନା

**ଢେଙ୍କାନାଳ ଅଫିସ, ୧୨।୩:** କିଛିଦିନ ତଳେ କୋଭିଡ୍-୧୯ ମୁକ୍ତ ଘୋଷିତ ହୋଇଥିବା ଢେଙ୍କାନାଳ ଜିଲାକୁ ବାହୁଡ଼ିଛି କରୋନା। ଶୁକ୍ରବାର ସଦର ବ୍ଲକ ମହୁଲପଡ଼ା ଅଞ୍ଚଳର ଜଣେ ବ୍ୟକ୍ତି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଢେଙ୍କାନାଳ କୋଭିଡ୍ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହାକୁ ମିଶାଇ ଜିଲାର ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୭୧୭ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଓଜେଏସ୍ ପାଇଲେ ଶୁଭଲକ୍ଷ୍ମୀ



**ଢେଙ୍କାନାଳ ଅଫିସ, ୧୨।୩**

ଢେଙ୍କାନାଳର ଶୁଭଲକ୍ଷ୍ମୀ ପଟ୍ଟନାୟକ ଓଡ଼ିଶା ଜୁଡିସିଆଲ ସର୍ଭିସ ପରୀକ୍ଷା (ଓଜେଏସ୍)ରେ କୃତକାର୍ଯ୍ୟ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ସେ ୧୫ତମ ର୍‌ୟାଙ୍କ୍ ହାସଲ କରିଛନ୍ତି। ଶୁଭଲକ୍ଷ୍ମୀ ଉତ୍କଳ ବିଶ୍ୱବିଦ୍ୟାଳୟରେ ୫ବର୍ଷ ଇଣ୍ଟିଗ୍ରେଟେଡ୍ ଲ' ପଢ଼ିଛନ୍ତି। ଏହାପୂର୍ବରୁ ସୋଆରେ ଏଲ୍‌ଏଲ୍‌ଏମ୍ ପାଠ୍ୟକ୍ରମ ସମାପନ କରିଥିଲେ। ନିଜ ପ୍ରତିକ୍ରିୟାରେ ଶୁଭଲକ୍ଷ୍ମୀ କୁହନ୍ତି, ଓଜେଏସ୍‌ରେ କୃତକାର୍ଯ୍ୟ ହେବେ ବୋଲି ସେ ଭାବି ନ ଥିଲେ। ପରୀକ୍ଷା ଫଳ ଜାଣିବା ପରେ ଖୁସିରେ କାନ୍ଦି ପକାଇଥିଲେ। ବରିଷ୍ଠଙ୍କ ଆଶୀର୍ବାଦରୁ ଏହା ସମ୍ଭବ ହୋଇପାରିଛି। ବୃତ୍ତିକ୍ଷେତ୍ରରେ ସାଧୁତା ବଜାୟ ରଖିବା, ଉତ୍ତମ ବ୍ୟବହାର ପ୍ରଦର୍ଶନକୁ ଗୁରୁତ୍ୱ ଦେବେ ବୋଲି ସେ କହିଛନ୍ତି। ଶୁଭଲକ୍ଷ୍ମୀ ଢେଙ୍କାନାଳର କ୍ରୀଡ଼ା ସଂସଦ ସହ ସମ୍ପାଦକ ମନୋଜ ପଟ୍ଟନାୟକ ଏବଂ ନିରୁପମା ପଟ୍ଟନାୟକଙ୍କ କନ୍ୟା।

# କପିଳାସ ଜାଗରଯାତ୍ରା ଶୃଙ୍ଖଳିତ


କପିଳାସ ମନ୍ଦିର ଚୂଡ଼ାକୁ ମହାଦୀପ ଉଠୁଛି।

**ଢେଙ୍କାନାଳ ଅଫିସ, ୧୨।୩**

ମିନିଟ୍ ବିଳମ୍ବ ଭାବେ:

**୨୯ ମିନିଟ ବିଳମ୍ବରେ ଉଠିଲା ମହାଦୀପ**

- ଯୋଗୀବେଶରେ ଦର୍ଶନ ଦେଲେ ଶ୍ରୀଚନ୍ଦ୍ରଶେଖର

କୋଭିଡ୍ ଗାଇଡ୍‌ଲାଇନ ମଧ୍ୟରେ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି ଢେଙ୍କାନାଳ ଜିଲା କପିଳାସର ପ୍ରସିଦ୍ଧ ଜାଗରଯାତ୍ରା। ଚଳିତବର୍ଷ ଭୋର୍ ୪ଟା ୨୦ ମଧ୍ୟରେ ମହାଦୀପ ଉଠିବାକୁ ସମୟ ନିର୍ଦ୍ଧାରଣ କରାଯାଇଥିଲା। ତେବେ ନୀତିବିଳମ୍ବ କାରଣରୁ ୨୯ ମିନିଟ୍ ବିଳମ୍ବ ଅର୍ଥାତ୍ ୪ଟା ୪୯ରେ ମନ୍ଦିର ଚୂଡ଼ାକୁ ଉଠିଥିଲା ମହାଦୀପ। ହରହର ମହାଦେବ, ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସମଗ୍ର ପୀଠ ପରିସର। ଏହାପରେ ପରମ୍ପରା ଅନୁଯାୟୀ ପୂଜାପଣ୍ଡାଙ୍କ ଦ୍ୱାରା ହରିହର ଭେଟ ଅନୁଷ୍ଠିତ ହୋଇଥିଲା। ମହାଦୀପ ଉଠାଣ ପରେ ୫ଟା ୫୦ ଯାଏ ଯୋଗୀବେଶରେ ଦର୍ଶନ ଦେଇଥିଲେ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର। ସକାଳ ୬ଟାରେ ଠାକୁରଙ୍କ ମହାସ୍ନାନ କରାଯାଇ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥିଲା। ଏହାପରେ ଅନ୍ୟ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଏସ୍‌ପି କେ. ଶିବା ସୁବ୍ରମଣି, ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ, ସଦର ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀତାଂଶୁ ଦାସ ପ୍ରମୁଖ ଉପସ୍ଥିତ ରହି ଜାଗରଯାତ୍ରାର ତଦାରଖ କରିଥିଲେ। ଚଳିତବର୍ଷ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୩ ପ୍ଲାଟୁନ ପୋଲିସ ମୁତୟନ ହୋଇଥିଲେ।

## ବୁଢ଼େଶ୍ୱର ପୀଠରେ ୩ଟା ୫ରେ ଉଠିଲା ମହାଦୀପ

**ଭୁବନ, ୧୨।୩(ଡି.ଏନ୍.ଏ.)**

ଭୁବନର ଐତିହାସିକ ବୁଢ଼େଶ୍ୱର ଶୈବପୀଠରେ ଜାଗରଯାତ୍ରା ସମ୍ପନ୍ନ ହୋଇଛି। ଗୁରୁବାର ଅଦିନିଆ ଝଡ଼ବର୍ଷା ଯୋଗୁ ଠାକୁରଙ୍କ ନୀତି ସାମାନ୍ୟ ବିଳମ୍ବିତ ହୋଇଥିବାବେଳେ ରାତି ୩ଟା ୫ରେ ମନ୍ଦିର ଚୂଡ଼ାକୁ ଉଠିଥିଲା ମହାଦୀପ। ମହାଶିବରାତ୍ରି ଉପଲକ୍ଷେ ନିର୍ଦ୍ଧାରିତ ସମୟରେ ଠାକୁରଙ୍କ ଦ୍ୱାରଖୋଲା, ମହାସ୍ନାନ, ଧୂପ, ଭୋଗ, ବେଶ ଆଦି ହୋଇଥିଲା। ଏହାପରେ ପ୍ରହର ଅନୁଯାୟୀ ପୂଜା ସମ୍ପନ୍ନ ହୋଇଥିଲା। ବେଢ଼ା ପୂଜା ଏବଂ ପରିକ୍ରମା ପରେ ମହାଦୀପ ଉଠିଥିଲା। ଦେବୋତ୍ତର ବିଭାଗ ଏବଂ ପରିଚାଳନା କମିଟି ପକ୍ଷରୁ କୋଭିଡ୍ ନିୟମ କଡ଼ାକଡ଼ି କରାଯାଇଥିଲା। ମହାଜାଗର ଉପଲକ୍ଷେ ଠାକୁରଙ୍କ ଦର୍ଶନ କରିବାକୁ ଦିନତମାମ ମାନସିକଧାରୀଙ୍କ ଭିଡ଼ ଲାଗି ରହିଥିଲା। ପରିଚାଳନା କମିଟି ସଭାପତି ନନ୍ଦକିଶୋର ସାହୁ, ସମ୍ପାଦକ ଶ୍ରୀଧର ବେହେରା, କୋଷାଧ୍ୟକ୍ଷ କୋଦଣ୍ଡଧର ସାହୁ, ବରିଷ୍ଠ କର୍ମକର୍ତ୍ତା ରାମଚନ୍ଦ୍ର ନାୟକ, ଟିକୁ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।


ବୁଢ଼େଶ୍ୱର ମନ୍ଦିର ଚୂଡ଼ାକୁ ମହାଦୀପ ଉଠାଯାଉଛି।

## ୯ ଦଫା ଦାବିରେ ବିକ୍ଷୋଭ


ବିକ୍ଷୋଭ ଶୋଭାଯାତ୍ରାରେ ସଙ୍ଗଠନର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୨।୩**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କୁରୁଣ୍ଟିରେ ପ୍ରତିଷ୍ଠିତ ବିଆର୍‌ଜି ଆଇରନ୍ ଏବଂ ଷ୍ଟିଲ ମଜଦୁର ସଂଘ ପକ୍ଷରୁ ୯ ଦଫା ଦାବିରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ସଦସ୍ୟମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲା କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ।

ସରକାରଙ୍କ ନିୟମ ଅନୁଯାୟୀ ପ୍ରତିମାସ ୧୦ ତାରିଖରେ ଦରମା, ଲକ୍‌ଡାଉନ୍‌ସମୟରେ ମିଳିନଥିବା ୨ମାସର ପ୍ରାପ୍ୟ, କଟାଯାଇଥିବା ପାଉଣା, ୨୦୧୭ରୁ ବର୍ଦ୍ଧିତ ଦରମା ଏବଂ ଗ୍ରେଡେଶନ ପେ', ୨୦୨୦ ଜୁଲାଇ ପହିଲାରୁ ସାଲାରି ସ୍ଲିପ୍, ସର୍ବନିମ୍ନ ମାସିକ ବେତନ ୧୫ ହଜାର, ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସରକାରଙ୍କ ନିୟମ ଅନୁଯାୟୀ ବେସିକ୍ ପେ' ବୃଦ୍ଧି, ଉନ୍ନତମାନର ସୁରକ୍ଷା ସାମଗ୍ରୀ ଯୋଗାଣ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ପିଏଫ୍ ଓ ଇଏସ୍‌ଆଇ କଟା ଯାଉଥିଲେ ମଧ୍ୟ ପୈଠ କରାଯାଉ ନ ନାହିଁ। ଏହାକୁ ନେଇ କର୍ମଚାରୀମାନେ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ଦିଗରେ ପଦକ୍ଷେପ ନେବା ଦାବିରେ ବିକ୍ଷୋଭ ଶୋଭାଯାତ୍ରା କରାଯାଇଥିବା ସଙ୍ଗଠନର ଦୁର୍ଗାପ୍ରସାଦ ମିଶ୍ର କହିଛନ୍ତି। ଏହି ଅବସରରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ଚୋରି ଅଭିଯୁକ୍ତ ଗିରଫ

**ବଣ୍ଟାଁରପାଳ,୧୨।୩(ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍‌କୋ ଥାନା ବଳରାମପ୍ରସାଦ ଗଡ଼ସାହିର ଅବସରପ୍ରାପ୍ତ ଡାକ୍ତର ଅକ୍ଷୟ ସିଂଙ୍କ ଘରୁ ଚୋରି ଅଭିଯୋଗରେ ପୋଲିସ ରୋଷେୟା ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା କୋଟଗରା ଗ୍ରାମର ସୁମନ୍ତ ରାଉଳଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୪୦ ହଜାର ଟଙ୍କା ଓ ଏକ ସୁନା ଚେନ ଜବତ ହୋଇଛି। ପୋଲିସ କହିଛି, ଅକ୍ଷୟ ଶାଶୁଙ୍କ ଦଶାହ କାର୍ଯ୍ୟରେ ଯୋଗ ଦେବାକୁ କଟକ ଯାଇଥିବାବେଳେ ଗତ ୩ ତାରିଖ ରାତିରେ ସୁମନ୍ତ ୧ ଲକ୍ଷ ଟଙ୍କା ଓ ସୁନଗହଣା ଚୋରି କରିଥିଲେ। ଅନୁଗୋଳ ବୁଢ଼ୀ ଠାକୁରାଣୀ ଛକ ନିକଟରେ ସୁମନ୍ତ ଥିବା ଖବରପାଇ ତଦନ୍ତକାରୀ ଅଧିକାରୀ ପ୍ରସନ୍ନ ରାଉଳ, ନାଲ୍‌କୋ ଥାନା ଆଇଆଇସି ବିନ୍ଧ୍ୟବାସିନୀ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

## ସମିତି ଆଗରେ ଚାଷୀଙ୍କ ଧାରଣା

**ପରଜଙ୍ଗ, ୧୨।୩(ଡି.ଏନ.ଏ.)**

ଧାନକିଣାରେ ଅନିୟମିତତାକୁ ନେଇ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କୁଆଳୋ ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦେଇଛନ୍ତି ଚାଷୀ। ଚାଷୀଙ୍କ ବର୍ଷକର କଷ୍ଟାର୍ଜିତ ଧାନ ମଣ୍ଡିରେ ପଡ଼ିଛି। ଏହାକୁ କିଣିବା ଲାଗି କୌଣସି ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦରେ ଅସନ୍ତୁଷ୍ଟ ଚାଷୀ ଧାରଣାରେ ବସିରହି ପ୍ରଶାସନିକ ଅବହେଳାର ପ୍ରତିବାଦ କରିଥିଲେ।

ଅଭିଯୋଗ ଅନୁଯାୟୀ, କୁଆଳୋ ସମବାୟ ସମିତିରେ ସମୁଦାୟ ୮୧୭ ଚାଷୀ ପଞ୍ଜୀକରଣ କରିଥିଲେ। ମୋଟ ୨୧ ହଜାର କୁଇଣ୍ଟାଲ ଧାନ କିଣାଯିବା କଥା। ମାତ୍ର ୧୪ ହଜାର କୁଇଣ୍ଟାଲ କିଣାଯାଇଛି। ଅନେକ ଚାଷୀଙ୍କ ଧାନ ଏବେ ବି ମଣ୍ଡିରେ ପଡ଼ିରହିଛି। ଏହାକୁ ନେଇ ଅସନ୍ତୁଷ୍ଟ ଚାଷୀ ଧାରଣାରେ ବସି ନାରାବାଜି କରିଥିଲେ। ସମିତି ସମ୍ପାଦକ ପହଞ୍ଚି ଯୋଗାଣ ଅଧିକାରୀଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ପଞ୍ଜୀକୃତ ଚାଷୀଙ୍କ ଧାନ କିଣାଯିବ। ମଣ୍ଡିରେ ଧାନ ଦେଇପାରି ନ ଥିବା କ୍ଷୁଦ୍ରଚାଷୀଙ୍କ ତାଲିକା ପ୍ରସ୍ତୁତ ହେବ। ସରକାରୀ ନିର୍ଦ୍ଦେଶ ଆସିଲେ ଧାନ ସଂଗ୍ରହ କରାଯିବା ବୋଲି ପ୍ରତିଶ୍ରୁତି ମିଳିବା ପରେ ଚାଷୀମାନେ ଧାରଣାରୁ ହଟିଥିଲେ।


ଚାଷୀମାନେ ଧାରଣାରେ ବସିଛନ୍ତି।

# ଶିକ୍ଷୟିତ୍ରୀଙ୍କୁ ନିର୍ଯ୍ୟାତନା, ହତ୍ୟା ଧମକ

**ଭୁବନ, ୧୨।୩(ଡି.ଏନ.ଏ.)**

- ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ
- ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶରେ ତଦନ୍ତ
- ଲିଖିତ ବୟାନ ଦେଲେ କର୍ମଚାରୀ, କିରାଣି

ଢେଙ୍କାନାଳ ଜିଲା ଭୁବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ରଣାଙ୍କ ବିରୋଧରେ ମାନସିକ ନିର୍ଯ୍ୟାତନା, ଗାଳିଗୁଲଜ ଏବଂ ହତ୍ୟା ଧମକ ଭଳି ସଙ୍ଗିନ ଅଭିଯୋଗ ଆସିଛି। ଏପରି ଅଭିଯୋଗ ଆଣିଛନ୍ତି ସ୍କୁଲର ହିନ୍ଦୀ ଶିକ୍ଷୟିତ୍ରୀ ସୁଲତାନ୍ ବେଗମ୍। ଏ ନେଇ ବୁଧବାର ରାତିରେ ଥାନାରେ ନଂ. ୯୫/୨୧, ଦଫା ୨୯୪, ୫୦୬ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଅନ୍ୟପଟେ ଏହା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ଶିକ୍ଷା ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଉଛି। କର୍ମଚାରୀଙ୍କ ଲିଖିତ ବୟାନ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ପଠାଯାଇଛି।

ଅଭିଯୋଗ ଅନୁଯାୟୀ, ଦୀର୍ଘଦିନରୁ ଉକ୍ତ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀ ଏବେ ବଦଳି ହୋଇ ଅନ୍ୟତ୍ର ଯିବାକୁ ଚାହୁଁଛନ୍ତି। ଏଥିଲାଗି ସେ ଶିକ୍ଷା ବିଭାଗର ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ସ୍କୁଲରେ ତାଙ୍କୁ ମାନସିକ ନିର୍ଯ୍ୟାତନା ଦିଆଯାଉଛି। ଛୁଟି ମଞ୍ଜୁର କରାଯାଉନାହିଁ। ପ୍ରଧାନ ଶିକ୍ଷକ ଏବଂ କିରାଣି ଉପସ୍ଥାନ ରେଜିଷ୍ଟ୍ରାର ହଜିଯାଇଥିବା କହୁଛନ୍ତି। ଏହାପରେ ସେ ମାନସିକ ଭାରସାମ୍ୟ ହରାଇ ବସିଛନ୍ତି। ଶିକ୍ଷୟିତ୍ରୀ ଜଣକ ବୁଧବାର ସକାଳେ ୭.୩୦ରେ ସ୍କୁଲକୁ ଆସିଥିଲେ। ୩୦ ମିନିଟ୍ ବିଳମ୍ବକୁ ନେଇ ପ୍ରଧାନ ଶିକ୍ଷକ ନାରାୟଣ ତାଙ୍କୁ ଗାଳିଗୁଲଜ କରିବା ସହିତ ହତ୍ୟା ଧମକ ଦେଇଥିଲେ। ଏହାପରେ ସେ ବିଦ୍ୟାଳୟରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସହକର୍ମୀମାନେ ତାଙ୍କୁ ବୁଝାଶୁଝା କରାଇ ଘରକୁ ପଠାଇଦେଇଥିଲେ। ତେବେ ବସ୍‌ଷ୍ଟାଣ୍ଡରେ ତାଙ୍କ ମୁଣ୍ଡ ଘୂରାଇବାରୁ ସେ ପଡ଼ିଯାଇଥିଲେ। ସ୍ଥାନୀୟ ବାସିନ୍ଦା, ପରିଚାଳନା କମିଟି ସଦସ୍ୟ ତାଙ୍କୁ ଭୁବନ ଡାକ୍ତରଖାନାକୁ ଆଣିଥିଲେ। ସୁସ୍ଥ ଅନୁଭବ କରିବା ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିବା କହିଛନ୍ତି।

ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକ କୁହନ୍ତି, ଶିକ୍ଷୟିତ୍ରୀ ବିଳମ୍ବରେ ଆସିଥିବାରୁ ସେ ସ୍ପଷ୍ଟୀକରଣ ଲୋଡ଼ିଥିଲେ। ଆସିଥିବା ସମୟ ଲେଖିବା ସହିତ ଦସ୍ତଖତ କରିବାକୁ କହିଥିଲେ। ଶିକ୍ଷୟିତ୍ରୀ ଆଣିଥିବା ଅଭିଯୋଗ ଭିତ୍ତିହୀନ ଏବଂ ଷଡ଼ଯନ୍ତ୍ର। ଏଥିରେ ଅନ୍ୟ କେତେଜଣ ସହକର୍ମୀଙ୍କ ହାତରହିଛି। ଏ ନେଇ ସେ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଅପରପକ୍ଷେ ଅଭିଯୋଗ ପରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ବିଇଓ ବ୍ରହ୍ମାନନ୍ଦ ରାଉତଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏବଂ କିରାଣିଙ୍କ ଲିଖିତ ମତାମତ ସଂଗ୍ରହ କରାଯାଇଥିଲା। ଭୁବନ ଏନ୍‌ଏସି ସିଆର୍‌ସିସି ଶତ୍ରୁଘ୍ନ ପାତ୍ରଙ୍କ ଜରିଆରେ ଏହାକୁଜିଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଥିବା ବିଇଓ କହିଛନ୍ତି।


ଶିକ୍ଷୟିତ୍ରୀଙ୍କ ଚିକିତ୍ସା ଚାଲିଛି।



ଦକ୍ଷିଣ ଫିଲ୍ମର ସୁପରଷ୍ଟାର ତଥା 'ବାହୁବଳୀ'ପ୍ରଭାସଙ୍କ ଫିଲ୍ମ 'ଆଦିପୁରୁଷ' ଏବେ ଚର୍ଚ୍ଚାରେ ରହିଛି। ଫିଲ୍ମର ଘୋଷଣା ପରଠାରୁ ପ୍ରଭାସଙ୍କ ପ୍ରଶଂସକଙ୍କ ମଧ୍ୟରେ କ୍ରେଜ ବଢ଼ିଯାଇଛି। ତେବେ ଫିଲ୍ମରେ ପ୍ରଭାସଙ୍କ ବିପକ୍ଷରେ ଅଭିନେତ୍ରୀ କ୍ରିତି ସନନ ସୀତା ଭୂମିକାରେ ଅଭିନୟ କରିବେ ବୋଲି ଜଣାପଡ଼ିଛି। ଏଥିସହ ଫିଲ୍ମ 'ପ୍ୟାର କା ପଞ୍ଚନାମା'ର ଅଭିନେତା ସନି ସିଂହ ଲକ୍ଷ୍ମଣ ଚରିତ୍ରରେ ଅଭିନୟ କରିବେ। ଶୁକ୍ରବାର ସକାଳେ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହାର ଘୋଷଣା କରାଯାଇଛି। ଏ ନେଇ କ୍ରିତି ମଧ ନିଜ ଇନ୍‌ଷ୍ଟାଗ୍ରାମ ସାଇଟ୍‌ରେ ଲେଖି ଜଣାଇଛନ୍ତି। ଏହା ମୋ ପାଇଁ ସବୁଠାରୁ ସ୍ୱତନ୍ତ୍ର ବୋଲି କ୍ରିତି ଲେଖିଛନ୍ତି।



# ମହାକାଶର ଯୋଦ୍ଧା 'ସ୍ପେସ୍ ଆର୍ମି'

**ଶକ୍ତିଶାଳୀ ରାଷ୍ଟ୍ରର ମୁକୁଟ ପିନ୍ଧିବାକୁ ହେଉ ଅବା ମହାସାଗରରେ ଶକ୍ତି ପ୍ରଦର୍ଶନ। ମହାକାଶରେ ଦିଗ୍‌ବିଜୟ ପତାକା ଉଡ଼ାଇବା ହେଉ କି ଆର୍ଥିକ ସମୃଦ୍ଧି ଏସବୁରେ ଶ୍ରେଷ୍ଠସ୍ଥାନ ହାସଲ କରିବାକୁ ଚାଲିଛି ପ୍ରତିଦ୍ୱନ୍ଦ୍ୱିତା। ଏଥିପାଇଁ ପୃଥିବୀ ଦେଖିସାରିଛି ଦୁଇ ଦୁଇଟି ବିଶ୍ୱଯୁଦ୍ଧ। ଏବେ ବି ସଙ୍କଟ ଟଳିନାହିଁ। ସାମାନ୍ୟ ଘଟଣା କେତେବେଳେ ବି ନେଇପାରେ ତୃତୀୟ ବିଶ୍ୱଯୁଦ୍ଧର ରୂପ। ଏପରି ହେଲେ ପରମାଣୁ ଗଦାରେ ଛିଡ଼ା ହୋଇଥିବା ପୃଥିବୀର ଅସ୍ତିତ୍ୱ ସଙ୍କଟରେ ପଡ଼ିବା ଥୟ। ତେବେ ଭବିଷ୍ୟତର ଯୁଦ୍ଧ ଜଳ କି ସ୍ଥଳ ନୁହେଁ, ବରଂ ଲଢ଼ାଯିବ ମହାକାଶରେ ଏବଂ ଏଥିରେ ମୁଖ୍ୟ ଭୂମିକା ନିଭାଇବେ 'ସ୍ପେସ୍ ଆର୍ମି'।**



**ପ୍ୟାରିସ:** ମହାକାଶରେ ଶକ୍ତି ପ୍ରଦର୍ଶନ କରୁଛନ୍ତି ଆମେରିକା, ରୁଷିଆ, ଚାଇନା ଭଳି ବିକଶିତ ରାଷ୍ଟ୍ର। ଏହି ଦୌଡ଼ରେ ସାମିଲ ହୋଇଛି ପ୍ରତିରକ୍ଷା ସରଞ୍ଜାମରେ ସମୃଦ୍ଧ ଦେଶ ଫ୍ରାନ୍ସ। ସମ୍ଭାବ୍ୟ ଯୁଦ୍ଧର ମୁକାବିଲା କରିବା ଲାଗି ଫ୍ରାନ୍ସ ଦ୍ୱାରା ପ୍ରସ୍ତୁତ 'ସ୍ପେସ୍ ଆର୍ମି' ମହାକାଶରେ ଦେଖାଉଛନ୍ତି ସମରକଳା। ଏଭଳି ସମରାଭ୍ୟାସ ମହାକାଶରେ ଘୂରି ବୁଲୁଥିବା ସାଟେଲାଇଟ୍‌ଗୁଡ଼ିକ ପ୍ରତି ବିପଦ ସୃଷ୍ଟି କରିବା ସ୍ୱାଭାବିକ କଥା। ହେଲେ ସମ୍ଭାବ୍ୟ ଯୁଦ୍ଧରେ ବିଜୟୀ ହେବା ଏବଂ ଅନ୍ୟ ରାଷ୍ଟ୍ରକୁ ସହଜରେ ପରାଜିତ କରିବା ଲାଗି ଏଭଳି ମହାକାଶରେ ଏଭଳି ମିଲିଟାରୀ ମକ୍‌ଡ୍ରିଲ୍‌ରେ ସାମିଲ ହେଉଛନ୍ତି ଗୋଟିଏ ପରେ ଗୋଟିଏ ଦେଶ।

୨୦୧୮ରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମେ ଆମେରିକୀୟ 'ସ୍ପେସ୍ ଆର୍ମି' ବିଷୟରେ ମତ ରଖିଥିଲେ। ଆମେରିକାରେ ଆର୍ମି, ଏୟାରଫୋର୍ସ, ନୌସେନା, ମରୀନ କର୍ପସ୍, କୋଷ୍ଟଗାର୍ଡ ଆଦି ୫ ଶାଖା ଦେଶ ସୁରକ୍ଷାରେ ନିୟୋଜିତ। ଏଥିରେ ଯୋଡ଼ିହୋଇଛି 'ସ୍ପେସ୍ ଫୋର୍ସ'। ପୂର୍ବତନ ରାଷ୍ଟ୍ରପତି ଓବାମା ପ୍ରଶାସନର ଏୟାରଫୋର୍ସ ସଚିବ ଡେବୋରା ଲି ଜେମ୍ସ 'ସ୍ପେସ୍ ଆର୍ମି'ର ଆବଶ୍ୟକତା, ବ୍ୟବହାର ଏବଂ ଏହାର ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ। ଜେମ୍ସଙ୍କ ମତରେ 'ମହାକାଶ ଏବେ ଆଉ ଶାନ୍ତିପୂର୍ଣ୍ଣ ସ୍ଥାନ ହୋଇ ରହିନାହିଁ। ଧରିତ୍ରୀରେ ସୃଷ୍ଟି ହେଉଥିବା ସଙ୍କଟ ରକ୍ତ ହୋଇ ମହାକାଶରେ ପ୍ରବାହିତ ହୋଇପାରେ'। ରୁଷିଆ ଏବଂ ଚାଇନା ସବୁବେଳେ ଆମେରିକାର ଆଧିପତ୍ୟ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛନ୍ତି। ଏହି କାରଣରୁ ୨୦୧୮ ପରଠାରୁ ଆମେରିକା ନଜରରୁ ବର୍ତ୍ତିବା ଲାଗି ଚାଇନା ହାଇପରସୋନିକ ମିଶାଇଲ ନିର୍ମାଣରେ ଅଧିକ ଅର୍ଥ ନିବେଶ କରୁଛି। ଏହାର ବିସ୍ତାରବାଦୀ ନୀତି ସବୁବେଳେ ଅନ୍ୟ ରାଷ୍ଟ୍ର ପାଇଁ ବିପଦର କାରଣ ସାଜୁଛି। ଚାଇନାର ହ୍ୟାକର୍ସ ଗ୍ରୁପ୍ ସାଟେଲାଇଟ୍ ତଥ୍ୟକୁ ଚୋରି କରିବାରେ ମାହିର। ଆଗାମୀ ଦିନରେ ଏହି କୌଶଳ ପ୍ରୟୋଗ କରି ସେମାନେ ବିଭିନ୍ନ ଦେଶର ଅର୍ଥ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବାକୁ ଯୋଜନା ଚଳାଇଛନ୍ତି। ଏସବୁ ଆସନ୍ନ ବିପଦରୁ ସୁରକ୍ଷା ଲାଗି ପୃଥିବୀର ସୁପରପାୱାର ଦେଶ ଆମେରିକା ମହାକାଶରୁ ଯୁଦ୍ଧ ଲଢ଼ିବାକୁ 'ସ୍ପେସ୍ ଆର୍ମି' ମୁତୟନ କରିସାରିଛି।

ଭୂଭାଗ, ଜଳଭାଗ ଆବଶ୍ୟକସ୍ଥଳେ ଆକାଶରେ ଲଢ଼ାଯାଏ ଯୁଦ୍ଧ। ହେଲେ ମହାକାଶରେ ଯୁଦ୍ଧ ଲଢ଼ିବା ଯେତିକି ଚ୍ୟାଲେଞ୍ଜିଂ, ସେତିକି ବିପଦପୂର୍ଣ୍ଣ ମଧ୍ୟ। ଏହାର ବୈଷୟିକ ଦିଗଟି ହେଉଛି ମହାକାଶରେ ଘୂରି ବୁଲୁଥିବା ମୂଲ୍ୟବାନ ଉପଗ୍ରହ। ଶିକ୍ଷା, ସଞ୍ଚାର, ଜଳବାୟୁ ସୂଚନା ଏବଂ ପ୍ରତିରକ୍ଷା ବିଭାଗକୁ ନୂଆ ଦିଗ ଦେବାରେ ଏଭଳି ସାଟେଲାଇଟର ଗୁରୁତ୍ୱ ଅନେକ। ଏଥିଲାଗି ମହାକାଶ ଏବେ ସାଟେଲାଇଟ୍‌ରେ ଭର୍ତ୍ତି ହୋଇଗଲାଣି। ଏହାକୁ ବ୍ୟବହାର କରି ଆମେରିକା, ରୁଷିଆ, ଚାଇନା ସମେତ ବିଭିନ୍ନ ଦେଶ ଶତ୍ରୁପକ୍ଷକୁ ଟ୍ରାକିଂ କରିଥାନ୍ତି। ଏହାକୁ ବାଦ୍‌ଦେଲେ ମିଶାଇଲ୍ ନିୟନ୍ତ୍ରଣ, ଗୁପ୍ତଚର ଏଜେନ୍ସି ପାଇଁ ଏହି ବୈଷୟିକ କୌଶଳ ଜରୁରୀ। କହିବାକୁ ଗଲେ ପୃଥିବୀର ଯାବତୀୟ ସୁଖସୁବିଧା ମହାକାଶର ସାଟେଲାଇଟ୍ ମାଧ୍ୟମରେ ପରିଚାଳିତ। ତେଣୁ ଶକ୍ତିଶାଳୀ ଦେଶ ନିମିଷକ ମଧ୍ୟରେ ଶତ୍ରୁପକ୍ଷର ସାଟେଲାଇଟ ଧ୍ୱଂସ କରି ସମସ୍ତ ସ୍ୱୟଂଚାଳିତ ବ୍ୟବସ୍ଥାକୁ ଅକାମୀ କରିଦେଇପାରିବେ। ଏପରି ହେଲେ ମନୋରଞ୍ଜନର ମାଧ୍ୟମ ଫେସ୍‌ବୁକ୍‌ଠାରୁ ଆରମ୍ଭ କରି ଜିପିଏସ୍ ସିଷ୍ଟମ ସବୁ ଅଚଳ ହୋଇଯିବ। ତେଣୁ ଅଜସ୍ର ଅର୍ଥ ଖର୍ଚ୍ଚକୁ ଖାତିର ନ କରି ବିକଶିତ ଦେଶଗୁଡ଼ିକ ମହାକାଶରେ ଶକ୍ତିବୃଦ୍ଧି କରି ଚାଲିଛନ୍ତି।

ରୁଷିଆ କଥା ବିଚାର କଲେ, ପୃଥିବୀର ଅନ୍ୟତମ ଏହି ଶକ୍ତିଶାଳୀ ଦେଶ ନିଜର ଆଣ୍ଟି ସାଟେଲାଇଟ ପ୍ରୋଗ୍ରାମ ଆରମ୍ଭ କରିସାରିଛି। ଏହା ସହାୟତାରେ ସେ ପ୍ରତିକ୍ଷଣରେ ଶତ୍ରୁ ଏବଂ ପ୍ରତିଦ୍ୱନ୍ଦ୍ୱୀ ଦେଶଗୁଡ଼ିକ ଉପରେ ନଜର ରଖୁଛି। ମସ୍କୋ ଚାହିଁଲେ କ୍ଷଣିକ ଭିତରେ ଯେକୌଣସି ଦେଶର ସାଟେଲାଇଟ୍‌କୁ ଧ୍ୱଂସ କରିଦେଇପାରିବ। ତେଣୁ ଆମେରିକା, ଚାଇନା, ରୁଷିଆ ଭଳି ନିଜର ମଜଭୁତ୍ ସ୍ଥିତିକୁ ଦର୍ଶାଇବାକୁ ଯାଇ ଫ୍ରାନ୍ସ ଏହି ଦୌଡ଼ରେ ସାମିଲ ହୋଇଛି। ଏହା ପଛରେ ଫ୍ରାନ୍ସର ମୂଳ ଉଦ୍ଦେଶ୍ୟ ଭୟଙ୍କର ଯୁଦ୍ଧ ସମୟରେ ନିଜର ସାଟେଲାଇଟ୍ ଏବଂ ଅନ୍ୟ ଉପକରଣକୁ ସୁରକ୍ଷା ପ୍ରଦାନ କରିବା। ଏହାକୁ ନଜରରେ ରଖି ୨୦୧୯ରେ ଏଠାରେ 'ସ୍ପେସ୍ ଫୋର୍ସ' ଗଠନ କରାଯାଇଥିଲା। ୨୦୨୫ ସୁଦ୍ଧା ଏହାକୁ ଆହୁରି ବିକଶିତ କରାଯିବା ଯୋଜନା ରହିଛି। ଏଥିରେ ହାରାହାରି ୫୦୦ ଜଣ ଷ୍ଟାଫ୍‌ଙ୍କୁ ସାମିଲ କରାଯାଇଛି। ଆସନ୍ତା ୫ ବର୍ଷ ଭିତରେ ଫ୍ରାନ୍ସ ସରକାର ଏହି ଅଭିଯାନରେ ୫ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ଏମିତି ବି ଚମତ୍କାର ଘଟିଥାଏ

**ହୃଦୟରେ ଆସ୍ଥାନ ଜମାଇଥାଏ ପିଲାବେଳର ଗୋଟିଏ କି ଦୁଇଟି ସ୍ୱତନ୍ତ୍ର ଜିନିଷ। ତାହା 'ଫେଭୋରାଇଟ୍ ଡଲ୍' ହେଉ ଅଥବା 'ଫାଷ୍ଟ ଟୟ'। ଯେତେ ବର୍ଷା ହେଉ ଅବା ଧୂଳି ଝଡ଼, ମନରୁ ଧୋଇହୁଏ ନାହିଁ କେବେ ଅତୀତର ସ୍ମୃତି। ଅନେକଙ୍କୁ ସ୍ମରଣ କରାଇଦିଏ, ଯାହା ବିନା ସେମାନଙ୍କ ଶୈଶବ ବିତି ନ ଥିବା। ଯଦି କେବେ ପ୍ରିୟ ଜିନିଷଟି ହଜିଯାଇଥିବ କେମିତି ଲାଗିଥିବ ମନକୁ!**



**ନୂଆଦିଲ୍ଲୀ:** ପିଲାବେଳେ ହଜିଯାଇଥିବା ଟେଡି ବିଅର ଉପହାର ରୂପେ ଫେରି ପାଇଲେ। ପ୍ରିୟ ଟେଡି ବିଅରକୁ ବହୁ ବର୍ଷ ପରେ ପାଇ ଖୁସିରେ ଆତ୍ମହରା ହୋଇଯାଇଥିଲେ। ବିଗତ ଶୈଶବର ଅଫେରନ୍ତା ମୁହୂର୍ତ୍ତ ସ୍ମୃତି ଭିତରେ ହଠାତ୍ ନିଜକୁ ହଜାଇ ଦେଇଥିଲେ। ହୃଦୟ ତରଳାଇଦେବା ଭଳି ଥିଲା ତାଙ୍କ ପ୍ରତିକ୍ରିୟା।

ଏହି ଫଟୋରେ ଥିବା ଯୁବତୀ ତାଙ୍କ ଗିଫ୍ଟ ଖୋଲନ୍ତି। ବକ୍ସ ଖୋଲୁ ଖୋଲୁ ପାଇଯାଆନ୍ତି ପିଲାଦିନେ ହଜିଯାଇଥିବା ଅତି ପ୍ରିୟ ଟେଡି ବିଅରକୁ। ତାକୁ କୁଣ୍ଢାଇ ଧରନ୍ତି କେବଳ ନିଖୋଜ ଟେଡି ବିଅରର ଉପଲବ୍ଧି ଅନୁଭବ କରିବା ପାଇଁ। ତାଙ୍କ ଦୁର୍ଲଭ ଭାବର ବିରଳ ଅଭିବ୍ୟକ୍ତି ବାସ୍ତବରେ ଦର୍ଶନଯୋଗ୍ୟ।

ସବୁ ଦିନ ଲାଗି ହଜିଯାଇଛି ବୋଲି ଧରିନେଇଥିବା ଟେଡି ବିଅରର ହଠାତ୍ ଆବିର୍ଭାବ ଦେଖି ସେ ହସି ହସି କାନ୍ଦି ପକାଇଛନ୍ତି। କହିଛନ୍ତି, ଓ ମାଇଁ ଗଡ୍! ମାଇଁ ଟେଡି ବିଅର୍, ଆଇ ଲଭ ୟୁ। ପାର୍ଶ୍ୱରେ ଥିବା ଯୁବତୀଙ୍କ ପ୍ରେମିକ ତାଳି ମାରି ତାଙ୍କୁ ଖୁସିରେ କଂଗ୍ରାଚୁଲେଟ୍ କରୁଛନ୍ତି। ଭାସ୍ ଅଲୀ ଜାଣିଥିଲେ ଯେ ପ୍ରେମିକା ଜେସିକାଙ୍କୁ ଏନ୍‌ଗେଜମେଣ୍ଟ ଗିଫ୍ଟ ଦେବା ପୂର୍ବରୁ ଖ୍ରିଷ୍ଟମାସ୍‌ରେ ସ୍ୱତନ୍ତ୍ର ଉପହାର ଦେବାକୁ ପଡ଼ିବ। ସେଥିପାଇଁ ସେ ପ୍ରେମିକାଙ୍କ ପିଲାବେଳର ପୁରୁଣା ତଥା ଭାଙ୍ଗିରୁଜି ଯାଇଥିବା ଟେଡି ବିଅରକୁ ଅକ୍ଳାନ୍ତ ପରିଶ୍ରମ କରି ଖୋଜିଆଣିଲେ। କିନ୍ତୁ ତାହାର ଆଉ ଅବସ୍ଥା ନ ଥିଲା। ତେଣୁ ଅନ୍‌ଲାଇନରେ ଟେଡି ବିଅର୍‌ଟିର ନାକ, କାନ ଓ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗ ପାଇବା ପାଇଁ ଅନେକ ଗବେଷଣା କରିଥିଲେ। ଏକ ଟେଡି ବିଅର ହସ୍ପିଟାଲରେ ତାଙ୍କ ଆବିଷ୍କାର ଶେଷ ହୋଇଥିଲା। ସେଠାରୁ ନାକ, କାନ ଆଦି ନେଇ ଯୋଡ଼ାଯୋଡ଼ି କରିଥିଲେ ଏବଂ ପ୍ରେମିକା ଜେସିକାଙ୍କୁ ପୂର୍ଣ୍ଣାଙ୍ଗ ଟେଡି ବିଅର ଉପହାର ଭାବେ ଦେଇ ପ୍ରପୋଜ୍ କରିଥିଲେ। ମହିଳାଙ୍କ ପ୍ରତିକ୍ରିୟାକୁ ୟୁଜର୍ସ ଖୁବ୍ ପସନ୍ଦ କରିଛନ୍ତି। କେତେଜଣ ତ ନିଜ ନିଜ ପିଲାଦିନର ଅନୁରୂପ କାହାଣୀ ଶେୟାର କରିଛନ୍ତି। ତେବେ ଉକ୍ତ ଭିଡିଓ କେଉଁ ମସିହାର ଓ ସୋସିଆଲ ମିଡିଆରେ ଏବେ କାହିଁକି ଟ୍ରେଣ୍ଡ କରୁଛି ତାହା ଜଣାପଡ଼ିନାହିଁ।




## ୨ ଜୀବନରେ ହସ ଫୁଟାଇବାକୁ ପ୍ରିୟଙ୍କାଙ୍କ ଅନୁରୋଧ

**ମୁମ୍ବାଇ:** ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ହଲିଉଡ୍‌ରେ ବି ବେଶ୍ ପରିଚିତ। ନିଜ ପର୍ସନାଲ ଲାଇଫ ବ୍ୟତୀତ ସେ ସାମାଜିକ କାର୍ଯ୍ୟ କରିବାକୁ ପସନ୍ଦ କରନ୍ତି। ଏବେ ତାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ଯେଉଁଥିରେ ସେ କିଛି ଅନୁରୋଧ କରିଥିବା ଦେଖାଯାଇଛି। ଏଥିରେ ଦୁଇଟି ଜୀବନରେ ହସ ଫୁଟାଇବାକୁ ଅଭିନେତ୍ରୀ ଅନୁରୋଧ କରିଛନ୍ତି। ଓସ୍କାର ପାଇଁ ମନୋନୀତ ହୋଇଥିବା ଫିଲ୍ମ 'ବିଟ୍ଟୁ'କୁ ନେଇ ସେ ଏହି ଅନୁରୋଧ କରିଛନ୍ତି। ଫିଲ୍ମ ନିର୍ମାତା କରିସ୍ମା ଦେବ ଦୁବେଙ୍କ ଏହି ଫିଲ୍ମରେ ଜଣେ ୮ ବର୍ଷ ଓ ଆଉ ଜଣେ ୧୦ ବର୍ଷ ବାଳିକାଙ୍କ ବିଷୟରେ ଚିତ୍ରଣ କରାଯାଇଛି । ରାନି ଓ ରେନୁ କୁମାରୀ କିପରି ଶିକ୍ଷାରୁ ବଞ୍ଚିତ ହୋଇଛନ୍ତି ତାହା ଏହି ଫିଲ୍ମରେ ଦେଖାଯାଇଛି । ଏମାନଙ୍କ ପାଖରେ ପ୍ରତିଭା ଥିଲେ ବି ଅର୍ଥର ଅଭାବ ଏମାନଙ୍କୁ ଆଗକୁ ଯିବାରେ ବାଧା ସାଜିଛି। ଏହାକୁ ଦେଖିବା ପରେ ପ୍ରିୟଙ୍କା ହାତଯୋଡି ଅନୁରୋଧ କରିଛନ୍ତି ଫିଲ୍ମକୁ ଦେଖନ୍ତୁ ଆଉ ଭିଡିଓରେ ଦିଆଯାଇଥିବା ଲିଙ୍କ୍‌କୁ ଯାଇ ଉକ୍ତ ଦୁଇ ଝିଅଙ୍କୁ ସାହାଯ୍ୟ କରନ୍ତୁ।

## ୧ ମିନିଟରେ ପୁରୁଣା ଶାଢ଼ିରୁ ଦଉଡ଼ି

### ଦେଶୀ ରିସାଇକ୍ଲିଂ

**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ ପ୍ରତିଦିନ କିଛି ନା କିଛି ନୂଆ ଏବଂ ରୋଚକ ଖବର ସାମ୍ନାକୁ ଆସୁଛି। କେଉଁଠି କିଛି ମନୋରଞ୍ଜନ ଦେଖିବାକୁ ମିଳୁଥିବାବେଳେ ଆଉ କେତେବେଳେ ବ୍ୟକ୍ତିଙ୍କ ନିଆରା ପ୍ରତିଭା ଲୋକଙ୍କ ମନ ମୋହୁଛି। ଏବେ ଭାଇରାଲ ହେଉଥିବା ଏକ ଭିଡିଓରେ ଏଭଳି କିଛି ଦେଖିବାକୁ ମିଳିଛି। ଭିଡିଓରେ ୩ଜଣ ବ୍ୟକ୍ତିଙ୍କୁ ରାସ୍ତା ଉପରେ ବାଇକ୍ ସହ ଦେଖିବାକୁ ମିଳିଛି। ବାଇକ୍‌ରେ ଏକ ହାତରେ ଚାଲୁଥିବା ଗୋଟିଏ ଦେଶୀ ମେଶିନ ରହିଛି। ଏମାନେ ନିଜ ଦେଶୀ ଜୁଗାଡ୍ ମାଧ୍ୟମରେ ମାତ୍ର ୧ ମିନିଟରେ ପୁରୁଣା ଶାଢ଼ିକୁ ଚିରି ମଜଭୁତ ଦଉଡ଼ି(ରଶି) ପ୍ରସ୍ତୁତ କରିପାରୁଥିବା ନଜରକୁ ଆସିଛି। ମାତ୍ର ୫୦ଟଙ୍କାରେ ଏମାନେ ଏହା କରୁଥିବା ଜଣାପଡ଼ିଛି। ଏହି ଭାଇରାଲ ଭିଡିଓଟିକୁ ଆଇପିଏସ୍ ଅଫିସର ଦୀପାଂଶୁ କାବ୍ରା ନିକଟରେ ନିଜ ଟୁଇଟର ଆକାଉଣ୍ଟରେ ଶେୟାର କରିଛନ୍ତି। ଏଥିରେ ୨ଜଣ ପ୍ରଥମେ ଏକ ଶାଢ଼ିକୁ ଚିରି ମେଶିନରେ ଯୋଡୁଥିବାବେଳେ ଅନ୍ୟ ବ୍ୟକ୍ତି ଜଣକ ହାତରେ ମେଶିନ ଚଳାଉଛନ୍ତି। କିଛି ସମୟ ମଧ୍ୟରେ ଶାଢ଼ି ଗାଏବ ହେବା ସହ ମଜଭୁତ ଦଉଡ଼ି ବାହାରୁଥିବା ଦେଖାଯାଇଛି। ଏହାକୁ ଦେଖି ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିବା ନଜରକୁ ଆସିଛି। ଭିଡିଓଟିକୁ ଦେଖି ଲୋକେ ବେଶ୍ ପସନ୍ଦ କରିବା ସହ ଦେଶୀ ରିସାଇକ୍ଲିଂକୁ ନେଇ ସୁନ୍ଦର କମେଣ୍ଟ ରଖିଛନ୍ତି।




### ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ କାଶୀନାଥ ରଥ**

ବୀରରାମଚନ୍ଦ୍ରପୁର, ପୁରୀ

ତିରୋଧାନ: ୦୬।୦୩।୨୦୧୯

ଆପଣଙ୍କ ଭଲପାଇବା, ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଉର୍ଦ୍ଧ୍ୱନିଷ୍ଠା ଓ ପରୋପକାରିତା ଆମ ସମସ୍ତଙ୍କୁ ପ୍ରେରଣା ଦେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ବନ୍ଧୁ ଓ ପରିବାରବର୍ଗ ।

ଧ-୨୦୧୭୫


## ସ୍ତ୍ରୀଙ୍କୁ ୧୦ ବର୍ଷ ଧରି ସମୁଦ୍ରରୁ ଖୋଜୁଛନ୍ତି ସ୍ୱାମୀ


**ଟୋକିଓ:** ଜାପାନର ଜଣେ ୫୪ ବର୍ଷୀୟ ବ୍ୟକ୍ତି ଗତ ୧୦ ବର୍ଷ ହେଲା ହଜିଯାଇଥିବା ସ୍ତ୍ରୀଙ୍କୁ ସମୁଦ୍ର ପାଣିରେ ଖୋଜୁଛନ୍ତି। ୟାସୁଓ ତାକାମାସୁଙ୍କ ସ୍ତ୍ରୀ ୟୁକୋ ୨୦୧୧ରେ ଜାପାନରେ ଆସିଥିବା ସୁନାମୀରେ ନିଖୋଜ ହୋଇଯାଇଥିଲେ। ୟାସୁଓ ତାଙ୍କ ସ୍ତ୍ରୀଙ୍କୁ ଖୋଜିବା ପାଇଁ ଅଣ୍ଡରୱାଟର ଡ୍ରାଇଭିଂ ଲାଇସେନ୍ସ ବି ପାଇଛନ୍ତି। ସେ ଗତ ୭ ବର୍ଷ ହେଲା ଏକୁଟିଆ ଅଣ୍ଡରୱାଟର ଡ୍ରାଇଭ କରିଆସୁଛନ୍ତି। ସୁନାମୀରେ ଜାପାନର ଅଢ଼େଇ ହଜାର ଲୋକ ନିଖୋଜ ହୋଇଯାଇଥିଲେ। ସେହିଦିନଠାରୁ ଜାପାନ ପ୍ରଶାସନ ଅଣ୍ଡରୱାଟର ଅନୁସନ୍ଧାନ ଜାରି ରଖିଛି। ସ୍ଥାନୀୟ ପ୍ରଶାସନ ପ୍ରତି ମାସରେ ଖୋଜିବା ଅଭିଯାନ ଆରମ୍ଭ କରୁଛି। ବର୍ତ୍ତମାନ ସୁଦ୍ଧା ପାଣିରୁ କପଡ଼ା, ଆଲବମ ପରି କେତେକ ଜିନିଷ ମିଳିଛି। ମାତ୍ର ଏବେ ଯାଏ ୟାସୁଓ ତାଙ୍କୁ ସ୍ତ୍ରୀଙ୍କୁ ଖୋଜି ପାଇପାରିନାହାନ୍ତି।



## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢେଙ୍କାନାଳ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ ଜିଲାର କେତେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। କେତେକ ସ୍ଥାନରେ ତାପମାତ୍ରା ପାଖାପାଖି ୨ ଡିଗ୍ରୀ ସେଲସିଅସ୍ କମିପାରେ।

ସ୍ଥାନୀୟ ଅଞ୍ଚଳ-ଭୁବନେଶ୍ୱର ଓ ପାଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। ଶନିବାର ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୦ | ୨୫.୭ |
| ଚାନ୍ଦବାଲି | ୩୪.୨ | ୨୨.୬ |
| କଟକ | --- | ୨୩.୨ |
| ପାରାଦୀପ | ୩୦.୧ | ୨୫.୦ |
| ଭୁବନେଶ୍ୱର | ୩୫.୦ | ୨୩.୬ |
| ଗୋପାଳପୁର | ୩୧.୩ | ୨୩.୪ |
| ପୁରୀ | ୩୧.୦ | ୨୫.୫ |
| ଅନୁଗୋଳ | ୩୪.୧ | ୧୯.୦ |
| ବାରିପଦା | ୩୫.୦ | ୨୩.୦ |
| ଝାରସୁଗୁଡ଼ା | ୩୬.୬ | ୨୧.୨ |
| କେନ୍ଦୁଝର | ୩୩.୪ | ୨୦.୬ |
| ସମ୍ବଲପୁର | ୩୬.୩ | ୨୩.୪ |
| ସୁନ୍ଦରଗଡ଼ | ୩୭.୫ | ୧୯.୦ |
| ହୀରାକୁଦ | ୩୫.୫ | ୨୨.୬ |
| ତାଲଚେର | ୩୭.୩ | ୧୮.୫ |
| ଭବାନୀପାଟଣା | ୩୭.୮ | ୨୨.୫ |
| ବଲାଙ୍ଗୀର | --- | ୨୦.୦ |
| କୋରାପୁଟ | ୩୪.୬ | ୧୬.୬ |
| ଫୁଲବାଣୀ | ୩୬.୦ | ୧୮.୫ |
| ଟିଟିଲାଗଡ଼ | ୩୮.୦ | ୨୪.୩ |
| ମାଲକାନଗିରି | ୩୮.୦ | ୨୧.୫ |
| ସୋନପୁର | ୩୬.୪ | ୨୪.୫ |
| ଦାରିଙ୍ଗିବାଡ଼ି | ୩୩.୦ | ୧୭.୦ |
| ନୟାଗଡ଼ | ୩୬.୦ | ୨୧.୫ |
| ବୌଦ୍ଧ | ୩୭.୫ | ୨୩.୫ |
| ଛତ୍ରପୁର | ୩୨.୫ | ୨୧.୫ |
| ପାରଳାଖେମୁଣ୍ଡି | ୩୨.୦ | ୨୧.୫ |
| ରାୟଗଡ଼ା | ୩୬.୦ | --- |

ଡିଗ୍ରୀ ସେଲ୍‌ସିୟସ୍


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SMS JOB BUSINESS**
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
9142914076
8092781316

**DHANLAXMI FINANCE**
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756

**BINODAYA FINANCE**
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଖିଲିଖିଲି ହସ

୧
ସ୍କୁଲରେ ଦିଦି– ଆଚ୍ଛା ପିଲାମାନେ ବର୍ତ୍ତମାନ ଆଉ ଭବିଷ୍ୟତ କାଳର ମୁଁ ଗୋଟିଏ ଉଦାହରଣ ଦେଉଛି। "ମୁଁ ସୁନ୍ଦର ଥିଲି, ଅଛି ଆଉ ରହିବି।" ଏବେ ତମେ ଉଦାହରଣ ଦିଅ।
ରାମୁ– ମ୍ୟାଡମ୍ ଏଇଟା ଆପଣଙ୍କର ଭୁଲ ଚିନ୍ତା ଥିଲା, ଅଛି ଆଉ ଆଗକୁ ମଧ୍ୟ ରହିବ।

୨
ବାପୁ– ଆଚ୍ଛା ଦୋକାନୀ ମହାଶୟ, ଏ ରେ ଡିଓରେ ସବୁ ଷ୍ଟେସନ ଧରିବ ତ ?
ଦୋକାନୀ– ରେଳ ଷ୍ଟେସନ, ପୋଲିସ ଷ୍ଟେସନ ଏବଂ ଫାୟାର ଷ୍ଟେସନ ଛାଡି ସବୁ ଧରିବ।

୩
କନଷ୍ଟେବଲ– ଆରେ ସାନୁ ଏତେ ଛୋଟ ପିଲାଟେ ହୋଇ ତମେ ସିଗାରେଟ୍ ଟାଣୁଛ କାହିଁକି ?
ସାନୁ– ଆଜ୍ଞା ସାର୍ ଆପଣ ଏତେ ବଡ଼ ଲୋକ ହୋଇ ମୋ ପରି ହାଫ୍ ପ୍ୟାଣ୍ଟ ପିନ୍ଧିଛନ୍ତି କାହିଁକି ?

୪
ସାର– ଆଚ୍ଛା ଜୀବନ ତୁ କହିଲୁ ଶୁଖା ଆଉ ବନ୍ୟା ଭିତରେ ତଫାତ କ'ଣ ?
ଜୀବନ– ମାଟି ଆଉ ଆକାଶ ପରି।
ସାର– କେମିତି ?
ଜୀବନ– ଶୁଖା ସମୟରେ ବାପା ଜିପରେ ଯାଆନ୍ତି ଆଉ ବନ୍ୟା ସମୟରେ ହେଲିକପ୍ଟରରେ।

## ଆଇନା


ଦିବ୍ୟଶୀଳା
୭ ବର୍ଷ

## କବିତା



### ଆସିଲାଣି ମାଡ଼ି ତାତି

ତତଲା ପବନ ଚଉଦିଗେ ପିଲେ
ଆସିଲାଣି ମାଡ଼ି ତାତି,
ଟାଇଁ ଟାଇଁ ଖରା ଦେହେ ବାଜିଲାଣି
ଉଠୁଛି ପଡୁଛି ଛାତି ।
ଗମଗମ ଝାଳ ବହିଲାଣି ଦେହୁ
ପିଇବା ମାଠିଆ ପାଣି,
ନଈ ପୋଖରୀର ନିରିମଳ ଜଳ
ଡାକିଲାଣି ମନ ଜାଣି।
ପଇଡ଼ ପାଣିକୁ ଦହି ସରବତ
ହେଉ ବା ଶୀତଳ ଜଳ,
ପିଉଥିବା ଆମେ ଘନଘନ ଯେବେ
ହେବାନାହିଁ ଦୁର୍ବଳ।
ପଖାଳ ଭାତକୁ ବାଡି ବାଇଗଣ
ଖୋଜାପଡିଲାଣି କେତେ,
ତରଭୁଜ ସହ ଦେଶୀ କାକୁଡ଼ିକୁ
ଖାଇବାରେ ଆସ ଯେତେ।
ଜଳୀୟ ଅଂଶଟି ଭରପୂର ଥିଲେ
ଦେହ ପାଇଁ ପରା ହିତ,
ଅଂଶୁଘାତ ପାଇଁ ଡରଟି ନ ଥିବ
ଜାଣି ରଖିଥାଅ ମିତ।
ତାତି ପାଇଁ ଆମେ ହେବା ସାବଧାନ
ଛତା ଧରିଥିବା ହାତେ,
ଓଦା ଗାମୁଛାକୁ ପାଣି ବୋତଲଟି
ଥିବ ପରା ଆମ ସାଥେ।
**–ଶରତ କୁମାର ଦାସ**, କେନ୍ଦୁଝର

### କୋଇଲି ଗାଉନି

କୋଇଲି ଗାଉନି ମଳୟ ବହୁନି
ନାହିଁ ଫଗୁଣର ଦେଖା,
ଫୁଲର ପାଖୁଡ଼ା ଝାଉଁଳି ଗଲାଣି
ସବୁ ଲାଗେ ଫିକା ଫିକା।
ଫଗୁଣର ଦୁଃଖ କା ଆଗେ କହିବ
ସମୟ ଯାଉଛି ଗଡ଼ି,
ସମସ୍ତେ କହନ୍ତି ଫଗୁଣ ଆସିଛି
କ୍ୟାଲେଣ୍ଡର ଛାଡ଼େ ରଡ଼ି।
ବହୁ ଆଶା ନେଇ ଆସିଲା ଫଗୁଣ
ହେଲେ ଏଠି ବିପରୀତ,
ପରିବେଶ ଏଠି ବାଦ ସାଜୁଅଛି
ଯନ୍ତ୍ରଣାରେ ଜର୍ଜରିତ।
କବରୀ ତାହାର ସଜାଇବା ପାଇଁ
ବଗିଚାରେ ଫୁଲ ନାହିଁ,
ଗୁଣୁ ଗୁଣୁ ଗୀତ ଶୁଭେନାହିଁ କାହିଁ
ମହୁମାଛି ଗଲା କାହିଁ।
ଫୁଲର ଫଗୁଣ ଲେଉଟି ଯାଉଛି
ମାଡ଼ି ଆସୁଅଛି ଖରା,
ବିଜ୍ଞାନୀ ମଣିଷ ଅଜ୍ଞାନୀ ହୋଇକି
ଦିନରେ ଖୋଜୁଛି ତାରା।
**–ଅରୂପ କୁମାର ବିଶ୍ୱାଳ**,
ପାରାଦୀପ, ଜଗତ୍‌ସିଂହପୁର

### କିଛି ଶିଖିବା ଆସ

ସନିଆ ଧଳ
ନଈପଠାରେ ସେ କରିଛି ପାଳ।
ଗୋବର ଖତ
ପଣୁଥାଏ ବାଲି ସଜାଇ ଗାତ।
କେତେ ପ୍ରକାର
ମଞ୍ଜି ଆଣି ପୋତେ ଦୂରକୁ ଦୂର।
ନିତି ସକାଳେ
ମାଟି କୋଡ଼ି ପାଣି ଦିଏ ହାତରେ।
ବୀଜ ଫୁଟିଲେ
ଅଙ୍କୁରିତ ହୋଇ ପତର ଖୋଲେ।
ସବୁଜ ବେଶେ
ନଈକୂଳେ ତା'ର କିଆରି ହସେ।
ଫସଲ ହେଲେ
ବିକିବାକୁ ଗାଆଁ ଗାଆଁ ସେ ବୁଲେ।
ସାଗ ସବଜି
ଖାଉଥାଏ ସତେ ତଟକା ଖଞ୍ଜି।
ଝାଳ ବୁହାଇ
ଆନନ୍ଦରେ ଚଳେ ହରଷ ହୋଇ।
ଏବେ ଶିଖିଲେ
ଶ୍ରମ କଲେ ମିଠା ଫଳ ଯେ ମିଳେ।
**–ଅମରନାଥ ବାରିକ୍**,
କୟାଁ, ମଙ୍ଗଳପୁର, ଯାଜପୁର

## କହିଲ ଦେଖି



୧) ପଙ୍ଖା ନୁହେଁ କିନ୍ତୁ ପବନ ଦିଏ
ଗରିବର ସାଥୀ ଅଟଇ ସିଏ
ତା'ପାଇଁ ବିଜୁଳି ନ ଥାଏ ଲୋଡ଼ା
ବରଡ଼ା ପତରେ ତା' ଦେହ ଗଢ଼ା
ରହିଥାଏ ହୋଇ ଆମରି ସଖୀ
ନାମଟି ତାହାର କିଏ କହିଲ ଦେଖି।
ଉ–**ବିଞ୍ଚଣା**



୨) ଅନ୍ଧକାର ଦୂର କରି ଆଲୋକ ଦିଏ
ଆକାଶ ଛାତିରେ ସିଏ ଝଲସୁ ଥାଏ
ରାତି ହୋଇଗଲେ ଆସଇ ଧାଇଁ
ସକାଳ ହୋଇଲେ ଦିଶଇ ନାହିଁ
ପୂର୍ଣ୍ଣିମା ରାତିରେ ଖୁସିରେ ହସେ
ଅମାବାସ୍ୟା ହେଲେ ଜମା ନ ଦିଶେ
ମାମୁ ଅଟେ ସିଏ ସଭିଙ୍କ ପାଇଁ
କିଏ ସେ ପାରିବ ନାମ ତା' କହି।
ଉ– **ଜହ୍ନ**



୩) ବଡ଼ ଗଛ ହେଲେ ଛୋଟିଆ ଫଳ
ନାଲି ଟହ ଟହ ଦିଶେ ସୁନ୍ଦର
ଭାରି ଭଲଲାଗେ ସେ ଗଛ ଛାଇ
ଖରାଦିନେ ଥକ୍କା ମାରେ ବାଟୋଇ
ଜାତୀୟ ମାନ୍ୟତା ପାଇଛି ସେହି
କିଏ ସେ ପାରିବ ନାମ ତା' କହି।
ଉ–**ବରଗଛ**

*–**ପ୍ରଶାନ୍ତ କୁମାର ନାଥ**, ସୁନ୍ଦରପୁର, ପ୍ରୀତିପୁର, ଯାଜପୁର*

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ମୁଣ୍ଡରେ ଫୁଟବଲ୍ ରଖି ରେକର୍ଡ



ପିଲାମାନେ ତୁମେ ଅନେକ ସମୟରେ ଫୁଟବଲ୍ ଖେଳିଥିବ ନିଶ୍ଚୟ। କିନ୍ତୁ ଫୁଟବଲକୁ ମୁଣ୍ଡରେ ରଖି କେବେ ଚାଲିଛ ! ବୋଧହୁଏ ଏପରି କେବେ କରି ନ ଥିବ। କାହିଁକି ନା ଫୁଟବଲକୁ ତ ମୁଣ୍ଡରେ ରଖିଲେ ତାହା ତଳକୁ ଖସି ପଡ଼ିବ। କିନ୍ତୁ ଏଭଳି ଏକ ଅସମ୍ଭବ ମନେ ହେଉଥିବା କାମ କରି ଦେଖାଇଛନ୍ତି ଆବୋବାକାର ଟ୍ରାଓରୀ। ଗୁଏନାର ମୂଳ ବାସିନ୍ଦା ଆବୋବାକାର ଏବେ ଆମେରିକାରେ ରହୁଛନ୍ତି। ଏବେ ସେ ଫୁଟବଲକୁ ମୁଣ୍ଡରେ ରଖି ୧୦ ମିଟର ବାଟ ଚାଲି ଯାଇ ପାରିଛନ୍ତି। ଏଭଳି କାମ କରି ପାରି ଥିବାରୁ ଏବେ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡ କରି ପାରିଛନ୍ତି। ତେବେ ଚାଲିବା ସମୟରେ ସେ ଏତେ ସୁନ୍ଦରଭାବେ ବଲକୁ ସନ୍ତୁଳନ ରକ୍ଷା କରି ମୁଣ୍ଡରେ ରଖି ପାରିଥିଲେ। ଏହାପରେ ସେ ବଲକୁ ନେଇ ବିଭିନ୍ନ ପ୍ରକାରର କୌଶଳ ବି ପ୍ରଦର୍ଶନ କରିପାରୁଛନ୍ତି। ତେଣୁ ପିଲାମାନେ ତୁମେ ଏଥର ବୁଝି ପାରୁଥିବ କି ଅଭ୍ୟାସ ବଳରେ ମଣିଷ ସବୁ କାମ କରିପାରିବ।

## ଗପ

# ଖୋଲା ଆକାଶର ଖୁସି



ଝଡ଼ ବର୍ଷା ଛାଡ଼ିଚି କି ନାହିଁ ଦୁଇ ଭାଇ ଆମ୍ବ ବଗିଚାକୁ ଦୌଡ଼ିଲେ, କଞ୍ଚା ପାଚିଲା କେତେ ଆମ୍ବ ନିଶ୍ଚୟ ଖସିଥିବ। ସତକୁ ସତ ବହୁତ ଆମ୍ବ ଖସିପଡ଼ିଥିଲା। ବଡ଼ ଟୋକେଇ ଆଣି ଆମ୍ବ ଗୋଟେଇବାରେ ଲାଗି ପଡ଼ିଲେ। ଏତିକି ବେଳେ ଶାମ ବଡ଼ ପାଟିରେ ଚିତ୍କାର କଲା – ଓମ୍ ଭାଇ ଦୌଡ଼ିଆ, ମୁଁ ଗୋଟେ ବଢ଼ିଆ ଜିନିଷ ପାଇଲି। ଓମ୍ ଦୌଡ଼ି ଗଲା। ବେଳକୁ ଦେଖିଲା ଶାମ ହାତରେ ଗୋଟେ ଶୁଆକୁ ଧରିଚି। ଝଡ଼ ତୋଫାନରେ ତା' ଡେଣା ଭାଙ୍ଗି ଯାଇଚି, ଉଡ଼ି ପାରୁନି। ଦୁଇ ଭାଇ ଠିକ କଲେ ତାକୁ ଘରକୁ ନେଇ ଚିକିତ୍ସା କରିବେ ଆଉ ଭଲ ହୋଇଗଲେ ଗୋଟେ ପଞ୍ଜୁରି ଆଣି ରଖିବେ। ଆଉ ତାକୁ କଥା କୁହା ଶିଖେଇବେ। ଭାରି ମଜା ହେବ। ଆମ୍ବ ଟୋକେଇ ସହ ଶୁଆକୁ ଧରି ଘରକୁ ଫେରିଲେ।

ଶାମ ଶୁଆକୁ ଧରି ଜେଜେଙ୍କ ପାଖକୁ ଦୌଡ଼ି ଗଲା। ଜେଜେ ବିରକ୍ତ ହୋଇ କହିଲେ– ଆରେ ତାକୁ କାହିଁକି ଉଠେଇ ଆଣିଲ ? ତା' ବାପା–ମା' ତାକୁ ନିଶ୍ଚେ ଖୋଜୁଥିବେ।

– ''ସେ ପରା ଉଡ଼ି ପାରୁ ନ ଥିଲା, ତା' ଡେଣା ଭାଙ୍ଗି ଯାଇଚି। ତାକୁ ସେଠି ଛାଡ଼ି ଆସିଥିଲେ ବିଲେଇ, କୁକୁର ଖାଇ ଦେଇଥାନ୍ତେ।'' ଓମ୍ ଜେଜେଙ୍କୁ ବୁଝେଇବାକୁ ଚେଷ୍ଟା କଲା।

–ଆଚ୍ଛା ହଉ, ଯଦି ଆଣିଛ, ତେବେ ତା' ସେବା ଶୁଶ୍ରୂଷା କରି ଭଲ କର। ଆଉ ତା' ପରେ ତାକୁ ଆକାଶରେ ଛାଡ଼ି ଦେବ।

ଜେଜେଙ୍କୁ କିଛି ନ କହି ସେମାନେ ସ୍ଥିର କଲେ କି ଆଗ ଶୁଆକୁ ଭଲ କରିବା ପରେ ତାକୁ ପଞ୍ଜୁରିରେ ରଖି ପାଳିବେ। ଶୁଆର ଡେଣାରେ ଘରେ ଥିବା ଔଷଧ ଲଗାଇଲେ। ତାକୁ ଖୁଆପିଆ କରି ନିଜ ରୁମରେ ରଖି ରାତିରେ ଶୋଇଲେ।

ଦୁଇ ତିନି ଦିନ ପରେ ଶୁଆ ଟିକେ ଟିକେ ଭଲ ହେବାକୁ ଲାଗିଲା ଓ ଖଣ୍ଡି ଉଡ଼ା ଦେଲା। ଦୁଇ ଭାଇଙ୍କ ଖୁସି କହିଲେ ନ ସରେ। ଜେଜେ କାଳେ ରାଗିବେ, ଜେଜେମା ଙ୍କ ପାଖରୁ ପଇସା ନେଇ ବଜାରରୁ ଗୋଟେ ପଞ୍ଜୁରି ଆଣି ଶୁଆକୁ ତା' ଭିତରେ ରଖିଲେ। ଦିନେ ପିଲାମାନଙ୍କ ପାଠ ପଢ଼ା ଦେଖିବା ପାଇଁ ଜେଜେ ସେମାନଙ୍କ ରୁମକୁ ପଶି ଆସି ଦେଖିଲେ ଶୁଆକୁ ପଞ୍ଜୁରି ଭିତରେ ରଖି ଦୁଇ ଭାଇ ତା' ସେବାରେ ଲାଗି ପଡ଼ିଛନ୍ତି।

ପିଲେ ଜେଜେଙ୍କୁ ନେହୁରା ହୋଇ କହିଲେ, ଆମକୁ ଏ ଶୁଆ ଭାରି ଭଲ ଲାଗୁଚି, ଆମେ ତା' ସାଥିରେ ଖେଳୁଛୁ। କିଛିଦିନ ପରେ ତାକୁ କଥା କୁହା ଶିଖେଇବା। ପ୍ଲିଜ୍ ଜେଜେ, ସେ ଆମ ପାଖରେ ଥାଉ।

ଜେଜେ ଦେଖିଲେ ପିଲାମାନଙ୍କୁ ଏମିତି ବିରକ୍ତ ହୋଇ ବୁଝେଇଲେ କୁପ୍ରଭାବ ପଡ଼ିବ।

ପରଦିନ ପିଲାମାନଙ୍କୁ ନେଇ ଜେଜେ ଫାର୍ମ ହାଉସ ଆଡ଼େ ବୁଲିବାକୁ ଗଲେ। ବୁଲାବୁଲି ପରେ ଥକି ଯାଇ ପିଲାମାନେ ଫାର୍ମ ହାଉସ ରୁମ ଭିତରେ ବସି ଖିଆ ପିଆ କଲେ। ସେତିକି ବେଳେ ଜେଜେ କହିଲେ, ତୁମେ ଦୁହେଁ ଏଇଠି ଥାଅ, ମୁଁ ଟିକେ ବୁଲି ଆସେ। ତା' ପରେ ଘରକୁ ଯିବା। ଆଉ ବାହାର ପଟୁ ତାଲା ଲଗେଇ ଚାଲିଗଲେ। ଫାର୍ମ ହାଉସରେ କାମ କରୁଥିବା ଲୋକକୁ କହିଗଲେ ପିଲାଙ୍କ ଉପରେ ନଜର ରଖିବା ପାଇଁ।

ଦୁଇ ଭାଇ ଭିତରେ ବସି ବସି ବିରକ୍ତ ହୋଇଗଲେ। ଦୁଇ ତିନି ଘଣ୍ଟା ହେଲାଣି ଜେଜେ ଫେରୁ ନ ଥାନ୍ତି। ଡର ମାଡୁଥାଏ। ଆହୁରି ଡେରି ହେଲା। ଶାମ କାନ୍ଦିବାରେ ଲାଗିଲା। ତା' ମା' କଥା ମନେପକେଇ ଅଥୟ ହୋଇ କାନ୍ଦୁ ଥାଏ। ଓମ୍‌ର ବି ସେଇ ଅବସ୍ଥା। ପ୍ରାୟ ଚାରି ଘଣ୍ଟା ପରେ ଜେଜେ ଫେରି ତାଲା ଖୋଲିଲେ।

–କିରେ ପିଲେ, ତୁମେ କାନ୍ଦୁଛ କାହିଁକି। ଭୋକ ହେଲାଣି କି ?

–ନାଇଁ ଜେଜେ, ଭୋକ ନୁହେଁ ଆମେ ଡରରେ କାନ୍ଦୁଛୁ। ତୁମେ ଆମକୁ ଜେଲରେ ରଖିଲା ଭଳିଆ ତାଲା ପକେଇ ଯାଇଛ ଯେ ଯାଇଛ, ଏତେ ବେଳ ଯାଏ ଆସୁନ। ମାମା କଥା ମନେ ପଡ଼ିଲାରୁ ମୁଁ କାନ୍ଦୁଥିଲି, ଶାମ କହିଲା।

ଜେଜେ କହିଲେ– ଏବେ ବୁଝିପାରୁଛଟି, ବନ୍ଦୀ ହୋଇ ରହିବା କେତେ କଷ୍ଟ। ତୁମେ ଯେମିତି କିଛି ସମୟ ବନ୍ଦୀ ହୋଇ ରହିଛ କି ନାହିଁ ନିଜ ମାମା କଥା ମନେ ପକେଇ କାନ୍ଦିଲ, ଠିକ ସେମିତି ତୁମ ପଞ୍ଜୁରି ଭିତରେ ଥିବା ଶୁଆକୁ ବି ନିଜ ମାମା କଥା ମନେ ପଡୁଥିବ ଆଉ ସେ ବି ନିହାତି କାନ୍ଦୁଥିବ।

ପିଲାମାନେ ନିଜର ଭୁଲ୍ ବୁଝିପାରିଲେ। ଘରକୁ ଆସି ପଞ୍ଜୁରି ଖୋଲି ଶୁଆକୁ ଆକାଶରେ ଉଡ଼େଇ ଦେଲେ। ଶାମ ବଡ଼ ପାଟିରେ କହୁଥିଲା – ଯା' ରେ ଶୁଆ, ତୋ ମାମା ପାଖକୁ ଯା। ଖୋଲା ଆକାଶର ଆନନ୍ଦ ଅନୁଭବ କର।

*–**ପ୍ରଦୀପ୍ତ କୁମାର ବିଶ୍ୱାଳ**, ବାଲିଗଞ୍ଜ ପ୍ଲେସ, କୋଲକାତା–୧୯, ମୋ: ୮୪୨୦୧୯୬୫୯୯*

## ଟଗଲା ଭୀମୁ




## ମତାମତ

➔ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶ ପାଉଥିବା ଗପ 'ଅନୁତାପ' ପଢି ବହୁତ କିଛି ଶିଖି ହେଲା।
*–ରିମଝିମ୍ ମହାନ୍ତି, ଭୁବନେଶ୍ୱର*

➔ଆଇନା ସ୍ତମ୍ଭରେ ଏଥର ପ୍ରକାଶିତ ଚିତ୍ରଗୁଡିକ ବେଶ୍ ସୁନ୍ଦର ହୋଇଥିଲା।
*–ଶାନ୍ତୁ ମହାପାତ୍ର, ଜଗତ୍‌ସିଂହପୁର*

➔କବିତା ସ୍ତମ୍ଭରେ କିନ୍ତୁ ମହାଦେବଙ୍କୁ ନେଇ ହୋଇଥିବା ଉପସ୍ଥାପନା ବହୁତ ସୁନ୍ଦର ହୋଇଥିଲା।
*–ରଞ୍ଜନ ରାଉତ, କେନ୍ଦ୍ରାପଡା*

➔ଏହି ପୃଷ୍ଠାର ପ୍ରତିଟି ସ୍ତମ୍ଭ ମନଛୁଆଁ ହୋଇପାରୁଛି।
*–ସିନ୍ଦୁରୀ ସାହୁ, କେନ୍ଦୁଝର*

➔ଗିନିଜ ୱାର୍ଲ୍ଡ ରେକର୍ଡ ସ୍ତମ୍ଭରେ ଏତେ ଅଧିକ ପରିମାଣର ରୋଷେଇ କଥା ପଢ଼ି ଆଶ୍ଚର୍ଯ୍ୟ ଲାଗୁଛି।
*–ରେଶ ଆଚାର୍ଯ୍ୟ, ବାଲେଶ୍ୱର*


## ତୁମ ପଢ଼ିବା ପାଇଁ

### ସୁନା ଚଢ଼େଇ




କବିତା ମାଧ୍ୟରେ ଅନେକ ଶିକ୍ଷଣୀୟ ବାର୍ତ୍ତା ଛୋଟ ପିଲାଙ୍କ ନିକଟରେ ପହଞ୍ଚାଇ ହୁଏ। ସେପରି ପ୍ରୟାସ କରିଛନ୍ତି ରମାକାନ୍ତ ବେହେରା। ଛୋଟ ପିଲାଙ୍କ ପାଇଁ ତାଙ୍କ ରଚିତ ଶିଶୁ କବିତା ସଙ୍କଳନ 'ସୁନା ଚଢ଼େଇ'ରେ ରହିଛି ଏପରି କବିତା ଗୁଚ୍ଛ। ସେଗୁଡ଼ିକ ମଧ୍ୟରେ ରହିଛି 'ଜୀବନକୁ ଲୋଡ଼ା, ପଢ଼ିଛି ଯଦି ସେ ପାଠରେ, ସେହି ଏକା ଅଟେ, ସୁନ୍ଦର ଦିଶେ, ଶୁଣ ଟିକି ତାରା, ନିତ୍ୟ ନୂତନ, ମୋ ଗାଁ, ପ୍ରଣାମ ଜଣାଏ ଅନନ୍ତ କୋଟି ଆଦି କବିତା ପିଲାମାନଙ୍କ ପାଇଁ ବେଶ୍ ଉପାଦେୟ ହେବ ବୋଲି ଆଶା କରାଯାଏ। ଉକ୍ତ ସଚିତ୍ର ସଙ୍କଳନର ମୂଲ୍ୟ ରହିଛି ୫୫ ଟଙ୍କା। ଯୋଗାଯୋଗ : 'ସୁନା ଚଢ଼େଇ', ସରସ୍ୱତୀ ପ୍ରକାଶନ, ତଳତେଲେଙ୍ଗା ବଜାର, କଟକ–୯।

## ତୁମ ତୂଳୀରୁ



ରାଧେଶ ବିଶ୍ୱାଳ
କ୍ଲାସ–୨, ସାଉଥ୍‌ପଏଣ୍ଟ ସ୍କୁଲ, କୋଲକାତା



ଦିବ୍ୟାଂଶ ସାହୁ
କ୍ଲାସ–୧, ଟ୍ୟାଲେଣ୍ଟ ଇଣ୍ଡିଆ ଏକାଡେମୀ, ଭୋପାଳ



ଅଭିସୁମତ୍ ସାମଲ
କ୍ଲାସ–୧, ପ୍ରଭୁଜି ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ମାର୍ଚ୍ଚ ୧୩/୨୦୨୧ Dhenkanal, Saturday, March 13/ 2021


## ଲିଜେଲ୍ ଲିଙ୍କ ଅପରାଜିତ ଶତକ: ଦକ୍ଷିଣ ଆଫ୍ରିକା ବିଜୟୀ

**ଲକ୍ଷ୍ନୌ,୧୨।୩(ପି.ଟି.)**

ଓପନର ଲିଜେଲ ଲିଙ୍କ ଅପରାଜିତ ୧୩୨ ରନର ଶତକୀୟ ପାଳି ବଳରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଘରୋଇ ଭାରତକୁ ଡକ୍‌ୱର୍ଥ- ଲୁଇସ୍ ନିୟମରେ ୬ ଉଇକେଟରେ ପରାସ୍ତ କରିଛି। ୧୩୧ଟି ବଲର ସମ୍ମୁଖୀନ ହୋଇ ଲିଜେଲ ୧୬ ଚୌକା ଓ ୨ ଛକା ସହ ଶତକ ହାସଲ କରି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହିତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଦକ୍ଷିଣ ଆଫ୍ରିକା ୨-୧ରେ ଅଗ୍ରଣୀ ହାସଲ କରିଛି।

ସ୍ଥାନୀୟ ଅଟଳ ବିହାରୀ ଏକାନା କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୨୪୮ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ବ୍ୟାଟିଂ ଆରମ୍ଭ କରିବା ପରେ ବର୍ଷା ହୋଇଥିଲା ଓ ଖେଳ ବାଧାପ୍ରାପ୍ତ ହୋଇଥିଲା। ଦକ୍ଷିଣ ଆଫ୍ରିକା ୪୬.୩ ଓଭରରେ ୪ ଉଇକେଟ ହରାଇ ୨୨୩ ରନ କରିଥିବା ବେଳେ ବର୍ଷା ହୋଇଥିଲା ଓ ଆଉ ଖେଳ ସମ୍ଭବ ହୋଇପାରି ନ ଥିଲା। ଫଳରେ ଡକ୍‌ୱର୍ଥ- ଲୁଇସ୍ ନିୟମରେ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ବିଜୟୀ ହୋଇଥିଲା।

ଲିଜେଲଙ୍କ ଅପରାଜିତ ଶତକ ହାସଲ କ୍ୟାରିୟରର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା। ଦକ୍ଷିଣ ଆଫ୍ରିକା ତରଫରୁ ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ଲଉରା ଉଲ୍‌ଭାର୍ଡଟ ୧୨, ଲାରା ଗୁଡାଲ ୧୬, ମିଗନନ ଡୁ ପ୍ରିଜ ୩୭ ରନକରି ଆଉଟ ହୋଇଥିବା ବେଳେ ଅନ୍ ବୋସ୍କ ୧୬ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଅଭିଜ୍ଞ ଦ୍ରୁତ ବୋଲର ଝୁଲଣ ଗୋସ୍ୱାମୀ ୨, ରାଜେଶ୍ୱରୀ ଗାଏକ୍ୱାଡ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ପୁନମ ରାଉତ ସର୍ବାଧିକ ୭୭, ଅଧିନାୟିକା ମିତାଲି ରାଜ ୩୬, ହରମନପ୍ରୀତ କୌର ୩୬, ସ୍ମୃତି ମାନ୍ଧନା ୨୫ ରନକରି ଆଉଟ ହୋଇଥିବା ବେଳେ ଦୀପ୍ତି ଶର୍ମା ୩୬ ଓ ସୁଷମା ବର୍ମା ୧୪ ରନକରି ଅପରାଜିତ ରହିଥିଲେ।। **ସଂକ୍ଷିପ୍ତ ସ୍କୋର:** ଭାରତ ୫୦ ଓଭରରେ ୨୪୮/୫, (ପୁନମ- ୭୭, ମିତାଲି- ୩୬, ହରମନପ୍ରୀତ- ୩୬, ଦୀପ୍ତି- ୩୬*, ସ୍ମୃତି- ୨୫, ସୁଷମା- ୧୪*, ଇସ୍‌ମାଇଲ- ୨/୪୬)। ଦକ୍ଷିଣ ଆଫ୍ରିକା ୪୬.୩ ଓଭରରେ ୨୨୩/୪ (ଲିଜେଲ ଲି - ୧୩୨*, ମିଗନନ- ୩୭, ଝୁଲଣ- ୨/୨୦)।


ASBM UNIVERSITY

500 Scholarships up to Rs. 1 Crore

ASBMU SCHOLARSHIP APTITUDE ONLINE TEST

ASBMUSAT'21

on 10/04/21 for all programmes except MBA & Ph.D.

ASBMU Entrance & Scholarship Test

for MBA Programmes on 01/05/21 & 05/06/21

NO FEE FOR ASBMUSAT & ENTRANCE TEST

HOW TO APPLY :

For details of admission process, eligibility, scholarship & to apply online please visit: www.asbm.ac.in

Tel. : 0674 2744881 - 882 | 9040884628 | 7749939643 | TOLL FREE - 1800 3456 5855


## ରାଜ୍ୟ ସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ପାଟଣା,୧୨।୩(ସ୍ୱ.ପ୍ର.)**


କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ଯୁବକ ସଂଘ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ରାଜ୍ୟ ସ୍ତରୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ବିଧାୟକ ଜଗନ୍ନାଥ ନାଏକ ଓ ପୂର୍ବତନ ବିଧାୟକ ହୃଷିକେଶ ନାଏକ ଏହାକୁ ଉଦ୍‌ଘାଟନ କରିଥିଲେ। ରାଇଜିଂ କ୍ଲବ ରାଉରକେଲା ଓ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ସମ୍ମାନିତ ଅତିଥି ଭାବେ ବିଧାୟକ ନାଏକ, ପୂର୍ବତନ ବିଧାୟକ ନାଏକ, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ନାଏକ, ଘଷିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ପ୍ରଦୀପ ସାହୁ, ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ବରିଷ୍ଠ ନେତା ମିତ୍ରଭାନୁ ମହାନ୍ତ, ଖବରଦାତା ନୀଳମଣି ମଣ୍ଡଳ, ଜିଲା ଯୁବ ବିଜେଡି ଉପସଭାପତି କରୁଣା ସାଗର ଖଟୁଆ, ସରପଞ୍ଚ ରଞ୍ଜୁଲତା ନାଏକ, ସମିତିସଭ୍ୟ ବ୍ରହ୍ମାନନ୍ଦ ବେହେରା, ସାହାରପଡ଼ା ବ୍ଲକ ଉପାଧ୍ୟକ୍ଷା କିରଣ ବାଳା ସିଂହ, ସରପଞ୍ଚ ଭାମାମଣି ଦାସ ପ୍ରମୁଖ ଯୋଗ ଦେଇଥିଲେ। ଯୁବକ ସଂଘର ଶଙ୍କର୍ଷଣ ସାହୁ, ଧର୍ମେନ୍ଦ୍ର ସାହୁ, ନବ କିଶୋର ପୃଷ୍ଟି, ତପନ ପୃଷ୍ଟି ପ୍ରମୁଖ ପରିଚାଳନା କରୁଛନ୍ତି। ଅଧ୍ୟାପକ ଅଶ୍ୱିନୀ କୁମାର ସାହୁ ସଂଯୋଜନା କରିଥିଲେ।

## ୟୁଏସ୍, କାନାଡ଼ା ଓପନ ବ୍ୟାଡ୍‌ମିଣ୍ଟନ ବାତିଲ

**ନୂଆଦିଲ୍ଲୀ,୧୨।୩(ପି.ଟି.):** କୋଭିଡ୍-୧୯ ମହାମାରୀ କାରଣରୁ ଜାରି କରାଯାଇଥିବା କଟକଣା ଓ ବିଭିନ୍ନ ନିୟମ କାରଣରୁ ଦୁଇଟି ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟକୁ ବାତିଲ କରାଯାଇଛି। ୟୁଏସ୍ ଓପନ୍ ଓ କାନାଡା ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟକୁ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ୟୁଏସ୍ ଓପନ୍ ଏକ ସୁପର ୩୦୦ ଟୁର୍ନାମେଣ୍ଟ ରୂପେ ବେଶ୍ ଲୋକପ୍ରିୟତା ହାସଲ କରିଛି। ଏହି ଟୁର୍ନାମେଣ୍ଟ ଆସନ୍ତା ଜୁଲାଇ ୬ରୁ ୧୧ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ସେହିପରି ଏକ ସୁପର ୧୦୦ ଟୁର୍ନାମେଣ୍ଟ ରୂପେ ବିବେଚିତ ହେଉଥିବା କାନାଡ଼ା ଓପନ ଜୁନ୍ ୨୯ରୁ ଆରମ୍ଭ ହୋଇ ଜୁଲାଇ ୪ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ଥିଲା। କୋଭିଡ୍-୧୯ କାରଣରୁ ଜାରି କରାଯାଇଥିବା ପ୍ରତିବନ୍ଧ ଓ ଏ ନେଇ ସୃଷ୍ଟି ହୋଇଥିବା ଜଟିଳତା କାରଣରୁ ଆମକୁ ଦୁଇଟି ଟୁର୍ନାମେଣ୍ଟ ବାତିଲ କରିବାକୁ ହେଲା ବୋଲି ବିଡବ୍ଲ୍ୟୁଏଫ୍ ତରଫରୁ କୁହାଯାଇଛି।

## ବିଜେନ୍ଦର-ଲୋପସାନ ମୁକାବିଲା

**ନୂଆଦିଲ୍ଲୀ, ୧୨।୩ (ପି.ଟି.)**





କୋଭିଡ୍ ପାଇଁ ଏକବର୍ଷ ପରେ ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନ କରିବେ ଭାରତର ପ୍ରଫେସନାଲ ବକ୍ସର ବିଜେନ୍ଦର ସିଂ। ଚଳିତ ମାସ ୧୯ରେ ଏକ ସୁପର ମିଡ୍‌ଲୱେଟ୍ (୭୬କେଜି) ମୁକାବିଲାରେ ସେ ରୁଷିଆର ଆର୍ଟିସ ଲୋପସାନ୍‌ଙ୍କୁ ଭେଟିବେ। ଏହି ଲଢେଇ ଗୋଆର ପଣଜୀସ୍ଥିତ ମାଜେଷ୍ଟି ପ୍ରାଇଡ୍ କ୍ୟାସିନୋଶିପ୍ ରୁଫ୍‌ଟପ୍‌ରେ ହେବ। ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ରୋଞ୍ଜ ବିଜେତା ଜୟ ଭଗୱାନ ବର୍ତ୍ତମାନ ବିଜେନ୍ଦରଙ୍କୁ ଟ୍ରେନିଂରେ ସହାୟତା କରୁଛନ୍ତି। ଏହାଛଡ଼ା ଭାରତୀୟ ବକ୍ସର ତାଙ୍କ ବ୍ରିଟିଶ ଟ୍ରେନର ଲି' ବିୟର୍ଡଙ୍କ ସହିତ ଅନ୍‌ଲାଇନ୍ ଯୋଗାଯୋଗରେ ରହିଛନ୍ତି। ୨୬ ବର୍ଷୀୟ ଲୋସାନ ଏପର୍ଯ୍ୟନ୍ତ ୬ଟି ପ୍ରଫେସନାଲ ବାଉଟ୍‌ରେ ଲଢେଇ କରିଛନ୍ତି। ଦୁଇ ନକ୍ ଆଉଟ ସମେତ ସେ ୪ଟିରେ ବିଜୟ ହାସଲ କରିଛନ୍ତି। ଶେଷ ଥର ସେ ୨୦୨୦ ଡିସେମ୍ବରରେ ନିଜ ଦେଶର ୟୁସୁପ୍ ମାଗୋମେଦ୍‌ବେକୋଭଙ୍କ ସହ ମୁକାବିଲା କରିଥିଲେ। ଏଥିରେ ସେ ଟେକ୍‌ନିକାଲ ନକ୍‌ଆଉଟରେ ବିଜୟୀ ହୋଇଥିଲେ। ଅନ୍ୟପକ୍ଷରେ ବିଜେନ୍ଦର ତାଙ୍କ ପ୍ରଫେସନାଲ କ୍ୟାରିୟରରେ ଏପର୍ଯ୍ୟନ୍ତ ଅପରାଜିତ ରହିଛନ୍ତି। ସେ ୧୨ଟି ଯାକ ମୁକାବିଲାରେ ବିଜୟ ଲାଭ କରିଥିବାବେଳେ ତନ୍ମଧ୍ୟରେ ୮ଟି ନକ୍‌ଆଉଟ ରହିଛି। ୨୦୦୮ ବେଜିଂ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ୨୦୧୯ ନଭେମ୍ବରରେ ଦୁବାଇରେ ଘାନାର ପୂର୍ବତନ ରାଜ୍ୟଗୋଷ୍ଠୀ ଚାମ୍ପିୟନ ଚାର୍ଲ୍ସ ଆଡାମୁଙ୍କୁ ପରାସ୍ତ କରି ତାଙ୍କ ୧୨ତମ କ୍ରମାଗତ ବିଜୟ ହାସଲ କରିଥିଲେ।

## କିଙ୍ଗ୍‌ସ ଇଲେଭେନ ଟାଇଟଲ ବିଜୟୀ

### ପଞ୍ଚାୟତ ପ୍ରିମିୟର ଲିଗ୍ ଟି-୧୦ କ୍ରିକେଟ୍

**ରୂପ୍‌ସା, ୧୨।୩(ଡି.ଏନ.ଏ.)**

ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ବୀର ହନୁମାନ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ପଞ୍ଚାୟତ ପ୍ରିମିୟର ଲିଗ୍ ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଗଣେଶ ଇଲେଭେନ୍ ଦଳକୁ ୬ରନ୍‌ରେ ପରାସ୍ତ କରି କିଙ୍ଗ୍‌ସ ଇଲେଭେନ୍ ଦଳ ଟାଇଟଲ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି କିଙ୍ଗ୍‌ସ ଇଲେଭେନ୍ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ୍ ବିନିମୟରେ ୬୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଗଣେଶ ଇଲେଭେନ୍ ଦଳ ୯ ଉଇକେଟ୍ ହରାଇ ୫୭ ରନ୍ କରି ପରାସ୍ତ ହୋଇଥିଲା। ଅମ୍ପାୟାର ଅମୀତ କୁମାର ସିଂ ଓ ଲାଲବାହାଦୂର ସିଂ ମ୍ୟାଚ୍ ପରିଚାଳନା କରିଥିଲେ। ଦୀପୁ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଦିଲୀପ କୁମାର ଜେନା ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ୬ହଜାର ଓ ରନର୍ସଅପ୍ ଦଳକୁ ୪ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର କର୍ମକର୍ତ୍ତା ରବିରାମ ସିଂ, ମୃତ୍ୟୁଞ୍ଜୟ ଜେନା, ବ୍ରଜକିଶୋର ସିଂ, ଦୀପୁ ସିଂ, ରାଜା ସିଂ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ତାରାକାନ୍ତ ସିଂ ଓ କ୍ରିଷ୍ଣଗୋପାଳ ସିଂ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଆଠମଲ୍ଲିକକୁ ହରାଇ ଫାଇନାଲରେ କୁଚିଣ୍ଡା

**ଅନୁଗୋଳ ଅଫିସ,୧୨।୩**

ଅନୁଗୋଳ ଟାଉନ ହାଇସ୍କୁଲ ପଡିଆରେ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ପକ୍ଷରୁ ଚାଲିଥିବା ୧୦ମ ହେମସୁରପଡା ଫୁଟବଲ କପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗ୍ରୁପ-ବି ସେମିଫାଇନାଲ ମ୍ୟାଚରେ ସମ୍ବଲପୁରର କୁଚିଣ୍ଡା ଟିମ ୨-୦ ଗୋଲରେ ଆଠମଲ୍ଲିକକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ୨୮ ମିନିଟରେ ପ୍ରଥମ ଓ ଦ୍ୱିତୀୟାର୍ଦ୍ଧାର ୬୩ ମିନିଟରେ କୁଚିଣ୍ଡା ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରାଯାଇଥିଲା। ଆଠମଲ୍ଲିକ ଦଳକୁ ଗୋଲ କରିବାକୁ ସୁଯୋଗ ମିଳିଥିଲେ ମଧ୍ୟ ଖେଳାଳିମାନେ ସକ୍ଷମ ହୋଇ ନ ଥିଲେ। ଫଳରେ କୁଚିଣ୍ଡା ଦଳ ମ୍ୟାଚକୁ ୨-୦ ଗୋଲରେ ଜିତି ନେଇଥିଲା। ପ୍ରଶାନ୍ତ ପାଲ, ସୁରେଶ କୁମାର ଦାଶ ଓ ସଲିଳ ବେହେରା ଖେଳ ପରିଚାଳନା କରିଥିଲେ। ଚତୁର୍ଥ ଅଫିସିଆଲ ଭାବେ ଦୀଲିପ କୁମାର ରାଉତ କାର୍ଯ୍ୟ ତୁଲାଇଥିଲେ। ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦିନେଶ ପ୍ରଧାନ, ଅଜୟ ଦଳବେହେରା, ନିରଞ୍ଜନ ମହାନ୍ତି, ତପନ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବଳରାମ ଜେନା ସଭା ପରିଚାଳନା କରିଥିଲେ।



ଆଠମଲ୍ଲିକ ଓ କୁଚିଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।






Special Benefits for COVID Fighters and Government Employees | Tata cars can also be purchased through CSD***

To know more, visit https://cars.tatamotors.com/cars/tigor | For Test Drive at your doorstep, SMS 'TIGOR' to 5616161 or call 1800 209 7979 (Toll Free) | /tatatigorofficial

Authorised Tata Motors Dealers:

Monalisha Motors: ANGUL- 7303658551



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ